ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ଫେବୃୟାରୀ ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ❧ 'ପ୍ରାଚୀ'ର କଲମ ❧

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 7, February 2022, Issue No. X
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
ଶ୍ରୀଯୁକ୍ତ ପାବକ କାନୁନ୍‌ଗୋ
ଶ୍ରୀମତୀ ମନ୍ଦାକିନୀ ଦାସଦ
**କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଳିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମାନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ସଦାଶିବ ଦାଶଙ୍କ କବିତାରେ 'ସ୍ଥାନନାମ' ଓ 'ଭୂଗୋଳକକ୍ଷ'
- ଡ. ଆଲୋକ ବରାଳ ୦୭

ସାରୋଳ ମହାଭାରତରେ ଶ୍ରୀଖଣ୍ଡୀ ଉପାଖ୍ୟାନ : ଏକ ରୂପାନ୍ତରିତ ପୁରୁଷର କାହାଣୀ
- ଦିପୁନ୍ ପୁହାଣ ୧୯

ଭୀମ ଭୋଇଙ୍କ ସାହିତ୍ୟରେ ପିଣ୍ଡବ୍ରହ୍ମାଣ୍ଡ ଓ ଗୁରୁ ବାଦ
-ଡକ୍ଟର ଦେବାଶିଷ ପାଣ୍ଡିଆ ୨୩

ଭାଷା:ଭାବକୁ ଅଭାବ
-ଜ୍ଞାନୀ ଦେବାଶିଷ ମିଶ୍ର ୨୭

*ବଣ୍ଡା ଆଦିବାସୀଙ୍କର ସାହିତ୍ୟିକ ରୂପାୟନ "ଭଗବାଁର ଦେଶ୍"- ଏକ ଅଧ୍ୟୟନ*
- ଅଧ୍ୟାପକ ଗୌତମସେନ୍ ହାଁସଦାଃ ୨୯

ଓଡ଼ିଶାର ରାମଲୀଳା ପରମ୍ପରାରେ ଅସୁରେଶ୍ୱର ରାମଲୀଳା: ବୈଶିଷ୍ଟ୍ୟ ନିରୂପଣ
- ହୃଷିକେଶ ମହାରଣା ୩୫

କୁହୁକ ବାସ୍ତବତା ପରିପ୍ରେକ୍ଷୀରେ ମନୋଜ ଦାସଙ୍କ 'ତନ୍ଦ୍ରାଲୋକର ପ୍ରହରୀ'
- ଡ. କୁନା ସୁନା ୪୦

ସ୍ୱପ୍ନ ଓ ଅସ୍ତିତ୍ୱର କଳ୍ପିତ-ରୂପାନ୍ତରଣ : ନାରାୟଣ ପଣ୍ଡାଙ୍କ ଗଳ୍ପ
- ଡ.ବିଦ୍ୟୁତ୍ ପ୍ରଭା ରାଉତ ୪୭

ଓଡ଼ିଆ ବିଭବ: ତଥ୍ୟ ଓ ବ୍ୟବହାର
- ପବିତ୍ର ଦାସ ୬୬

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- **"ପ୍ରାଚୀ"** ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- **"ପ୍ରାଚୀ"** ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

## ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ...................................................... ପିନ୍‌କୋର୍ଡ଼ ................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର............................................ ତାରିଖ........................................

ବ୍ୟାଙ୍କ୍........................................ ସ୍ଥାନ....................................................

ତାରିଖ........................................ ଦସ୍ତଖତ..................................................


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ସଦାଶିବ ଦାଶଙ୍କ କବିତାରେ 'ସ୍ଥାନନାମ' ଓ 'ଭୂଗୋଳକଳ୍ପ'

ISSN -2583-147X(P)
**Bastabatara Pariprakash Prachee**
***Peer Reviewed and Referred Research Journal***

- ଡ.ଆଲୋକ ବରାଳ

"ଗଦାଏ ବାରୁଦ ହେଲା କବିତା ଆଉ ସହୃଦୟ ସମାଲୋଚକ ହେଲା ଖଣ୍ଡିଏ ନିଆଁଝୁଲ" ଏହା ହେଉଛି କବି ସଦାଶିବ ଦାଶ (୧୯୪୫-)ଙ୍କର କବିତା ଏବଂ ସମାଲୋଚକ ନେଇ ଆତ୍ମିକ ଅଭିବ୍ୟକ୍ତି । ଏ ଅଭିବ୍ୟକ୍ତିରେ ବେଶ୍ ଖାପ୍ ଖାଇଥାଆନ୍ତି କବି ସଦାଶିବ ଦାଶ । କାରଣ ସମାଲୋଚକ 'ନିଆଁଝୁଲ'ହେଉ ନ ହେଉ କବି କିନ୍ତୁ କବିତା ଭିତରେ ବାରୁଦକୁ ସଂଗୋପିତ କରି ରଖିଥିବା ଭଳି ଜଣେ କବି ! ଜୀବନକୁ ଏ 'ଆହ୍ୱାନ୍' ଭାବେ ଗ୍ରହଣ କରିଥିବା କବିମାନଙ୍କର ପଂକ୍ତିରେ ସଦାଶିବ ଦାଶ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର ଏକ 'କାବ୍ୟ-ସ୍ଫୂର୍ତ୍ତି' ଓ କାବ୍ୟ-ଉଲ୍ଲଙ୍ଘନ' ଦେଇ ଓଡ଼ିଆ କବିତା କ୍ଷେତ୍ରରେ ନିଜକୁ ଅଭିଷିକ୍ତ କରିଛନ୍ତି । କବିଙ୍କ କବିତାର ଅନୁଶୀଳନ ବେଳେ ଅନେକ ପ୍ରେକ୍ଷାକୁ ଏକତ୍ର ଦେଖିବାକୁ ହୁଏ; କବି ଯେତେବେଶୀ ବିପ୍ଳବୀ; ତା'ଠାରୁ ଅଧିକ ପୁଣି ମାନବତାର ପୂଜକ । କେବଳ ଧ୍ୱଂସର ଜୟଗାନ ନୁହେଁ; ଧ୍ୱଂସ ଭିତରୁ ନୂତନ ସର୍ଜନରେ ଚିର ବିଶ୍ୱାସୀ ହେଉଛନ୍ତି କବି ସଦାଶିବ । 'ମାର୍କ୍ସବାଦ' ଏବଂ 'ସାମ୍ୟବାଦୀ' ଭାବନା ତଥା ନୂତନ ଲାଲ ସୂର୍ଯ୍ୟୋଦୟର ଅଭ୍ୟୁଦୟରେ ବିଶ୍ୱାସୀ କବି ସଦାଶିବଙ୍କର କବିତାର ପ୍ରଚ୍ଛନ୍ନରେ ଜଣେ ସମାଜବାଦୀ ଓ ମାନବବାଦୀ କବିଙ୍କୁ ଲକ୍ଷ୍ୟ କରାଯାଇପାରିବ । 'କଳା ପାଇଁ କଳା' ଅପେକ୍ଷା 'ଜୀବନ ପାଇଁ କଳା'ରେ ବିଶ୍ୱାସୀ କବି କେବଳ କବିତାର ନାନ୍ଦନିକତାରେ ଭାସି ନ ଯାଇ ଏକ ସୁସ*, ସମୃଦ୍ଧ ସମାଜର ଗଠନର ଆଭିମୁଖ୍ୟ ନେଇ ଲେଖିଛନ୍ତି କବିତା; କିନ୍ତୁ ସେ କବିତା ଅନ୍ୟ ସାମ୍ୟବାଦୀ କବିଙ୍କ ଭଳି ଚିରାଚରିତ ନୁହେଁ; କେବଳ ତରୁଣ ସୂର୍ଯ୍ୟର ରକ୍ତାଭ ଆଭା ନୁହେଁ; ଏକ ସବୁଜ ସକାଳର ଉନ୍ମୀଳନ ଆଉ ହିରଣ୍ମୟ ପୃଥିବୀର ପରିକଳ୍ପନା ମୂଳରେ ଅଫୁରନ୍ତ ଜୀବନବୋଧ ଆଉ ସାମାଜାନୁବନ୍ଧତାକୁ ଏକତ୍ର ଉପଲବ୍ଧି କରାଯାଇପାରିବ କବିତାର ଛତ୍ରେଛତ୍ରେ । ଗତ ଶତାବ୍ଦୀର ଷଷ୍ଠ ଦଶକର ଶେଷପାଦରେ ଗଢି ଉଠିଥିବା 'ଅବଧୂତ ଗୋଷ୍ଠୀ'ର ଅନ୍ୟତମ ସତୀର୍ଥ କବିଥିଲେ ସଦାଶିବ । ଅବଧୂତ ଗୋଷ୍ଠୀଙ୍କର ପୃଷ୍ଠଭୂମିରେ ନକ୍ସଲ ଆନ୍ଦୋଳନ ବା ଆନ୍ଧ୍ରର ଦିଗମ୍ବର ଗୋଷ୍ଠୀଙ୍କର ପ୍ରଚ୍ଛନ୍ନ ଅନୁପ୍ରେରଣା ଅବଶ୍ୟ ରହିଥିଲା; କିନ୍ତୁ ଆଭିମୁଖ୍ୟରେ ଥିଲା ଏକ ଆଶାବାଦୀ ସକରାତ୍ମକତା ! ଏପରିକି ଭାରତୀୟ ରାଜନୀତିକ ବାତାବରଣ, ସାମାଜିକ ବିସଙ୍ଗତି ତଥା ଆର୍ଥନୀତିକ ସ୍ଥିତାବସ୍ଥା ନେଇ ଅନେକ କ୍ଷୋଭ, ଅନୁଶୋଚନା, ଚିନ୍ତନକୁ ଲକ୍ଷ୍ୟ କରିହେବ ସଦାଶିବ ଦାଶଙ୍କର କବିତାର କାନ୍‌ଭାସ୍‌ରେ ।

ଏ ଆଲେଖ୍ୟରେ କବିଙ୍କର କାବ୍ୟ ସ*ୟନର ପ୍ରଥମ ଭାଗ 'ପୂର୍ବାହ୍ନ'ରେ ସଂକଳିତ 'ଅ'ରୁ ଚନ୍ଦ୍ରବିନ୍ଦୁ'(୧୯୭୪), 'ଷଷ୍ଠଚେତନା' (୧୯୭୮), 'ଅକ୍ଷାଂଶଦ୍ରାଘିମା' (୧୯୯୨), 'ଅବଧୂତ କ୍ରାନ୍ତି'(୧୯୯୫), 'କାଳନିରବଧି' (୧୯୯୩), 'ନିତ୍ୟ ପଦ୍ମତୋଳା'(୧୯୯୪) ଏବଂ 'ସୋରିଷ ଫୁଲର ହସ' (୨୦୦୪) କବିତା ସଂକଳନକୁ ଆଧାର କରି ଗୋଟିଏ ସ୍ୱତନ୍ତ୍ର ପ୍ରେକ୍ଷାକୁ ଆଲୋଚନା କରିଛି । ତାହା ହେଉଛି 'କ୍ଷେତ୍ରୀୟ ଭୂଗୋଳର କବିତା' : ଅନ୍ୟ ଭାଷାରେ କହିଲେ 'ସ୍ଥାନ ନାମର କବିତା' । ଏ ସମସ୍ତ କବିତାରେ 'ଭୂଗୋଳାଂଶ' କେବଳ ଏକ ପ୍ରାକୃତିକ ନାନ୍ଦନିକତାର ଉତ୍ସ ଭାବେ ଏଠାରେ ପ୍ରକଟିତ ନହୋଇ; ତା'ଭିତରେ ଉଙ୍କିମାରିଛି ଇତିହାସ, ସମାଜ, ସଂସ୍କୃତି, ଲୋକଜୀବନ, ସଂଘର୍ଷ, ବିପ୍ଳବ ଆଉ ନୂତନ ସର୍ଜନର ଲୋକାୟତ ଚେତନା ! ପ୍ରକୃତିର ନୀରବ ଆଉ ଜାଙ୍ଗଲିକ ଶୋଭା ନୁହେଁ; ତା'ଭିତରେ ରୌଦ୍ରର ମଧ୍ୟାହ୍ନରେ ସୃଷ୍ଟି ହେଉଥିବା ଅଗ୍ନିର ସଂଚରଣ ଆଉ ଅଗ୍ନିର ସ୍ଫୁଲିଙ୍ଗର ସୂକ୍ଷ୍ମ କଥାକୁ ଉପଲବ୍ଧି କରିହେବ କବିତାର ଛତ୍ରେଛତ୍ରେ ! ଭୌଗୋଳିକ କ୍ଷେତ୍ରରେ ଏ ସମସ୍ତ କବିତାରେ ଆକସ୍ମିକ ରୂପବୋଧ ଅପେକ୍ଷା ଏକପ୍ରକାର ଚିରକାଳିକତାର ଆଭିମୁଖ୍ୟ ପ୍ରମୁଖତା ଲାଭ କରିଛି । ଭୌଗୋଳିକ କ୍ଷେତ୍ରକୁ କବିତାରେ ବା ସାହିତ୍ୟରେ ଯୋଡ଼ିବା (ଏରକ୍ସଶକ୍ସବକ୍କୁଷସ-ମବକ୍ଷ ଇକ୍ୱଷ୍ପସମଙ୍କକ୍ଷବଷ୍ପସକ୍ସଭଷ୍ପ)ଭିତରେ ଭୂଗୋଳାଂଶ ଅତୀତ, ମହତ୍ତ୍ୱ, ବର୍ତ୍ତମାନ ଓ ଭବିଷ୍ୟତର ଆଭିମୁଖ୍ୟ ସହିତ ସାଂସ୍କୃତିକ ଓ ପ୍ରକୃତିଗତ ନାନ୍ଦନିକତା ମହତ୍ତ୍ୱପୂର୍ଣ୍ଣ ଭାବେ କବିତାର କାନ୍‌ଭାସ୍‌ରେ ଆସିଥାଏ । କେବଳ ବାର୍ତ୍ତାମାନିକତାର ରୂପଚିତ୍ର ଅପେକ୍ଷା ଚିରକାଳିକ ଭାବନାରେ ତାହା ପ୍ରତିଭାସିତ ହେଲେ; ସେଭଳି ସୃଷ୍ଟିକୁ ଭୌଗୋଳିକ ସର୍ଜନ ବା 'Earth Writing' ବୋଲି ଅଭିହିତ କରାଯାଇଥାଏ । ଯେଉଁଠି ଆ*ଳିକ ସୌନ୍ଦର୍ଯ୍ୟବୋଧ ରୂପକାତ୍ମକତା ଭିତରେ ପ୍ରତିଭାସିତ ହୋଇଥାଏ । ମାତ୍ର 'ରବକ୍ୱଷ୍ପଷ ଡକ୍ସସକ୍ୱସଭଶ' ବା 'ଏରକ୍ସଶକ୍ସବକ୍କୁଷସମବକ୍ଷ ଖସଷ୍ପରକ୍ସବଷ୍ପଙ୍କକ୍ସର'ତା'ର 'ବ୍ୟାପ୍ତି' ଏବଂ 'ଦାବି'କୁ ଅଧିକ ଗୁରୁତ୍ୱନଦେଇ ଏକ ରୂପକଳ୍ପ ଭାବରେ କବିତାର ସଂକ୍ଷିପ୍ତ ପରିଧିରେ ରୂପପାଏ; ସେଭଳି ଭାବବୋଧକୁ 'ଭୂଗୋଳକଳ୍ପ'(Geographical Image) ଦେଇ ପ୍ରତିଭାସିତ କରାଯାଇପାରେ । ଅବଶ୍ୟ 'କଥାସାହିତ୍ୟ' ବା ଉପନ୍ୟାସରେ ଏହାର ରୂପବୋଧଟି 'ଆ*ଳିକତା' (Regionality) ଦେଇ ଅ*ଳ-ସୌନ୍ଦର୍ଯ୍ୟର ଭିତ୍ତିରେ ଭିନ୍ନ ଏକ ରୂପରେଖ ବହନ କରୁଥିବା ସ୍ଥଳେ କବିତାରେ ତା'ର ଆଭିମୁଖ୍ୟଟି ଉଭୟ 'ତାତ୍କାଳିକ' ଏବଂ 'ଚିରକାଳିକ' ମଧ୍ୟ ।

ଭୌଗୋଳିକ ସ୍ଥାନନାମ ଭିତ୍ତିକ କବିତା ସମୂହ କବିଙ୍କର ଭ୍ରାମ୍ୟମାଣ ସଂଗ୍ରାମୀ ଜୀବନର ଏକ ଏକ ଝଲକ ଭାବେ ମଧ୍ୟ ହୋଇଛି ଦ୍ୟୋତିତ ! କ୍ଷେତ୍ରୀୟ ଭୂମି;ନଦନଦୀ, ପାହାଡ଼ ଆଉ ଦ୍ୱୀପର ଅସ୍ତିତ୍ୱର ପ୍ରଚ୍ଛନ୍ନରେ ଆ*ଳିକ ଜୀବନବୋଧ; ଗଣଚେତନା; ତା'ର

ଅସଂଖ୍ୟ ସଂଘର୍ଷ ଏବଂ ସେଥିରୁ ସୃଷ୍ଟ ବୈପ୍ଳବିକ ଭାବଧାରା; ଭାବନାର ରୂପାନ୍ତରଣ ଏବଂ ନୂଆ ଗଢ଼ିବାର ପ୍ରତ୍ୟାଶା କବିତା ସମୂହର ମୌଳିକ ଅବବୋଧ। ଏ ଆଲୋଚନା କବି ସଦାଶିବ ଦାଶଙ୍କର କବିତାରେ କ୍ଷେତ୍ରୀୟ ଭୂଗୋଳର ଅଭିବ୍ୟକ୍ତି ବା 'ଭୂଗୋଳକକ୍ଷ'କୁ ସଂଦର୍ଶନ କରିବା ସହିତ ସେଇ 'ବାରୁଦଗଦା'ରେ 'ଖଣ୍ଡିଏ ନିଆଁଝୁଲ' ପ୍ରତିମ କଣିକାର କାର୍ଯ୍ୟ କରିବ ବୋଲି ବିଚାରି ନେବାକୁ ହେବ।।। ୧ ।।

କବି ସଦାଶିବ ଦାଶଙ୍କର 'ଅ'ରୁ ଚନ୍ଦ୍ରବିନ୍ଦୁ' କବିତା ସଂକଳନକୁ 'କପିଳାସ ଯାତ୍ରା' ଏକ 'ଭୌଗୋଳିକତା' କିମ୍ବା 'ଧର୍ମୀୟଆସ୍ଥା'ର ସ୍ଥୂଳତାକୁ ଆଧାର କରିଥିବା କବିତା ନୁହେଁ; ଯଦିଓ କବି କେବଳ କପିଳାସ ଜାଗର ଯାତ୍ରୀଙ୍କ ପାଇଁ କବିତାଟି ଅଭିପ୍ରେତ ବୋଲି କହିଥିଲେ ମଧ୍ୟ ତା' ଭିତରେ ସମୀକୃତ ହୋଇଛି ବିବିଧ ଚେତନା। କାରଣ ଦିଅଁକୁ ଦେଖିବାକୁ ବାହାରିଲେ ଟ୍ରେନ-ବସ-ରିକ୍ସା ଦେଇ ବନ-ପାହାଡ଼ର ପଥେ ଭିଡ଼ ଠେଲି ଉଠିବାକୁ ହୁଏ ହଠାତ୍; ତେନ୍‌ଜିଂ କିମ୍ବା ହିଲାରୀ ଭଳି ପାହାଡ଼ ଚଢ଼ାଳିର ଆତ୍ମବିଶ୍ୱାସ ଏବଂ ବୀରତ୍ୱ ସହ ଚଢ଼ିବାକୁ ହୁଏ ପାହାଡ଼; ଅମାବାସ୍ୟା ଆକଶରେ ନୂଆ ତାରାଟିଏର ସମ୍ଭାବନା ଭଳି ଜାଳିବାକୁ ହେବ ଦୀପ; କିନ୍ତୁ ହେ ପାହାଡ଼ ଚଢ଼ାଳିମାନେ ତୁମେ କ'ଣ ଜାଣିଛ 'ଦୀପଂଜ୍ୟୋତି'ର ମନ୍ତ୍ର ପ୍ରଶ୍ନବାଚୀ ଭିତରେ କବିଙ୍କର କାବ୍ୟ-ଆସ୍ଥହାଟି ବେଶ୍ ଭାବିତ କଲାଭଳି। ରାସ୍ତାରେ ପଥଭ୍ରଷ୍ଟ ହେବା ପାଇଁ ଅନେକ କିଛି ଉପଲବ୍ଧ ଯେପରି, ଭାଙ୍ଗ-ଗଞ୍ଜେଇ-ଲତା ମଙ୍ଗେସ୍କର/ଅକ୍ଷୟ ମାହାନ୍ତି-ଦେବଦାସୀ-ମେନକା- ଉର୍ବଶୀର ଭ୍ରମ। ସେଠି ଦୀପ ଜାଳିବାକୁ ଯାଉଥିବା ଲୋକଙ୍କଦ୍ୱାରା ଜଳାଯାଏ ଅନେକ ଦୀପ; ହେଲେ ଅନେକ ଅନ୍ଧାର ତଥାପି ଦୂରୀଭୂତ ହୁଏନାହିଁ; ଠିକ୍ ଯେମିତି ଦେହର ଅନ୍ଧାର: "ଜାଳିବା କାପାଇଁ ତୃଷ୍ଣା ନିଜ ପାଇଁ ଆଗରୁ ଜାଳିବା/ ତା'ପରେ ଜାଗର ଯାତ୍ରା ଅମାସ୍ୟାରେ ଏଠି ଆରମ୍ଭିବା।/ଘଙ୍ଘ ସବୁଦିନେ ଏଠାରେ ତ ଅମାସ୍ୟା କପିଳାସ ସୀମା ସୈକତରେ/ ଦିନଟେ ଜାଗର ଜାଳି କିବା ଲାଭ ସବୁଦିନେ ଅମାସ୍ୟାର ନିରନ୍ନ ରାଜୁତି"। 'କପିଳାସ ଯାତ୍ରା'ର ଏ ପଂକ୍ତି ସମୂହରେ ପଣ୍ଡିତ ଗୋପବନ୍ଧୁଙ୍କର 'ଶିବରାତ୍ରି' କବିତାର ମୌଳିକ ଅଭିବ୍ୟକ୍ତିର ସାଦୃଶ୍ୟକୁ ଲକ୍ଷ୍ୟ କରାଯାଇପାରେ।

'କପିଳାସ ଯାତ୍ରା' କବିତାଟି ହେଉଛି ଏକ ଉତ୍ତରଣର ଯାତ୍ରା: "ସବୁତ ଏଠାରେ ଅଛି ଦଶଦିଗ ଯୁକ୍ତି ଆଉ କାମନାର ଆଉ ଦୁଇ ଦିଗ/ ଶୀର୍ଷକୁ ଉଠିପାରିଲେ ପୃଥିବୀକୁ ଦେଖିହେବ ପୌରୁଷର ପରିଧି ଭିତରେ/ ନିଜେ ମଧ୍ୟ ଅଣୁ ଠାରୁ କ୍ଷୁଦ୍ରାଦପି, ସୂର୍ଯ୍ୟଠାରୁ ଶାଶ୍ୱତ ଏଠାରେ/ଯଦି ତୁମେ ଯାଉଥାଅ କପିଳାସ ଜାଳିବାକୁ ଜାଗରେ ଜାଗର/ଶୀର୍ଷକୁ ଯିବାକୁ ତୁମେ ନ ଭୁଲିବ/ ଫେରିବନି ଅଧାବାଟୁ ଦିଅଁ ଦେଖିସାରି ଘଙ୍ଘ ଶୀର୍ଷକୁ ଖୋଜିବା ପାଇଁ ତା ମସ୍ତକ ଇଅଁଳା ପିଅଁଳାଠାରୁ ସୁଷୁମ୍ନା ନାଡ଼ିକୁ।"। କବିଙ୍କ ଦୃଷ୍ଟିରେ କପିଳାସ ଯାତ୍ରାର 'ଉତ୍ତରିତ ଚେତନାର ଯାତ୍ରା'; 'ଅତିମାନସର ଯାତ୍ରା' ସେ ଯାତ୍ରା ହେଉଛି ଜଗତର ଯାବତୀୟ ଅମା-ଅନ୍ଧକାରକୁ ଅପସାରଣ କରାଇ ଅନ୍ଧାରକୁ ଜାଳିବାର ଯାତ୍ରା : "ଜାଳିବାକୁ ଅନ୍ଧକାର; ଅମାସ୍ୟାରେ ଜାଗୃତିର ଜାଗ୍ରତ ଜ୍ୱଳନ।" କବି ସଦାଶିବଙ୍କର କିପଳାସ ଯାତ୍ରାରେ 'କପିଳାସ' ବି ହୋଇପାରେ 'ହୃଦୟ' ଆଉ ସେ ଯାତ୍ରା ହୃଦୟର ଯାତ୍ରା; ସେ ଯାତ୍ରା ଭାଙ୍ଗିଦେବାରେ ଅବଶ୍ୟ ସମର୍ଥ ହେବ ଆମ ଭିତରେ ଥିବା ଅବିଗୁଣ ଓ ଦୂରତାକୁ: "ଆସ ସବୁ ଆରମ୍ଭିବା ଯାତ୍ରା ଆମ ହୃଦୟ ନାମର ଏଇ କପିଳାସ ଦିଗେ/ଶିବଙ୍କର ମହାନିଦ୍ରା ଭାଙ୍ଗି,/ ସୃଜନାଗ୍ନି ଜାଳିଦେବା ମନ-ବନ-ସୀମ ସରହଦେ।"

'ଅ'ରୁ ଚନ୍ଦ୍ରବିନ୍ଦୁ' ସଂକଳନସ୍ଥ 'ଖଣ୍ଡଗିରିକୁ ପ୍ରିୟା ମନେକରି' କବିତାରେ କବି ସଦାଶିବ ଦାଶ ଖଣ୍ଡଗିରିକୁ ଦେଖିଛନ୍ତି ପ୍ରଣୟିନୀ ରୂପରେ। ଦୂରରୁ ଦେଖିଛନ୍ତି ପ୍ରାଣପ୍ରିୟାଭଳି। ପ୍ରଣୟିନୀ ପାଖକୁ ଯିବାପାଇଁ; ତା' ଦେହରେ ଦେହଥାପି ଅତୀତ ଆଉ ବର୍ତ୍ତମାନକୁ କଳିବା ପାଇଁ କବିର ପ୍ରତ୍ୟାଶା ବେଶ୍ ଅତୀତ ପ୍ରୀତିର ସ୍ମାରକ; ପୁଣି ବର୍ତ୍ତମାନର ବାହକ। "ନୋହିଲେ ଯିବିନି ଯମା ମରିବି ପଛକେ ଏଠି/ଦେଖି ତତେ ନଛୁଇଁଣ ଦୂରନ୍ତ ରାସ୍ତାରୁ/ଘଙ୍ଘ ଲଣ୍ଡିତ ଭିକ୍ଷୁ ସାଜିବି ତୋ ଗୁମ୍ଫାରେ ଦିନ ମୁଁ କାଟିବି/ଫଳାଗମ ଆଶାରଖି ତୋ ସୀମାନ୍ତେ କାଜୁନଟ୍ସ ଚାରା ଲଗାଇବି।/ଘଙ୍ଘଙ୍ଘ କହ କହ ଖଣ୍ଡଗିରି ଆମେ କଣ ପାଇବାନି/ ଜୀବନର ଉପଳରୁ କେବେହେଲେ ସାଦ ଓ ମହକ"।

ଖଣ୍ଡଗିରି ପ୍ରତି ଐତିହ୍ୟ ରୋମାଟିକ୍ ପ୍ରବଣତା ଭିତରେ କବି ଖଣ୍ଡଗିରିକୁ ଦେଖିବାକୁ ଚାହିଁଛନ୍ତି ନବବଧୂଟିଏ ପରି। ଯା'ପାଇଁ ସେ ବରଣ ବି କରିବାକୁ ଚାହିଁଛନ୍ତି ଲଣ୍ଡିତ ମସ୍ତକ ଭିକ୍ଷୁର ଜୀବନ। ଏ ପ୍ରସଙ୍ଗରେ ଚର୍ଯ୍ୟାଗୀତିକାଟିର କବି ଭଳି କବିଙ୍କର ଆତ୍ମଲୀନ ଭାବକୁ ଲକ୍ଷ୍ୟ କରାଯାଇପାରିବ : "ଯଦି ତୁ ଦେଖାଇ ନଦେବୁ ମୋତେ ଖଣ୍ଡଗିରି;/ ତୋ ଦେହର ଯେତେସବୁ ସବୁଜିମା ଘ* ଅରଣ୍ୟାନୀ/ଦେଖିବିନି ଏ ଜୀବନେ ଜଳୁପଛେ ପୌରୁଷର ତୀବ୍ର ଆବାହନୀ।" ଅଭିବ୍ୟକ୍ତି ଭିତରେ ପ୍ରାଣପ୍ରିୟା ଖଣ୍ଡଗିରି ପ୍ରତି କବି ମନର ଆକୁଳତା ଏବଂ ସମର୍ପଣ ଏକ ଉତ୍ତରିତ ଚେତନାକୁ ସ୍ପର୍ଶ କରିଛି; ଯେଉଠି ଖଣ୍ଡଗିରିର ଅତୀତ ଅତ୍ୟନ୍ତ ମହାନ୍ ଏବଂ କବିପ୍ରାଣ ଚିରକାଳ ଧରି ଏକ ଅଖଣ୍ଡ ସତ୍ତା ଭଳି ଚିର ଅମ୍ଳାନ!

କବି ସଦାଶିବ ଦାଶଙ୍କର 'ବାଣୀବିହାର' କବିତାଟି ସ୍ଥାନନାମର ଶୀର୍ଷକରେ ରଚିତ ହେଲେ ହେଁ କବିତାର ଆଭିମୁଖ୍ୟ କିନ୍ତୁ ଭିନ୍ନଧରଣର। କବିଙ୍କ ପାଇଁ ବାଣୀବିହାର 'ଗଙ୍ଗାଧର' ଓ 'ପ୍ରତୀତିର ଦ୍ୱାରକା': "ତୋର ସେହି ନାଲି ମାଟି, ତା ଉପରେ ଘାସର ଛାଆଣୀ/କରିଡ଼ର ସେମିନାର...ସେମାନଙ୍କ ଲୋଭିଲା ଚାହାଣୀ,/କୃଷ୍ଣଚୂଡ଼ା ଫୁଲ ରଙ୍ଗ...ଇସ୍କିପାନ୍ ରାସ୍ତାର ଦରଜା/ମୋ ମନେ ପିଟେଲୋ ମଥା...ଲୁହ ଲହୁ ଦେଉଛି କରଜ।/ ଘଙ୍ଘ ଆଲୋ ମାତା ତୋ ରୁକ୍ଷ ଶଇଳ ପରେ/ ମୋତେ ଏକ କଳ୍ପବଟ କର/ସତେକି ମୁଁ ବଟ ହେବି?/ ଗଢ଼ିବାକୁ ମାୟା ଏବଂ ମମତା ନଅର।" ଏ ପଂକ୍ତି ସମୂହରେ 'ବାଣୀବିହାର'ର ସ୍ଥୂଳରୂପ ଆଉ ଅନ୍ତଃରୂପ ପ୍ରତି ସଂଯୁକ୍ତ

ଅଭିବ୍ୟକ୍ତିରେ ବାଣୀବିହାର ଯେତେ ଅନ୍ତରଙ୍ଗ; ସେତେ ନିରାସକ୍ତ ଆଉ ଋଣୀ କରିଛି ପ୍ରତ୍ୟେକ ମଣିଷକୁ; ତଥାପି କବି ନିଜକୁ ସେଇ ରୁକ୍ଷ ଶୈଳ ଉପରେ କଳ୍ପବଟ କରିଦେବାର ଯେଉଁ ଯାଚଞ୍ଚା କରୁଛନ୍ତି; ତା'ରି ଅନ୍ତଃସ୍ଥଳରେ ଅନୁଭବି ଆଉ ଇତିହାସର ଅନୁକ୍ଷଣ କରିକରି ବଟ ହେବା ଭଳି ପ୍ରତ୍ୟୟ ଏବଂ ସମସ୍ତଙ୍କୁ ଆଦରିନେବାର ପ୍ରସାରିତ ଆଲିଙ୍ଗନର ପ୍ରତ୍ୟାଶା ଜାହିର୍ କରିଛନ୍ତି ।

'ସିନ୍ଧୁତୀରେ ପୂର୍ଣ୍ଣିମା ଓ ସୂର୍ଯ୍ୟୋଦୟ ଦେଖ' କବିତାର ପ୍ରସାରିତ ଦିଗ୍‌ବଳୟକୁ ପଢୁପଢୁ ଆପେ ସ୍ମରଣକୁ ଆସିଯାଏ ଆର୍ଷ କବି ମଧୁସୂଦନ ରାଓଙ୍କ 'ଋଷିପ୍ରାଣେ ଦେବାବତରଣ' ଏବଂ 'ହିମାଚଳେ ଉଦୟ ଉତ୍ସବ' କବିତାଦ୍ୱୟ । ଏପରିକି 'ସିନ୍ଧୁତୀରେ ପୂର୍ଣ୍ଣିମା ଓ ସୂର୍ଯ୍ୟୋଦୟ ଦେଖ'ର ପ୍ରଚ୍ଛନ୍ନରେ ସେହିଭଳି ଏକ ପ୍ରଚୋଦନାକୁ ଲକ୍ଷ୍ୟ କରାଯାଇପାରିବ : "ମୁଁ ଜାଗିଲି ସିନ୍ଧୁତୀରେ ଶାପଗ୍ରସ୍ତ ଆଗ୍ନେୟ ଗନ୍ଧର୍ବ;/ ମୁଁ ଚେତନା ବୃକ୍ଷଟିଏ ଫଳେ ଫୁଲେ ଭରି ଦେଲି ଶାଖା ଓ ପ୍ରଶାଖା/ମୋ ଅନନ୍ତ ସତ୍ୟରେ ଭରିଗଲା ସକାଳର ଆଗ୍ନେୟ ଗୀତିକା ।/ସିନ୍ଧୁତୀରେ ଗାଇଲି ମୁଁ ଉଷାସ୍ତୋତ୍ର/ ହକାରିଲି ଦିବ୍ୟସୁରେ ଆସ ବନ୍ଧୁ ତରୁଣ ଅରୁଣ/ ଅସୀମର ନୀଳଶେଯେ ତୁମର ଲୋହିତ ଘଟା/ତୁମେ ମୋର ଉତ୍ତରଙ୍କ ପୁଣ୍ୟ ଓ ପ୍ରୟାଣ ।" । ସିନ୍ଧୁତୀରେ ତରୁଣ ସୂର୍ଯ୍ୟର ଦିବ୍ୟ ଅନୁଭବ ଭିତରେ କିଏ ଦେଲା ଜୀବନର ବୀଜମନ୍ତ୍ର ଏବଂ ପ୍ରାକ୍ ଉଷାର ବୀଜକୁ ରୋପିଦେବାର ବିବିଧ ଅନ୍ୱେଷା ଭିତରେ କବିପ୍ରାଣର ଅମିତ ଜୀବନବୋଧ ହିଁ ଅନୁଭବ କରାଯାଇପାରିବ ଉଦାତ୍ତ ଭାବ ଆଉ ଉଷାର ଚମକରେ ।

ମଣିଷର କଳୁଷିତ ଅନ୍ତର୍ବୋଧକୁ ଆଲୋକର ଭ୍ରୂଣ ବୀଜବପନ କରୁ ଆଉ କବିପ୍ରାଣର ହରିତ ଉର୍ବର କ୍ଷେତରେ ପୂର୍ଣ୍ଣିମା କବର ନେଉ ଅନ୍ଧକାରରେ; ଆଉ ନଗ୍ନ-ଅନ୍ଧକାର ଉନ୍ମୀଳିତ ହୋଇଉଠୁ । ସିନ୍ଧୁତୀରେ ସୂର୍ଯ୍ୟର ପୂର୍ଣ୍ଣିମା ଓ ଉଦୟଉତ୍ସବ ସତେକି ଯାବତୀୟ ଅନ୍ଧକାର ରୂପକ ଜଡ଼ତାର ସ୍ତୂପ ଲଭି ତା' ଉପରେ ଆଲୋକର ସୁବର୍ଣ୍ଣ ଦ୍ୟୋତିତ ନୂତନ ଉଦ୍‌ଭାସନର ସୂଚକ : "ଦେଖିଲିରେ ସିନ୍ଧୁତୀରେ ପୂର୍ଣ୍ଣିମା ଓ ଉଦୟ ଉତ୍ସବ/ସ୍ୱର୍ଗ' ମୋର ଏ ପୃଥିବୀ/ଏଇ ମୋର ପୁରଭେଦ୍ୟ ଅବନା ମଣ୍ଡଳ/ ଗାଇଲି ଗାଇଲି ଆଜି ମୁକ୍ତିଗୀତି/ ଅନ୍ଧକାରେ ଅତୀତକୁ ଦେଲିରେ କବର ।" କବିଙ୍କ 'ସିନ୍ଧୁତୀରେ ପୂର୍ଣ୍ଣିମା ଓ ସୂର୍ଯ୍ୟୋଦୟ ଦେଖି' ଶାପଗ୍ରସ୍ତ ଆଗ୍ନେୟ ଗନ୍ଧର୍ବର ଚେତନାର ଉତ୍ସରଣ ଏବଂ ଯାବତୀୟ ଅବିଗୁଣ ଏବଂ ଶାପମୁକ୍ତ ଅନ୍ଧକାରର ଅପସାରଣ ଏବଂ ଆଲୋକର ଦିବ୍ୟ ବିଚ୍ଛୁରଣ ଉହାଡ଼ରେ କବିଙ୍କର ନୀଳସିନ୍ଧୁ ତୀରରେ ପୂର୍ଣ୍ଣିମା ଏବଂ ଅରୁଣ ସୂର୍ଯ୍ୟର ଉଲ୍ଲଙ୍ଘନରେ ଆଲୋକର ନୂତନ ହର୍ମ୍ୟ ବେଶ୍ ଉଦ୍ଦାତ୍ତ ଏବଂ ଉଜ୍ଜ୍ୱଳିତ ।।। ୨ ।।

କବିଙ୍କର 'ଷଷ୍ଠଚେତନା' ସଂକଳନର 'ଭାରତବର୍ଷ (୧)' ଏବଂ 'ଭାରତବର୍ଷ (୨)' ଉଭୟ କବିତାରେ 'ଦୁଃଖ', 'ଭୋକ', 'ଯନ୍ତ୍ରଣା', 'ସନ୍ତ୍ରସ୍ତପଣ', 'କାକୁସ୍ଥତା', 'କାତରତା' ଭିତରେ ମୁକ୍ତିର ଆହ୍ୱାନ ବେଶ୍ ବଳିଷ୍ଠଭାବେ ଦ୍ୟୋତିତ । କବିତାରେ 'ଭୋକର ବନସ୍ତରେ ବଢୁଥିବା ଛାଗଳ ଶିଶୁପରି ଭୟ; ଆକାଶର ସୋରେଇରେ ଭରିଥିବା ସମୁଦ୍ରର ନୀଳଶୋଷ; ଯନ୍ତ୍ରଣାର ଆତୁର ବେପଥୁ ଦେହେ କଦମ୍ବର ନୟାନ୍ତ ରୋମା* ଭଳି ଅଭିବ୍ୟକ୍ତି ସମୂହରେ ବେଶ୍ ଦୈନ୍ୟ ଭାରତବର୍ଷର ସ୍ଥିତି ! ତେଣୁ କବି ପୃଥିବୀକୁ ସମ୍ବୋଧନ କରୁଛନ୍ତି: "ହେ ପୃଥିବୀ:/ ତୁମେ ମୋର ପାପରେ ବୋଝେଇ ଏକ ଦୁଃଖର ବୋଇତ/ତୁମେ ମୋର କ୍ଷୟିଷ୍ଣୁ ଜାନୁରେ/ଲେଖିଅଛ ବଂ଼ବାର ଅନ୍ୟତମ ଏଠି ମୃତ୍ୟୁ" । (ଭାରତବର୍ଷ-୧) । "ଜୀବନର ଅନ୍ୟନାମ ମୃତ୍ୟୁ" ଏକ ଅନ୍ତହୀନ ଦାରୁଣ ସନ୍ତ୍ରସ୍ତପଣର ଅଭିବ୍ୟକ୍ତି; ତେଣୁ କବି ଭାରତବର୍ଷକୁ ଯୁଦ୍ଧରେ ହାରିଯାଇଥିବା କାକୁସ୍ଥ ସିପାହୀ ବୋଲି ମଧ୍ୟ ପ୍ରତୀକିତ କରିଛନ୍ତି: "ଭୋକର ବନସ୍ତରେ ଛାଗଳ ଶିଶୁର ଭୟ/ ଅନ୍ୟନାମ ତାର ଜରାଜୀର୍ଣ୍ଣ ବିଂଶ ଶତାବ୍ଦୀ/ ତମେ ନିଜ ଭୟରେ କାକୁସ୍ଥ ସିପାହୀ ଭାରତବର୍ଷ" (ଭାରତବର୍ଷ-୧) ।

'ଭାରତବର୍ଷ-୨'ରେ ସେହି ସମଧରଣର ଆର୍ତ୍ତି ଆଉ ଆକୁତି ! ଭାରତବର୍ଷ ସତେକି ଭୟଭୀତ ! (ତୁମେ ଭୟଭରା ହିଂସୁକ ଅରଣ୍ୟ ପରି ଅବହେଳିତ) । ଭାରତର ଗାଣତାନ୍ତ୍ରିକ ସମାଜ ବ୍ୟବସ୍ଥା ଭିତରେ ଭଗ୍ନିଭୂତ ଅସଂଖ୍ୟ ପ୍ରେକ୍ଷା; ଗ୍ଲାନି ଓ ସଂଶୟରେ ସତେକି ଭାରତବର୍ଷ ସାଜିଛି ନୀରବଦ୍ରଷ୍ଟା କେବଳ (ନିଷ୍ପାପ କରୁଣ ଏକ ଅଚେତନ ଭ୍ରୂଣ) । ତେଣୁ କବି ଭାରତବର୍ଷକୁ ସମ୍ବୋଧୁଛନ୍ତି: "କୁହ ! ଥରେ ହେଲେ ମନକଥା ମନଖୋଲି କୁହ ?/ମନକୁ ମନାଇଁ ନେଇ ପୋଛିନିଅ ମଣିଷର ଲୁହ ।" (ଭାରତବର୍ଷ-୨)

'ଷଷ୍ଠଚେତନା' ସଂକଳନସ୍ଥ 'କୋରାପୁଟ' ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତିର କବିତା; କବିତାରେ 'ମହିମ୍ନ ମଧୁରତା' ଓ 'ମର୍ମନ୍ତୁଦ ମାରକ ଦଶା' ଏକତ୍ର କବିତାର ଭୂଗୋଳରେ ସଂଦର୍ଶନ କରିବା ସହ ସବୁଜ ବନାନୀର ଦେହେ ରକ୍ତର ଲାଲ ଛିଟାକୁ ଏକତ୍ର ଲକ୍ଷ୍ୟ କରିଛି : "ପାହାଡ଼ୀ ଝୋଲାର ପାଷାଣ ଛଆଣୀରେ/ ଭୋକର ନୂପୁର ବାଜେ/ଘଙ୍ଘ ମଣିଷର ଟାପୁ ଶବ୍ଦେ/ବାରୁଦର କୋରାପୁଟ ଜଳେ ।/ଶୋଷିତ ଜଙ୍ଗଲରେ ଚମ୍ପାଫୁଟେ ରକ୍ତାକ୍ତ ରତୁର/ଘଙ୍ଘ ଶ୍ରଦ୍ଧାର କତୁରୀ ହୋଇ କୋରାପୁଟ ହୃଦୟକୁ କାଟେ ।" (କୋରାପୁଟ) । କୋରାପୁଟ ସବୁଜ ବନାନୀର ପ୍ରକୃତି ଏବଂ ଅଭୋଗ୍ୟ ନାନ୍ଦନିକତାର ଛତ୍ରେଛତ୍ରେ ଶୋଷଣ-ଭୋକ-କ୍ଷୁଧା-ତାଡ଼ନା ଓ ବୀଭତ୍ସ ଷଡ଼ଯନ୍ତ୍ରର ବିବିଧ ରୂପକୁ କବି ଦେଖିଛନ୍ତି ଅପୂର୍ବ ରୋମାଣ୍ଟିକ୍ ବାସ୍ତବତା ଭିତରେ । ଯେଉଁ ବଣରେ ଭରି ରହିଥିଲା ଜୀବନ ଜିଇଁବାର ଅପରୂପ 'ଜୀବନର ସ୍ୱାଦ' ସେଇ ଶ୍ୟାମଳ ପାହାଡ଼ୀ ଉପତ୍ୟକାରେ ବାରୁଦର ଗନ୍ଧ ଆଉ 'ଶିକାର ଶିଉଳି ଦେହେ ତାଜାରକ୍ତ' ପ୍ରତୀକିତ କରେ ପରିବର୍ତ୍ତିତ ଭୂଗୋଳ ଆଉ ଶୋଷିତ କୋରାପୁଟର ରକ୍ତାକ୍ତ ବିଭୀଷିକାର କଥା ।

'ଯତନ ନଗର' କବିତାଟି ଢେଙ୍କାନାଳ ସହରର ଅନତି ଦୂରରେ ଶିମିଳିଆ ଗ୍ରାମର ରୁକ୍ଷ ମୁଣ୍ଡିଆ ଉପରେ ଅବସ୍ଥିତ । ଯତନ ନଗର ଢେଙ୍କାନାଳ ରାଜତନ୍ତ୍ର ଅମଳରେ ବେଠିମାନଙ୍କଦ୍ୱାରା ନିର୍ମିତ

ଓ ପରିତ୍ୟକ୍ତ ଏକ ଉଆସ ଆଉ ତା'ର ସନ୍ନିକଟସ୍ଥ ଅଂଚଳକୁ ଭିତ୍ତିକରି 'ଯତନ ନଗର'ର ଅତୀତର ଶୋଷଣ ଆଉ ତାଡ଼ନାର ପ୍ରତୀକାତ୍ମକ ଆରୋପଣ । ଯତନ ନଗରକୁ ଯାତନା ନଗର ବି କୁହାଯାଇପାରେ । କାରଣ ତା'ର ପ୍ରତିଟି ବଖରାରେ ଅସହ୍ୟ ଦୀର୍ଘଶ୍ୱାସ ଆଉ ଉଷ୍ଣନିଆଁ ଭଳି ଦାରୁଣ ପୀଡ଼ଣର ତାତି; ଅସଂଖ୍ୟ ଭୋକିଲା ମଣିଷର ହାଡ଼ରେ ଗଢ଼ା ସେଇ ଉଆସର ଭିତ୍ତି । କବି ସେହି ଉତ୍ତପ୍ତ ତାତିକୁ ପ୍ରତୀକାତ୍ମକ ଭାବେ 'ତନ୍ଦ୍ରିଳ ଫୁଜିୟାମା' ବୋଲି ଅଭିହିତ କରିଛନ୍ତି । ବେଠି-ବେଗାରୀ ଏବଂ ଶ୍ରମଶୋଷଣର ନାରକୀୟ ଅତୀତର କଥାକୁ କବିତାଟି ଧରି ରଖିଛି ଅସଂଖ୍ୟ ଅସନ୍ତୋଷ ସହିତ : "ଚର୍ବିଜଳା ମହାଦୀପୁ ଶୋଷଣର ନିଆଁ ନିର୍ବାପିତ/ମୂଲିଆର ମାଂସପେଶୀ, ଝାଳ, ରକ୍ତ, ପୌରୁଷର ବୀଭତ୍ସ ରୂପାନ୍ତର/ଯତନ ନଗର" । ସାଧାରଣ ଦରିଦ୍ର ପ୍ରଜାଙ୍କର ଚର୍ବି ଜଳି ଆଲୋକିତ କରିଥିବା ଶୋଷକର ନଗର ଏବଂ ତାର ଲହୁ ଓ ଲୁହରେ ତୋଳିଥିବା ନଗରର ଉହାଡ଼ରେ କେତେ ସାମନ୍ତର କୋପ, ବେତ୍ରର କୋରଡ଼ା ଆଉ ତା'ର ଅସଂଖ୍ୟ କଳଙ୍କିତ ଶୁଖିଯାଇଥିବା ମଲାରକ୍ତ ଦାଗରେ ପ୍ରତିଫଳିତ ହୋଇଛି ଢେଙ୍କାନାଳ ରାଜତନ୍ତ୍ରର ଅଲିଭା ଇତିହାସ । କବିଦୃଷ୍ଟିରେ ତାହା ସତେକି 'ସନ୍ତ୍ରାସର ବାରୁଦ ନଗର' ।

କବିଙ୍କର 'ଚୌରଙ୍ଗୀ' କବିତାଟି ଏକ ବୈପ୍ଳବିକ ମୂର୍ଚ୍ଛନା ତୋଳୁଥିବା ଆହ୍ୱାନଧର୍ମୀ ଏକ କାବ୍ୟ-ସ୍ଫୁରଣ । 'ଚୌରଙ୍ଗୀ' ବା କଲିକତାର ଏସ୍‌ପ୍ଲାନେଡ୍ ଏକ ଐତିହାସିକ ପ୍ରତୀକ ଭଳି ଦଣ୍ଡାୟମାନ ଏବଂ ଯିଏ ଦେଖିଛି ଅନେକ ଅତୀତର କର୍ଦ୍ଦମାକ୍ତ ଇତିହାସ ପୁଣି ବର୍ତ୍ତମାନର ଅସଂଖ୍ୟ କ୍ଷୋଭ ! : "ଘଙ୍ଘ କ୍ଷୁଧାର ବିବର୍ଣ୍ଣ ରଙ୍ଗେ ; ସାମାଜିକ ଭ୍ରଷ୍ଟାଚାର/ରାସ୍ତାପରେ ପୁତ୍ରକନ୍ୟା, ବାସ୍ତୁହରା ଦଳିତ ମଥିତ/ଶୋଷିତ ଭୂଖଣ୍ଡ ତୁମେ ଆକାଶର ଭରା ବିଷମେଘ/ ଘଙ୍ଘ ମରଣର ଆମନ୍ତ୍ରଣେ, ଘନଘୋର ଶତାବ୍ଦୀର ଶବ ।" କବିଙ୍କ ଦୃଷ୍ଟିରେ 'ଚୌରଙ୍ଗୀ' ଉଭୟ 'ଦ୍ରଷ୍ଟା' ଏବଂ 'ଭୁକ୍ତଭୋଗୀ' । ତଥାପି ସିଏ ଦେଇପାରିବ ନୂତନ ବାର୍ତ୍ତା: "ମୋ ପ୍ରାଣସଙ୍ଗୀତ ନେଇ ଚୌରଙ୍ଗୀ ହୁଏ ବ୍ୟବଚ୍ଛେଦ/ମଣିଷ ଶୋକରେ ଜଳି ଗଣେ ପ୍ରାଣ କରି ନମସ୍କାର/ ଆଫ୍ରିକାର କଳାଦେହେ, ପଚାସଢ଼ା ଯାଙ୍କର ବିଲୋପେ/ଲେଖିବାକୁ ଚାହେଁ ମୁହିଁ ଭାରତର ନବ ସ୍ୱର୍ଣ୍ଣାକ୍ଷର/ଘଙ୍ଘ ଦିଅ ଏଇମାଟି ପଦେ/ ନବବାର୍ତ୍ତା ଓ ଜାଗ୍ରତ ଚୌରଙ୍ଗୀ/ ଜୀବନର ଗଣନାରେ କାଳର ଭ୍ରୂକୁଟୀ/ଶୋଷିତ ଜୀବନ ଯେତେ/ବଜାଇବ ସଂଗ୍ରାମ ସାରଙ୍ଗୀ ।" ଚୌରଙ୍ଗୀ ଦେଇ କବି ଦେଖିଛନ୍ତି ସମଗ୍ର ଭାରତର ଅତୀତ ଓ ବର୍ତ୍ତମାନ । 'ଗଣ'ର ବିଘ୍ନିତ ଭାଗ୍ୟ ଏବଂ ତା'ଦେଇ ପୁଣି କଳନା କରିଛନ୍ତି ନୂତନ ବିପ୍ଳବର ବାର୍ତ୍ତା: "ଘଙ୍ଘ ବହିଯିବ ଗଣଗଙ୍ଗା ଚୌରଙ୍ଗୀ ରକ୍ତର/ସନ୍ତାନ ଯାତ୍ରାପଥେ/ ସ୍ୱାଧୀନତା ଜନ୍ମଦେବ ସଂଗ୍ରାମ ମୁକ୍ତିର ।"

'ଚିଲିକାର ଭିନ୍ନ ଏକ ସଂଜ୍ଞା' କବି ସଦାଶିବ ଦାସଙ୍କର ବୈପ୍ଳବିକ ଚେତନାର ଅନ୍ୟଏକ ଇସ୍ତାହାର; ଯାହା ଚିଲିକାରେ 'ପକ୍ଷୀବଧ' ଏବଂ 'ମାଛଶିକାର'ର ପ୍ରତୀକାତ୍ମକ ଆରୋପଣ ଭିତରେ ପରିଶୀଳିତ । ଚିଲିକାର ଦୁଃଖ ସବୁବେଳେ ଅସରନ୍ତି; 'ଚିଲିକା'ର କପାଳରେ ସତେକି ଲେଖାଅଛି ରକ୍ତାକ୍ତ ନିୟତି । 'ଦ୍ୱୀପେ ଦ୍ୱୀପେ ଏରକାର ସନ୍ତ୍ରାସ ଉତ୍ସବ' ଭଳି ପଂକ୍ତି ଭିତରେ ପରସ୍ପର ବିରୋଧୀ ମୃତ୍ୟୁର ତାଣ୍ଡବ ଏବଂ ସେଥିରୁ 'ମୁକ୍ତି ଲୋଡ଼ା ରକ୍ତାକ୍ତ ସଂଗ୍ରାମ'ଭଳି ବିପ୍ଳବର ଆହ୍ୱାନ ବେଶ୍ ଉଷ୍ମ ଏବଂ ରକ୍ତାକ୍ତ ! : "ଧରଣୀରେ ଭୋକିଲା ଭିଡ଼ ପଟୁଆର/ଚିଲିକାର ଦଳେ ଖାଲି ଅଶାନ୍ତିର ପଚା ଗନ୍ଧ,/ ଡଙ୍ଗାରେ ନାଉରି ଗୀତ/ ଯୁଆନର ଆଶାୟୀ ପ୍ରତୀକ୍ଷା/ଚିଲିକାର ନିଆଁଜଳେ/ ସତେ ଅବା ଅର୍ଦ୍ଧଦଗ୍ଧ ଭୋକିଲାର ଚିତା ।" ଚିଲିକା ଏଠି ପ୍ରତୀକ ହେଉଛି ସମଗ୍ର ବିଶ୍ୱର । ଆଉ ତାରି ଛାତି ଉପରେ ଯେଉଁ ଦ୍ୱନ୍ଦ୍ୱ ଓ ରକ୍ତାକ୍ତ ସଂଘାତ ! ସେ ସଂଘାତ ବି ବିଶ୍ୱମୁଖୀ ଏବଂ ବିଶ୍ୱମୟ । ତେଣୁ ଚିଲିକାକୁ ହିଁ ଚେତିବାକୁ ପଡ଼ିବ; କାରଣ କେବଳ ବ୍ୟଥାର କବିତା ଗାଇଲେ ଚଳିବ ନାହିଁ; କାରଣ ମଣିଷର ବିପର୍ଯ୍ୟୟର ସ୍ୱପ୍ନ ହିଁ ଏଠି କରେ ମଣିଷର ଶିକାର ! ତେଣୁ ନିଳାମ୍ବୁ ଚିଲିକା ତା'ର ତପସ୍ୟା ଭାଙ୍ଗୁ ଏବଂ ବନ୍ଦ ହେଉ 'ମାଛଧରା', 'ଜାଲଟଣା' ଆଉ 'ଆହୁଲାମରା' । ଏଠାରେ 'ମାଛମରା' ଓ 'ଜାଲଟଣା' ତୀବ୍ର ସ୍ୱାର୍ଥପରତା ଏବଂ ବିଶ୍ୱାସଘାତକତାର ପ୍ରତୀକ ହୋଇଥିବା ସ୍ଥଳେ ଆହୁଲାଟି ହେଉଛି ସ୍ୱାର୍ଥପରତାର କୂଟୀଳତାର ସୂଚକ : "ବୈଶାଖର କେଉଁଦିନ ଜଳିବରେ/ବନ୍ଦହେବ ମଣିଷର ମାଛଧରା/ଜାଲଟଣା, ସ୍ୱାର୍ଥର ଆହୁଲାମରା" । ଚିଲିକା ଭିତରେ କେବେ ଜାଗରିତ ହେବ ବିପ୍ଳବର ବହ୍ନି ଆଉ ସୃଷ୍ଟିହେବ ମୁକ୍ତିର ସମ୍ଭାବନା ସେଥିନେଇ କବି ଆଶାବାଦୀ : "ଘଙ୍ଘ କେଉଁ ଦୀପେ ଲାଗିବ ଆଳତି ନିଆଁ/ ଚିଲିକାର ନୀଳଜଳେ ମାତିକି ଉଠିବ ନାହିଁ,/ପୃଥିବୀର ସମସ୍ତ ସନ୍ତାପେ ତ୍ରସ୍ତ,/ ଅଗ୍ନିର ପ୍ରଥମ ବିନ୍ଦୁ ଆଲୋକର ମୁକ୍ତ ସମ୍ଭାବନା" ।।। ୩ ।।

'ଅକ୍ଷାଂଶଦ୍ରାଘିମା'କବିତା ସଂକଳନସ୍ଥ ନିଜ 'ପ୍ରତିନିଧିଠାରୁ ସାବରମତୀରୁ' କବିତାକୁ ଶାନ୍ତିର ଶ୍ୱେତ କପୋତର ଦେହେ ରକ୍ତର ଲାଲଛିଟା କହିଲେ ମଧ୍ୟ ଅଭିବ୍ୟକ୍ତିଟି ପୂର୍ଣ୍ଣତା ଆଡ଼କୁ ହିଁ ସୂଚିତ କରିବ । ସାବରମତୀରୁ ନିଜ ପ୍ରତିନିଧିଠାରୁ ଜଣେ କେହି ଲେଖିଛି ଯେ 'ଏଠାରେ ପ୍ରତ୍ୟେକ ପତ୍ର ହୋଇଅଛି ରକ୍ତରେ ରକ୍ତାକ୍ତ' କବିତାର ଏହି ପଂକ୍ତି ହିଁ ସମଗ୍ର କବିତାର ମୂଳଭାବ । ଯେଉଁ ମହାତ୍ମା ଗାନ୍ଧୀଙ୍କର ସାବରମତୀ ଆଶ୍ରମ ହେଉଛି 'ପୂର୍ଣ୍ଣ ସ୍ୱରାଜ୍ୟ'ର ପରୀକ୍ଷାଗାର ଏବଂ ତା'ର ପ୍ରତିଟି କଣିକାରେ ମହାତ୍ମା ଗାନ୍ଧୀଙ୍କର ଅହିଂସା ଆଉ ସାତ୍ତ୍ୱିକତାର ଚିର ମନ୍ତ୍ରପାଠ । ସେଠାରେ କବି ଅନ୍ୱେଷଣ କରୁଛନ୍ତି : "ସାବରମତୀର ଜଳ ରକ୍ତବର୍ଣ୍ଣ ଦିଶେ/ ସାବରମତୀର ସନ୍ଥ କାହିଁଗଲା/ କିଏ ନେଲା ମୋର ଦେହୁ ତା ଆତ୍ମାର ସ୍ୱର ।" କବିଙ୍କର ସଂଶୟ ଯେ ସତରେ କ'ଣ ରୂପ ବଦଳେଇଦେଲା ସାବରମତୀ; ନା' ସାବରମତୀ ଆଉବାରେ ଗୁଳିବିଦ୍ଧ ହେଲା; "ଘଙ୍ଘସାବରମତୀ କି ହେଲା ନୂଆଖାଲି ନା ଲାହୋରର ରକ୍ତାକ୍ତ ସଡ଼କ ?/ଅଥବା ସେଠିକି ଆଜି ପଡ଼ିଅଛି ଅସ୍ୱେଗଢା ରକ୍ତର ମଡ଼କ ।/ଜାଣେନା କେ ଆଜି କିମ୍ବା ଆଉବାରେ ଗୁଳିବିଦ୍ଧ କରେ ।" ସାବରମତୀର ଶ୍ୱେତଧ୍ୱଜ ସତରେ କ'ଣ ହୋଇଛି ରକ୍ତରଞ୍ଜିତ ଅତୀତର ନୂଆଖାଲି ଲାହୋରର

ରାଜରାସ୍ତା ଭଳି ! ଏଠି ସାବରମତୀ ସମଗ୍ର ଭାରତର 'ଆତ୍ମା' ଏବଂ ତା'ର ଅତୀତର ଗରିମା ଆଜି ହେବାକୁ ବସିଛି ଭୂଲୁଣ୍ଠିତ । ତେଣୁ ଉଭୟ 'ସାବରମତୀ' ଏବଂ 'ସାବରମତୀର ସନ୍ଥ'ଙ୍କୁ ଆବାହାନ କରିଛନ୍ତି କବି ଯେ ସେଇ ଆଶ୍ରମ/ଦେଶର ଆତ୍ମାର କନ୍ଦରରୁ କମ୍ପିଉଠୁ ଆଗମନୀର ଶୁଭ ଶଙ୍ଖଧ୍ୱନି : "ସାବରମତୀରୁ କୁହ.... କୁହ ତୁମେ ଆଫ୍ରିକାରୁ...ରକ୍ତ ଓ ଆତ୍ମାରୁ ।/ ପଥପ୍ରାନ୍ତୁ ହରିଜନ ବସ୍ତି ଦେହୁ, ନୂଆଖାଲି ଦାଣ୍ଡ ସଡ଼କରୁ/ତୁମରି ଆଲୋକେ ହେଉ ଆଲୋକିତ ସମସ୍ତ ମେଦିନୀ ।/ଘଙ୍ଘ ତୁମରି ଆଶ୍ରମ ତଳୁ କମ୍ପିଉଠୁ ଆଗମନୀ ଶୁଭ ଆଗମନୀ ।/ଘଙ୍ଘ ଦିଅ ଦୁଃଖ, ଦିଅ ଜ୍ୱାଳା,/ନିଅ ରକ୍ତ ଓଦା ହେଉ ତମରି ବସନ/ଘଙ୍ଘ ସାବରମତୀର ସନ୍ଥ ! ତୁମେ ତ ପାଷାଣ ଆଜି ଦୁଃଖୀ ମଣିଷର ପୁତ୍ର ।/ଘଙ୍ଘ କୁହ ତୁମେ ମରିନାହଁ...ହଜି ନାହଁ...ଆକାଶରୁ ମୋ ଜୀବନସ୍ରୋତ/ଦେଖ ଦେଖ ଆକାଶରେ ଉଡୁଅଛି ଶ୍ୱେତରଙ୍ଗୀ ଗୋଟିଏ କପୋତ"

ସାବରମତୀର ସନ୍ଥଙ୍କୁ ସମ୍ବୋଧନ କରି କବି ତୁମେ ତୁମର ଦୁଃଖ ଜ୍ୱାଳା ଆମକୁ ଦିଅ; ଆମେ ତମକୁ ଦେବୁ ଆମର ରକ୍ତ; ଯେଉଁଥିରେ ତୁମର ବସନ ହେଉ ରଞ୍ଜିତ ! ତୁମେ ଆଜି ପ୍ରତିକ୍ରିୟାହୀନ ହୋଇ ରହନାହିଁ । ତୁମେ ଆଜି ଯେଉଁ ପାଷାଣରେ ରୂପାନ୍ତରିତ ହୋଇଛ...ତେଣୁ ମନେହେଉଛି ତୁମର ଆଦର୍ଶ ଆଉ ଦର୍ଶନ ସତେକି ଭୂଲୁଣ୍ଠିତ ହେବାକୁ ବସିଲାଣି; ତୁମେ ଅଛ ଏବଂ ତୁମେ ଯେ ମରିନାହଁ । ତୁମେ ପଛେ ଆଉଥରେ ଛିଡ଼ା ହୁଅ; ନିଜକୁ ଆଉଥରେ ଏ ମଣିଷ  ଜାତି ପାଇଁ ଦିଅ ପଛେ ପ୍ରାଣବଳି ! ହେଇ ଦେଖ ଆକାଶରେ ଉଡୁଛି ତୁମ ଦର୍ଶନ-ଚିନ୍ତନ ଆଉ ଆତ୍ମାର ଏକୀଭୂତ ଶ୍ୱେତରଙ୍ଗୀ କପୋତ । କବିତାଟି କବିପ୍ରାଣର ଆହତ କ୍ଷୋଭ ପୁଣି;ସମ୍ଭାବନାର ପ୍ରତ୍ୟଶାରେ ବେଶ୍ ଆସ୍ଥାବାନ୍ !

'ଚୌରଙ୍ଗୀର ଲେଲିନ୍ ଷ୍ଟାଚ୍ୟୁ ଦେଖିବାପରେ' କବିତାରେ ଶୁଣିହେବ ସାମ୍ୟବାଦର ଜୀବନ୍ତ ମନ୍ତ୍ରପାଠ: "ରକ୍ତାକ୍ତ ସଂଗ୍ରାମ ବିନା, ସୃଷ୍ଟିମୟ ହୁଏ ନାହିଁ, ଆଗାମୀକାଲି ।" ବେଶ୍ ବୈପ୍ଳବିକ ଚେତନାରେ ଅଭିମନ୍ତ୍ରିତ କଲିକତାର ଚୌରଙ୍ଗୀରେ ଅବସ୍ଥାପିତ ଲେଲିନ୍ ଷ୍ଟାଚ୍ୟୁକୁ ସର୍ବହରା, ସାଧାରଣ ମଜୁରିଆ, ମେହନତୀ ମଣିଷର ଜୀବନ୍ତ ଆଦର୍ଶ ଭାବେ ପ୍ରତିପାଦିତ କରି କବି ଆକଳନ କରିଛନ୍ତି କଲିକତାର ବକ୍ଷରେ ଆତଯାତ ଦୁଃଖୀ-ମଣିଷଙ୍କର ପଟୁଆରକୁ । କଲିକତାର ଏ 'ଚୌରଙ୍ଗୀ' ସମଗ୍ର ବିଶ୍ୱର ଗବାକ୍ଷ ଭଳି ବା ବିଶ୍ୱର ବକ୍ଷ ଭଳି ସତେକି ହୋଇଛି ରୂପାନ୍ତରିତ । ମାଟିଆବୁରୁଜ, ଖିଜିରପୁର, ଡକୟାର୍ଡ, ସଲ୍ଟ ଲେକ୍, ସିଆଲଦା, ବାଲିଗଞ୍ଜର ଭୂଗୋଳର ଛାତିରେ ଚଟକଳ, ଲୁଗାକଳ, ତେଲକଳ, ମଟର କାରଖାନା ଆଉ ସେଠି ଖଟୁଥିବା ମୂଲିଆ, ମଜୁରିଆ, ମଜ୍‌ଦୁର ମଣିଷ କିପରି ଗଢ଼ି ତୋଳିଛି ବୁର୍ଜୁଆର ବିଳାସ କିନ୍ତୁ ନିଜେ ଭୋଗିଛି ଦାରିଦ୍ର୍ୟ ଆଉ ପୀଡଣ । ଅଭାବୀ ମଣିଷର ଦୁଃସ୍ଥିତି; ଟାଟା, ବିରଲାଙ୍କ ପରି ପୁଞ୍ଜିପତିଙ୍କ କୋଠା କଡେ ଗଢିଉଠିଥିବା ଦାରିଦ୍ର୍ୟତାର ପଟୁଆର; ତଥା ତା' ଭିତରେ ଯେ ଦିନେ କୋଟିଏ ଲେଲିନ୍ ଜନ୍ମନେବେ ଭାରତର ଭୂଭାଗରେ ଭଳି ଦୃଷ୍ଟିଭଙ୍ଗୀରେ କବିଙ୍କର ପ୍ରଗତିଶୀଳତାର ପ୍ରସଙ୍ଗକୁ ଅବଲୋକନ କରିବା ସହିତ ତୀବ୍ର ଲୋକାୟତ ଆଭିମୁଖ୍ୟକୁ ଲକ୍ଷ୍ୟ କରାଯାଇପାରିବ । କଲିକତା-ଚୌରଙ୍ଗୀ-ଲେଲିନ୍ ଦେଇ କବି ଅନୁଭବିଛନ୍ତି ଭବିଷ୍ୟ ଭାରତକୁ : "ଥରେ ଆସ କଲିକତା/ ଯେତେସବୁ ମଜଦୁର, ବାସ୍ତୁହରା କିରାଣୀଠୁ, ବେକାରୀ ଜନତା/ ଯଦିବା ଭେଟିବ କାରେ ଧର୍ମତାଲା ଚୌରଙ୍ଗୀ ଛକରେ/ପଚାରିବ ସାଥୀ ସିଏ 'କଲିକତା କାହିଁକି ଆସୁଛ ?/ଆସୁଛ ତ ଭଲକଲ ଲେଲିନ୍‌ଙ୍କୁ କେଉଁଠି ଦେଖୁଛ" । କବିଦୃଷ୍ଟିରେ ହାତରେ ମାର୍ତୁଲ ଧରି ଦେହରେ ଅପ୍ରମିତ ଶକ୍ତିର ପ୍ରତୀକ ଚୌରଙ୍ଗୀର ଲେଲିନ୍ ଷ୍ଟାଚ୍ୟୁ ହେଉଛି ଭାରତୀୟ ସାମ୍ୟବାଦର ମର୍ତ୍ତିମନ୍ତ ପ୍ରତୀକ !

'ଅକ୍ଷାଂଶଦ୍ରାଘିମା' ସଂକଳନସ୍ଥ 'ଆରବ ! ଆଫ୍ରିକା' କବିତାରେ ରୁଷିଆ ଓ ଆମେରିକାର ଗୋପନ ମନ୍ତ୍ରଣା; ଆରବ ଓ ଆଫ୍ରିକାକୁ ଅକ୍ତିଆର କରିବାର ଇଚ୍ଛା; ବିଶ୍ୱର ଯୁଦ୍ଧ-ଦଲାଲମାନଙ୍କୁ : "କେବେରେ ସରିବ ଯୁଦ୍ଧ/ମୁକ୍ତି ଲାଗି ଗଣମୁକ୍ତି ହୋଇବରେ ସୁରୁ/ ସବୁରି କଳଙ୍କ ହାତେ ଗଢାହେବ ମୁକ୍ତିର ମାର୍ତୁଲ ।/ମୁକ୍ତି ହେବ ଲାଲେ ଲାଲ/ସେବେରେ ସରିବ ଯୁଦ୍ଧ !/ମନେରଖ ଯୁଦ୍ଧର ଦଲାଲ ।" ରହିଛି କବିଙ୍କର ଚେତାବନୀ ! ପୃଥିବୀକୁ ଦୁଇ ଭାଗରେ ବିଭକ୍ତ କରୁଥିବା ଯୁଦ୍ଧଖୋରଙ୍କର ଘୃଣିତ ମାନସିକତା କିଏ ଯୁଦ୍ଧ କରୁଛି; କିଏ କାହା ସହ ମିଶୁଛି; କିଏ ହୃଦୟ ଯୋଡୁଛି ଅବା କିଏ କଂସେଇ କଟୁରିରେ ମଥା କାଟୁଛି । ଚର୍ବିରେ ନିଆଁ ଜଳାଇ ଖଜୁରୀ ବାଗାନ୍‌ରେ ଶିଶୁର ହସ ଚୋରାଇଛି (କେଉଁଠି କରୁଛ ଯୁଦ୍ଧ/ତୈଳକୁଣ୍ଡେ ପହଁରୁଛ ସବୁ/ଆଫ୍ରିକାର ବନସ୍ତରେ ଲୁଚିଲୁଚି ଯେ ଶଠତା ଗୋପନେ ବାନ୍ଧୁଛ/ ଯାହାପାଇଁ ପୃଥିବୀକୁ ଦୁଇ ଭାଗ କରି ବାଣ୍ଟୁଅଛ) ।

ଯୁଦ୍ଧଟି କାହା ସଙ୍ଗେ କାହାର; କବିଙ୍କର ଚେତନାରେ ତାହା ହିଁ ସାଜିଛି ଏକ ପ୍ରହେଳିକା; କାହାର ଭୂମି; କାହାର ଅସ୍ତ୍ରଶସ୍ତ୍ର; କେଉଁଠି ଚାଲିଛି ଯୁଦ୍ଧ ! କବିଙ୍କର ଦୃଷ୍ଟିରେ ଏ ଯୁଦ୍ଧରେ କେହି କାହାର ମିତ୍ରକି ଶତ୍ରୁ ଅପେକ୍ଷା; ଯୁଦ୍ଧରେ ଲାଭ ହେଉଛି ପୁଞ୍ଜିବାଦର ବୋଲି ଉଲ୍ଲେଖ କରିଛନ୍ତି ଏବଂ ଏ ଯୁଦ୍ଧକୁ ସମାପ୍ତି କରିବା ପାଇଁ କବିତା ଭିତରେ ଦେଇଛନ୍ତି ଆହ୍ୱାନ : "ଯୁଦ୍ଧ ସମାପ୍ତିକର  ନରମେଧ ଯଜ୍ଞ ବନ୍ଦକର । ଏକ ଦିଗେ ଡାକଦିଏ ଯୁଦ୍ଧକର ପୁଞ୍ଜି ସରକାର/ରୁଷିଆ ଜବାବ ଦିଏ ଶାନ୍ତିନାମେ ଯୁଦ୍ଧ ବିଭୀଷିକା ଆରେ ମୋର ଆରବ !ଆଫ୍ରିକା ! ଘାସପରି ନିଷ୍ପାପ କରୁଣ ତୁମ ଶୋଷିତ ହୃଦୟ ସରଳ ମଣିଷ ପରି ଶାନ୍ତ କ୍ଳାନ୍ତ ଉଦାର ଅଭୟ ତୁମର ରକ୍ତରେ ଦିନେ ଭାଙ୍ଗିବରେ ରୁଷିଆ ଓ ଆମେରିକା ହାଡ଼ ତୁମରି ଭୋକରେ ଦିନେ ଦୋହଲିବ ପୁଞ୍ଜିବାଦର ଜଡ଼ । ଆରମ୍ଭ କର ଯୁଦ୍ଧ ! ଆରବ ଆଫ୍ରିକା ! ଶତାବ୍ଦୀର ଅଭିଶାପେ/ଶେଷ ହେଉ ରଷ; ଆମେରିକା ।"

ସମଗ୍ର ପୃଥିବୀରେ ତେଜି ରହିଥିବା ଯୁଦ୍ଧ ଏବଂ ଯୁଦ୍ଧର ପ୍ରଚ୍ଛନ୍ନରେ କେତେକ ନ୍ୟସ୍ତସ୍ୱାର୍ଥ୍ୟ ରାଷ୍ଟ୍ରର ଷଡ଼ଯନ୍ତ୍ର ! ପରସ୍ପର ଭିତରେ ଯୁଦ୍ଧ ଭିଆଇ ସାଧାରଣ ମଣିଷର ମୂଳଟିକୁ ନଷ୍ଟକରି ଶୋଷିନେବାର ବୀଭତ୍ସ ନାରକୀୟତା (ଲଢୁଛିକି ଇହୁଦୀ ଶ୍ରମିକଟିଏ-ଆମେରିକା

ଇହୁଦୀର ସାଥେ/ଲଢୁଛିକି ସୁଏଜ୍ ଡକ୍‌ର କୁଲି ଆଫ୍ରିକାର ଦରିଦ୍ର ଜନତା ?/ କାହା ସଙ୍ଗେ ଯୁଦ୍ଧ ଯେ କାହାର) ଦୋହଲାଇ ଦେଇଛି ବିଶ୍ୱମାନଚିତ୍ରକୁ । 'ମଧ୍ୟପ୍ରାଚ୍ୟ'କୁ ପୃଥିବୀର ଦ୍ୱିତୀୟ ତ୍ରିଶଙ୍କୁ ବୋଲି କବି ଉଲ୍ଲେଖ କରିବା ସହିତ ଗୋଟିଏ ପଟେ ତୈଳଛତ୍ର; ଅନ୍ୟଦିଗରେ ଇହୁଦୀର ବଞ୍ଚିବାର ଦାବି; ଗୋଟିଏ ପଟେ ସାମ୍ୟ ନାମରେ ପୁଞ୍ଜିବାଦ, ଅନ୍ୟପଟେ ନୂତନ ନାଜୀବାଦ ସମଗ୍ର ବିଶ୍ୱ ପାଇଁ ସାଜିଛି ବାଧକ; ଆରବର ରକ୍ତଶୋଷି;ଇହୁଦୀର ଶୋଷ ବଢାଇବା ହେଉ ଅବା ଆଫ୍ରିକାର ସବୁଜିମାରେ ରକ୍ତର ମଞ୍ଜିବୁଣିବାର ମାନସିକତା ହେଉ ସବୁଠି କ୍ଷମତାର ନରମେଧ ଯୁଦ୍ଧକୁଣ୍ଡରେ ରକ୍ତର ଆହୁତି !

'ଅଗଷ୍ଟ ପନ୍ଦର ସକାଳେ ଲାଲକିଲା ଓ ଧଉଳିର ଦୃଶ୍ୟ' କବିତାରେ କବି ସଦାଶିବ ଦାଶ 'ଲାଲ କିଲା'କୁ ଶୋଷକ ବାଦଶାହାର ଅହଂକାର ଏବଂ 'ଧଉଳି'କୁ ସାଧାରଣ ଲୋକାୟତ ମଣିଷଙ୍କର ବା ଶୋଷିତର ଚରମ ନିଦର୍ଶନ ବୋଲି କହିବା ଭିତରେ ଅଦ୍‌ଭୁତ ଏକ ତୁଳନାତ୍ମକ ଦୃଷ୍ଟିଭଙ୍ଗୀକୁ ଲକ୍ଷ୍ୟ କରିହୁଏ: " ବାଦଶାହା ଓ ମଣିଷଙ୍କ ମଧ୍ୟ/ ଲାଲକିଲା ଧଉଳିର ବିରାଟ ଦୂରତ୍ୱ । ବାଦଶାହା ନିଜେ ଆଜି ଶୋଷକର ଲାଲକିଲା/ସମଗ୍ର ଭାରତ ଆଜି ଶୋଷିତର ଧଉଳି ପର୍ବତ ।"

କବି ଅତୀତର ଭାରତୀୟ ରାଜତନ୍ତ୍ରରେ ଦେଖିନାହାନ୍ତି 'ଲାଲକିଲା' କିମ୍ବା ଧଉଳିକୁ ; ଦେଖିଛନ୍ତି ବର୍ତ୍ତମାନର କଳୁଷିତ ରାଜନୀତି ଭିତରେ ବି ଶୋଷକ ଓ ଶୋଷିତର ସମ୍ପର୍କ ଭିତରେ; ତେଣୁ ଲାଲକିଲା (ବାଦଶାହା ଓହ୍ଲାଇ ଆସନ୍ତି ପ୍ରାଣକର୍ତ୍ତା ପରି/କହନ୍ତି ତୁମ ରକ୍ତର ଆଳତିରେ ସମୃଦ୍ଧ ଭାରତବର୍ଷ) ଏବଂ 'ଧଉଳି' (ସକାଳୁ କଇଁଛ ପରି ପଡ଼ିରହେ ସନ୍ନ୍ୟାସୀ ପାହାଡ଼ଟିଏ) । ଲାଲକିଲାର ଅତୀତ ଆଉ ବର୍ତ୍ତମାନ ଶତ ସାଧାରଣ ମଣିଷର ରକ୍ତରେ ସ୍ନାତ କରିଥାଏ ତା'ର କାୟାକୁ ତ; 'ଧଉଳି'ର ଅତୀତ ଆଉ ବର୍ତ୍ତମାନ ପୂର୍ବବତ୍ ଶାନ୍ତିର ପ୍ରତୀକ ଭଳି ସନ୍ନ୍ୟାସୀର ସମ ଶୋଷିତ କୂର୍ମ ଭଳି ପଡ଼ି ରହିଥାଏ ଅନବରତ ଏକ ପ୍ରକାର ନିଶ୍ଚଳତା ଭିତରେ ।।। ୪ ।।

'ଅବଧୂତକ୍ରାନ୍ତି' କବିତା ସଂକଳନର କବିତ୍ୱର ସ୍ଫୂର୍ତ୍ତି ଓ ଆଭିମୁଖ୍ୟରେ କବି ସଦାଶିବଙ୍କର ସ୍ପର୍ଦ୍ଧା ଓ ଆସ୍ପୃହା ବେଶ୍ ଏକାକାର । ସେହି ଭାବଧାରାର କବିତା ହେଉଛି 'ବଙ୍ଗଳାଦେଶ' କବିତା । ଏକ ବିପ୍ଳବର ରକ୍ତାକ୍ତ ଆବାହନୀ ହେଉଛି ନିଜେ ବଙ୍ଗଳାଦେଶ । ନୂଆଖାଲି, ଚଟ୍ଟଗ୍ରାମ, ସୁନ୍ଦରବନର ଭୂଗୋଳ ଦେଇ ତିକ୍ତତାରେ ଧର୍ମ ବି ହୋଇଥିଲା ପ୍ରଖ୍ୟାଳିତ । ପଦ୍ମା ଆଉ ମେଘନାର ବୁକୁବି ହୋଇଥିଲା ରକ୍ତସ୍ନାତ ! ସବୁକିଛି ହେଲା ବିଭକ୍ତ ଭାଷା-ଭୂମି ଆଉ ମଣିଷ । (ଗୋଟିଏ ପତାକା ତଳେ ଲାଲ ଅକ୍ଷରରେ ଲେଖିଦିଅ ବଙ୍ଗଳାର ନାମ/ମଣିଷକୁ ଥରେ ମାତ୍ର କରରେ ସଲାମ) । ଅତୀତର ବଙ୍ଗଳାଦେଶ ଏବଂ ବର୍ତ୍ତମାନର ବଙ୍ଗଳାଦେଶ ଭିତରେ ଅନେକ ପରିବର୍ତ୍ତନ । ଆଜି ବଙ୍ଗଳାଦେଶ ଭୁଲିସାରିଛି ତା'ର ଅତୀତ ଇତିହାସର ରକ୍ତଝରା ଲୁହକୁ : "ଜଳେ ଆଜି ବଙ୍ଗଳାର ବାଟେଘାଟେ, ତୃଷିତ ସମୟ/ଜଳେ ମାଟି ପାଣି ଓ ପବନ ।/ଯେଉଁ ଶିଖା ଲହୁଦେହେ ଉଠିଲାରେ ଜଳ/ଯେଉଁ ଗୀତ ଭାସିଆସେ ହୃଦୟକୁ ଚିରି/ତାକୁତ ପଢରେ ଥରେ/ ଲେଖିଦିଅ ନୂଆ ଗୀତ, ନୂଆ ମାନଚିତ୍ର ।/ ମୁକ୍ତିର ମଶାଲ ତଳେ/ଏସିଆର ଛାତିଚିରି ଜନ୍ମେ ନୂଆଦେଶ/ ସ୍ୱର୍ଣ୍ଣଚିରା...ପୂର୍ଣ୍ଣତୋୟା, ପ୍ରିୟ ବଙ୍ଗଳାଦେଶ ।"

'ଅବଧୂତକ୍ରାନ୍ତି'ରେ ସଂକଳିତ 'ଏସ୍‌ପ୍ଲାନେଡ୍' କବିତା ଏକ ପ୍ରତୀକାତ୍ମକ କବିତା । ଏପରିକି ସଦାଶିବ ଦାଶଙ୍କ ଅନେକ କବିତାରେ ଚୌରଙ୍ଗୀ/ଏସ୍‌ପ୍ଲାନେଡ୍ ରୂପକାତ୍ମକ ଦୃଷ୍ଟିରୁ ଅନେକତ୍ର ସଂଯୋଗିତ । "ଏସ୍‌ପ୍ଲାନେଡ୍ ! ତୁମରି ହୃଦୟେ/ବର୍ଣ୍ଣହୀନ ଜନତାଙ୍କ କୋଳାହଳ ଶୁଭେ ।" କାରଣ ଏସ୍‌ପ୍ଲାନେଡ୍ ଅନେକ ଜନତାଙ୍କର ଆତଯାତ ସମୟର ନିର୍ବାକ ପ୍ରହରୀ; ପୁଣି ଚଳମାନ ମଣିଷର କାୟାଧାରଣ ! (ତୁମେ ସେଇ ବିଶ୍ୱକର୍ମା ଆଗାମୀ ଦିନର/ତୁମେ ଆଦି ରୂପକାର/ସଂଗ୍ରାମୀ ସଂଳାପ ଅବା ଚଳମାନ୍ ଜୀବନର ସ୍ରୋତ) । ଏସ୍‌ପ୍ଲାନେଡ୍‌କୁ ସମ୍ବୋଧନ କରି କବି ସ୍ତୁତିଚାରଣ କରିଛନ୍ତି ମଣିଷର ଇତିହାସ ଆଉ ବର୍ତ୍ତମାନର ଚଳମାନ ସ୍ୱପ୍ନକୁ । ଏସ୍‌ପ୍ଲାନେଡ୍‌କୁ କେବେଳ ନିସ୍ତରଙ୍ଗ ସାକ୍ଷୀ ଭାବେ ନୁହେଁ; ଅପରନ୍ତୁ ଏକ କ୍ରାନ୍ତି ଭାବେ ଦେଖିଛନ୍ତି କବି : "ତୁମେତ ଗୋଧୂଳି ନୁହେଁ/ତୁମେ କ୍ରାନ୍ତିତାରା । ତୁମେ ନୁହେଁ ଆବିଳତା/ଜାତିରେ ହୃଦୟେ ଜଳେ ଅନିର୍ବାଣ ଚିତା/ବେଗବାନ୍ ଚୈତକର ଖୁରା/ଧୂମାଳ ଚିମିନୀ କିବା ରକ୍ତାଭ ଗାଳିଚା ।"

'ଏସ୍‌ପ୍ଲାନେଡ୍' ହୋଇପାରେ ଭବିଷ୍ୟତର ବାର୍ତ୍ତାବାହକ । ଏସ୍‌ପ୍ଲାନେଡ୍ ଦେଇପାରେ ଜୀବନକୁ ବଞ୍ଚିବାର ନୂଆ ଇସ୍ତାହାର; ଅବା ସାଜିପାରେ ମୁକ୍ତିର ମଣ୍ଡପ; ଯେଉଁଠାରେ ଆରମ୍ଭିବ ଏକ ନୂଆ ଯାତ୍ରା ନୂତନ ସୂର୍ଯ୍ୟର ରକ୍ତିମ ଆବିଷ୍କାର/ଅଭିସାର: "ସଂଗ୍ରାମର ମୈଦାନରେ ଏସ୍‌ପ୍ଲାନେଡ୍ ମୁକ୍ତି ବେଦୀ ହୁଏ/ଆଜିକାର ଗଣତନ୍ତ୍ରୀ ସନ୍ନ୍ୟାସୀ ମାଟିରେ/ଲାଲମେଘ କ୍ରମେ ଶେଯ ପାରିଦିଏ । ସଂଗ୍ରାମୀ ମଣିଷ ତେବେ ଟକମକ ସୂର୍ଯ୍ୟପରି ଫୁଟେ । ଶୀତଳ ଜ୍ୟୋତ୍ସ୍ନାର ସ୍ପର୍ଶେ ଝଲମଲ ହୁଏ । ଏସ୍‌ପ୍ଲାନେଡ୍, ମଣିଷକୁ ବଞ୍ଚିବାର ନୂଆପଥ କୁହେ ।"ଏସ୍‌ପ୍ଲାନେଡ୍‌ର ବର୍ତ୍ତମାନରେ ଗଣତନ୍ତ୍ରର ଯେଉଁ ସୁପ୍ତ ଇତିହାସ ସ୍ଥବିର ରାଜପଣ କରୁଛି; ସେଠି ଚଳଚଞ୍ଚଳ ଉଷ୍ମତାର ଲାଲସୂର୍ଯ୍ୟ ଜୀବନ୍ତ ମଣିଷର କଥାକହୁ; ଏହିଭଳି ଏକ ଭାବନା ଭିତରେ କବିଙ୍କର ଆହ୍ୱାନମୂଳକ ଅଭିବ୍ୟକ୍ତି ବେଶ୍ ସାର୍ଥକତା ଲାଭ କରିଛି ।।। ୫ ।।

କବି ସଦାଶିବ ଦାଶଙ୍କ 'କାଳନିରବଧି' କବିତା ସଂକଳନସ୍ଥ 'କଣ୍ଟିଲୋରେ ସକାଳ' ଏବଂ 'କଣ୍ଟିଲୋରେ ସଞ୍ଜ' କବିତା ଦ୍ୱୟ ଗୋଟିଏ ଭାବର ଦୁଇଟି ପ୍ରେକ୍ଷା । କଣ୍ଟିଲୋରେ ସକାଳ ଭିତରେ କବିପ୍ରାଣରେ ପ୍ରକୃତିର ନାନ୍ଦନିକତା ସହିତ କଣ୍ଟିଲୋର ନିୟତି : "ଫରଚା ହୋଇଯାଇଛି ତା'ର ଆଲୋକିତ ହୃଦୟ; ମନ୍ଦିର ଓ ଦେବତା ପରି ବିବର୍ତ୍ତିତ ସତ୍ୟ" ଭିତରେ ଅନୁଭବି ହେବ ଓଡ଼ିଶାର ଧର୍ମୀୟ ଚଉହଦୀକୁ । କଣ୍ଟିଲୋର ସକାଳରେ କବି ନୂଆ ଆଲୋକରେ

ଆମେ ସମସ୍ତେ ହୁଅନ୍ତେ ଆୟୁଷ୍ମାନ ନିରୋଳା ସକାଳରେ କହିଥିବା ସ୍ଥଳେ କଣ୍ଢିଲୋର ସଙ୍ଗରେ ଅନନ୍ତ ଅନ୍ତରଙ୍ଗତା ଉପସ୍ଥାପିତ; ତଥା ସେଠୁ ଫେରିଆସିଥିବା ଇତିହାସ ସମୟ କବି ବିଦ୍ୟାପତି ଭଳି ଅଭିବ୍ୟକ୍ତିରେ ବେଶ୍ ପ୍ରତୀକାତ୍ମକ କଣ୍ଢିଲୋର ଧର୍ମୀୟ ଆବରଣ : "ମୁଁ ସେଠୁ ପଳାତକ ଶାମ୍ବପୁତ୍ର ଜଠରେ ମୋର ଇତିହାସ ଭରା ମନ ଶିଳାଖଣ୍ଡ/ଘଙ୍ଘ କେଉଁଦିନ ଫେରିଆସେ ଲେଉଟାଣି ସ୍ରୋତ;/ଲଳିତାର ସୋରିଷ ଫୁଲିଆ ପଥ । ଜୀବନ୍ତ ମୃଗନାଭି କସ୍ତୁରୀର ଗନ୍ଧ" । ବିଦ୍ୟାପତିର ସାମନ୍ତୀୟ ପ୍ରବ*ନାରେ ସରଳା ସାଧାରଣ ଲୋକାୟତ ମାନବୀ ଲଳିତାର ପ୍ରସଙ୍ଗକୁ ପ୍ରଚ୍ଛନ୍ନ ଅପ୍ରଚ୍ଛନ୍ନ ଭାବେ ଉପଲବ୍ଧି କରିହେବ କବିତାର ଉହାଡ଼ରେ ।

'କାଳନିରବଧି' ସଂକଳନରେ ଅନ୍ତର୍ଗତ ହୋଇଥିବା 'ଚିଲିକାର ଭିନ୍ନ ଏକ ମୃତ୍ୟୁ' କବିତାରେ ଲକ୍ଷ୍ୟ କରିହେବ 'କାଳିଜାଇ ଲୁହ', 'ପଙ୍କକୁନ୍ଦ', 'ଅକାଳମୃତ୍ୟୁ' ଭଳି ଅଭିବ୍ୟକ୍ତି ଭିତରେ ଲକ୍ଷ୍ୟ କରିହେବ ଅବକ୍ଷୟୀ ଚିଲିକାର କାୟାକୁ ଏବଂ କ୍ରମଶଃ ସେଥିରୁ ନିବୃତ୍ତ ରଖ ବୋଲି ଚିଲିକାକୁ କବିଙ୍କର ସମ୍ବୋଧନ ଭିତରେ ବେଶ୍ ଅନୁଭବି ହେବ ଚିଲିକାର ଭିନ୍ନ ଏକ ମୃତ୍ୟୁର ଚେତନାକୁ: "ମାଛରେ ବୋଝେଇ ଡଙ୍ଗା ପରି ତୋ କାମନାଯାନ/କାତ ମାରିମାରି ବୁଲୁଥାନ୍ତି ତୋଅରି ଦେହରେ ।" ଚିଲିକାର ଶରୀରରେ 'ମାଛମୃତ୍ୟୁ ସାଧାରଣ ସର୍ବହରା ମଣିଷର ଚିରକାଳର ଶୋଷଣକୁ ଅଭିବ୍ୟକ୍ତ କରୁଥିବା ସ୍ଥଳେ କାତମାରି ବୁଲୁଥିବା 'ମାଛଶିକାରୀ'ଶୋଷକର ପ୍ରତୀକାତ୍ମକ ଆରୋପଣ ଅଟେ । ତେଣୁ ଚିଲିକାକୁ କବି କହିଛନ୍ତି ତୋର କୂଳରେ ଅତୀତରେ ଘଟିଯାଇଛି କେତେ 'ଦୀର୍ଘଯାତ୍ରା' ଆଉ ହୋଇଯାଇଛି 'ରକ୍ତମେଘ'ର ସଂଗ୍ରାମୀ ବିପ୍ଳବ ! ଅର୍ଥାତ୍ ଏହି ଚିଲିକାରେ ଦେଶ-ଧର୍ମ-ରାଷ୍ଟ୍ର-ପ୍ରେମ ପାଇଁ କେତେ ଯାତ୍ରା ହୋଇଛି ସଂଘଟିତ । ପୁଣି କେତେ ରକ୍ତପାତରେ ଇତିହାସ ଲେଖିଛି ଏ କୂଳ । ତେଣୁ ଆଜି ଚିଲିକାକୁ କବି ସମ୍ବୋଧିଛନ୍ତି : "ଚିଲିକା ! ମୋ ପ୍ରାଣର ଦୋସର ତଥା ଆଖିରେ ଗେରୁବସ୍ତ୍ର ପିନ୍ଧି/ଭଣ୍ଡ ସନ୍ନ୍ୟାସୀଟି ପରି ମିଟିମିଟି ଆଖିରେ ଦେଖୁଛି ? ଅଶାଳୀନ ମୃତ୍ୟୁର ଦୃଶ୍ୟ ସବୁ । ତୋର ସେଇ ଶୋଷଣ ଆଖିରେ/ଶୋଷିତର କି ବୀଭତ୍ସ ନବକଳେବର" କିପରି ଚିଲିକାକୁ ଭଲ ଲାଗୁଛି 'ଶାଗୁଣା ଖୁମ୍ପା' (ଶୋଷକର ବାରମ୍ବାର ଆଘାତ) ଏବଂ କିପରି ସେ କାଠକଣ୍ଢେଇଟିଏ ପରି ସ୍ଥିର ହୋଇ ଦେଖୁଛି ନିଜ ହୃଦୟ ଖଣ୍ଡବିଖଣ୍ଡିତ କରୁଥିବା ସ୍ୱାର୍ଥାନ୍ଧ ମଣିଷକୁ । ଏହା ହିଁ କବିଙ୍କ ଦୃଷ୍ଟିରେ ଚିଲିକାର 'କମନୀୟମୃତ୍ୟୁ' ତେଣୁ କବି ଚିଲିକା ଭିତରେ ସୃଷ୍ଟି କରିବାର ପ୍ରତ୍ୟାଶା ରଖୁଛନ୍ତି ଏକ ସଂଗ୍ରାମର: "ଇଚ୍ଛା ହେଉଛି ତୋ ଛାତିରେ ପୁଣି କେଉଁଠି ଗୁଳି ବାଜନ୍ତା କି ? ତୋ ପୋଷାକଠାରୁ ତୋ'ର ଦେହ ହୁଅନ୍ତା ଅଧିକ ରକ୍ତବର୍ଣ୍ଣ !ନିଜସ୍ୱ ଅକାଳମୃତ୍ୟୁ ମୁଁ ଆଉ ସହି ପାରୁନି ପ୍ରାଣର ଦୋସର ମୋର ! ତୋର ହୃଦୟରୁ ମରିସାରିଥିବା ସାମାଜିକ ଦାୟବଦ୍ଧତା ସଢ଼ିପଚି ମିଶିଯାଇଛି ଚିଲିକାର ଦଲୁଆ ପଙ୍କରେ ।"

ପରବୈଦିକ କାଳରେ 'ଆର୍ଯ୍ୟାବର୍ତ୍ତ ଥିଲା ଭାରତର ଏକ ବିଶେଷ ଅଂଶ (ଭାରତର ଉତ୍ତରା*ଳର ନାମ) ଯେଉଁ ଅଂଶ ହିମାଳୟଠାରୁ ବିନ୍ଧ୍ୟା*ଳ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ବୋଲି କୁହାଯାଏ । ଆର୍ଯ୍ୟମାନଙ୍କର ଭୂମି ହିଁ ହେଉଛି ଆର୍ଯ୍ୟାବର୍ତ୍ତ । ଏହି 'ଆର୍ଯ୍ୟାବର୍ତ୍ତ ଶୀର୍ଷକରେ କବିତା ସଂଯୋଜିତ ହୋଇଛି 'କାଳନିରବଧି' କବିତା ସଂକଳନରେ । 'ଆର୍ଯ୍ୟାବର୍ତ୍ତ' ଯେତିକି ଉଦ୍‌ଜୀବିତ କରେ; ସେତେ ବେଶୀ ଲେସି ହୋଇଯାଏ ସାମ୍ପ୍ରତିକ ମଣିଷର ମନ ଓ ଚେତନାକୁ; ତେଣୁ ଆଜି 'ଆର୍ଯ୍ୟାବର୍ତ୍ତ' କେବଳ ଏକ ଉତ୍‌ତିଷ୍ଠ ଜାଗ୍ରତ ବର୍ତ୍ତମାନ : "ପୁଣି କେଉଁ ଉଷାର ଆଲୋକ ସ୍ୱର୍ଣ୍ଣ/ଉଷେଇଁ ହୋଇ ପଡ଼ିଥିବା ଉଷର ମାଟିକୁ ପ୍ରାଗୁଷାର କୋମଳ ଗାନ୍ଧାରରେ, ଛୋଟ ପିଲାଟିର ହସପରି ସ୍ନେହସିକ୍ତ ସମୟର ଦୋଳିରେ ଝୁଲାଇଉଦ୍‌ଜୀବିତ କରେ ରକ୍ତର ଆର୍ଯ୍ୟାବର୍ତ୍ତଆଖିପତା ଖୋଲିଗଲେ ଭାରୀ ହୋଇଯାଏ ଉଦ୍‌ବାସ୍ତୁ ସମୟ । ଏକ ଶବାୟିତ ତରଙ୍ଗାୟିତ ଉତ୍‌ତିଷ୍ଠ ଜାଗ୍ରତ ବର୍ତ୍ତମାନ ।"

'କାଳନିରବଧି' କବିତା ସଂକଳନରେ ସଂଯୋଜିତ 'ପୁରୀ/୧୯୯୨' ପୁରୀ ନିଜେ ଅନେକ ରୂପକଳ୍ପର ସମାହାର । କବିଙ୍କ ପାଇଁ 'ପୁରୀ' ଏକ କାଠତିଆରି ମର୍ତ୍ତି; ଅନ୍ଧାରର ଅଙ୍ଗାରକୁ ମୁହଁରେ ବୋଳି ହୋଇ ଲହଡ଼ିରେ ପଖାଳୁଥିବା ଏକ ମୁହଁ; ଝାଉଁବଣର ସବୁଜିମା ପରି ଯୌବନ; ଧର୍ମୀୟଚେତନାର ଆଦିମୂଳ ଭଳି ପୁରୀ; ପୁଣି ଯନ୍ତ୍ରଣାରେ ସିକ୍ତ ରକ୍ତର ମହୋଦଧି; ଶିପ-ଶାମୁକାଙ୍କର କଙ୍କାଳର ମୃତ୍ୟୁଖେଳ ସୟାର; ଅନେକ ବିଭେଦ ଓ ସମନ୍ୱୟର ଦୁର୍ବିସହ ବର୍ତ୍ତମାନ ହିଁ କବିଙ୍କ ପାଇଁ ପୁରୀ । ଅନେକ ବିବଦମାନ ବ୍ୟକ୍ତିତ୍ୱଙ୍କ ସମାରୋହରେ ଅଶାନ୍ତ ଓ କୋଳାହଳମୟ ଏବଂ ସନ୍ଦିଗ୍ଧତାର ବାତାବରଣ । 'ଶାନ୍ତ କ୍ଳାନ୍ତ ମନ୍ଦିରର କଳା ପରି ମୌନ ଏବଂ ମୂକ' ହେଉଛି ପୁରୀ । 'ପୁରୀ ଅବା ଧିରେ ଧିରେ ଭାଙ୍ଗୁଥିବା ଅଖଣ୍ଡ ଭାରତ'! କବିପ୍ରାଣ ଜାତୀୟତାର ମହା ସ୍ୱର୍ଗଦ୍ୱାର ବୋଲି ପୁରୀକୁ ଅଭିହିତ କରିବା ସହିତ ଆଜି ଯେ ପ୍ରଳୟର ଶଙ୍ଖ ନିନାଦିତ ହେଲାଣି ଏବଂ ଘୂର୍ଣ୍ଣି ଉପଗତ ହେଲାଣି ପୁରୀର କାୟା ଉପରେ କହିବା ଭିତରେ ପରିବର୍ତ୍ତିତ ସାମାଜିକ, ରାଜନୀତିକ, ଧର୍ମୀୟ ବାତାବରଣର ପ୍ରସଙ୍ଗକୁ ପ୍ରତୀକାତ୍ମକ ଭାବେ ଆରୋପଣ କରିଛନ୍ତି । ସାଂସ୍କୃତିକ-ଆଧ୍ୟାତ୍ମିକ ତଥା ଧର୍ମୀୟ ଐତିହ୍ୟର ସୂଚକ ଭାଙ୍ଗି ପଡୁଥିବା ମନ୍ଦିରର ପଥରମାନଙ୍କୁ ଏ ଜାତିର କଙ୍କାଳ ଏବଂ ଯାହା ବିଖଣ୍ଡିତ କରିଦେଇଛି ଏ ଜାତିର ମେରୁହାଡ଼କୁ; ମାତ୍ର ସମସ୍ତଙ୍କ ଆଖିରେ ଛଳନାର କୁମ୍ଭୀରକାନ୍ଦଣା ବୋଲି ଅଭିବ୍ୟକ୍ତିରେ ବିଘ୍ନିତ ଜାତୀୟତାବୋଧର ଛବି ବେଶ୍ ସ୍ୱଷ୍ଟ ଏବଂ ହୃଦ୍ୟ: "ଭାଙ୍ଗି ପଡୁଥିବା ମନ୍ଦିରର ପଥରର କଙ୍କାଳମାନ/ ବିଖଣ୍ଡିତ କରିଦେଇଛି ମୋ ଜାତିର ମେରୁହାଡ଼ । ମଜ୍ଜା ଆଉ ରକ୍ତର ଔଜଲ୍ୟ । ସବୁରି ଆଖିରେ ଭରା କୁମ୍ଭୀରର ଲୁହ ।" ଉଲ୍‌କା ଭଳି ସତେକି ଖସିପଡୁଛି ପୁରୀ କଲ୍‌କୀର ମହା ଆଗମନରେ ଏବଂ ଏହା ହିଁ ହେଉଛି ସଂହାରର ବିପ୍ଳବୀ ଆହ୍ୱାନ । ଏପରିକି ଏବେ ଉଦ୍ୟତ ହେଲାଣି ଦ୍ୱାରକା ସମୁଦ୍ର ପତନ ବେଳ ତଥା ଆସନ୍ନ ମୃତ୍ୟୁ ଆଡକୁ ସତେକି ମାଡିଚାଲିଛି ସମାଜ ରୂପକ ବୃଦ୍ଧ କଳ୍ପବଟ ! ଏହି ବିଷଣ୍ଣ ସମୟକୁ କବି 'ପୁରୀର ଜୟ ଶେଷ ହସ' ବୋଲି କହିବା ସହିତ "ଝାଉଁର ଦୋଳିରେ କଲ୍‌କୀର ନବ ପାରାୟଣ/ସମୟର ଶୋକପରି

ମୌନ/ଗମ୍ଭୀର ଅବସନ୍ନ!" ଭଳି କାବ୍ୟାଭିବ୍ୟକ୍ତି ଭିତରେ 'ପୁରୀ' ମନେହେବ ସତେକି ଏ ଜାତିର ତଥା ଭୂଖଣ୍ଡର ଆତ୍ମା ଆଉ ମେରୁଦଣ୍ଡ ଭଳି । ଯିଏ ଦୋହଲିଗଲେ ଦୋହଲିଯିବ ସମଗ୍ର ଅସ୍ତିତ୍ୱ! ଆସନ୍ନ ଅବସନ୍ନତାର ସମୟରେ କଲ୍‌କୀର ନବ ରୂପାନ୍ତରଣ ହେବା; ପୁରାତନର ସ୍ତୂପ ଉପରେ ପୁଣି ନୂଆ ସମ୍ଭାବନାର ଉଦୟ ସହ ପୁରୀର ଅଭିବ୍ୟକ୍ତି ବେଶ୍ ସ୍ୱତନ୍ତ୍ର! : ସବୁ ପୁଣ୍ୟର ମହୋଦଧି ନାମତ ପୁରୀ । ସବୁ ସୃଷ୍ଟିର ଆଗମନର ଗୀତ ତ ପୁରୀ । ଆତ୍ମାର ବିନ୍ଦୁ ବିନ୍ଦୁ ଶ୍ରଦ୍ଧା ସୈକତର ମମତ ପୁରୀ । ଉଦୟରୁ ମହାପ୍ରୟାଣ ନାମତ ପୁରୀ" । 'ପୁରୀ'ର ରୂପାନ୍ତରଣ ବି ପୁରୀର ସ୍ୱୀୟ ବ୍ୟକ୍ତିତ୍ୱ! କାରଣ ପୁରୀ ବିକଳ୍ପହୀନ ଏକ ଭୂଖଣ୍ଡ! ତାହା ଜନ୍ମ ପୁଣି ଜନ୍ମାନ୍ତର; ତାହା ଯୁଗ ପୁଣି ଯୁଗାନ୍ତରର ମହିମ୍ନ ସଂକେତ ।

'କାଳନିରବଧି' ସଂକଳନର 'ରାଜଧାନୀ ୧୯୯୨' ଅନୁରୂପ ଏକ କବିତା ଯେଉଁଠି 'ରାଜଧାନୀ' ପ୍ରତୀତ ହେବ ଭିନ୍ନ ଏକ ରୂପରେ; ପୁଣି ରୂପାନ୍ତରିତ ଏକ ରୂପକଳ୍ପରେ: "ଈଶ୍ୱର ଏଠାରେ ବନ୍ଦୀ ମନ୍ଦିରରେ/ଯେପରି ମଣିଷମାନେ ଫାଇଲ, ଦପ୍ତର" ଏହି ପ୍ରତୀକାତ୍ମକ ଅଭିବ୍ୟକ୍ତିରେ 'ମଣିଷ'ର ତୀବ୍ର ସ୍ୱାର୍ଥାନ୍ୱେଷୀ ରୂପକୁ ଲକ୍ଷ୍ୟ କରିହୁଏ; କାରଣ ମନ୍ଦିର ଭିତରେ ଯେପରି ମଣିଷର ନକରାତ୍ମକ କର୍ତ୍ତୃତ୍ୱରେ ଈଶ୍ୱର ବନ୍ଦୀ; ଅନୁରୂପ ଭାବରେ ଦପ୍ତର/ଅଫିସର ଫାଇଲ୍ ଭିତରେ ମଣିଷର ଭାଗ୍ୟ ମଧ୍ୟ ବନ୍ଦୀ (ରାଜଧାନୀ' କପଟପଶାର ଖେଳ ଏବଂ ରାସ୍ତାସାରା, ଉଦ୍‌ବାସ୍ତୁ, ବାସ୍ତୁହରା ଅଚିହ୍ନା ମଣିଷଙ୍କ ଭିଡ଼; ଯେଉଁମାନେ ଭାଗ୍ୟକୁ ଆଦରି ଟିକିଏ ଥାନ ପାଇବାର ଆଶାରେ ରାଜଧାନୀର ଅଚିହ୍ନାମଣିଷ । ଏହି 'ମଣିଷ' ଓ 'ଭାଗ୍ୟ'ର ମିଳନକୁ କବି 'ଏକ ଯାନ୍ତ୍ରିକ ଶୃଙ୍ଗାର' ବୋଲି ଅଭିହିତ କରିଛନ୍ତି । 'ଅହଂକାର ସାଙ୍କୁଚ ଆଘାତେ ରକ୍ତାକ୍ତ ନଗର' ଏବଂ 'ଯେ କେଉଁ ବିଖଣ୍ଡିତ ସମୟର ରାଜଧାନୀ/ପ୍ରୀତି ଏବଂ ପ୍ରତ୍ୟୟର ନବ ଘୁଣାକ୍ଷର'ର ଭଳି କାବ୍ୟ-ପଂକ୍ତିରେ ବିଘ୍ନିତ ପାରିବାରିକ ଓ ନାଗରିକ ଜୀବନ କ୍ଷୟିଷ୍ଣୁ ବ୍ୟକ୍ତି-ବୋଧର ଛବି ବେଶ୍ ଖଣ୍ଡିତ । 'ଶତାବ୍ଦୀ ପରି ଭୂଲୁଣ୍ଠିତ ଏଇ ରାଜଧାନୀ' 'ଚାରିଆଡ଼େ ସୌଦାଗରୀ ସ୍ନେହ ଆଉ ଲୁହ'ରେ ଅନୁରୂପ ଭାବେ ରାଜଧାନୀର ଖଣ୍ଡିତ ଜୀବନବୋଧ ଏବଂ ଛଦ୍ମ ଓ ଛଳନାର ଭଲ ପାଇବାର କଥାଟି ହୋଇଛି ଦ୍ୟୋତିତ । ତେଣୁ କବିଦୃଷ୍ଟିରେ ରାଜଧାନୀର ସତୀତ୍ୱ ସମ୍ପ୍ରତି କଳଙ୍କିତ ଆଉ ବିବର୍ଣ୍ଣ କାରଣ ରାଜଧାନୀ ସଦାପାଇଁ ସାଜିଛି ମୁକ୍ତକେଶା! ତେଣୁ କବି ସମ୍ବୋଧନ କରି କହିଛନ୍ତି ଗାଆଁକୁ ନଗର ଯୋଡ଼ିହୋଇଯାଉ; ଶ୍ରଦ୍ଧା ଓ ସ୍ୱାଭିମାନରେ ସମଗ୍ର ବିଶ୍ୱଦ୍ୱୀପ ବା ବର୍ତ୍ତମାନର ଏ ଭୂଗୋଳ ଖଣ୍ଡ ଏକ ହେଉ; କବିମାନେ ଓହ୍ଲାଇ ଆସନ୍ତୁ ନବଚେତନାର ଲେଖନୀ ଧରି; ବିପ୍ଳବୀ ଈଶ୍ୱର ଭଳି ହେ ଈଶ୍ୱର/ସମୟ ତୁମେ ଓହ୍ଲେଇ ଆସ 'ଭେକ' ଆଉ 'ଭୋକ' ପାଖକୁ । ସମଦୃଷ୍ଟିର ସର୍ବହରାହୀନ; ସାମନ୍ତହୀନ ଲୋକାୟତ ମଣିଷର ନୂତନ ରାଜଧାନୀକୁ; ତୁମର ପାରିଷଦ ଚାଟୁକାରମାନଙ୍କର ଗହଣରୁ ମେଘନାଦ ପାଚେରୀ ଗହ୍ୱରୁ ମୁକ୍ତ ହୋଇ; ହୋଇ ଏକ ନବକଳେବର ଏ ଜାତିର ମଣିଷର ପାଇଁ ।

ସଦାଶିବ ଦାଶଙ୍କର କବିତାର ମୌଳିକ ଅନ୍ତଃଭିବ୍ୟକ୍ତି ହେଉଛି ସମଦୃଷ୍ଟିସଂପନ୍ନ ସାମ୍ୟ-ଜନବାଦୀ ସ୍ୱର । ତେଣୁ ପ୍ରତ୍ୟେକ କବିତାରେ ପ୍ରାୟତଃ ସେହି ଆଭିମୁଖ୍ୟ ଓ ତା'ର ଅନୁଚିନ୍ତା ହୋଇଛି ପ୍ରକଟିତ । ମୁମ୍ୱାଇରେ ଆତଙ୍କବାଦୀମାନଙ୍କଦ୍ୱାରା ସିରିଏଲ୍ ବୋମା ବିସ୍ଫୋରଣରେ ସଂଖ୍ୟାଧିକ ଲୋକଙ୍କ ମୃତ୍ୟୁପରେ ଲିଖିତ 'ରକ୍ତାକ୍ତ ମୁମ୍ୱେଇ' ସେ ଦୃଷ୍ଟିରୁ ତାଙ୍କର ଏକ ଉଲ୍ଲେଖନୀୟ ସୃଷ୍ଟି । ଯାହାକି ସଂକଳିତ ହୋଇଛି 'କାଳନିରବଧି' କବିତା ସଂକଳନରେ । କବିଙ୍କ ପାଇଁ ସତେକି 'ହିଂସାର ନାମ ତ ରକ୍ତାକ୍ତ ମୁମ୍ୱେଇ' ସାଧାରଣ ନିର୍ଦ୍ଦୋଷ ମଣିଷମାନଙ୍କର ରକ୍ତରେ ରକ୍ତାକ୍ତ ଆଉ ଦୁଃଖୀପରିଜନଙ୍କର ଲୁହ ଶୋକାର୍ତ୍ତ ମୁମ୍ୱେଇର ହୃଦୟ ଆଉ ଅନ୍ତରାତ୍ମା । ରାଜନୀତିର ଯୂପକାଠରେ ସତେକି ବଳିପଡ଼ିଛି ମୁମ୍ୱେଇର ବର୍ତ୍ତମାନ ; ଦଲାଲଙ୍କର ଅର୍ଥ ଓ ବିଳାସରେ ନିର୍ବାକ୍ ଶାସକ ବର୍ଗ; କ୍ଷମତାର ନିଶାରେ ମଦମତ୍ତ ରକ୍ଷକ ବର୍ଗ; ଆଉ ସେହି ଅପାରଗତାରୁ 'ଭାରତର ଦ୍ୱାରଦେଶରେ ପଡ଼ିଥାଏ ନିରପରାଧିମାନଙ୍କ ପରି ଶାସିତମାନଙ୍କ ଶବ! କବିଦୃଷ୍ଟିରେ ଶାସିତମାନେ ନିରପରାଧୀ କପୋତ' କାରଣ ସେମାନଙ୍କ 'ସରଳତା' ଓ 'ନିରୁପାୟତା'ରୁ ରକ୍ତାକ୍ତ ହେଉଥାଏ ଭାରତର ଅନେକ ଭୂଗୋଳାଂଶ । ଅତୀତରେ ଏଇ ମହାରାଷ୍ଟ୍ରର ଭୂଇଁ 'ଶିବାଜୀ' ଏବଂ 'ତିଳକ'ଙ୍କର ସଂଗ୍ରାମରେ ଯେଉଁ ନୂତନ ରୂପରେଖ ଲାଭ କରିଥିଲା; ଆଜି ତାହା ଧ୍ୱସ୍ତ ହୋଇଛି ରାଜନୀତିର କଳୁଷିତ ଷଡ଼ଯନ୍ତ୍ରରେ । ଆଉ ମୁମ୍ୱେଇ ତା'ର ଏକ ପ୍ରତୀକ ଭଳି ସାଜିଥାଏ ରକ୍ତବର୍ଣ୍ଣ: "ତୁ ପିଙ୍ଗଳାକ୍ଷୀ ରକ୍ତମେଘରେ ଶାଢ଼ିଟିଏ ପିନ୍ଧି ଭାରତର ରକ୍ତରେ ଶୁଖାଉଥାଉ ତୋର କବରୀ ।" ସନ୍ତ୍ରାସର ବାତାବରଣ ଆଉ ସନ୍ଦିଗ୍ଧର ମାନବିକତାର ଛାଇରେ ଭାରତର ମୁହଁ ମନେହୁଏ ବିଷଣ୍ଣ ଓ ରକ୍ତାକ୍ତ । ଗ୍ଳାନି ଓ କ୍ଷୋଭରେ ପଖାଳି ହେଉଥିବା ମୁମ୍ୱେଇରେ ପାଦଥାପୁଥାଏ ଆଉ ଏକ ଶତାବ୍ଦୀ; ହୁଏତ ନବଜନ୍ମ ନେଉଥାଏ ।

'କାଳନିରବଧି' ସଂକଳନର 'ଓଡ଼ିଶା' କବିତାରେ ଦେଖିହେବ 'ଓଡ଼ିଶା'କୁ ତା'ର ଅତୀତ ଦେଇ ବର୍ତ୍ତମାନ ଭିତରେ ଏବଂ ବର୍ତ୍ତମାନରେ ଅନୁଭବି ହେବ ଓଡ଼ିଶାର ସମକାଳର କ୍ଷୋଭ ଆଉ ତାଡ଼ନାର ଛବି; ଯାହା ବାହାରକୁ ଦେଖାଯାଉନଥିଲେ ବି ସେ ଏକ ନିଶବ୍ଦ ଆର୍ତ୍ତନାଦ! ଓଡ଼ିଶା କବିଙ୍କ ପାଇଁ ହସି ଉଠୁଥିବା ସୂର୍ଯ୍ୟୋଦୟପରି ଆଲୋକମୟୀ; ସୁଶୀଳ ସମୁଦ୍ରରେ ବର୍ଣ୍ଣାୟିତ ନୀଳବେଶରେ ପାଦ ସଂଚାରୁଥିବା ଲକ୍ଷ୍ମୀପରି ପରିବ୍ୟାପ୍ତ; ସବୁଜ ଧାନକ୍ଷେତର ଗହଳ ଶାଢ଼ି ପରିହିତା; ନଦୀମାନଙ୍କର ଚଳଚ*ଳ ସ୍ରୋତରେ ସୋତସ୍ୱୀନି ଭଳି ଓଡ଼ିଶା! ସେ ପୁଣି ତପସ୍ୱୀପରି ନିମଗ୍ନ; ମନ୍ଦିର ଗାତ୍ରର ନୃତ୍ୟାଙ୍ଗନା ଭଳି ନୃତ୍ୟବିଭୋର; ଜୀବନର 'ବଡ଼ଦାଣ୍ଡ'ରେ ଧୂଳିଧୂସରିତ ଦୁଃଖିନୀ ମାନବୀଟିଏ ଓଡ଼ିଶା; କୁରେଇ ଫୁଲର ବାସ୍ନାରେ ବିଭୋର ସମ୍ମୋହିତ ଯୌବନର ଗୀତ; ସଳପ ଗଛରୁ ଝରିପଡୁଥିବା ରସର ମନ୍ଦାକିନୀ ଆଉ କ୍ରମଶଃ ଭୂଲୁଣ୍ଠିତ ବନକନ୍ଦରର ଅଶ୍ଳୀଳ ବର୍ତ୍ତମାନ ବି ଓଡ଼ିଶାର ଚିତ୍ରପଟ । ପୋତି ହୋଇ ପଡୁଥିବା ରୂପସୀ ଚିଲିକାର ଅସ୍ତିତ୍ୱ; ଭାଙ୍ଗିପଡୁଥିବା ମନ୍ଦିରର ସ୍ପର୍ଦ୍ଧା ଓ ଅସ୍ମିତା; ଭଙ୍ଗୁର ମେଘାସନର କ୍ଷୋଭ ଆଦି ଭିତରେ ଆ*ଳିକତା, ଭାଷା ବିଖଣ୍ଡିତ ସଂଗ୍ରାମୀ ମାଟିର ଅନ୍ୟ ନାଁ ବି ଓଡ଼ିଶା! 'ଯୁଦ୍ଧ' ଓ

‘ଶାନ୍ତି’ ପରସ୍ପର ଦୁଇ ବିରୋଧୀ ଭାବର ଆବାହନୀ ଗାଇଥିବା ଗୌରବମୟ ଉତ୍ତର ସମ୍ଭାବନାର ନାଁ ଓଡ଼ିଶା! ଅତୀତ ଓଡ଼ିଶାର ନୌବାଣିଜ୍ୟର ପରଂପରାର ପ୍ରତୀକ ସାଧବର ଜାଭା-ବାଲି-ବର୍ଣ୍ଣିଓରେ କିଏ ଖୋଜୁଛି ଓଡ଼ିଶାକୁ! ସେଇ ଓଡ଼ିଶାର ଭାଗ୍ୟାକାଶରେ ଆଜି କେତେ ଯେ ସମସ୍ୟା ତାର ଇୟତ୍ତା ନାହିଁ। ସେହି ଓଡ଼ିଶାକୁ ଆଜି ଦେଖିହେବ ଭୋକର କଳାହାଣ୍ଡି ଦେଇ ଏକ ଆର୍ଥନୀତିକ ଦୁଃସ୍ଥିତି ଓ ପ୍ରାକୃତିକ ଦୁର୍ବିପାକ ଭିତରେ। ଗୋଟିଏ ପଟେ ‘ଭୋକ’; ଆଉ ଗୋଟିଏ ପଟେ ‘ମଦମୃତ୍ୟୁ’ର ତାଡନା; କୋଇଲା, କ୍ଷେତ, ଖଣିଜ ଉପାଦାନ ଭିତରେ ଦୁର୍ବିସହ ରକ୍ତଝରା ଓଡ଼ିଶାକୁ କିଏ କ’ଣ କେବେ ଖୋଜିଛି ବୋଲି ‘ଓଡ଼ିଶା’ କବିତାରେ ପ୍ରଶ୍ନାଭିବ୍ୟକ୍ତିରେ ଲକ୍ଷ୍ୟ କରିହେବ ଓଡ଼ିଶାର ଅତୀତ ଓ ବର୍ତ୍ତମାନକୁ : “ସାଧବର ଜାଭା-ବାଲି-ବର୍ଣ୍ଣିଓରେ କିଏ ଖୋଜୁଛି ଓଡ଼ିଶାକୁ? ଭୋକର କଳାହାଣ୍ଡିରେ ଦେଖିପାରୁନାହିଁ ଓଡ଼ିଶାକୁ? ମଦମୃତ୍ୟୁର ଆର୍ତ୍ତନାଦରେ ମାପି ପାରୁନାହିଁ ଓଡ଼ିଶାକୁ? କୋଇଲା କ୍ଷେତ, କି ଖଣି ଖାଦାନରେ/ ବୁଝିଛ କେବେ ରକ୍ତଝରା ଓଡ଼ିଶାକୁ?”

କବିଙ୍କର ‘ଋଷିକେଶ’କବିତାଟି ଏକ କ୍ଷେତ୍ରୀୟ ମହାନୁଭବତାର କବିତା। ଯେଉଁଠି ‘ସନ୍ନ୍ୟାସୀର ବିଭଙ୍ଗ ଉନ୍ନତ ଜଟା ପରି ପ୍ରାଣମୟ ମୁକ୍ତିକାମୀ ଋଷିକେଶ’। ଋଷିକେଶ କବିଙ୍କ ପାଇଁ ‘ନୈସର୍ଗିକ ଆତ୍ମାର ସଂଳାପ’ ପୁଣି ‘ଅନନ୍ତ ନାଭିରୁ ଉତ୍ତିଷ୍ଟ ଚଳମାନ ଭାରତ ସ୍ରୋତ’। ଋଷିକେଶ ପୁଣି ଭାରତୀୟ ମନୀଷାର ‘ଜାଗ୍ରତ ଅନ୍ୱେଷା’। ଋଷିକେଶ ପୁଣି କବିଙ୍କପାଇଁ ହିରଣ୍ମୟ ଭାରତବର୍ଷ: “ଋଷିକେଶ! ତମର ମଗ୍ନ ଚୈତନ୍ୟର ମନରୁ ଝରୁଥାଏ ଗଙ୍ଗା ଖୋଲିଯାଏ ଶଙ୍ଖନାଭି ଦଶଦ୍ୱାର ଅଳିନ୍ଦ ନିଳୟ। ତୁମର ଜଟାରୁ କିବା ସୃଷ୍ଟି ହୁଏ ଗଙ୍ଗା ମୁକ୍ତ ହୁଏ ହିରଣ୍ମୟ ଭାରତବର୍ଷ।” ଋଷିକେଶ ଅନ୍ତରରୁ ଲମ୍ଫମାନ ତ୍ରିବେଣୀରେ ଆତ୍ମଲୀନ ଭାରତର ଆତ୍ମା ଆଉ ମନ! ତେଣୁ କବି ପୁଣ୍ୟପ୍ରସୂ ପାବନୀ ହିମାଳୟର ସ୍ରୋତରେ ବାରମ୍ବାର ଜନ୍ମଜନ୍ମାନ୍ତର ପରିକଳ୍ପନା ଭିତରେ ଋଷିକେଶର କ୍ଷେତ୍ରୀୟ ମହାନୁଭବତା ବେଶ୍ ଉଦାତ୍ତ ଓ ହିରଣ୍ମୟ।।। ୬ ।।

‘ନିତ୍ୟ ପଦ୍ମତୋଳା’ ସଂକଳନରେ ସ୍ଥାନୀତ ‘ପୁରୀରୁ କଣ୍ଟିଲୋ’ କବିତାରେ କ୍ଷେତ୍ରୀୟ ମହାତ୍ମ୍ୟ ସହିତ କ୍ଷେତ୍ରୀୟ ଆସ୍ଥାର ନାଭିନାଡ ଏକ ରମଣୀୟ ଉଦାତ୍ତ କାବ୍ୟବୋଧ ଭିତରେ ଉନ୍ମନା ଏବଂ ସମାବିଷ୍ଟ : “ଖୋଜିବସେ ‘ବିଶ୍ୱାବସୁ’ ପ୍ରାୟ ଜାଙ୍ଗଲିକ ପିତୃତ୍ୱ ‘ଲଳିତା’ର ଦେହବଲ୍ଲରୀରେ ଅସରନ୍ତି କଥା ବୁଣୁଥାଏ ପ୍ରେମ ପରି ଉଷିର ହୃଦୟ ସାରା/ନିଶବ୍ଦ ଶବ୍ଦ ସଙ୍ଗମେ ହୁଏ ପଥବଣା।” ଏ ପଦ ଭିତରେ ‘ନୀଳମାଧବ’ (କଣ୍ଟିଲୋ)ରୁ ‘ଶ୍ରୀଜଗନ୍ନାଥ’ (ପୁରୀ)ର ଅତୀତ ଧର୍ମୀୟ ଗାଥା ପ୍ରଚ୍ଛନ୍ନରେ ବିଦ୍ୟାପତି ଓ ଲଳିତାର ପ୍ରେମ ଭିତରେ ବିଦ୍ୟାପତିଙ୍କ ଧାର୍ମିକଛଳନା ଅତିକ୍ରମ କରିଯାଇଛି ଲଳିତାର ପ୍ରେମକୁ। ଅନ୍ୟପକ୍ଷରେ ପୁନଶ୍ଚ ପୁରୀରୁ କଣ୍ଟିଲୋର ଫେରାପଥ ଯେତେ ଗମ୍ୟ ସେତେ ଅଗମ୍ୟ : “ଫେରିଆସେ ତୋ କୋଳକୁ ଭାଙ୍ଗି ଗର୍ଭଗୃହ ଫେରିଆସେ ଝରଣାକୁ, ପାହାଡ଼କୁ ଶିଖରୁ ଶିଖର। ଆଖିରେ ମୋ ଫୁଟିଥାଏ ସୋରିଷଫୁଲ। ବାଟତୁ କଢାଇ ନେଉ ହେଲା ମୋର ଫେରିବାର ବେଳ।” ପୁରୀରୁ କ[ିଲୋକୁ ଫେରିବାର ପଥରେ ‘ବିଶ୍ୱାବସୁ’ର ପ୍ରାଣର ଆତୁରତା ଅବା ଈଶ୍ୱରୀୟ ସତ୍ତାର ଉତ୍ତରଣ; ହୁଏତ କଢାଇ ନେବ ଫେରିବାର ପଥ ଏକ ମିଷ୍ଟିକ୍ ଚିନ୍ତନର ଆବେଗାତ୍ମକ ପ୍ରତ୍ୟାଶା ବୋଲି ଅଭିହିତ କରାଯାଇପାରେ।

‘ପୁନଶ୍ଚ ରାଉରକେଲା’ କବିତାରେ ‘ରାଉରକେଲା’ ବର୍ତ୍ତମାନର ସୂଚକ ପୁଣି ଅନ୍ତହୀନ ଯାନ୍ତ୍ରିକ ପିପାଶାର ପ୍ରତୀକ। ‘ରାଉରକେଲା’ ଏକ ବର୍ଣ୍ଣିଳ ଯାନ୍ତ୍ରିକତା। ରାଉରକେଲା ତା’ର ଧୂମିଳ ପିଙ୍ଗଳ ଆଖିରେ ଆଣିଛି ବାର୍ଣ୍ଣିସ୍‌ର ଚ*ଳତା ଆଉ ‘ମଣିଷଙ୍କୁ ପିନ୍ଧେଇଛି ଜରି ଝଲମଲ ବର୍ତ୍ତମାନ’। ଆଣିଚି ବୃକ୍ଷମାନଙ୍କରେ ଅକାଳବାର୍ଦ୍ଧକ୍ୟ; ମଣିଷର ବ୍ୟାଥାତୁର ଛାତିରେ ଲୁହାଗୁଣ୍ଡର ସଂସାର। ‘ମଣିଷର ଯେ ଦୌଡ଼ ଜୀବନ ନା’ ମୃତ୍ୟୁ’ର କହିବା ଭିତରେ ଉଭୟ ‘ବିକାଶ’ ଏବଂ ‘ବିନାଶ’ର କଥାକୁ କବି ଯୋଡ଼ି ଧରିଛନ୍ତି ରାଉରକେଲାର ଭବିଷ୍ୟତ ଓ ଭବିତବ୍ୟ ସହିତ। କବିଦୃଷ୍ଟିରେ ରାଉରକେଲା କେତେ ଉଦ୍‌ବାସ୍ତୁ ଅରଣ୍ୟ ସଭ୍ୟତାର ଛାତି ଉପରେ ଭୋକଲିପ୍ସୁ ଆତ୍ମା। (ଶିକ୍ଷାୟିତ ଭାରତୀୟ ମଣିଷର ଭୋକଲିପ୍ସୁ ଆତ୍ମା) ତଥା ‘ସ୍ୱାଧୀନତାର ଜାତୀୟ କ୍ଲୀବତା’ ଅର୍ଥାତ ବିକାଶ ଯେତେ ଅଧିକ ହୋଇଛି; ସେତେ ମରିଛି ସଭ୍ୟତା! ଆଉ ମରିଚି ମଣିଷପଣିଆ; ଆଜି ଅଣନିଃଶ୍ୱାସୀ ହୋଇଛି ଜୀବନ : “ତାର ପୂର୍ଣ୍ଣତାରେ ମଳିନ ହୋଇଯାଏ ସବୁଜିମା। ତୋର ଯାନ୍ତ୍ରିକ ଆକାଂକ୍ଷାରେ ମରିଯାଏ ମଣିଷପଣିଆ” ରାଉରକେଲା ଯେତେ ଦେଖୁଥାଏ ସ୍ୱର୍ଣ୍ଣିମ ଭବିଷ୍ୟତ; ସେତେ ଲଣ୍ଡିତ ହେଉଥାଏ ପର୍ବତର ମସ୍ତକ ଆଉ ଶୁଖିଚାଲିଥାନ୍ତି ‘କୋଏଲ’ର ଜଳଧାର! ବିତ୍ତଶାଳୀ ସର୍ବହରାର ଦୂରତ୍ୱ ଭଳି ସୃଷ୍ଟି ହେଉଥାଏ ବ୍ୟବଧାନ ସର୍ବହରାର ଦୂରତ୍ୱ ଭଳି ସୃଷ୍ଟି ହେଉଥାଏ ବ୍ୟବଧାନ ମଣିଷ ଓ ମଣିଷ ଭିତରେ। ଆଉ ଉଧାର ଯାନ୍ତ୍ରିକତାର ଲହଲହ ଜିଭରେ ଉଦରସ୍ଥ ହେଉଥାଏ ଭାରତବର୍ଷର ହାଡ଼-ମାଂସ-ରକ୍ତ। ରାଉରକେଲା ଯେତେ ସମ୍ମୋହନ। ସେତେ ଦହନ! (ଭୋକ ଭେକର ମନ୍ତ୍ରପାଠ କରିବାରେ ଦୌଡୁଥାଏ ମେହନତୀ ମଣିଷ ଖାଲି ଦୌଡୁଥାଏ।) ରାଉରକେଲା ଉଭୟ ‘ପ୍ରଗତି’ ଆଉ ‘ଦୁର୍ଗତି’ର ସୂଚକ! ଏକତ୍ର ସ୍ୱର୍ଣ୍ଣିମ ଆଉ ଲୌହର ଭାରତ; ଏକତ୍ର ଯାନ୍ତ୍ରିକ ଓ ପରାଙ୍ଗପୁଷ୍ଟ ଭାରତବର୍ଷର ସୂଚକ! କବିଦୃଷ୍ଟି ସେଥିପାଇଁ ବାରମ୍ବାର ଖୋଜିହୋଉଥାଏ ‘ରାଉରକେଲା’କୁ ରାଉରକେଲାର ଧୂମିଳ, ପିଙ୍ଗଳ ଆଖି ଦେଇ ଜ୍ୱଳମାନ୍ ଇସ୍ପାତ୍‌ର ସ୍ୱର୍ଣ୍ଣିମ ସକାଳ ଆଉ ସକାଳର ପ୍ରଚ୍ଛନ୍ନରେ ଅସ୍ତମିତ ରାତ୍ରିର ହତାଶା! ‘ନିତ୍ୟପଦ୍ମତୋଳା’ ସଂକଳନର ‘ପୁନଶ୍ଚ ରାଉରକେଲା’ ସେହି ବିକାଶର ଅଦେଖା ପ୍ରସ୍ତର କଥାକୁ କହିବା ସହିତ ଦୃଶ୍ୟମାନ ବର୍ତ୍ତମାନକୁ ଅବତାରଣା କରିଛନ୍ତି ଏକ ମାନବବାଦୀ ଦୃଷ୍ଟିରେ।

‘ନିତ୍ୟ ପଦ୍ମତୋଳା’ ସଂକଳନର ‘ହୁକିଟୋଲା କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତ’ କବିତାଟି ନିଃସଙ୍ଗତା, ଏକାକୀତ୍ୱକୁ ପ୍ରତୀକିତ କରୁଥିବା ସହିତ ଏକ ସାତ୍ତ୍ୱିକ ନିର୍ଲିପ୍ତ ଅନ୍ତରଙ୍ଗତାର ସୂଚକ! ‘ହୁକିଟୋଲା’ ବଙ୍ଗୋପସାଗର ସଂଲଗ୍ନ ଜମ୍ବୁଠାରୁ ଅନତିଦୂରରେ

ବାଣିଜ୍ୟିକ ପୋତ କେନ୍ଦ୍ର । କବିଙ୍କ ପାଇଁ 'ହୁକିଟୋଲା' ପ୍ରାଣର ଦୋସର ଏବଂ ଏକାନ୍ତ ନିଃସଙ୍ଗତାର ଆଲୋଡ଼ିତ ଏକ ଚଉତରା । ଦିନେ ଅସଂଖ୍ୟ କୋଳାହଳରେ ପୂର୍ଣ୍ଣ ସ୍ଥାନଟିଏ କିପରି ହୋଇଯାଏ ଏକାନ୍ତ ! ଅଥଚ ଅତୀତ ଦେଇ ତା'ର ବର୍ତ୍ତମାନକୁ ଦେଖିଲା ବେଳେ ସେ ମନେହୁଏ ଆଜିବି ଚଳଚଂଚଳ, ମଗ୍ନ, ସମ୍ଭାବନାର ପ୍ରତୀକ୍ଷାରେ ଆତ୍ମଲୀନ ଓ ମୌନ ଅଥଚ ଜୀବନ୍ତ ଓ ରମଣୀୟ : "ତୁମେ କି'ବା ମଗ୍ନଥାଅ ଅନନ୍ୟ ତପସ୍ୟାରେ/ଚନ୍ଦ୍ର ତୁମକୁ ପିନ୍ଧାଇ ଦିଏ ଜ୍ୟୋତ୍ସ୍ନାର ପ୍ରଶାନ୍ତି । ଆଲୁଅଠୁ ଅନ୍ଧାରର ବର୍ଣ୍ଣମାଳାରେ/ଚିର ଉଦ୍‌ଭିଷ୍ଟିତ କିମ୍ବା ସମ୍ଭାବନାମୟ କାହାକୁ ଯେ ଅପେକ୍ଷା ରଖିଥାଅ/ଚାହିଁ ରହିଥାଅ ଆକାଶକୁ ନା' ମଣିଷକୁ ? ତୁମେ ସମସ୍ତଙ୍କୁ ମନେହୁଅ ଅନ୍ତରଙ୍ଗ ପ୍ରଜାପତି ଡେଣା ।" ହୁକିଟୋଲା ଯେ ସମ୍ଭାବନାମୟ; ସେତେ ପୁଣି ରହସ୍ୟମୟ ! କବିଦୃଷ୍ଟିରେ ଆଜି ହୁକିଟୋଲା 'ସମୟର ସାକାର ପ୍ରହରୀ' । ସେ ଜଗିରହିଛି ସତେକି ସମୟର ଅପେକ୍ଷାରେ ସମକାଳ ପ୍ରହରୀ ସାଜି । ଠିକ୍ ଅନୁରୂପ ଭାବରେ କବି 'ହୁକିଟୋଲା'କୁ ମଣିଷର ଅନ୍ତରଙ୍ଗ ଏକାନ୍ତ ନିଃସଙ୍ଗତା, ଏକାକୀତ୍ୱ ଓ ନିର୍ଲିପ୍ତି ଆନ୍ତରିକ ଅନ୍ତରଙ୍ଗତା ସହ ତୁଳନା କରି 'ମଣିଷର ଅନ୍ତରଙ୍ଗ ହୁକିଟୋଲାଟିଏ' କହିଛନ୍ତି ବେଶ୍ ଆତ୍ମୀୟତାରେ ।

ଏହି ସଂକଳନର 'ଦଂଶିତା ଚନ୍ଦ୍ରଭାଗା' ଅନ୍ୟ ଏକ କବିତା; ଯେଉଁଠି କବି ରାଧାନାଥଙ୍କର 'ଚନ୍ଦ୍ରଭାଗା'ର ଗାଥାଦେଇ ବେଶ୍ ସୂକ୍ଷ୍ମତାରେ ଅଥଚ ରମଣୀୟତା ଭିତରେ ପରଖିଛନ୍ତି ଚନ୍ଦ୍ରଭାଗାର କାବ୍ୟିକ ଅଭିବ୍ୟକ୍ତିକୁ: "ତୁମେ ! ସେଠି ଲାଲମନ୍ଦାରର ବାଲୁତ ସୂର୍ଯ୍ୟକୁ...ଦେଖିଛକି ପ୍ରେମିକ ବ୍ରାହ୍ମଣ ରୂପରେ ? ଆଗେ ଆଗେ ଦୂରେଇ ଯାଉଥାଏ ଚନ୍ଦ୍ରଭାଗାର ସାଗରିକା ବେଶ । ହାୟ ମୋର ଦଂଶିତା ଚନ୍ଦ୍ରଭାଗା; ତୁମକୁ କିଏ କ'ଣ କେବେ ଦେଖିଛି ନା' ପାଇଛି ।" ଚନ୍ଦ୍ରଭାଗା, ଯେପରି ଗାଥାର ଆଲୁଅ ଭିତରେ ପ୍ରତ୍ୟାଖ୍ୟାନ କରି ବ୍ରାହ୍ମଣର ପ୍ରେମ (ଛଦ୍ମସୂର୍ଯ୍ୟ) ! ମିଶିଗଲା ସାଗର ବେଳାରେ; ଅସ୍ପର୍ଶ୍ୟ 'ଚନ୍ଦ୍ରଭାଗା' କବିର ଭାବନାରେ ଅଛୁଆଁ ଏକ ଚେତନା ! 'ପଥର ଭିତରେ ଆଙ୍କି ହୋଇଯାଏ ଲାସ୍ୟର କୋଣାର୍କ' ପ୍ରତୀକିତ କରେ ଭଗ୍ନ ସୂର୍ଯ୍ୟମନ୍ଦିରର ଗାଥା ଆଉ ଅପୂଜ୍ୟ ସୂର୍ଯ୍ୟର କଥା ! । । ୬ । ।

"ଫଙ୍ଗ 'ମୋଟୁ ହେଉକି 'କାଲିମେଳା', 'ଶିମେଳିପାଳ' କି 'କରଞ୍ଜିଆ' ସବୁଠି ସେ ରକ୍ତବର୍ଷାର ଛିଟା" (ବିଷୁବରୁ ଆଷାଢ, ସୋରିଷ ଫୁଲର ହସ) ଭଳି ଅଭିବ୍ୟକ୍ତିରେ ସଦାଶିବଙ୍କର କ୍ଷେତ୍ରୀୟ ଭୂମି ସଂଲଗ୍ନତା ସହିତ ଲୋକାୟତ ବୈପ୍ଳବିକ ଆଭିମୁଖ୍ୟ ଏବଂ ମଣିଷର ଚିର ସଂଘର୍ଷର କଥା ସବୁଠି ଦ୍ୟୋତିତ । 'ସୋରିଷ ଫୁଲର ହସ' କବିତା ସଂକଳନର ସେହିଭଳି ସଂକଳିତ ହୋଇଛି ବେଶ୍ କେତେକ କବିତା; ଯେଉଁଠି କବିଙ୍କର ଆହ୍ୱାନମୂଳକ ସମ୍ବୋଧନଧର୍ମୀ କାବ୍ୟଶିଳ୍ପର ଭାଷିକ ସଂଯୋଜନ ଯେତେ ଅନ୍ତରଙ୍ଗ; ତା'ଠାରୁ ଅଧିକ ମର୍ମୀ ତାଙ୍କର କାବ୍ୟ-ଭାବର ଅନ୍ତରୀଣ ଅଭିବ୍ୟକ୍ତି । ସଂକଳନର ସେହିଭଳି ଏକ କବିତା ହେଉଛି 'କରଞ୍ଜିଆ' । କବିଙ୍କ ପାଇଁ 'କରଞ୍ଜିଆ' ନିଃସଙ୍ଗ ଏକ ବନସ୍ପତିର ଭୂଗୋଳ । 'କରଞ୍ଜିଆ' ଏକ ରକ୍ତକରବୀର ମେଖଳା; ପ୍ରତିଶୋଧ, ପ୍ରତିବାଦ, ବଂଚିରହିବାର ସାଲିସ୍‌ବିହୀନ ବନଭୂମି । ଏକ ଦୂରନ୍ତ ସଂଗ୍ରାମର ବନଭୂମି ହେଉଛି 'କରଞ୍ଜିଆ' । କରଞ୍ଜିଆ ପୁଣି କାହାପାଇଁ କଳଙ୍କିତ ଚନ୍ଦ୍ରର ଜ୍ୟୋତ୍ସ୍ନାପରି ଅଘୋରୀ । ପୁଣି କରଞ୍ଜିଆ କାହାପାଇଁ ସୃଷ୍ଟିର ଆଦିମ ଦୁଃଖ । 'କରଞ୍ଜିଆ' କବିତା ଭିତରେ କବି କରଞ୍ଜିଆକୁ ଦେଖିଛନ୍ତି ଏକ ନିଃସଙ୍ଗ ବଣୁଆ ଭୂଗୋଳ ଭାବରେ ଏବଂ ତାକୁ ଅନୁଶୀଳନ କରିଛନ୍ତି 'ଶତାବ୍ଦୀର ତୀରବିଦ୍ଧ ରକ୍ତାକ୍ତ କପୋତ' ଭାବରେ । ଏକ ସାଲିସ୍‌ବିହୀନ ବନାଂଚଳ ଭାବରେ । ତଥାପି କରଞ୍ଜିଆ ନିଷ୍ପାପ ବନ-ମନଟି ପ୍ରକୃତିର ନାନ୍ଦନିକତାରେ ଜିଇବାକୁ ଚାହେଁ; ଚାହେଁ ନାହିଁ କଳଙ୍କ ଆଉ ଅପବାଦର ଜହର : "କରଞ୍ଜିଆ ଆଖି ଖୋଲିଦିଏ ଅନ୍ଧ ପୃଥିବୀର । ସେ 'ଷ୍ଟେନ୍‌ସ' ହେଉକି 'ଦାରା ସିଂ'/ 'ଚେମା ହୋ' କି କେଉଁ 'ହାଁସଦା'ର କ୍ରୋଧ ସେ କୁହେ ମୋର ଏଇ ପ୍ରାକୃତିକତାରେ ବୋଳିଦିଅ ନାହିଁ ଧର୍ମର ଜହର ମୋ କଳାରେ ଆଙ୍କନାହିଁ କଳଙ୍କର ଦାଗ ।" ଅତୀତରେ ମରହରପୁରରେ ଘଟିଯାଇଥିବା ଷ୍ଟେନ୍‌ସଙ୍କର ହତ୍ୟା ଏବଂ ଦାରା ସିଂକୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଧର୍ମାନ୍ତର ଜନିତ ଗଣହତ୍ୟାଠାରୁ କରଞ୍ଜିଆ ଚାହେଁ ଦୂରେଇ ରହିବାକୁ ; କାରଣ ତାହା, ତା'ର ଭବିତବ୍ୟ ନୁହେଁ । ତେଣୁ କବିଙ୍କ ପାଇଁ 'କରଞ୍ଜିଆ ଏକ ଆସନ୍ନ ସୂର୍ଯୋଦୟ' । ଆଉ 'ସଂଗ୍ରାମୀ ମଣିଷମାନଙ୍କର ରକ୍ତଭିଟା' । ଏହି କାବ୍ୟପଂକ୍ତି ଦ୍ୱୟରେ ଦେଖିହେବ ଜ୍ୱଳମାନ ଅରୁଣସୂର୍ଯ୍ୟରେ ପ୍ରଖରତା ଏବଂ କାଳକାଳ ଧରି ନିଜ ଛାତି ଉପରେ ଧରିରଖିଥିବା ସଂଗ୍ରାମୀମାନଙ୍କର ଇତିକଥା ! ଅର୍ଦ୍ଧେକ ସତ୍ୟ ଆଉ ଅର୍ଦ୍ଧେକ କବିତା ଭିତରେ କବି ସଦାଶିବ ଦାଶ କରଞ୍ଜିଆକୁ ଏକ ନୂତନ ସୂର୍ଯ୍ୟର ଅଭିସାର ଅବା 'ରେନେସାଁର ବୈତାଳିକ'ଭାବେ ପ୍ରତୀକିତ କରି "ସିଏ ତ ନିରନ୍ତର ପ୍ରତିବାଦର, ପ୍ରତିରୋଧର ମୋହଭଙ୍ଗର ଆଗ୍ନେୟ ଚେତାବନୀ" ବୋଲି ଅଭିହିତ କରିଛନ୍ତି ।

ଯାଜପୁର ଜିଲ୍ଲାସ୍ଥିତ ସୁକିନ୍ଦା ନିକଟସ୍ଥ ଏକ ପର୍ବତ 'ମହାଗିରି'କୁ ନେଇ ଆଲୋଚିତ ସଂକଳନରେ ସ୍ଥାନୀତ ହୋଇଛି 'ମହାଗିରି' କବିତା । ମହାଗିରିର ଗାଥା ଯେତେ ଅଲୌକିକ; ସେତେ ମଣିଷର ନିର୍ଯ୍ୟାତନାରେ ନିଷ୍ପ୍ରଭ ! ନାଁଟି ହୋଇପାରେ ମହାନ୍ ଗିରି କିନ୍ତୁ ପ୍ରତି ମୁହୂର୍ତ୍ତ ଅଙ୍ଗଚ୍ଛେଦର ଦାରୁଣ ଧକ୍କା ସହୁଥିବା ମହାଗିରି କନ୍ଦରରେ ଅନେକ ଶ୍ରମିକର ଲହୁ ଆଉ ଲୁହର ଅସଂଖ୍ୟ ଦୀର୍ଘଶ୍ୱାସ ! କବି ମହାଗିରିର ଏହି ଶୋଷଣ ଭିତରେ ପାଷାଣର ହୃଦ୍‌ବତ୍ତା; ଆଗ୍ନେୟ ଅଭିଶାପ ଅବା ଲହୁଲୁହାଣ ଆହତ ମାନବିକତାକୁ ଦେଇଛନ୍ତି "ଜାଣେନା ତୁମେ ଏକ ନିର୍ଯ୍ୟାତିତ ପର୍ବତର ନାମ/ନା ମୋ ହତବାକ୍ ଜାତିର ପାଷାଣ ହୃଦୟବତ୍ତା ? ଜାଣେନା ତୁମେ ସମୟର ଆଗ୍ନେୟ ଅଭିଶାପ ନା' ଆତ୍ମବିଶ୍ୱାସର ଫାଟରେ ଲହୁଲୁହାଣ ଆହତ ମାନବିକତା" ।

'ମେଘମହ୍ଲାର : ମାଲକାନଗିରି' କବିତାଟି 'ସୋରିଷଫୁଲର ହସ' ସଂକଳନରେ ସଂକଳିତ । ମାଲକାନଗିରି :

"ମେଘ ସେଠି ଖୋଲା ଦେହେ ଶୋଇପଡ଼େ ବଣ୍ଡାମୁଲକରେ/ କାଳିଦାସ ମୁକ୍ତି ଖୋଜେ ଶ୍ରେଣୀ ସଂଗ୍ରାମରେ ।" ଗୋଟିଏ ପଟେ ଲୋକାୟତ ଅଭିବ୍ୟକ୍ତି ଅନ୍ୟପଟେ ସାମନ୍ତବାଦୀ ଭାବନାର ରୂପାନ୍ତରଣ ଘଟିଛି ଶ୍ରେଣୀ ସଂଗ୍ରାମ ଭିତରେ । ମାଲକାନଗିରିର 'ମେଘ' ଏକ ପ୍ରତୀକାତ୍ମକ ଆରୋପଣ; ସେ ମେଘ 'ସ୍ଥୁଳତା' ଅପେକ୍ଷା ପ୍ରତୀକାତ୍ମକ ସୂକ୍ଷ୍ମ ଭାବନାଦ୍ୱାରା ଅଧିକ ତୀର୍ଯ୍ୟକ । ମେଘ ସାବେରୀ ନଦୀକୁ ଲୋହିତ ରଙ୍ଗରେ ରଞ୍ଜିତ କରି ସୁକ୍ତ କରେ ଯାଜ୍ଞସେନୀକୁ ଭଳି ମିଥକୀୟ ଅଭିବ୍ୟକ୍ତି ଭିତରେ ମାଲକାନ୍‌ଗିରିର ଗଣଚେତନାଟି ହୋଇଛି ପ୍ରତିଫଳିତ: "ମେଘଗ୍ରାସେ, ମେଘ ଫାଟେ ମଣିଷର ଉଚ୍ଚାରଣ ନବ୍ୟ ସଞ୍ଜିବନୀ ମେଘ ସେଠି ମଣିଷକୁ ଲୁଚାଏ ତା କୋଳେ ରକ୍ତରେ ରଞ୍ଜିତ ହୁଏ ଗ୍ରାମେ ଗ୍ରାମେ ଶାସନର ଇସ୍ତାହାର ବାଣ୍ଟେ" । 'ମେଘ' ଏକ ବୈପ୍ଳବିକ ଚେତନାର ପ୍ରତୀକ ଭାବେ ପ୍ରତିବିମ୍ବିତ ହୋଇଛି କବିତାରେ : "ମେଘ ଦିଏ ମୁକ୍ତିର ପ୍ରଥମ ବିନ୍ଦୁ ମେଘ ହୁଏ ସଂଗ୍ରାମର ସଂଚିତ ବାଦଲ ରକ୍ତ ହୁଏ ଯେଉଁଠାରେ ଭେଳା ଭେଳା ମେଘର ମହ୍ଲାର ପର୍ବତଠୁଁ ମଣିଷ କି ପରିଣତ ଆଗ୍ନେୟଗିରିରେ । ମେଘ ନୁହେଁ ମଣିଷର ଶେଷ ବିବଶତା ବଂଚିବାର ଗଣଯୁଦ୍ଧ ପୁଣି ସୁରୁକରେ ।"

ମାଲକାନ୍‌ଗିରିର 'ମେଘ' କବିଦୃଷ୍ଟିରେ ଏକ 'ଗଣ-କ୍ରାନ୍ତିଧାରା' ଏବଂ 'ଭାରତର ରକ୍ତାକ୍ତ ସାବେରୀ' । ମାଲକାନଗିରି କବିଦୃଷ୍ଟିରେ 'ମେଘଗଙ୍ଗା ମାଲକାନଗିରି' । 'ଏକୋଇଶ ସକାଳର ପ୍ରିୟ ମହାଶବ୍ଦ' ବୋଲି ଅଭିହିତ କରିବାରେ କବିଙ୍କର ବୈପ୍ଳବିକ ଆଭିମୁଖ୍ୟଟି ବେଶ୍ ପ୍ରତୀତ ହୋଇଥାଏ । ସମଗ୍ର ଭାରତରେ ମାଲକାନଗିରିର ସାଂପ୍ରତିକ ପରିସ୍ଥିତିର ଏକ ବ୍ୟାପ୍ତ ପର୍ଯ୍ୟାଲୋଚନା ସହିତ ଯେଉଁ 'ମେଘ ମହ୍ଲାର' ପ୍ରତୀକଟିଏ କବି ମାଲକାନଗିରି ସହିତ ପ୍ରଯୁକ୍ତ କରିଛନ୍ତି; ତାହାର ପ୍ରଚ୍ଛନ୍ନ ଆଭିମୁଖ୍ୟଟି ହେଉଛି ଯେ ସେ ଭୂମିଟି ହେଉଛି ଅସଂଖ୍ୟ ସଂଘର୍ଷ ଆଉ ବିପ୍ଳବର ମେଘସମ କ୍ରାନ୍ତିର ଧରିତ୍ରୀ !

'ପାକିସ୍ତାନୀ' କବିତାଟି ଭୂଖଣ୍ଡକୁ ଭିତ୍ତି ନକରୁଥିଲେ ହେଁ କ୍ଷେତ୍ରୀୟ ଜୀବନବୋଧକୁ ଭିତ୍ତି କରୁଥିବାରୁ ଏଠାରେ ଆଲୋଚିତ । ଭାରତ ଓ ପାକିସ୍ତାନର ବିଭାଜନ ବେଳେ ପାକିସ୍ତାନର ଭାଗ ଭିତରେ ପଡ଼ିଥିଲା ଆର୍ଯ୍ୟମାନଙ୍କର ଭିଟାମାଟି ମହେଞ୍ଜୋଦାରୋ ଓ ହରପ୍ପାର କାରୁଶିଳ୍ପ, ସିନ୍ଧୁର ପବିତ୍ରଜଳ ଏବଂ ଲାହୋରର ବୀରଭୋଗ୍ୟା ମାଟି । ଆଉ ପରେ ବଳାତ୍କାର ପୂର୍ବକ ବିଖଣ୍ଡିତ କରିଥିଲା ପାକିସ୍ତାନ କାଶ୍ମୀରର ଦେହ । କବି ସମ୍ବୋଧନାତ୍ମକ ଆହ୍ୱାନ ଭିତରେ ଦୋଷୀ ସାବ୍ୟସ୍ତ କରି ପାକିସ୍ତାନକୁ କହୁଥିବା କଥା ଭିତରେ ଅନୁଭବି ହେବ ପାକିସ୍ତାନ ଅସୂୟା ଓ ସଂତ୍ରାସକୁ: : "କବି ପାଇଁ ଏବେ ହରପ୍ପା ମାଟିରେ ଗଦା ହୋଇଛି ସିହା ବିହାରୀମାନଙ୍କର ଅଭିଶପ୍ତ କଙ୍କାଳ କେଉଁଥିପାଇଁ ସିନ୍ଧୁର ଜଳରେ ବହିଯାଉଛି ଭାଇବନ୍ଧୁ କୁଟୁମ୍ବଙ୍କ ତାଜା ରକ୍ତ, କ'ଣ ପାଇଁ ହିମାଳୟର ପବିତ୍ରତାରେ ବୁଣୁଚ ମରଣର ସନ୍ତ୍ରାସବାଦ ନୁହଁ ତୁମେ କାହାର ଆତ୍ମୀୟ ଦୋସର ତୁମେମାନେ ସମୟର ବ୍ୟଙ୍ଗ ଶିଶୁପାଳ ଅର୍ଦ୍ଧଭୁକ୍ ପୁଞ୍ଜି କ୍ରୀତଦାସ ।" ପାକିସ୍ତାନର ଲୋକେ ସବୁବେଳେ ଅବିଶ୍ୱାସ୍ୟ, ଷଡ଼ଯନ୍ତ୍ରକାରୀ; ସେମାନେ କାହାର ଆତ୍ମୀୟ ହୋଇପାରନ୍ତି ନାହିଁ; କାରଣ ସବୁବେଳେ ସେମାନେ ଶିଶୁପାଳ ଭଳି ହୋଇଛନ୍ତି ପରାଜିତ ଓ ଲଜ୍ଜିତ । ଭୋକ ଓ ଅଶିକ୍ଷାରେ ସେମାନେ କେବଳ ଅନ୍ୟ ରାଷ୍ଟ୍ରମାନଙ୍କର କ୍ରୀତଦାସ ହୋଇଛନ୍ତି ସିନା ତା'ଠାରୁ ଅଧିକ କିଛି କରିପାରିନାହାନ୍ତି । କବି ପାକିସ୍ତାନକୁ 'ମୃତ୍ୟୁ ଓ ହତ୍ୟା'ର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି; "ଦେଖ ମୃତ୍ୟୁ ତୁମକୁ କୋଳେଇ ନେବାକୁ ପ୍ରସ୍ତୁତ ଆଗକୁ ଆସିଲେ ମୃତ୍ୟୁ ତୁମମାନଙ୍କହତ୍ୟା କରିବାକୁ ବାଧ୍ୟ" ପାକିସ୍ତାନକୁ ଭାରତର ଅସ୍ତିତ୍ୱଠାରୁ ସଂପୂର୍ଣ୍ଣ ଭିନ୍ନ କରି ନୂଆ ଭାବେ ଭାରତର ଅସ୍ତିତ୍ୱ ପରିକଳ୍ପନା କରିଛନ୍ତି : "ଯେପରି ହେଉ ମୁକ୍ତ କରିବାକୁ ହେବ ମହେଞ୍ଜୋଦାରୋ ଅଧାଚନ୍ଦ୍ର ଓ ତାରାର ଉଡ଼ାଣକୁ ପୋଛି ଦେବାକୁ ହେବ ତୁମମାନଙ୍କର ରକ୍ତରେ,ପୁଣି ଆମେ ବଦଳେଇବାକୁ ସିନ୍ଧୁର ଗତିପଥ ।"

'ସୋରିଷ ଫୁଲର ହସ' ସଂକଳନରେ ସଂକଳିତ 'ସାଲୁର' କବିତାରେ 'ସାଲୁର' ପ୍ରତିବିମ୍ବିତ ହୋଇଛି ଅରଣ୍ୟ ସବୁଜିମାଭରା ସଭ୍ୟତା ଭଳି ତଥା ଆଦିଭୂମି ସଂଗ୍ରାମୀ ଭୂଖଣ୍ଡ ରୂପରେ । ସାଲୁର ଏକ ଅଗ୍ନିର ସ୍ଫୁଲିଙ୍ଗ ପୁଣି ନୀଳକଣ୍ଠ ତାଣ୍ଡବ: "ଉନ୍ମୁକ୍ତ ସାଲୁରର ଆତ୍ମାରୁ ଉଚ୍ଚାରିତ ହୁଏ ସାପର ଲହଲହ ଜିଭ ଭଳି ନୀଳକଣ୍ଠ ତାଣ୍ଡବ । ସାଲୁରର ନୟନରୁ ସୃଷ୍ଟି ହୁଏ 'ଅଗ୍ନିସ୍ଫୁଲିଙ୍ଗ'ଶୁଭେ ଗୁଳିଗୁଳାର ଲୋଲୁପୀ ଆବାଜ ।" ସାଲୁର ଏକ ଆରୋହଣ ଓ ଉତ୍ତରଣର ରାସ୍ତା; ସାଲୁର ସ୍ୱର୍ଣ୍ଣାଭ ଅବରୋହଣର ଦୀପ୍ତି । 'ଆରୋହଣ' ଓ 'ଅବରୋହଣ' ଜୀବନର ମନ୍ତ୍ରପାଠ ଶୁଣାଉଥିବା ସାଲୁର ଜୀବନ ସଂଗ୍ରାମର ଅନନ୍ୟ ଘାଟି ରାସ୍ତା । ସାଲୁରର ଜାଙ୍ଗଲିକ ଅଙ୍କାବଙ୍କା ଗଡାଣି ଉଠାଣିରେ ଦେଖିହେବ ଜୀବନର ଜୀବନ୍ତ ମାନଚିତ୍ର । ଆଉ ପୋଡା ବନସ୍ତର ଦୁଃଖ ସହ ସାଲୁର ମଣିଷଙ୍କୁ କୁହେ ପକ୍ଷୀମାନଙ୍କର ଅନିଶ୍ଚିତ ଉଡ଼ାଣ ଓ କାକଳୀର ସୁସଜ୍ଜ ଜୀବନବୋଧ । ସାଲୁରକୁ ନିରୀହ ଅନ୍ଧାର ଭିତରେ ଅନୁଭବି ହେବ; ଯିଏ ଜୀବନକୁ ଶୀର୍ଷର ରାସ୍ତା ବତାଏ; ଖାଲଖମା ଦେଇ ଊର୍ଦ୍ଧ୍ୱକୁ ଉଡିବାର କ୍ରାନ୍ତିକଥା କହେ । ଆଉ ଯିଏ ସଂଗ୍ରାମୀକୁ ବିପ୍ଳବୀ ମହାନାୟକରେ କରେ ଅଭିମନ୍ତ୍ରୀତ !

ଉପର୍ଯ୍ୟୁକ୍ତ ସଂକଳନର 'ରାୟଗଡ଼ାରୁ ମୋହନା ରାସ୍ତାରେ' କବିତାଟି ଆଞ୍ଚଳିକ ନାନ୍ଦନିକତାର ପ୍ରଚ୍ଛନ୍ନରେ ଜୀବନବୋଧକୁ ଅଭିମନ୍ତ୍ରିତ କରୁଥିବା ଭଳି ଏକ କବିତା । କବିତାଟି ଅନେକ ରୂପକଳ୍ପର ସମାହାର : "ଯେପରି ଲମ୍ବିଯାଇଛି ହୃଦୟର ସାର୍ବଭୌମ ସତ୍ତା ଓ ସାମ୍ରାଜ୍ୟ ମନର ଅନ୍ଧାରୀ ଗୁମ୍ଫାରେ ଶୋଇପଡ଼ିଛି ପିଚୁ ରଙ୍ଗର ଜାନ୍ତବ ପ୍ରକୃତି; ରାୟଗଡା ମୋହନା ରାସ୍ତାରେ । ଯୁଆଡେ ଚାହିଁ ଦେଖିବ ଖାଲି କୃତଜ୍ଞ ବନାନୀର ସୃଜନଶୀଳ ଶ୍ୟାମଳିମା ମଣିଷର କୁତ୍ସିତ ଭ୍ରୂକୁଟୀ ହତ୍ୟା କରୁଥାଏ ତାର ନିର୍ମଳ ଶରୀର ସ୍ୱପ୍ନ ଆଉ ବେଦନାରେ ନୀରବତାର ନିଶ୍ଚେତନାରେ ଆକାଶକୁ ଚାହିଁରହିଥାଏ ଏକାକୀ ରାସ୍ତାଟିଏ ଅନାବିଳ ଦ୍ୟୁତି ଆଉ କ୍ଳାନ୍ତ ପ୍ରତୀକ୍ଷାରେ ।" 'ରାୟଗଡ଼ାରୁ ମୋହନା' ସମଗ୍ର କବିତା ଜୀବନର ଅନୁପମ ଉପଲବ୍ଧିର ଅପୂର୍ବ ସମାହାର; ତେଣୁ କବି 'ରାୟଗଡ଼ା'ରୁ ଆସିଲାବେଳେ କି

ମୋହନାରୁ ଗଲାବେଳେ ଜୀବନ ମନେହୁଏ ଛାଇ ଆଲୁଅର ଖେଳ' କହିବା ଭିତରେ ଜୀବନର ପୂର୍ଣ୍ଣ ଅପୂର୍ଣ୍ଣତାର ଚିରନ୍ତନ ଯାତ୍ରାପଥକୁ ଅନିଶା କରିଛନ୍ତି । ଜୀବନର ଏହି 'ପୂର୍ଣ୍ଣ' ଓ 'ଶୂନ୍ୟ' ଅନୁଭବକୁ କବି 'ଲକ୍ଷ୍ୟ' ଓ 'ମୂଲ୍ୟବୋଧ'ର କଣ୍ଟକିତ ଅସ୍ମିତା ବୋଲି ଅଭିହିତ କରିଛନ୍ତି । ଅନେକ ନିରୀହପଣ ଓ ଉଦାରତା ଭିତରେ ରାସ୍ତାଟି ମନେହୁଏ ଶ୍ରାନ୍ତି ଓ କ୍ଳାନ୍ତିର ଚିରନ୍ତନ ଯାତ୍ରାପଥଟିଏ ଭଳି । ସେହିଭଳି ସାବେରୀର ରକ୍ତସ୍ନାତ ଜଳ; ରାମଗିରିର ଜୀର୍ଣ୍ଣ ବିରହର ସ୍ମୃତି; ମୋଟୁର ବିଷାକ୍ତ ରକ୍ତର ବୁନ୍ଦାବୁନ୍ଦା ବାରିପାତ; ଏସବୁ ଜୀବନର ଗତିପଥର ଏକ ଏକ ଅତିକ୍ରମଣର ସମୟ । ଆଉ 'ରାୟଗଡ଼ାରୁ ମୋହନା ଆସିଲେ' 'ଜୀବନ ବି ମନେହୋଇପାରେ ଅପନ୍ତରା ଭୁଷାବାଲି' । 'ଜାଲଛନ୍ଦା ଜୀବନର ପ୍ରତିବାଦ ଶୂନ୍ୟ ନୀରବତା' । ଅନୁରୂପ ଭାବରେ ଏ ରାସ୍ତାରୁ ଫେରିଗଲେ ଆଉ ଏକ ରାସ୍ତାରେ ଭେଟ ହେବ ଅଚିହ୍ନା ମଣିଷମାନଙ୍କ ସହିତ; ଜାଗାଟି ହେଉଛି ମାଲକାନଗିରି । କବି ସେହି ମାଲକାନଗିରିକୁ 'ଏକ ବିସ୍ଫୋରିତ ନବ୍ୟ ଆଗ୍ନେୟଗିରି' କହିବା ସହିତ ଅଂଚଳରେ କ୍ଷେତ୍ରୀୟ ବୈଶିଷ୍ଟ୍ୟତାକୁ ଦେଇଛନ୍ତି ଏକ ବୈପ୍ଲବିକ ପରିଚୟ । ଯେଉଁ ଭୂଖଣ୍ଡରେ ଜୀବନଟା କେବଳ ଏକ ରକ୍ତାକ୍ତ ସଂଗ୍ରାମ କହିବା ସହ ରାୟଗଡ଼ାରୁ ମୋହନା ଏବଂ ଅନ୍ୟ ରାସ୍ତାକୁ ମାଲକାନଗିରିର କଣ୍ଟକିତ ସଂଗ୍ରାମର ପଥ ଡେଇଁଗଲେ ପହଂଚିବାକୁ ହୁଏ ଏକ ଆଲୋକିତ ପଥରେ; ସେହି ପଥ ଓ ତା'ର ପଥାନ୍ତର ହେଉଛି ଏ କବିତାର ମୌଳିକ ବୈପ୍ଲବିକ ଆହ୍ୱାନ : "ମଣିଷର ଆକୁଳତା ଆଶା ଓ ଆକାଂକ୍ଷା ଯେଉଁଠାରେ ଜୀବନର ବିନିମୟେ/ଆଲୋକର ବୀଜ କିଛି ବୁଣେ ।"

'ଚିତ୍ରୋତ୍ପଳାରେ ଗୁଡ଼ିଉଡ଼ା' କବିତା ପୂର୍ବୋକ୍ତ ଆଲୋଚିତ ପୁସ୍ତକର ଅନ୍ୟତମ ଏକ କବିତା; କବିତାର ନଷ୍ଟାଲଜିଆ ରମଣୀୟତା ବେଶ୍ ବିଭୋର କଲାଭଳି ଏକ ରୂପାନ୍ତରର କବିତା; "ଗୁଡ଼ିଭଳି ଉଡ଼େଇ ଦେଉଥାଏ କଳ୍ପନାକୁ/ନଟେଇରୁ ମାଞ୍ଜାକରା ଅଛାଡ଼ ଇଚ୍ଛାର ସୂତାରେ । ନଈରେ ବହିଯାଇଥିବା ସୁଅ ପରି ଅଫେରା ବୟସ ନଟେଇ ଛିଡ଼ା ଗୁଡ଼ିପରି ଉଡ଼ିଯାଇଥିବା ସୋଦର ମଣିଷ । ସରିଗଲେ ଲୁହ ଆଉ ଲହୁର ଗୁଡ଼ିଉଡ଼ା" କବିତାରେ ଜୀବନର ବାଲ୍ୟ-କୌଶୋରର ଶୁଦ୍ଧ ଚଗଲାମୀ; ପ୍ରକୃତିର ଅପରୂପ ତନ୍ମୟତା; ଗାଆଁର ଅଫେରା ଜୀବନବୋଧ ସହିତ ଛବି 'ଗୁଡ଼ିଉଡ଼ା'କୁ ଜୀବନର ଚରମ ବାସ୍ତବତା ଏବଂ 'ଚିତ୍ରୋତ୍ପଳା'କୁ ଜୀବନର ପ୍ରତୀକ ଭାବେ ଦେଖିଛନ୍ତି: "ଏଇ ଗୁଡ଼ିପରି ଉଡ଼ିବା ତ ସତ । ଏଇ ନଈ ପରି ବହିବା ବି ତ ସତ । ଚିତ୍ରୋତ୍ପଳକୁ ଚାହିଁଲେ/ମନେ ହୁଏ ସେ ଯେପରି ନଟେଇ/ବାଲି ସୂତାରେ ତିଆରି ଏକ ଅଙ୍କା ବଙ୍କା ନଈ ମୋର ସ୍ଥିତାବସ୍ଥା ଜୀବନବୋଧର ଛାଇ ।" ।। ୭ ।।

କବି ସଦାଶିବ ଦାଶଙ୍କର ସ୍ଥାନନାମଭିତ୍ତିକ ବା ଭୂଗୋଳାଂଶର କବିତାର ପର୍ଯ୍ୟାଲୋଚନା ବେଳେ ଏକଥା ଅବଶ୍ୟ କୁହାଯିବା ଉଚିତ୍; ତାହା ହେଉଛି ଏହି ଅଂଶତକ କବିଙ୍କ କାବ୍ୟ-ଚିନ୍ତନଠାରୁ ଅଲଗା କି ? ତା'ର ଉତ୍ତର ହେଉଛି, ନା' ଅଲଗା ନୁହେଁ; ଏ ସମସ୍ତ ତାଙ୍କ ବୈପ୍ଲବିକ ଅଭିବ୍ୟକ୍ତି; ଅନ୍ୱେଷା ଏବଂ ଆସ୍ପୃହାର ଆଉ କେତେକ କଣିକା; ଯାହାର ଆଭିମୁଖ୍ୟ ତାଙ୍କ ଅନ୍ୟ କବିତାର ଆଭିମୁଖ୍ୟଠାରୁ କିଂଚିତ୍ ବି ଅଲଗା ନୁହେଁ; ସେଇ ଧାରାରେ ଅଭିବ୍ୟକ୍ତିର କେବଳ ରୂପାନ୍ତରଣ ବୋଲି ଅଭିହିତ କରାଯାଇପାରିବ । ବୈପ୍ଲବିକ କାବ୍ୟଧାରା ସବୁବେଳେ ଉଗ୍ର ନୁହେଁ; ତାହା ଶିଖେଇ ଦେଇଛି କବିଙ୍କର କାବ୍ୟ-ପ୍ରତ୍ୟାଶା ! କାରଣ ବୈପ୍ଲବିକ ଚେତନା କେବେ ମରିଯାଏ ନାହିଁ; ତାହା ରୂପାନ୍ତରଣ ଲାଭ କରେ । କାରଣ ବିପ୍ଲବକୁ ମାରିହୁଏ ନାହିଁ; ବିଚାରଧାରାର କେବେହେଲେ ମୃତ୍ୟୁନାହିଁ । କବି ଯେଉଁ ଭୂଗୋଳାଂଶର କବିତା ଲେଖିଛନ୍ତି; ସେ ସମସ୍ତ କ୍ଷେତ୍ର ହେଉଛି ଏକ ଏକ ଚେତନାର ରୂପାନ୍ତରଣର କ୍ଷେତ୍ର; ବିପ୍ଳବର ଷଠୀଘର ଅବା ପରିବ୍ୟାପ୍ତ ଭୂଗୋଳ ଅବା ସୁପ୍ତ ନୀରବତା । ବେଶ୍ ଜୀବନ୍ତ ଆଉ ମାନବିକତାରେ ଛଳଛଳ କବିଙ୍କର କାବ୍ୟବୋଧ । ଇତିହାସ, ସମାଜ, ସଂସ୍କୃତି, ଧର୍ମ, ଆଧ୍ୟାତ୍ମିକତା, ଶ୍ରେଣୀସଂଘର୍ଷ, ଜୀବନଧାରା ଗଣକ୍ରାନ୍ତିର କଥା କହିବା ଭିତରେ ଅସମ୍ଭବ 'ପ୍ରାଣଶକ୍ତି' ଏବଂ 'ଜୀବନବୋଧ' ଏ ସମସ୍ତ କବିତାର ପ୍ରଚ୍ଛନ୍ନରେ ଉଦ୍‌ଭାସିତ । କବିତାଗୁଡ଼ିକ ଯେଉଁଠି ମନେହେବ କ'ଣ ଅଛି ଏ ଅଭିବ୍ୟକ୍ତିରେ: ମନେହେବ କବିଙ୍କର ବକ୍ତବ୍ୟଟି କ'ଣ ? ଠିକ୍ ସେହି ଅଭିବ୍ୟକ୍ତିର ଉହାଡ଼ରେ ନୀରବତା ଓ ଏକାନ୍ତବୋଧ ଭଳି ସୁପ୍ତ ପାଉଁଶ ତଳେ ଦେଖିହେବ ଉତ୍ତପ୍ତ ନିଆଁଝୁଲ; ସେଇ 'ଉତ୍ତାପ' ଆଉ 'ଉର୍ଜା'ର ଛୋଟଛୋଟ ସ୍ଫୁଲିଙ୍ଗ ହେଉଛି କବି ସଦାଶିବଙ୍କର କାବ୍ୟବୋଧର ସୂର୍ଯ୍ୟସ୍ନାତ ମଧ୍ୟାହ୍ନର ଚୂଡ଼ାନ୍ତ ସଂକେତ ! ଏହି ସଂକେତ ସମୂହ ହିଁ କବି ସଦାଶିବ ଦାଶଙ୍କର ସ୍ଥାନନାମଭିତ୍ତିକ କବିତାର ମୌଳିକ ଆଭିମୁଖ୍ୟ । ଆଉ ତା'ର ଚିରକାଳିକତା ତାଙ୍କ 'ଭୂଗୋଳକଳ୍ପ' (Geographical Image)ର ସୂକ୍ଷ୍ମ ଅଭିବ୍ୟକ୍ତି ।

ବିଭାଗ ମୁଖ୍ୟ (ଓଡ଼ିଆ)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

ISSN -2583-147X (P)
**Bastabatara Pariprakash Prachee**
***Peer Reviewed and Referred Research Journal***

-ଦିପୁନ୍ ପୁହାଣ

ଭାରତୀୟ ସାଂସ୍କୃତିକ, ସାମାଜିକ ଓ ଧାର୍ମିକ ପ୍ରବାହରେ ମହାଭାରତ ମହାକାବ୍ୟର ଯୋଗଦାନ ଅତୁଳନୀୟ । ଭାରତୀୟ ଉପମହାଦେଶର ଭାଷାଗତ, ସଂସ୍କୃତିଗତ ଓ ପରଂପରାଗତ ବିବିଧତାକୁ ନେଇ ମହାଭାରତର ଭାବଭୂମିରେ ମ୍ନ ବିବିଧତା ଲକ୍ଷ୍ୟଣୀୟ । ଏହି ମହାଭାରତୀୟ ବିବିଧତାଟି ମୂଳ ମହାଭାରତର (ବ୍ୟାସକୃତ ମହାଭାରତ) ପଞ୍ଜରା ଉପରେ ଲେପିଦେଇଛି ସ୍ୱ-ଭାଷାର, ସ୍ୱ-ଅଞ୍ଚଳର, ସ୍ୱ-ପରଂପରା, ପ୍ରବାଦ, ପ୍ରବଚନ ଓ କିମ୍ବଦନ୍ତୀର ମାଂସ ଆଉ ଚର୍ମ । ତେଣୁ ପ୍ରତ୍ୟେକଟି ଭାଷାର ମହାଭାରତ ଏକ ଅପରଠାରୁ ସ୍ୱତନ୍ତ୍ର ଓ ବୈଚିତ୍ର୍ୟମୟ । ଏହି ମର୍ମରେ ଓଡ଼ିଆ ଭାଷା ସାହିତ୍ୟର ଆଦିକାଳରେ ମହାକବି ସାରୋଳ ଦାସଙ୍କ ଦ୍ୱାରା ରଚିତ 'ମହାଭାରତ ମହାଭାରଥ' ମହାକାବ୍ୟର ବୈଚିତ୍ର୍ୟ ଓ ସଂସ୍କୃତ ମହାଭାରତଠାରୁ ଭିନ୍ନତା ବିଚାର୍ଯ୍ୟ ।

ସାରୋଳ ମହାଭାରତର ମହା-ଭାବଭୂମିରେ ଅବତୀର୍ଣ୍ଣ ପ୍ରତ୍ୟେକଟି ଚରିତ୍ର ଓ କାହାଣୀ ସାରୋଳଙ୍କ ମୌଳିକ ଦୃଷ୍ଟିଭଙ୍ଗୀରେ ରୂପବନ୍ତ, ମୂଳକୃତିଠାରୁ ପୃଥକ ଓ ବୈଚିତ୍ର୍ୟମୟ! ଏ ବୈଚିତ୍ର୍ୟାନୁସନ୍ଧାନର ଶେଷ ନାହିଁ । ନାହିଁ ବି ସାରୋଳ ଚର୍ଚ୍ଚାର ନିର୍ଦ୍ଦିଷ୍ଟ ପରିସୀମା! ପଞ୍ଚଦଶ ଶତାବ୍ଦୀରୁ ଏବର ଏକବିଂଶ ଶତାବ୍ଦୀର କ୍ରମ ଆଧୁନିକ ଓଡ଼ିଆ ଜନମାନସ ପର୍ଯ୍ୟନ୍ତ ଏ ସାରୋଳୀୟ ଚରିତ୍ର ଓ କାହାଣୀର ସଂକ୍ରମଣ ଅବ୍ୟାହତ ରହିଛି । ଆମ ଚତୁଃପାର୍ଶ୍ୱରେ ପ୍ରତିନିୟତ ଉପଲବ୍ଧ କରିହୁଏ ଏହି ଚରିତ୍ରମାନଙ୍କ ସର୍ବକାଳିକ ଅବସ୍ଥିତି । ଶ୍ରୀଖଣ୍ଡୀ (ଶିଖଣ୍ଡୀ ଶିଖଣ୍ଡୀନୀ ଭାବେ ସଂସ୍କୃତ ମହାଭାରତରେ ନାମିତ) ସେହି ଚରିତ୍ରମାନଙ୍କ ମ୍ନରେ ଏକ ବିସ୍ମୟ । ମହାଭାରତର ଏହି ଚର୍ଚ୍ଚିତ ଚରିତ୍ରଟି ସହିତ ଲିଙ୍ଗ ରୂପାନ୍ତରଣର sex transformation କାହାଣୀ ଜଡ଼ିତ ଥିବାରୁ ଅଧୁନା ଶ୍ରୀଖଣ୍ଡୀ କେବଳ କାହାଣୀ ସମଗ୍ର ବ୍ୟକ୍ତିତ୍ୱ ନୁହେଁ, ବରଂ ଏକ ପ୍ରତୀକ ଓ ମେଟା'ର୍ ଭାବରେ ମ୍ନ ବ୍ୟବହୃତ । - The story of Sikhandin is perhaps the best known case of sex change in any ancient Indian text. Sikhandin later became a term to refer to eunuchs and men of doubtful sexuality.ଝ(same sex love in India - page-36)

ସଂସ୍କୃତ ମହାଭାରତରେ ଶିଖଣ୍ଡୀ ଉପାଖ୍ୟାନ ଉଦ୍‌ଯୋଗ ପର୍ବରେ ଭୀଷ୍ମ ଦୁଃର୍ଯ୍ୟୋଧନ କଥୋପକଥନ ଆଳରେ ବର୍ଣ୍ଣିତ । ମାତ୍ର ସାରୋଳ ଦାସ ଶ୍ରୀଖଣ୍ଡୀ ଉପାଖ୍ୟାନକୁ ଆଦିପର୍ବରେ ସଂଯୋଜନ କରିଛନ୍ତି । ଏ ସଂପର୍କରେ ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦଶର୍ମା କହନ୍ତି - 'ଶିଖଣ୍ଡୀଙ୍କ ଯାବତୀୟ କଥା ତ ଉଦଯୋଗ ପର୍ବର ଅମ୍ବୋପାଖ୍ୟାନରେ ଉକ୍ତ ଥିବାର କହିଅଛୁଁ, ମତିମାନ୍ ସାରୋଳାଦାସ କବି ମୂଳରେ ବହୁ ବ୍ୟବଧାନାନ୍ତରିତ ଦୂରରେ ନିହିତ ଚରିତମାନ ସମ୍ୟକ ମନନ କରି ପୂର୍ବାପର ଚରିତର ସନ୍ଦର୍ଭାନୁମତେ ଯେଉଁ ସ୍ଥାନରେ ଯାହା କହିଲେ ପାଠକ ଓ ଶ୍ରୋତୃଗଣଙ୍କର ଉପଲବ୍ଧି ସୁଗମ ହେବ ଅପିଚ କଥା ସଙ୍ଗତ ହୋଇ ଏକତ୍ର ରହିବ, ସେହିପରି ସୁବିଚାରରେ ସ୍ଥାନେ ସ୍ଥାନେ କଳ୍ପନାରେ ବିସ୍ତୃତ କରି ଲେଖିଅଛନ୍ତି । ଏହା ସାଧାରଣ ବୁଦ୍ଧି ବିଚାରର କାମ ନୁହେଁ ।'(ଶ୍ରୀ ଭାରତ ଦର୍ପଣ-୨୫-୨୬)

କେବଳ ବିଷୟବସ୍ତୁର କ୍ରମିକତାରେ ପରିବର୍ତ୍ତନ କରିନହାନ୍ତି କବି ବରଂ ବିଷୟଟିର ଗଠନରେ ମ୍ନ ଦେଇଛନ୍ତି ମୌଳିକତାର ସ୍ପର୍ଶ । ପ୍ରକୃତରେ 'ସାଧାରଣ ବୁଦ୍ଧି ବିଚାରର କାମ ନୁହେଁ ' ଏହିପରି ଏକ ସମ୍ବେଦନଶୀଳ ଚରିତ୍ରଟିର ନବନିର୍ମାଣ କରିବା ଓ ସେହି ଚରିତ୍ରଟିକୁ ସ୍ୱକୀୟ ମୌଳିକତା ବଳରେ ପ୍ରତିଷ୍ଠିତ କରାଇବା; ଯାହା କରିବାର ସାହସ ଦେଖାଇଛନ୍ତି ଶୂଦ୍ରମୁନି ସାରୋଳ ଦାସ! ମୂଳ ମହାଭାରତରୁ ସଂପୂର୍ଣ୍ଣ ପୃଥକ କରି ସେ ନବବିନ୍ୟାସରେ ନିଜର ଶ୍ରୀଖଣ୍ଡୀକୁ ଦେଇଛନ୍ତି ନବପ୍ରାଣ ଓ ନବଚେତନାର ଆଲୋଡ଼ନ । ସଂସ୍କୃତ ମହାଭାରତର ଶିଖଣ୍ଡୀ ଶିଖଣ୍ଡିନୀ( ଶିଖ ଚୂଳ ଯୁକ୍ତ ପକ୍ଷୀ ବିଶେଷ, ମୟୁର ଓ ମୟୁରୀ ) ଓଡ଼ିଆ ମହାଭାରତରେ ଶ୍ରୀଖଣ୍ଡୀ ନାମରେ ନାମିତ । ଏ ନାମଗତ ଭିନ୍ନତାକୁ ସ୍ୱକୀୟ ଯୁକ୍ତିଦ୍ୱାରା ସ୍ଥାପିତ କରିଛନ୍ତି କବି -

ଶିର ଯେ ଯେହାର ଖଣ୍ଡୁଥିଲୁ ଯେବେ
ଶ୍ରୀଖଣ୍ଡୀ ନାମ ଯେହାର ଦେଅସି ରାଜଦେବେ (ଆଦିପର୍ବ )

ଅର୍ଥାତ୍ ଜନ୍ମ ସମୟରେ ଶିଶୁ ସନ୍ତାନଟିର ଲିଙ୍ଗ ପରିଚୟ ପ୍ରତି ଦ୍ୱନ୍ଦ୍ୱ ଓ ତତ୍‌ଜନିତ ପ୍ରତିକ୍ରିୟାରେ କ୍ରୋଧିତ ରାଜା ଦ୍ରୋପଦ ସନ୍ତାନଟିର ଶିର ଛେଦନ କରିବାକୁ ଖଡ୍ଗ ଧରି ପ୍ରସ୍ତୁତ ହୁଅନ୍ତେ ମହର୍ଷି ବ୍ୟାସଙ୍କ ହସ୍ତକ୍ଷେପ, ଶିଶୁଟିର ଦିବ୍ୟତା ଓ ଦ୍ରୋପଦଙ୍କ ଉଦ୍ଦେଶ୍ୟ ସାଧନରେ ଯୋଗଦାନ ପ୍ରତି ବ୍ୟାସଙ୍କର ସଙ୍କେତ, ଦ୍ରୋପଦଙ୍କର ଶିଶୁଟିକୁ ବଂଚାଇ ରଖିବାର ନିଷ୍ପତ୍ତି ଓ ଶିର ଖଣ୍ଡନର ଉପକ୍ରମକୁ( ଶିର-ଖଣ୍ଡି ) ଆଧାରକରି ବ୍ୟାସକୃତ ଶ୍ରୀଖଣ୍ଡୀ ନାମକରଣ ।

ପୁଣି ମୂଳ ମହାଭାରତର ଶିଖଣ୍ଡୀ ଓ ସାରୋଳ ଦାସଙ୍କର ଶ୍ରୀଖଣ୍ଡୀ ମ୍ନରେ ଅନେକ ପ୍ରଭେଦ ଲକ୍ଷ୍ୟଣୀୟ । ମୂଳ ମହାଭାରତରେ

ଶିଖଣ୍ଡୀର ଜନ୍ମ ସମ୍ପର୍କରେ କୁହାଯାଇଛି - ".. a beautiful daughter was born to the sonless monarch Drupada. But his illustrious wife announced : 'A son is born to me.' King Drupada got all the rituals performed for the concealed one as if she were really a son..... Believing the words of that God of immense energy, he concealed the fact that the child was a girl and said: 'He is a boy.' ( Udyoga Parva, 5.189.2 onwards) ଅର୍ଥାତ ପୁତ୍ର ପ୍ରାପ୍ତିର ପ୍ରଚଣ୍ଡ ଲାଳସା ରଖିଥିବା ରାଜା ଦ୍ରୁପଦଙ୍କର ପତ୍ନୀ ଯେତେବେଳେ କନ୍ୟା ସନ୍ତାନର ଜନ୍ମଦିଅନ୍ତି, ସନ୍ତାନଟିର ଜୀବନରକ୍ଷା ଉଦ୍ଦେଶ୍ୟରେ ସେ କନ୍ୟା ନୁହେଁ ବରଂ ପୁତ୍ର ସନ୍ତାନଟିଏ ଜନ୍ମଦେଇଛନ୍ତି ବୋଲି ପ୍ରଚାର କରିଦିଅନ୍ତି ଓ ଅବଲିଳାକ୍ରମେ ଜନ୍ମସୂତ୍ରରେ ସ୍ତ୍ରୀଲିଙ୍ଗ ଧାରୀ ଶିଖଣ୍ଡୀ ପୁରୁଷର ଆବରଣ (cross dresser)ରେ ବଢ଼ିବାକୁ ଲାଗନ୍ତି । ମାତ୍ର ଓଡ଼ିଶାର ଆଦିକବି ତାଙ୍କର ଶ୍ରୀଖଣ୍ଡୀକୁ ଦେଇଛନ୍ତି ନୂଆ ଏକ ଲିଙ୍ଗ ପରିଚିତି । ମୂଳ ମହାକାବ୍ୟରେ କନ୍ୟା ହୋଇ ଜନ୍ମଲଭିଥିବା ଓ ପୁରୁଷର ଖୋଳପାରେ ପରିପୋଷଣ ଘଟିଥିବା ଚରିତ୍ରଟି ଓଡ଼ିଆ ମହାଭାରତରେ ଏକ ଦ୍ୱୈତଲିଙ୍ଗୀ ବ୍ୟକ୍ତି( intersex) ଭାବରେ ଚିହ୍ନିତ । ସାରୋଳ ମହାଭାରତରେ 'ଶ୍ରଖଣ୍ଡୀ'ଙ୍କ ଜନ୍ମ ସମ୍ପର୍କରେ କଥିତ ଅଛି –

"ଶୁଭେଣ ପ୍ରସବ ହୋଇଲାକ ସୁତ
ଦେଖି ଜନନୀ ଯେତ ଅଟଇ ବିପରୀତ ।
ସ୍ତିରୀ ପୁରୁଷ ବେନି ଲକ୍ଷଣ ନାହିଁ ଚିହ୍ନ
ପୁତ୍ର ହୋଇଲା ବୋଲି ଶବଦ ଉଚ୍ଛନ୍ନ ।
ରାଜାକଇଂ ଗୁପତେ କହିଲେ ମୁଦୁସୁଲୀଗଣ
ସ୍ତିରୀ କି ପୁରୁଷ ଅଙ୍ଗେ ନଦେଖିଲୁ ବର୍ଣ୍ଣ ଚିହ୍ନ ।' (ଆଦିପର୍ବ)

ସାରୋଳ ଦାସ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ନବଜାତ ସନ୍ତାନଟି ନାରୀ ନୁହେଁ କି ପୁରୁଷ ମ୍ନ ନୁହେଁ । ତାହାର ଲିଙ୍ଗ ଚିହ୍ନ ପ୍ରତି ସନ୍ଧିହାନ ଜନକ ଜନନୀ ମହର୍ଷି ବ୍ୟାସଙ୍କ ସହଯୋଗ ଲୋଡ଼ିଲାବେଳେ ମହର୍ଷି ବ୍ୟାସ ସେମାନଙ୍କୁ ଏହାର ପୂର୍ବଜନ୍ମ ସଂପର୍କରେ ଅବଗତ କରାଇ, ଏ ଯେ ପୂର୍ବଜନ୍ମରେ ଅମ୍ବା ଥିଲା ଏବଂ ଏ ଜନ୍ମରେ ଭୀଷ୍ମଙ୍କ ମୃତ୍ୟୁର କାରଣ ସାଜିବ ତାହାର ସୂଚନା ଦେଇଛନ୍ତି । ଏହି ନବଜାତ ସନ୍ତାନଟିର ପ୍ରକୃତ ଲିଙ୍ଗ ପରିଚୟ ମହର୍ଷି ବ୍ୟାସ, ରାଜା ଦ୍ରୋପଦ, ରାଣୀ ପଦ୍ମାବତୀ ଓ ମୁଦୁସୁଲୀଙ୍କ ନିକଟରେ ସିମୀତ ରହିଛି । ରାଜ୍ୟରେ ଘୋଷଣା କରାଯାଇଛି ଯେ ରାଜା ଦ୍ରୋପଦଙ୍କର ପୁତ୍ର ସନ୍ତାନ ଜନ୍ମ ହୋଇଛି -

'ନପୁଂସେକ ହୋଇ ମାତା ଗର୍ଭୁ ଜାତ ଯେ ହୋଇଲା
ପୁତ୍ର ଜାତ ହୋଇଲା ବୋଲି ରାଜ୍ୟରେ ଘୋଷଣ ପଡ଼ିଲା ।
ନିସନ୍ଧେ ଜାଣିଲେ ଯେ ଅଟଇ ନପୁଂସକ
ମୁଦୁସୁଲୀ ରାଣୀ ଆଗେ ବାରତା କଲା ଗୋପ୍ୟେକ ।
ବ୍ୟାସଙ୍କୁ ହିଁ ଘେନି ଯେହା ଜାଣନ୍ତି ଚାରି ଜଣ
ଆନ କେହି ନଜାଣନ୍ତି ନପୁଂସେକ ଲକ୍ଷଣ ।' (ଆଦିପର୍ବ)

ତେବେ ଏହିପରି ଉଭୟ ଲିଙ୍ଗଚିହ୍ନ ଥିବା ସନ୍ତାନ ଜନ୍ମହେବା ଏକ ସ୍ୱାଭାବିକ ଓ ବିଜ୍ଞାନସିଦ୍ଧ ଘଟଣା । ସାଧାରଣତଃ ଶାରୀରିକ ଲିଙ୍ଗ ଭେଦ ତିନି ପ୍ରକାରର ହୋଇଥାଏ । ପୁରୁଷ ଲିଙ୍ଗ ଚିହ୍ନ ନେଇ ଜନ୍ମହୋଇଥିବା ବ୍ୟକ୍ତିଙ୍କୁ ଆମେ ପୁରୁଷ(male) ଓ ନାରୀ ଲିଙ୍ଗଚିହ୍ନ ନେଇ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ନାରୀ(female) ବୋଲି ଚିହ୍ନିତ କରାଯାଇଥାଏ । ଯେଉଁମାନଙ୍କ ଲିଙ୍ଗ ପରିଚୟରୁ ସ୍ପଷ୍ଟ ହୋଇପାରେନାହିଁ କି ସେମାନେ ପୁରୁଷ କି ନାରୀ, ନାରୀ ଶରୀରରେ ଥିବା ଆନ୍ତରିକ ଗ୍ରନ୍ଥୀ ଅଣ୍ଡାସୟ (ovary) ଓ ପୁରୁଷର ବୃଷଣ (testes), ଏ ଉଭୟର ଅବସ୍ଥିତି ଗୋଟିଏ ଶରୀରରେ ଘଟିଥାଏ, ଏମାନଙ୍କୁ ଉଭୟ ଲିଙ୍ଗଚିହ୍ନ ଥିବା ବ୍ୟକ୍ତି ବା ଦ୍ୱୈତଲିଙ୍ଗୀ (intersex) କୁହାଯାଇଥାଏ । ଓଡ଼ିଆରେ ଏହି ବ୍ୟକ୍ତିବିଶେଷଙ୍କ ପାଇଁ ନଂପୁସକ / କ୍ଲୀବ ଶବ୍ଦର ପ୍ରଚଳନ ରହିଛି । ସ୍ୱୟଂ ସାରୋଳ ଦାସ ମ୍ନ ଏହି - "ସ୍ତିରୀ ପୁରୁଷ ଯେ ନୋହିଲାକ ବେନି / ନ ଚ ସ୍ତିରୀ ନ ଚ ପୁରୁଷ ହୋଇଲା ଅଭାଗିନୀ (ଆ.ପ)' ଚରିତ୍ରଟିକୁ ନପଂସୁକ ବୋଲି ଚିହ୍ନିତ କରିଛନ୍ତି ।

ତେବେ ଶାରୀରିକ ଭାବେ ଶ୍ରୀଖଣ୍ଡି ଯୋଉ ଲିଙ୍ଗର ହୋଇଥାନ୍ତୁନା କାହିଁକି, ମାନସିକ ଭାବେ ସେ ଥିଲେ ପୁରୁଷ । ଜନ୍ମରୁ ପୁରୁଷ ସୁଲଭ ଥିଲା ତାଙ୍କର ଆଚରଣ, ବେଶ ପରିଧାନ ଓ କାର୍ଯ୍ୟକଳାପ ଓ ଏହି ପୁରୁଷତ୍ୱଟି ଶ୍ରୀଖଣ୍ଡୀଙ୍କୁ ମାନସିକ ଭାବରେ କବଳିତ କରିଛି ନିଶ୍ଚୟ । ପ୍ରକୃତରେ ନାରୀତ୍ୱ ବା ପୁରୁଷତ୍ୱ କେବଳ ଦେହର ଏକଏକ ନିର୍ଦ୍ଦିଷ୍ଟ ଅଙ୍ଗବିଶେଷ ନୁହେଁ ଏହା ଏକ ସାମାଜିକ ଲୈଙ୍ଗିକ ଶୃଙ୍ଖଳ, ଯାହା ମଣିଷ ସନ୍ତାନକୁ ଭାଗକରେ ନାରୀ ଓ ପୁରୁଷରେ ! ସେଥିପାଇଁ ସାଇମନ୍ ଡି ବାଭୋର ( Simone de beauvior) କହନ୍ତି-"One is not born, but rather becomes, a woman.'କେବଳ ନାରୀ କାହିଁକି ଏ ସମାଜରେ ସକଳ ମଣିଷ ସନ୍ତାନ ଉପରେ ଏହି ଲୈଙ୍ଗିକ ଶୃଙ୍ଖଳଟିର ଆରୋପ ଘଟେ । ନାରୀ ଓ ପୁରୁଷ, ଏହି ଦୁଇଟି ବନ୍ଧନୀ ଭିତରୁ ଗୋଟିଏକୁ ବାଛିନେବାକୁ ବାଧ୍ୟ କରାଏ ଆମ ସମାଜ ବ୍ୟବସ୍ଥା ।

ଆଦିପର୍ବର ଶ୍ରୀଖଣ୍ଡୀର ଜନ୍ମ, ବିବାହ ଓ ପୌରୁଷତ୍ୱ ପ୍ରାପ୍ତିରୁ ଆରମ୍ଭ କରି ଭୀଷ୍ମ ପର୍ବରେ ଭୀଷ୍ମଙ୍କର ଶରଶଯ୍ୟା ଧାରଣ ପ୍ରସଙ୍ଗ ପର୍ଯ୍ୟନ୍ତ ଯେଉଁଠାରେ ଶ୍ରୀଖଣ୍ଡୀର ବର୍ଣ୍ଣନ ରହିଛି , ସର୍ବତ୍ର ସରୋଳା ସ୍ୱ- ଶ୍ରୀଖଣ୍ଡୀଙ୍କୁ ସଂସ୍କୃତ ଶିଖଣ୍ଡିନୀଠାରୁ ପୃଥକ ଦର୍ଶାଇଛନ୍ତି । ପୁଣି ଯଥେଷ୍ଟ ସଚେତନ ଭାବରେ ଏହି ଚରିତ୍ରଟିର ନିର୍ମାଣ କରିଛନ୍ତି କବି । ସେ ଶ୍ରୀଖଣ୍ଡୀଙ୍କୁ ସର୍ବତ୍ର ପୁରୁଷ ଭାବରେ ହିଁ ବର୍ଣ୍ଣନା କରିଛନ୍ତି ଓ ଛତ୍ରେଛତ୍ରେ ଭରିଦେଇଛନ୍ତି ପୁରୁଷୀୟ ବିଶେଷଣ । ଯେପରିକି -

- ଜ୍ୟେଷ୍ଠ ପୁତ୍ର ଦ୍ରୋପଦର ଶ୍ରୀଖଣ୍ଡୀ ନାମ ପ୍ରକାଶ !,
- ନୃପତି ପଚାରଇ ଯେ କାହାର କୁମାର ଗୋଟି,
- ବିଦ୍ୟାଧର ପରାୟେକ ସୁନ୍ଦର ରୂପ ଦିଶି,
- କନ୍ୟାକୁ ଘେନିଣ କୁମାର ଶ୍ରୀଖଣ୍ଡୀ,
- ସୁବର୍ଣ୍ଣ ରଥେ ବିଜୟ କୁମାର, କୁମାରୀ ଇତ୍ୟାଦି ।

ପୁଣି ଶ୍ରୀଖଣ୍ଡୀଯେ ସାମାଜିକ ପ୍ରତିବଦ୍ଧତାରେ ଥିଲେ ପୁରୁଷ- ଏହାର ଅନେକ ପ୍ରମାଣ ସରୋଳ ଦାସ ଦେଇଛନ୍ତି ! ଯେପରିକି —

ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ ପୁରୁଷ
ଜ୍ୟେଷ୍ଠ ପୁତ୍ର ଦ୍ରୋପଦର ଶ୍ରୀଖଣ୍ଡୀ ନାମ ପ୍ରକାଶ ।
ଅଶ୍ୱେକ ସାଜିଣ ସେ ଅନେକ ଆୟୁଧେ
ଅନୁବ୍ରତେ ଖେଦଇ ସେ ପର୍ବତ ବନ ମର୍ମେ ।
ମାରଇ ସେ ଦୁଷ୍ଟ ଦାନବନ୍ତ ଖେଦି
ରଖଇ ତପୋବନ୍ତ ଜଗତ ପରସିଦ୍ଧି । (ଆଦିପର୍ବ)

ତେଣୁ ମୂଳ ମହାଭାରତର ଶିଖଣ୍ଡୀନୀ ଛଦ୍ମରେ ଶିଖଣ୍ଡୀ ବେଶ ଧାରଣ ବା ନାରୀ ହୋଇ ଜନ୍ମଲାଭକରି ପୁରୁଷର ବେଶ ପୋଷାକରେ ଜୀବନଯାପନ ପରି ଘଟଣାଠାରୁ ସାରୋଳ ମହାଭାରତର ଉଭୟ ଲିଙ୍ଗ ଚିହ୍ନ ଥିବା ଶ୍ରୀଖଣ୍ଡୀ ଚରିତ୍ରଟି ଭିନ୍ନ ଓ ସ୍ୱତନ୍ତ୍ର । ଜଣେ ଉଭୟ ଲିଙ୍ଗଚିହ୍ନ ଥିବା ବ୍ୟକ୍ତି ନିଜକୁ ଯେ କୌଣସି ଲିଙ୍ଗ ପରିଚୟରେ ପରିଚିତ କରାଇପାରେ ଓ ଯେ କୌଣସି ଲୈଙ୍ଗିକ ଶୃଙ୍ଖଳ ପ୍ରତି ଆକୃଷ୍ଟ ହୋଇପାରେ । ସାରୋଳ ମହାଭାରତର ଶ୍ରୀଖଣ୍ଡୀ ନିଜକୁ ମାନସିକ ଭାବେ ପୁରୁଷଟିଏ ହିଁ ଭାବିଛି ଓ ଆଚରଣରେ ପୁରୁଷଟିଏ ପରି କାର୍ଯ୍ୟ ସବୁ କରିଚାଲିଛି । ସମାଜ ମ୍ଭ ତାହାକୁ ପୁରୁଷ ଲିଙ୍ଗର ସ୍ୱୀକୃତି ଦେଇଛି । ମାତ୍ର ଶାରୀରିକ ଭାବେ ଏକ ଅବିକଶିତ ଯୌନାଙ୍ଗ ତାହାର ପ୍ରତିବନ୍ଧକ ସାଜିଛି ।

ଉଡ଼ଙ୍ଗ ଦେଶର ରାଜା ମଧୁକେଶର ଶ୍ରୀଖଣ୍ଡୀର ରୂପଗୁଣରେ ମୁଗ୍ଧ ହୋଇ ନିଜର କନ୍ୟା ମଧୁବତୀକୁ ଶ୍ରୀଖଣ୍ଡୀ ସହ ବିବାହ ଦେବାର ଘଟଣା ସହ ଶ୍ରୀଖଣ୍ଡୀ ଉପାଖ୍ୟାନରେ ନାଟକୀୟ ମୋଡ଼ ପରିବର୍ତ୍ତନ ଘଟିଛି । ବିବାହ ପରେ ରତୀକ୍ରିୟାରେ ଅସମର୍ଥ ଶ୍ରୀଖଣ୍ଡୀର ନପୁଂସକତାର କଥା ଜାଣିପାରି ମଧୁବତୀ ନିଜ ପିତାଙ୍କ ପାଖକୁ ଫେରିଯିବା, ରାଜା ମଧୁକେଶର କ୍ରୋଧରେ ଦ୍ରୋପଦଙ୍କ ସହ ଯୁଦ୍ଧ ଘୋଷଣା କରିବା ଓ ଦ୍ରୋପଦଙ୍କୁ ବନ୍ଦୀ କରିବା, ରାଣୀ ପଦ୍ମାବତୀ ପୁତ୍ରର ଜୀବନପ୍ରତି ବିପଦ ଆଶଙ୍କା କରି ଶ୍ରୀଖଣ୍ଡୀଙ୍କୁ ଧରି ଘନ ଅରଣ୍ୟ ଭିତରକୁ ପଳାୟନ କରିବା ଓ ଅରଣ୍ୟରେ ଗନ୍ଧର୍ବ ତୁଳାକର୍ଣ୍ଣ ଦ୍ୱାରା ଶ୍ରଖଣ୍ଡୀ ଶରୀରରେ ପୁରୁଷ ଯୌନାଙ୍ଗର ରୋପଣ ଆଦିର ଘଟଣାରୁ ଜଣେ ଦ୍ୱୈତଲିଙ୍ଗୀର ମାନସିକ ସ୍ଥିତାବସ୍ଥା ଓ ସାମାଜର ତାହାପ୍ରତି ଥିବା ନିମ୍ନ ଦୃଷ୍ଟିଭଙ୍ଗୀ, ସ୍ୱ-ପରିଚୟ ପାଇଁ ଆତ୍ମିକ ସଂଘର୍ଷ ଆଦିର କଥା ଦେଖିବାକୁ ମିଳେ ।

ଅନ୍ତରରୁ ନପୁଂସକ ହୋଇ ବାହାରେ ପୁରୁଷର ଆତ୍ମପରିଚୟରେ ଜୀବନ ଜୀଇଁବାର ଅସହାୟତା ପ୍ରକାଶ ପାଇଛି ଶ୍ରୀଖଣ୍ଡୀଙ୍କ ବୈବାହିକ ଜୀବନରେ । ପତ୍ନୀ ମଧୁବତୀ ରମଣ ଇଚ୍ଛା କଲାବେଳେ ଶ୍ରୀଖଣ୍ଡୀ କିପରି ଏ କଥାକୁ ଏଡ଼ାଇ ଯାଉଛନ୍ତି ଲକ୍ଷ୍ୟ କରିବାର କଥା-

"ଲଜ୍ୟା ଉପେକ୍ଷା କରି ସ୍ୱାମୀକି ଧଇଲା କୋଳରେ
ମୁଖେ ଚୁମ୍ବନ ଦେଇ ବୋଇଲା ସ୍ୱାମୀ ମୋତେ ଦେବୁ ନା ଶୃଙ୍ଗାରେ ।
କୋଳେ ବସାଇ ଚାଟୁ ପଟଳ ବୋଇଲା ଶ୍ରୀଖଣ୍ଡୀକି
ଶୃଙ୍ଗାର ନଦେଇ ମୋତେ ଦୁଇବରଷ ଭଣ୍ଡିଲୁ କାହିଁକି ।
ଶ୍ରୀଖଣ୍ଡୀ ବୋଇଲା ସଖି ବାଳୁତ କାଳେ କିସ କାମ ସଧ
ଆଷ୍ୟ କ୍ଷୟେ ହୋଅଇ ଅଳପ ଦିନେ ଛିଡ଼ଇ କନ୍ଧ ।' (ଆଦିପର୍ବ)

କେବଳ ଶ୍ରୀଖଣ୍ଡୀଙ୍କର ମାନସିକ ଅବସ୍ଥିତି ନୁହେଁ, ବରଂ ଦ୍ରୋପଦ ଓ ପଦ୍ମାବତୀଙ୍କର ସମାଜ ପ୍ରତି ଥିବା ଭୟ ଓ ପୁତ୍ରର ଲିଙ୍ଗ ପରିଚିତି ପ୍ରତି ଥିବା ଦ୍ୱନ୍ଦ୍ୱ ଓ ମାନସିକ ବିଚଳନର କଥା ଉଲ୍ଲେଖ କରିଛନ୍ତି କବି । ପୁତ୍ରବଧୂ ମଧୁବତୀ ଶ୍ରୀଖଣ୍ଡୀଙ୍କୁ ନପୁଂସକ ବୋଲି ଘୋଷଣା କରିସାରିବା ପରେ କ୍ରୋଧିତ ରାଜା ମଧୁକେଶର ଯେତେବେଳେ ଶ୍ରୀଖଣ୍ଡୀଙ୍କୁ ଜୀବନରୁ ମାରିଦେବାକୁ ଯୁଦ୍ଧ ଘୋଷଣା କରିଛନ୍ତି ଓ ମାତା ପଦ୍ମାବତୀ ପୁତ୍ର ଶ୍ରୀଖଣ୍ଡୀଙ୍କୁ ଧରି ଘୋର ଅରଣ୍ୟ ମ୍ଭକୁ ପଳାୟନ କରିଛନ୍ତି, ସେତେବେଳେ ମାତା ପଦ୍ମାବତୀ ରୋଦନକରି କହିଛନ୍ତି -

"ଦଶମାସ ତୋତେ ଗର୍ଭରେ ଧରିଲିରେ ବାଳ
ସର୍ବଗୁଣ ସୁଲକ୍ଷଣ ବାବୁରେ ତୋହୋର କପାଳ ।
ଦାନେଣ ଶୂରବନ୍ତା ବାବୁ ସଂଗ୍ରାମେ ଶକତା
କେଉଂଣ ଲିଙ୍ଗ ତୁ ଉପାଡ଼ିଲୁ ପୂର୍ବେ
ଲିଙ୍ଗ ଭଗ୍ନ ଦୋଷ ତୋତେ ହୋଇଲା ପୁତ୍ର ଏବେ ।'( ଆଦିପର୍ବ)

ଶ୍ରୀଖଣ୍ଡୀଙ୍କ ମାନସିକ ରୂପାନ୍ତରଣ ତ ଘଟି ସାରିଥିଲା ଶୈଶବରୁ ମାତ୍ର ଶାରୀରିକ ରୂପାନ୍ତରଣ ବିଧିବଦ୍ଧ ଭାବେ ପୁରୁଷ ଲିଙ୍ଗରେ ପରିବର୍ତ୍ତନରେ ସହାୟ ହୁଅନ୍ତି ଗନ୍ଧର୍ବ ତୁଳାକର୍ଣ୍ଣ (ସ୍ଥୁଳକର୍ଣ୍ଣ) । ମାତା ପଦ୍ମାବତୀଙ୍କ ବିକଳ ରୋଦନ ଶୁଣି ତୁଳାକର୍ଣ୍ଣଙ୍କର ଆବିର୍ଭାବ

ଓ କାରଣ ଜିଜ୍ଞାସା, ସମସ୍ତ ଘଟଣାର ଅବଲୋକନ ପରେ ସ୍ୱ-ଲିଙ୍ଗକୁ ଶ୍ରୀଖଣ୍ଡୀଙ୍କ ଶରୀରରେ ସ୍ଥାପନା କରେଇବାର ପ୍ରତିଶୃତି ଏକ ନୂତନ ଆଲୋକର ବାର୍ତ୍ତା ଦିଏ । -

'ଶ୍ରୀଖଣ୍ଡୀକି ଘେନି ଗନ୍ଧର୍ବ ଅନ୍ତର ହୋଇଲା
ଆପଣାର ଇନ୍ଦ୍ରି କାଟି ଶ୍ରୀଖଣ୍ଡୀ ତଂହି ଲଗାଇଲା ।
ସଞ୍ଜୀବନୀ ମଉଷଧି ଦେଲା ନେଇ ତହିଂର ଉପରେ
ଲାଗିଲା ମହାମନ୍ତ୍ରେ ଶ୍ରୀଖଣ୍ଡୀ ଶରୀରେ ।' (ଆଦିପର୍ବ)

ଲୈଙ୍ଗିକ ସିଦ୍ଧାନ୍ତ ଅନୁସାରେ ଏହାକୁ ଶ୍ରୀଖଣ୍ଡୀଙ୍କର 'ଦ୍ୱୈତଲିଙ୍ଗୀ'(intersex) ଅବସ୍ଥାରୁ 'ରୂପାନ୍ତରିତ ପୁରୁଷ' (transemen)କୁ ରୂପାନ୍ତରଣ ବୋଲି କୁହାଯାଇପାରେ । ସାରୋଳା ଦାସ ଶ୍ରୀଖଣ୍ଡୀଙ୍କ ଲିଙ୍ଗ-ପରିଚୟ (gender identity )କୁ କେବଳ ମାନସିକ, ଶାରୀରିକ ଓ ସାମାଜିକ ସ୍ୱୀକୃତି ଦେଇ ନାହାନ୍ତି ବରଂ ତାଙ୍କୁ ପିତୃତ୍ୱର ଅଧିକାର ଦେଇ ପୌରୁଷତ୍ୱର ଶ୍ରେଷ୍ଠ ସୋପାନରେ ପ୍ରତିଷ୍ଠିତ କରାଇଛନ୍ତି ମ୍ନ ।

"ଶୁଣ ହୋ ବୈବସୁତ ମନୁ ବଦନ୍ତି ଅଗସ୍ତି
ଶ୍ରୀଖଣ୍ଡୀର ହୋଇଲା ବେନି ପୁତ୍ର ଉତପତ୍ତି ।
ଅନଙ୍ଗ ମକରଧ୍ୱଜ ବେନିଙ୍କର ନାମ
ଅତିଅନ୍ତ ସୁନ୍ଦର ସେ ଜାଣିଣ ଦେବ କାମ ।' (ଆଦିପର୍ବ)

ଆଦିପର୍ବରେ ଏହିଠାରେ ଶ୍ରୀଖଣ୍ଡୀଙ୍କ ଉପାଖ୍ୟାନରେ ଯବନିକା ଟାଣିଛନ୍ତି କବି । ପୁନଃ ଭୀଷ୍ମ ପର୍ବରେ ଶ୍ରୀଖଣ୍ଡୀକୁ ଅବତିର୍ଣ୍ଣ କରାଇଛନ୍ତି ଭୀଷ୍ମଙ୍କ ବିରୁଦ୍ଧରେ କୁରୁକ୍ଷେତ୍ରର ଯୁଦ୍ଧଭୂମିରେ । ତେବେ ଆଦିପର୍ବରେ ଶ୍ରୀଖଣ୍ଡୀଙ୍କର ପୂର୍ଣ୍ଣ ପୌରୁଷ ପ୍ରାପ୍ତି, ସନ୍ତାନ ପ୍ରାପ୍ତି ଆଦି ଘଟଣାକ୍ରମ ପଛରେ ଯେଉଁ ଯୌନ ପରିବର୍ତ୍ତନର କାହାଣୀଟି ରହିଛି, ଶାରୀରିକ ଲିଙ୍ଗ ପରିବର୍ତ୍ତନ ଯେ ସମ୍ଭବ ଓ ଶାରୀରିକ ତଥା ମାନସିକ ଭାବରେ ପ୍ରତ୍ୟେକଟି ମଣିଷ ସ୍ୱ-ଲିଙ୍ଗ ଚୟନ ନିଜେ ହିଁ କରିବାକୁ ସକ୍ଷମ , ସମାଜର ସନାତନ ମାନସିକତାରେ ମଣିଷର ଆତ୍ମିକ ସ୍ୱୀକୃତି କେବେବି ଆବଦ୍ଧ ହୋଇରହିନପାରେ, ଏହିପରି ଏକ ନବଚେତନାର କଥା ଯେ ତତ୍‌କାଳୀନ କବି ମାନସରେ ପ୍ରତି'ଳିତ ହୋଇପାରିଥିଲା ୩-କ୍ୱିର୍ ବିମର୍ଷ, କେ.ବନଜା,ବାଣୀ ପ୍ରକାଶନ, ଦରିଆଗଂଜ୍ , ନୁଆଦିଲ୍ଲୀ, ୨୦୨୧

୪- Same sex love in India , Edited by Ruth Vanita and Saleem Kidwai, Penguin books,2008

**ଗବେଷକ**
**ବିଶ୍ୱଭାରତୀ, ଶାନ୍ତିନିକେତନ**
**୯୬୬୮୪୦୭୩୨୨**

# ଭୀମ ଭୋଇଙ୍କ ସାହିତ୍ୟରେ ପିଣ୍ଡବ୍ରହ୍ମାଣ୍ଡ ଓ ଗୁରୁ ବାଦ

ISSN -2583-147X (P)
**Bastabatara Pariprakash Prachee**
***Peer Reviewed and Referred Research Journal***

**-ଡକ୍ଟର ଦେବାଶିଷ ପାଣ୍ଡିଆ**

ଯୁଗ ଯୁଗ ଧରି ଓଡିଶା ବହୁ ଧର୍ମ, ବହୁ ଦର୍ଶନ ଏବଂ ବହୁ ଉପାସନାର ସମନ୍ୱୟ ସ୍ଥଳ ଭାବରେ ପ୍ରତିଷ୍ଠା ଲାଭ କରି ଅଛି । ଅଷ୍ଟମ ନବମ ଶତକରୁ ଆରମ୍ଭ କରି ବିଂଶ ଶତକ ଯାଏ ବିଭିନ୍ନ ଧର୍ମ ଦର୍ଶନର ପ୍ରଚାର ଓ ପ୍ରସାର ଯୋଗୁଁ ଆମ ଓଡିଆ ସନ୍ଥସାହିତ୍ୟ ମୁଖ୍ୟତଃ ଧର୍ମଭିତ୍ତିକ ହୋଇଛି । ଏହି ପରିପ୍ରେକ୍ଷାରେ ବିଚାର କଲେ ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଆଦିଙ୍କର ତାନ୍ତ୍ରିକବୌଦ୍ଧଧର୍ମ, ଶ୍ରୀ ଚୈତନ୍ୟଙ୍କର ପ୍ରେମଭକ୍ତି ଧର୍ମ, ପଞ୍ଚସଖାଙ୍କର ବୈଷ୍ଣବ ଧର୍ମ, ଓ ଭୀମ ଭୋଇଙ୍କର ମହିମାଧର୍ମ ଓଡିଆ ସନ୍ଥସାହିତ୍ୟକୁ ପରିପୁଷ୍ଟ କରିଛି । ସନ୍ଥକବି ମାନେ ମାନବ ଜୀବନରେ ଧର୍ମର ଭୂମିକା ପ୍ରତି ସଚେତନ ରହି ମଣିଷକୁ ଧର୍ମ ପ୍ରତି ଅନୁରକ୍ତ ହେବା ସକାଶେ ନିଜର ବଳିଷ୍ଠ ରଚନା ମାଧ୍ୟମରେ ଆହ୍ୱାନ ଜଣାଇଛନ୍ତି । ଯେଉଁ ତପସ୍ୱୀ ଓ ସାଧକମାନଙ୍କର ଅନୁଭବସିଦ୍ଧ ଆଧ୍ୟାତ୍ମ ଦର୍ଶନରେ ଭାରତୀୟ ସନ୍ଥସାହିତ୍ୟ ସମୃଦ୍ଧ ହୋଇଛି, ସେମାନଙ୍କ ଭିତରୁ ସନ୍ଥକବି ଭୀମ ଭୋଇ ଅନ୍ୟତମ ।

ଉତ୍କଳୀୟ ସନ୍ଥପରଂପରା ସୃଷ୍ଟି କରିଯାଇଥିବା ଭୀମ ଭୋଇଙ୍କର ପୂର୍ବବର୍ତ୍ତୀ କବିମାନେ ଯେଉଁ ଆଧ୍ୟାତ୍ମିକ ଆଦର୍ଶର କଥା ତାଙ୍କ ରଚନାମାନଙ୍କରେ ଉଲ୍ଲେଖ କରିଯାଇଛନ୍ତି ଭୀମ ଭୋଇ ସେ ପରମ୍ପରାର ଦାୟାଦ ଭାବରେ ସେହି ଦର୍ଶନ ଓ ଆଦର୍ଶଦ୍ୱାରା ଉଣା ଅଧିକେ ଅନୁପ୍ରାଣିତ ହୋଇଛନ୍ତି । ଭୀମ ଭୋଇଙ୍କର ରଚନାବଳୀକୁ ଅନୁଶୀଳନ କଲେ ଦେଖାଯାଏ ଯେ ତାଙ୍କ ସାହିତ୍ୟରେ ବିଶେଷକରି ପଞ୍ଚସଖା ଯୁଗର କବିମାନଙ୍କର ପ୍ରଭାବ ରହିଅଛି । ପଞ୍ଚସଖା ଯୁଗର କବିମାନଙ୍କ ପରି ଭୀମ ଭୋଇଙ୍କ ରଚନାବଳୀରେ ନିର୍ଗୁଣ ଭକ୍ତିମାର୍ଗ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ଗୁରୁବାଦ, ଯୋଗଦର୍ଶନ, ସୃଷ୍ଟିତତ୍ତ୍ୱ ସମେତ ନିଜସ୍ୱ ଧର୍ମୀୟ ଅନୁଚିନ୍ତାର ପରିପ୍ରକାଶ ଘଟିଛି । ଏହି ଆଲୋଚନାରେ ଭୀମ ଭୋଇଙ୍କ ସାହିତ୍ୟରେ ରହିଥିବା ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ଗୁରୁବାଦ କିଭଳି ପ୍ରତି'ଳିତ ହୋଇଛି ତାହା ଆଲୋଚନା କରାଯାଇଛି ।

ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ-

ଉତ୍କଳୀୟ ସନ୍ଥସାଧନାର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ପିଣ୍ଡରେ ବ୍ରହ୍ମାଣ୍ଡର ଉପଲବ୍ଧି । ଓଡିଆ ସନ୍ଥସାହିତ୍ୟ ଧାରାରେ ପିଣ୍ଡବ୍ରହ୍ମାଣ୍ଡ ବାଦ ଏକ ବିଶିଷ୍ଟ ବିଭବ ରୂପେ ଗୃହୀତ । ବୌଦ୍ଧ ସହଜିଆ ତଥା ନାଥ ସିଦ୍ଧଯୋଗୀମାନଙ୍କର ଶରୀର ସାଧନାର ପ୍ରଭାବରେ ଓଡିଆ ସନ୍ଥକବି ମାନେ ପ୍ରଭାବିତ ହୋଇ ଏହାକୁ ଧର୍ମଦର୍ଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଗ ଭାବରେ ବିବେଚନା କରିଥିଲେ । (ଓଡିଶାର ସନ୍ଥସାହିତ୍ୟ- ସାହୁ, ଡ.ରତ୍ନାକର, ପୃ.୨୭୯) ନାଥ ସାହିତ୍ୟରେ ଏହି ପିଣ୍ଡବ୍ରହ୍ମାଣ୍ଡ ବାଦ ଏକ ମୁଖ୍ୟ ତତ୍ତ୍ୱ ଭାବରେ ସ୍ଥାନ ପାଇଛି । ନାଥଯୋଗୀ ଗୋରେଖନାଥଙ୍କ ମତରେ ଏହି ସ୍ଥାବର ଜଙ୍ଗମାତ୍ମକ ବିଶ୍ୱକୁ ଯେଉଁ ଯୋଗୀ ସ୍ୱ-ପିଣ୍ଡ ଭିତରେ ଅନୁଭବ କରିପାରେ ସେହି ଯୋଗୀ ପିଣ୍ଡ ତତ୍ତ୍ୱଦର୍ଶୀ ଭାବରେ ଗୃହୀତ ହୋଇଥାନ୍ତି । ପିଣ୍ଡ ମଧ୍ୟେ ଚରାଚରୌ ଯୋ ଜାନାତି ସଃ ଯୋଗୀ ପିଣ୍ଡ ସମ୍ବିତ୍ତିର୍ଭବତି ( ସିଦ୍ଧସିଦ୍ଧାନ୍ତ ପଦ୍ଧତି ୩/୧) । ସେହିପରି ସହଜିଆ ସାଧକ ସରହପାଦ ଏକ ଦୋହାରେ ପ୍ରକାଶ କରିଛନ୍ତି ଯେ, ଏହି ଶରୀର ଭିତରେ ଗଙ୍ଗା, ଯମୁନାର ଅବସ୍ଥିତି ଏବଂ ଏହା ମଧ୍ୟ ଉଭୟର ସଙ୍ଗମ ସ୍ଥଳୀ । ପୁନଃଶ୍ଚ ପ୍ରୟାଗ ବାରାଣସୀ ପ୍ରଭୃତି ପୀଠ ଓ ଉପପୀଠମାନ ଏହି ଶରୀରରେ ଥିବାରୁଏଭଳି ପବିତ୍ର ଓ ସୁଖମୟ ସ୍ଥାନ ଅତ୍ୟନ୍ତ ବିରଳ । (ଦୋହାକୋଷ-୪୭/୪୮)

କବି ସାରଳା ଦାସ ମ୍ଭ ତାଙ୍କର ମହାଭାରତରେ ଏତାଦୃଶ କଥା ଉଲ୍ଲେଖ କରିଛନ୍ତି । ପଞ୍ଚସଖା ଅଗ୍ରଗଣ୍ୟ କବି ବଳରାମ ଦାସ ମଧ୍ୟ ଏହି ପିଣ୍ଡରେ ସମଗ୍ର ବ୍ରହ୍ମାଣ୍ଡର ଅନୁଭୂତି ଲାଭ କରିଛନ୍ତି । ତାଙ୍କ ମତରେ ଏହି ଦେହ ହିଁ ବଡ଼ ଦେଉଳ ଓ ଏହାର ଭିତରେ ସମଗ୍ର ବ୍ରହ୍ମାଣ୍ଡକୁ ଅବଲୋକନ କରାଯାଇ ପାରେ । ତାଙ୍କ ଭାଷାରେ-

ବଡ଼ ଦେଉଳ ବୋଲି ଯାହା, ନିଶ୍ଚୟ ଏ ତୋହର କାୟା
ବ୍ରହ୍ମାଣ୍ଡ ଯେତେ ବିଧିମତ, ପିଣ୍ଡରେ ଅଛନ୍ତି ସମସ୍ତେ । ।
(ବିରାଟ ଗୀତା-୪ର୍ଥ ଅଧ୍ୟାୟ)

ମହାପୁରୁଷ ଅଚ୍ୟୁତାନନ୍ଦ ମ୍ଭ, ଏହି ଦେହରେ ସର୍ବ ଦେବତାଙ୍କ ଅଧିଷ୍ଠାନ ପରିକଳ୍ପନା କରିଛନ୍ତି । ଅଚ୍ୟୁତାନନ୍ଦଙ୍କ ଛୟାଳିଶ ପଟଳରେ ଅଛି-

ପିଣ୍ଡରେ ନଥିବ ଯାହା ବ୍ରହ୍ମାଣ୍ଡରେ ନାହିଁ,
ଏଣୁ ପିଣ୍ଡ ବ୍ରହ୍ମାଣ୍ଡକୁ ଏକ ଏକ କରୁଥାଇ ।
(ଛୟାଳିଶପଟଳ, ଧର୍ମଗ୍ରନ୍ଥ ଷ୍ଟୋର, କଟକ-ପୃ.୧୭)

ଶିଶୁ ଅନନ୍ତ ଦାସଙ୍କ "କଳି ଭାଗବତ"ରେ ମଧ୍ୟ ପିଣ୍ଡ ଓ ବ୍ରହ୍ମାଣ୍ଡକୁ ଏକ ବୋଲି କୁହାଯାଇଛି-

ପିଣ୍ଡ ବୋଲିଣ ଯାହା କହି
ସେହିଟି ବ୍ରହ୍ମାଣ୍ଡ ଅଟଇ ।
ଯାହାକୁ ବୋଲନ୍ତି ବ୍ରହ୍ମାଣ୍ଡ
ସେହି ହୋଇଛି ଜାଣ ପିଣ୍ଡ
ପିଣ୍ଡ ବ୍ରହ୍ମାଣ୍ଡ ଏକମତ
ଏକରେ ନଥାଇ ବହୁତ ।

(କଳି ଭାଗବତ, ଧର୍ମଗ୍ରନ୍ଥ ଷ୍ଟୋର ,କଟକ,ପୃ-୧୬)

ସେହିପରି ଯଶୋବନ୍ତ ଦାସଙ୍କ "ପ୍ରେମଭକ୍ତି ବ୍ରହ୍ମଗୀତା"ରେ କୁହାଯାଇଛି ଯେ ଶରୀର ମଧ୍ୟରେ ସମସ୍ତ ଦେବତା ବିରାଜମାନ କରୁଛନ୍ତି । ବ୍ରହ୍ମା ନାଭିରେ, ବିଷ୍ଣୁ ହୃଦୟରେ, ଶିବ କଣ୍ଠରେ, ଗଣେଶ ଗୁହ୍ୟରେ ରହିଛନ୍ତି।(ପ୍ରେମଭକ୍ତି ବ୍ରହ୍ମଗୀତା-ପୃ.୧୯)

ଭୀମଭୋଇ ମଧ୍ୟ ପୂର୍ବସୂରୀମାନେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ବିଷୟରେ ଦେଇଥିବା ମତାମତକୁ ସ୍ୱୀକାର କରିଛନ୍ତି । ସନ୍ଥ କବି ଭୀମଭୋଇ ତାଙ୍କର ବିଭିନ୍ନ ରଚନା ମାଧ୍ୟମରେ ଏହି ତତ୍ତ୍ୱ ଉଲ୍ଲେଖ କରି ଏହି ସାଧନା-ପଥକୁ ଅନୁସରଣ କରିଛନ୍ତି । ସନ୍ଥକବି ଭୀମଭୋଇ ମଧ୍ୟ ମଣିଷ ଶରୀରରେ ବ୍ରହ୍ମଙ୍କ ସତ୍ତା ଅନ୍ୱେଷଣ କରିଥିଲେ । ତାଙ୍କ ବିଚାରରେ ଘଟ ସ୍ଥିତ ପରଂବ୍ରହ୍ମଙ୍କୁ ସାକ୍ଷାତ ନ କରି ପ୍ରତିମାପୂଜା କରିବା ହେଉଛି ନିରର୍ଥକ । ତେଣୁ ତାଙ୍କର ଶ୍ରୁତି ନିଷେଧ ଗୀତା-୨ୟ ଅଧ୍ୟାୟରେ ସେ ଯଥାର୍ଥରେ କହିଛନ୍ତି -

ଘଟରେ ବ୍ରହ୍ମଙ୍କୁ ନ ଚିହ୍ନି । ବାହ୍ୟରେ ଭ୍ରମୁଥାନ୍ତି ପ୍ରାଣୀ । ।
ଚିତ୍ରପଟ୍ଟକୁ ନେତ୍ରେ ଦେଖି । ମନ ଆନନ୍ଦେ ହୋଇ ସୁଖୀ । ।
ଏ ଘଟେ ଜଗନ୍ନାଥ ଅଛି । ପ୍ରତିମା ମିଛରେ ପୂଜୁଛି । ।
ମୂର୍ତ୍ତି ପ୍ରତିମା ଶୁଷ୍କକାଠ । ସେପୁଣି ନେବ କି ବୈକୁଣ୍ଠ । ।

ଯଶୋବନ୍ତ ଦାସଙ୍କ ପରି ଶରୀର ଭିତରେ ବିଭିନ୍ନ ଦେବଦେବୀଙ୍କ ସ୍ଥିତି ରହିଛି ବୋଲି ସେ ବ୍ୟକ୍ତ କରିଛନ୍ତି । ତାଙ୍କ ମତରେ ଗଣେଶ- ଗୁହ୍ୟରେ, ଶକ୍ତି ମୂଳରେ, କାମଦେବ ହୃଦୟରେ ଜଗନ୍ନାଥ କଣ୍ଠରେ ଶିବ, ବେନି ଚକ୍ଷୁରେ ଚନ୍ଦ୍ରସୂର୍ଯ୍ୟ, ନିରଞ୍ଜନ ପୁରୁଷ ଲଲାଟରେ । ଏତଦ୍ ବ୍ୟତୀତ ତାରାଗଣ, ରୁଦ୍ରଗଣ, ଅଷ୍ଟଗିରି ଅଷ୍ଟକୋଟି ଯୋଗି, ତେତ୍ରିଶ କୋଟି ଦେବତା ଇତ୍ୟାଦି ଏହି ଶରୀର ମଧ୍ୟରେ ବିଦ୍ୟମାନ । ଭୀମଭୋଇଙ୍କ ଅନେକ କାବ୍ୟ କବିତା ତଥା ଭଜନ ମାନଙ୍କରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ବର୍ଣ୍ଣିତ ହୋଇଛି । ଓଡ଼ିଶୀ ଜ୍ଞାନମିଶ୍ରା ଭକ୍ତି ଧର୍ମ ସହିତ ଭୀମଭୋଇଙ୍କ ମହିମା ଧର୍ମରେ ପ୍ରତିପାଦିତ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ପ୍ରାୟ ଏକ ଓ ଅଭିନ୍ନ । ଭୀମଭୋଇ କାୟା କ୍ଳେଶକୁ ସ୍ୱୀକାର କରି ନାହାନ୍ତି, ମହିମାପନ୍ଥୀ ଭାବରେ ସେ ବିଶ୍ୱାସ କରନ୍ତି ଯେ ଶରୀରକୁ ବା ପ୍ରାଣକୁ କଷ୍ଟ ଦେଲେ ଅଧର୍ମ ହୁଏ । ଆତ୍ମା ବା ଶରୀର ସୁଖ ସହିତ ପୂଣ୍ୟ ସଂଯୁକ୍ତ ହୋଇଥାଏ ।

ଯହିଁରେ ଆତ୍ମା ସୁଖ ଲାଭ
ନଥାଇ ଜ୍ଞାନ ମାର୍ଗଭାବ
ଆତ୍ମା ସୁଖରେ ସିନା ପୂଣ୍ୟ
ସଂସାରୁ ହୁଏ ସକାରଣ । (ଶ୍ରୁତିନିଷେଧଗୀତା-୨ୟ ଅଧ୍ୟାୟ)

ଭୀମଭୋଇଙ୍କ ରଚନାରେ ଅଛି, ବ୍ୟକ୍ତି ମାତ୍ରକେ ଭେଦ ବୁଦ୍ଧିରେ ପ୍ରତିମା ପୂଜା କରିଥାନ୍ତି ସତ, ମାତ୍ର ଏସବୁ କେବଳ ମନ ବୁଝିବା ପାଇଁ । ଘଟସ୍ଥିତ ପରଂବ୍ରହ୍ମଙ୍କୁ ସାକ୍ଷାତ ନ କରି ପ୍ରତିମା ପୂଜା କରିବା ନିରର୍ଥକ ଅଟେ । ଶରୀରାର୍ଥକୁ ଯିଏ ନ ଜାଣିଛି ସେ ବାହ୍ୟରେ ଭ୍ରମି ମୃତ୍ୟୁବରଣ କରିଥାଏ । ସନ୍ଥ କବି ଭୀମଭୋଇ ତାଙ୍କର ଆଦିଅନ୍ତ ଗୀତା ରେ ଶରୀର ଦେହ କଥା ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ଜୀବ ପରମ କଥୋପକଥନ ମାଧ୍ୟମରେ ସେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱକୁ ନିଜସ୍ୱ ଦୃଷ୍ଟିକୋଣରୁ ଅନୁଶୀଳନ କରିଛନ୍ତି । ସନ୍ଥ ଭୀମଭୋଇଙ୍କ ମତରେ ଶରୀର ତେତିଶକୋଟୀ ଦେବତାଙ୍କର ଘର । ମର୍ତ୍ତ୍ୟରେ କାହ୍ନୁ, ହୃଦୟରେ ଜଗନ୍ନାଥ, କଣ୍ଠରେ ଶିବ ବିରାଜମାନ କରିଥିବାରୁ ଶରୀରକୁ ଚିହ୍ନିବା ପାଇଁ ସେ ଭକ୍ତ ପାଠକ ମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ଭୀମଭୋଇଙ୍କ ଭାଷାରେ-

ଚିହ୍ନିଲେ ଘଟ ଭୀତରେ ଗୋ ସର୍ବ ଅଛି
ପ୍ରକୃତି ବିଷୟା ଗୋ ମାରି ପକାଉଛି । (ଆଦିଅନ୍ତ ଗୀତା)

ଏ ଶରୀରରେ ଦଶଦ୍ୱାର ଛପ୍ପନକୋଟୀ ଜୀବ, ସାତସିନ୍ଧୁ, ସାତଦ୍ୱୀପ, ନବରତ୍ନ, ନବରଷି ଆଦି ପୁରୀ ରହିଛି ଏଣୁ ଏ ଶରୀର ଅର୍ଥ ଖୁବ ବ୍ୟାପକ ଅଟେ । ପୁଣି ସନ୍ଥ ଭୀମଭୋଇ ପୁରାଣ ବର୍ଣ୍ଣିତ ବିଭିନ୍ନ ଚରିତ୍ର ଘଟଣା ଓ ସ୍ଥାନ ସବୁକୁ ଶରୀର ଭିତରେ ଅନ୍ୱେଷଣ କରି ଏ ସମ୍ପର୍କରେ ଖୁବ ସୂକ୍ଷ୍ମ ଓ ତାତ୍ତ୍ୱିକ ବିଚାର ଉପସ୍ଥାପନ କରିଛନ୍ତି । ଭୀମଭୋଇଙ୍କ ଭାଷାରେ-

ତାଡ଼କୀ ଅସୁରୀ ଯେହ୍ନେ ଗୋ ତମ ଜାଣ ।
ତତ୍ତ୍ୱ ଚିତ୍ତେ କାଲେ ରାମ ଗୋ ନିବାରଣ । ।
ଅହଲ୍ୟା ସୁନ୍ଦରୀ ଯେହ୍ନେ ଗୋ ଅହଂକାର ।
ପାଷାଣ ପରାଏ ଥିଲା ଗୋ ହୃଦୟର । ।
ଯେତେବେଳେ ରାମ ପୂଣ୍ୟ ଗୋ ଟପା କଲେ ।
ଚେତତତ୍ତ୍ୱ ଅହଂକାର ଗୋ ନିବାରିଲେ । ।
(ଆଦି ଅନ୍ତଗୀତା)

ଭୀମଭୋଇଙ୍କ ବିଚାରରେ ପିଣ୍ଡ ଭିତରେ ବ୍ରହ୍ମାଣ୍ଡକୁ ଅନୁଭବ କରିବାପାଇଁ ଆବଶ୍ୟକ ହୋଇଥାଏ ଜ୍ଞାନ । ତେଣୁ ସେ ଜ୍ଞାନ ଆହରଣ ପାଇଁ ଗୁରୁଚରଣାଶ୍ରିତ ହେବା ପାଇଁ ଆହ୍ୱାନ ଦେଇଛନ୍ତି ।

ଗୁରୁବାଦ:-

ନିର୍ଗୁଣ ସାହିତ୍ୟରେ ଗୁରୁଙ୍କୁ ବିଶେଷ ପ୍ରାଧ୍ୟାନ୍ୟ ଦିଆଯାଇଥାଏ । ମୁଖ୍ୟତଃ ସେଥିରେ ବ୍ରହ୍ମଙ୍କ ପରି ଗୁରୁ ମହିମା ପ୍ରତିପାଦିତ ହୋଇଥାଏ । ଗୁରୁଙ୍କୁ ସେବା ଓ ବନ୍ଦନା ନକଲେ ଜ୍ଞାନ ଲାଭ ହୁଏ ନାହିଁ । ଭାରତୀୟ ସନ୍ଥ ଦର୍ଶନ ଅନୁସାରେ ସଦ୍‌ଗୁରୁ

କୃପାରୁ ବ୍ରହ୍ମ ଦର୍ଶନ ଓ ବ୍ରହ୍ମଜ୍ଞାନ ଲାଭ ହୋଇଥାଏ । କାରଣ ଗୁରୁ ହିଁ ବ୍ରହ୍ମ ଦର୍ଶୀ ଓ ବ୍ରହ୍ମମୟ । ବଳରାମ ଦାସ ଏହି ପ୍ରସଙ୍ଗରେ କହିଛନ୍ତି-

ଗୁରୁ ସେବାରେ ଜ୍ଞାନ ପାଇ,
ଅନ୍ଧକୂପରୁ ଉଦ୍ଧରଇ ।
ଗୁରୁ ନ ସେବିଲେ ଅର୍ଜୁନ,
କାହୁଁ ପାଇବୁ ଦିବ୍ୟ ଜ୍ଞାନ ।
(ଗୁପ୍ତଗୀତା-୩ୟ ଅଧ୍ୟାୟ)

ସନ୍ଥସାହିତ୍ୟରେ ଗୁରୁଙ୍କୁ ଜ୍ଞାନଗୁରୁ, ବିଦ୍ୟାଗୁରୁ ଭାବରେ ଗ୍ରହଣ କରାଯାଇଛି । କବି ଭୀମଭୋଇ ତାଙ୍କର ସମଗ୍ର ସାହିତ୍ୟରେ ଏହି ଗୁରୁବାଦକୁ ବିଶେଷ ଭାବରେ ଗୁରୁତ୍ୱ ଦେଇଛନ୍ତି । ତାଙ୍କର ଗୁରୁ ମହିମା ସ୍ୱାମୀଙ୍କୁ ପରଂବ୍ରହ୍ମଙ୍କ ଅବତାର ଭାବରେ ସେ ଗ୍ରହଣ କରିଛନ୍ତି । ତାଙ୍କର ଶ୍ରୁତି ନିଷେଧଗୀତାରେ ଗୁରୁଙ୍କୁ ଠାକୁର ରୂପରେ ଅଭିହିତ କରିଛନ୍ତି । ଯଥା-

ଗୁରୁଟି ସର୍ବଠାରୁ ସାର
ଅଶେଷ ବ୍ରହ୍ମାଣ୍ଡ ଠାକୁର ।
ଛପନ କୋଟୀ ଜୀବ ଯେତେ,
ଧରି ଭୁଞ୍ଜାଇ ବାମ ହସ୍ତେ ।
ଗୁରୁ ସେ ବ୍ରହ୍ମାଣ୍ଡ ଧାରଣ
ସକଳ ଜୀବର କାରଣ । ( ଶ୍ରୁତିନିଷେଧ ଗୀତା-୬ଷ୍ଠ ଅଧ୍ୟାୟ)

ସ୍ତୁତି ଚିନ୍ତାମଣିରେ ଗୁରୁଙ୍କୁ ସେ ଅନ୍ତର୍ଯ୍ୟାମୀ ବୋଲି କହିଛନ୍ତି । ଗୁରୁ ସେବା କଲେ ଆୟୂଷ ମିଳେ, ପାଣ୍ଡିତ୍ୟ ଲାଭ ହୁଏ । ଗୁରୁ ସେବା କଲେ ଅଙ୍ଗରେ ବିଷ୍ଣୁ ବାସ କରନ୍ତି । ଯମ ଭୟରୁ ମୁକ୍ତି ମିଳେ । ସ୍ତୁତି ଚିନ୍ତାମଣି ରେ କବି କହନ୍ତି -

ମୋର ବିଚାରକୁ ଯାହା ଦିଶୁ ଅଛି
ଗୁରୁ ସେବା ଧର୍ମ ସାର,
କିଛି ହିଁ ନକଲେ ଗୁରୁ ସେବାଧର୍ମ
ପାରୁ ଅଛ ଯେତେ କର ।
(ଭୀମଭୋଇ ଗ୍ରନ୍ଥାବଳୀ, ପୃ-୭୧୧)

ଉତ୍କଳୀୟ ସନ୍ଥକବିମାନଙ୍କ ପରି ଭୀମଭୋଇଙ୍କ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ସହିତ ଗୁରୁବାଦର ମହତ୍ତ୍ୱକୁ ସ୍ୱୀକାର କରିଛନ୍ତି । ତାଙ୍କ ବିଚାରରେ କେବଳ ସଦ୍‌ଗୁରୁ ହିଁ ଶିଷ୍ୟକୁ ପିଣ୍ଡମ୍ମରେ ବ୍ରହ୍ମାଣ୍ଡର ଦର୍ଶନ କରାବାକୁ ସମର୍ଥ । ଈଶ୍ୱର ସୃଷ୍ଟିର କ୍ରମବିକାଶ ଦେହ ଭିତରେ କିଭଳି ଘଟୁଛି ତାହା କେବଳ ତତ୍ତ୍ୱଜ୍ଞାନ ଗୁରୁଙ୍କୁ ଗୋଚର । ସନ୍ଥ ମାନଙ୍କ ମତରେ ତେଣୁ ଗୁରୁ ହେଉଛନ୍ତି ବ୍ରହ୍ମାନନ୍ଦ ସ୍ୱରୂପ, ପରମ ସୁଖଦାତା ଅଖଣ୍ଡ ଜ୍ଞାନ ସ୍ୱରୂପ, ଆକାଶସ୍ୱରୂପ ସର୍ବବ୍ୟାପୀ (ସାହୁ, ଡ.ରତ୍ନାକର-ଓଡ଼ିଶାର ସନ୍ଥସାହିତ୍ୟ,ପୃ.୨୮୨) । ପୁଣି ସେ ହେଉଛନ୍ତି ନିରାକାର, ନିରଞ୍ଜନ, ଆନନ୍ଦମୟ ଓ ଚିନ୍ମୟ ବୋଲି କୁହାଯାଇଥାଏ । ଓଡ଼ିଆ ସନ୍ଥ ସାହିତୟରେ ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ହାଡ଼ି ଦାସଙ୍କ ପରି ଭୀମଭୋଇ ମ୍ଭ ତାଙ୍କର ବିଭିନ୍ନ ରଚନାରେ ଗୁରୁବାଦର ଉଚ୍ଛ୍ୱସିତ ପ୍ରଶଂସା କରି ସର୍ବ ମାନ୍ୟ ପ୍ରଦାନ କରିଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ସନ୍ଥ ଭୀମଭୋଇଙ୍କର ସତ୍ୟମହିମା ଧର୍ମର ଗୁରୁଧାରଣାରେ ଏକ ଉଚ୍ଚତମ ବିଶ୍ୱାସ ସ୍ଥାପିତ ହୋଇଥିବାର ଦେଖାଯାଏ । ଏହି ଧର୍ମରେ ଗୁରୁ ଶବ୍ଦଟି କେବଳ ଦେହଧାରୀ କୌଣସି ଗୁରୁଙ୍କୁ ସୂଚିତ କରେ ନାହିଁ । ଏହି ଧର୍ମମତରେ ଆଦିଗୁରୁ ଓ ଏକମାତ୍ର ଗୁରୁ ହେଉଛନ୍ତି ପ୍ରଭୁ ପରମାତ୍ମା ପରଂବ୍ରହ୍ମ । ସୁତରାଂ, ଭୀମଭୋଇଙ୍କ ବିଭିନ୍ନ ରଚନାରେ ପରଂବ୍ରହ୍ମଙ୍କୁ ଗୁରୁବ୍ରହ୍ମ ବୋଲି ବର୍ଣ୍ଣନା କରାଯାଇ ତାଙ୍କୁ ଗୁରୁଭାବରେ ସମ୍ବୋଧନ କରାଯାଇଛି । ଭୀମଭୋଇଙ୍କର ରଚନା ମାନଙ୍କରେ ପରଂବ୍ରହ୍ମଙ୍କୁ ଗୁରୁବ୍ରହ୍ମ ବୋଲି ବର୍ଣ୍ଣନା କରାଯାଇ ତାଙ୍କୁ ଗୁରୁଭାବରେ ସମ୍ବୋଧନ କରାଯାଇଛି । ଭୀମଭୋଇ ତାଙ୍କର ରଚନା ମାନଙ୍କରେ ଗୁରୁଦେବ ସ୍ୱାମୀ ମାହିମା ସାଗର, ଗୁରୁଦେବ ସ୍ୱାମୀ ନିର୍ଗୁଣ ପୁରୁଷ, ସଦ୍‌ଜ୍ଞାନ ମୁକ୍ତିପଦ ଗୁରୁମୁଖରେ, ଏହିପରି ବାରମ୍ବାର ମହିମା ସ୍ୱାମୀଙ୍କୁ ଗୁରୁଭାବରେ ବର୍ଣ୍ଣନା କରିଛନ୍ତି । ସ୍ତୁତି ଚିନ୍ତାମଣିରେ ଭୀମଭୋଇ ଗୁରୁବାଦ ଅନୁଶୀଳନ ପୂର୍ବକ କହିଛନ୍ତି-

ଦେହରେ ଯେସନେ ଚର୍ମ ଘୋଡ଼ାଇଛି
ଚର୍ମରେ ଆବୋରି ରୋମ,
ଚାରି ଯୁଗେ କେବେ ଭିନ୍ନ ଭିନ୍ନ ନୁହେଁ
ଗୁରୁ ଶିଷ୍ୟ ଏକ ନାମ ।

ଏଣୁ ଗୁରୁଙ୍କର ଶରଣ ଯାଇ ନାମସ୍ମରଣରେ ନିମଜ୍ଜିତ ରହିବା ହେଉଛି ଶିଷ୍ୟର ଏକମାତ୍ର କର୍ତ୍ତବ୍ୟ ବୋଲି ସନ୍ଥ ଭୀମଭୋଇ ତାଙ୍କର ବିଭିନ୍ନ ରଚନାରେ ସୂଚେଇଛନ୍ତି । ବାସ୍ତବିକ ସନ୍ଥକବି ଭୀମଭୋଇ ନିଜସ୍ୱ ଚିନ୍ତା ଓ ଚେତନାରେ ଉତ୍କଳୀୟ ସନ୍ଥପରଂପରା ଓ ଆଦର୍ଶଙ୍କୁ ଗ୍ରହଣ କରି ଯେଉଁ ସନ୍ଥ ଅନୁଚିନ୍ତା ପ୍ରକାଶ କରିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ ।

<u>ସହାୟକ ଗ୍ରନ୍ଥସୂଚୀ:</u>


୧- ଭୀମ ଭୋଇ ଗ୍ରନ୍ଥାବଳୀ- ଧର୍ମଗ୍ରନ୍ଥ ଷ୍ଟୋର, କଟକ, ୨୦୦୨
୨- ନିର୍ଗୁଣ ମହାତ୍ମ୍ୟ– ଚୈତନ୍ୟ ଦାସ (ସଂ. ଆର୍ତ୍ତବଲ୍ଲଭ ମହାନ୍ତି) ପ୍ରାଚୀ, କଟକ ୧୯୨୭
୩- ପଞ୍ଚସଖା ଓଡ଼ିଆ ସାହିତ୍ୟ- ଅ୍ଧାପକ ଦେବେନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ,କଟକ , ୧୯୫୭

୪- ଓଡିଆ ସାହିତ୍ୟରେ ଧର୍ମଧାରା- ଡ. କାହ୍ନୁଚରଣ ମହାନ୍ତି, ଓଡିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର,(୧୯୯୭)

୫- ଓଡିଶାର ସନ୍ଥ ସାହିତ୍ୟ- ଡ.ରତ୍ନାକର ସାହୁ,ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ,୨୦୦୧

୬- କୋଣାର୍କ, ଭୀମଭୋଇବିଶେଷାଙ୍କ-୧୦୨ତମସଂଖ୍ୟା, ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର,୧୯୯୬


ଅଧକ୍ଷ,
ପି.ଏସ୍.ଡିଗ୍ରୀ କଲେଜ
ପୋ- ଉଲୁଣ୍ଡା, ଜି.ସୁବର୍ଣ୍ଣପୁର
ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ
ଉକ୍ଟଭଙ୍ଗବମଙ୍ଗ
ଘକ୍ଟ- ୯୯୩୭୮୬୯୧୬୦

(ଡକ୍ଟର୍ ଦେବାଶିଷ ପାଣ୍ଡିଆ)


<u>ପ୍ରକାଶିତ ପୁସ୍ତକ</u>

୧- *ସୁନ୍ଦର ବିଷାଦ ସହ କିଛି ଦୂର* (କବିତା ସଂକଳନ)
ପ୍ରକାଶକ – ବିଶ୍ୱମୁକ୍ତି ପବ୍ଲିକେଶନ ,ଭୁବନେଶ୍ୱର(୨୦୦୮)

୨- *ଦଣ୍ଡନାଟ- ଧାରା ଓ ଧାରଣା* ( ସଂପାଦିତ)
ପ୍ରକାଶକ – ପଶ୍ଚିମ ଓଡିଶା ବିକାଶ ପରିଷଦ ,ଭୁବନେଶ୍ୱର(୨୦୦୯)

୩–*ସନ୍ଥକବି ଚନ୍ଦ୍ରମଣି ଦାସଙ୍କ ଜୀବନ ଓ ସାହିତ୍ୟ* (ସଂପାଦିତ)
ପ୍ରକାଶକ – ବିଜୟିନୀ ପବ୍ଲିକେଶନ ,କଟକ(୨୦୧୨)

୪- *ଓଡିଆ ଗଳ୍ପ ଓ ଲୋକ ସାହିତ୍ୟ ସମୀକ୍ଷଣ*
ପ୍ରକାଶକ –କଟକ ଷ୍ଟୁଡେଣ୍ଟଷ୍ଟୋର ,କଟକ (୨୦୧୩)

୫–*ଓଡିଆ କ୍ଷୁଦ୍ରଗଳ୍ପ ଓ ଗାଳ୍ପିକ ଭୁବନେଶ୍ୱର ବେହେରା*
ପ୍ରକାଶକ –କଟକ ଷ୍ଟୁଡେଣ୍ଟଷ୍ଟୋର ,କଟକ (୨୦୧୮)

୬–*ସତ୍ୟବାଦୀ ସାହିତ୍ୟଧାରା (ପାଠ୍ୟ ପୁସ୍ତକ)*
ପ୍ରକାଶକ –ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର (୨୦୨୦)

୭–ଲୋକସଂସ୍କୃତି ପରିଭାଷା
ପ୍ରକାଶକ – କାବ୍ୟାଲୋକ , ଭୁବନେଶ୍ୱର (୨୦୨୧)

୧୯୯୨ ମସିହାରୁ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାରେ ଆଧୁନିକ କବିତା ଓ ଗଳ୍ପ ପ୍ରକାଶିତ ହୋଇ ଆସୁଛି ।
ଆକାଶବାଣୀ ସମ୍ବଲପୁର ଓ ବଲାଙ୍ଗୀର କେନ୍ଦ୍ରରୁ ନିୟମିତ ଭାବରେ ଆଧୁନିକ କବିତା, ଗଳ୍ପ ଓ ପ୍ରବନ୍ଧ ପ୍ରସାରିତ ।
ଓଡିଶା ସାହିତ୍ୟ ଏକାଡେମୀର ଶ୍ରେଷ୍ଠ କବିତା (୨୦୦୬) ଗ୍ରନ୍ଥରେ କବିତା ପ୍ରକାଶିତ

ସଂପ୍ରତି ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭାବରେ କାର୍ଯ୍ୟରତ

# ଭାଷା:ଭାବକୁ ଅଭାବ

ISSN -2583-147X(P)
**Bastabatara Pariprakash Prachee**
***Peer Reviewed and Referred Research Journal***

**–ଜ୍ଞାନୀ ଦେବାଶିଷ ମିଶ୍ର**

ଭାଷା ପାଇଁ ଭାବ ନା ଭାବ ପାଇଁ ଭାଷା ! ଆପଣ ନିଶ୍ଚୟ ରାଜି ହେବେ ଯେ ଭାବକୁ ବ୍ୟକ୍ତ କରିବାପାଇଁ ଭାଷାର ଆବଶ୍ୟକତା ପଡ଼ିଥିବ । ଏବଂ କ୍ରମେକ୍ରମେ ଭାବାଭିବ୍ୟକ୍ତିର ସେଇ ମ୍ନମଗୁଡ଼ିକ ସ୍ପଷ୍ଟ-ଅସ୍ପଷ୍ଟ ଧ୍ୱନିମାନଙ୍କ ବାଟଦେଇ ଅର୍ଥପୂର୍ଣ୍ଣ ଶବ୍ଦରେ ରୂପାନ୍ତରିତ ହୋଇଥିବେ । ଅର୍ଥପୂର୍ଣ୍ଣ ଶବ୍ଦମାନେ କ୍ରମେ ବାକ୍ୟରେ ରୂପାନ୍ତରିତ ହୋଇ ଅଭିବ୍ୟକ୍ତିକୁ ପୂର୍ଣ୍ଣତା ଦେଇଥିବେ ।

ଭାଷା ଆଗ, ତା'ପରେ ଭାଷାକୁ ଶୃଙ୍ଖଳିତ କରିବାପାଇଁ ବ୍ୟାକରଣ । ପ୍ରତି ଭାଷାର ରକ୍ତରେ ବ୍ୟାକରଣଟିଏ ଥାଏ । କର୍ତ୍ତା, କ୍ରିୟା, କର୍ମ - କିଏ, କେଉଁଠି ରହିବେ, କାହା ପରେ ରହିବେ- କ୍ରମଟିଏ ମ୍ନ ଥାଏ । ବ୍ୟାକରଣ ଅନୁଯାୟୀ କ୍ରିୟାଟି କର୍ତ୍ତା ଅନୁସାରୀ ହୁଏ । ପାଠ ନପଢ଼ି ବି ଛୋଟପିଲାଟିଏ ମୁଁ "ଖାଇବି', ତୁ "ଖାଇବୁ', ସେ "ଖାଇବ' କୁହେ । ପରେ ସେ ହୁଏତ ପଢ଼େ ଓ ଭାଷାର ଶୃଙ୍ଖଳା ଶିଖେ । ଆମ ରକ୍ତରେ ନଥିବାରୁ ଇଂରାଜୀବେଳକୁ ଆମେ ଆଗ ସୀମିତ ଶବ୍ଦଜ୍ଞାନ ଜରିଆରେ ବ୍ୟାକରଣ ଶିଖିସାରି ଭାଷା ଓ ଭାବର ବିସ୍ତୃତିଆଡ଼କୁ ଯାଉ । ବିଦେଶୀ ଭାଷା ଅ୍ଧ୍ୟୟନବେଳେ ମ୍ନ ଆମେ ଆଗ ବ୍ୟାକରଣ ଉପରେ ଗୁରୁତ୍ୱ ଦେଉ ।

ଶୃଙ୍ଖଳା ହିଁ ଭାଷାର ସ୍ୱାତନ୍ତ୍ର୍ୟ । ଭାଷାର ପ୍ରବହମାନତା ସହିତ ଶବ୍ଦଭଣ୍ଡାର ଓ ବ୍ୟାକରଣରେ ନ ଦିଶିଲା ଭଳି ଟିକିଟିକି ପରିବର୍ତ୍ତନ ବି ଘଟିପାରେ । ବୈଦେଶିକ ଭାଷା ଆସି ନିଜ ପ୍ରଭାବ ବଳରେ ମ୍ନ ସାନସାନ ବ୍ୟତିକ୍ରମ କରେ । କିନ୍ତୁ ସିଂହଭାଗ ଅପରିବର୍ତ୍ତନୀୟ । ଆମ ଶବ୍ଦଭଣ୍ଡାର ମ୍ନ ସମୟ-ପ୍ରଭାବ-ଅନୁକରଣପ୍ରିୟତା ଯୋଗୁଁ ବଢୁଥାଏ-ଛିଡୁଥାଏ ।

ଏଇ ଯେମିତି "ଡକ୍ଟର' ଶବ୍ଦଟି ଆସିଲା ଇଂରାଜୀରୁ ଓ ଆମେ କହିଲୁ "ଡାକ୍ତର' । ସେତିକିରେ ସୀମିତ ରହିଲୁନି । ଯେହେତୁ ଆମର ଅଭ୍ୟାସ ଥିଲା ବାହୁଣ-ବାହୁଣୀ, ଗଉଡ଼-ଗଉଡୁଣୀ ଇତ୍ୟାଦି କହିବା, ଆମେ ତାର ଲିଙ୍ଗ ବଦଳେଇ "ଡାକ୍ତରାଣୀ' କରିଦେଲୁ । ଓଡ଼ିଆ ପ୍ରୟୋଗରେ ଲୋକଟିର ସ୍ତ୍ରୀ ଅର୍ଥରେ ଥିଲା, ଏଠି ସେଇଆ ନୁହେଁ ଜମାରୁ । ଶବ୍ଦ ବଢ଼ିଲା, ଭାବ ବ୍ୟକ୍ତ ହେଲା । ଅସୁବିଧା ହେଲାନି । ଆମେ ଗ୍ରହଣ କରିନେଲେ । ଅର୍ଥର ବିସ୍ତୃତି ମ୍ନ ଘଟିଲା ।

ଆଗ ମଣିଷ ଭାଷା ଶିଖେ, ପରେ ବ୍ୟାକରଣ ଜାଣେ । କିନ୍ତୁ ନିଜକୁ ଅପରପାଖରେ ବ୍ୟକ୍ତ କଲାବେଳେ ଦୁଇଟିଯାକ ଲୋଡ଼ା । ଏଠି ପରୀକ୍ଷାଦେବା କି କ୍ଲାସ୍ ଉଠିବା କଥା ପଡ଼ିନି, ଯେଉଁ ଭାଷା ଓ ବ୍ୟାକରଣ ଲୋକ ପ୍ରୟୋଗ ତଥା ପ୍ରବହମାନତାରେ ବଞ୍ଚିଛି, ତା କଥା ଭୁଲିଗଲେ ମ୍ନ ଚଳିବନାହିଁ ।

"କବିତା ସର୍ବଦା ବ୍ୟାକରଣ ମୁକ୍ତ ।' -ଏ କଥା କୁହନ୍ତି କବିମାନେ ପ୍ରାୟତଃ । ଏହା କହିଲାବେଳେ ଆମେ କିନ୍ତୁ କବିତାର ବ୍ୟାକରଣ କଥା କହୁ, ଭାଷାର ନୁହେଁ । ଏ ବକ୍ତବ୍ୟଟି କବିତାକୁ ବନ୍ଧନମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ହୁଏତ । ସୀମିତତାରୁ ମୁକ୍ତି ପାଇଁ ହୁଏତ । ଭୁଲ ଲେଖି ଖସିଯିବାପାଇଁ ଆଦୌ ନୁହେଁ । ବ୍ୟାକରଣକୁ ଅସ୍ୱୀକାର କରି ଭକ୍ତିର ଦୃଢ଼ତା ରୂପାନ୍ତରିତ ହୁଏ "ଦାଢ଼୍ୟତା ଭକ୍ତି'ରେ । ମାତ୍ର ଏହା ବ୍ୟତିକ୍ରମ । ବ୍ୟତିକ୍ରମ ସର୍ବଦା ଉଦାହରଣ ହେଇପାରେନା ।

ସାଂପ୍ରତିକ ସମୟରେ ସାମାଜିକ ଗଣମ୍ନମମୁଖର ଆମର ଅଭିବ୍ୟକ୍ତି ସବୁ । ସେ କ୍ଷେତ୍ରରେ ମ୍ନ ଭାବବ୍ୟକ୍ତ କଲାବେଳେ ବନାନ୍-ଗତ ଶୁଦ୍ଧତା ଏକାନ୍ତ ଅପରିହାର୍ଯ୍ୟ । ମୁଁ ଜାଣିନି ବୋଲି ଭୁଲ ଲେଖୁଚି ହୁଏ ତ । ଅଭିଧାନଟିଏର ଆବଶ୍ୟକତା ଅଛି ବୋଲି ନ ଭାବିବା ବି କାରଣ ହେଇପାରେ ମୋର ଅଶୁଦ୍ଧିର । ଶବ୍ଦ ଅଶୁଦ୍ଧିପାଇଁ ମତେ କେହି ତାଗିଦ୍ କରିନି, ଶିଖେଇନି, ଖୁନ୍ଦେ-ଚାପୁଡ଼େ ପକେଇନି କି ଗାଳି ଦେଇନି ବୋଲି ବି ହେଇପାରେ ହୁଏତ । ଯାହା ଲେଖିଲେ ବି ଚଳିବ ମ, ଭାବ ବଡ଼, ଭାଷା ନୁହେଁ - ଏଥିପାଇଁ ବି ହୋଇଥାଇପାରେ । ନିଜକୁ ବ୍ୟକ୍ତ କରିବାର ଅହଂ ମନୋବୃତ୍ତି ବି କାରଣ ହେଇଥାଇପାରେ ।

ଆମ ପିଲାଦିନକୁ ସମୃଦ୍ଧ କରିଥିବା ଜଣେ ସାରଙ୍କ କଥା ମନେପଡୁଚି । ସବୁଦିନ ପାଠପଢ଼ି ଘରକୁ ଫେରିଲାବେଳକୁ ସେ ଆମକୁ ଦୃଷ୍ଟିଲିଖନ ଲେଖିବାକୁ ଦେଉଥିଲେ । ପୁଣି ପାଖରେ ଥିଲାବେଳେ ଶ୍ରୁତଲିଖନ ଡାକୁଥିଲେ । "ଶାଢ଼ି'କୁ "ଶାଢ଼ୀ' ବୋଲି ଲେଖିଲେ ପାନ ପିକ ପକେଇଦେଇ କହୁଥିଲେ,"ହଁ ରେ ପୁଅ, ତୁ ବୋଧେ ଦ୍ରୌପଦୀଙ୍କ ଶାଢ଼ି କଥା ଲେଖୁଚୁ ! ଦୁଃଶାସନ ଟାଣୁଚି, ଦ୍ରୌପଦୀ କୃଷ୍ଣଙ୍କ ପାଖେରେ ଶରଣ ପଶିଚି, କୃଷ୍ଣ ଦେଇ ଚାଲିସିନ୍ତି, ସରୁନି । ସେଇଥିପାଇଁ ଦୀର୍ଘତା ଦୃଷ୍ଟିରୁ ଦୀର୍ଘ ଇ ହେଇଯାଇଥିବ । ଆମତମ ଘରର ଶାଢ଼ି ହେଇଥିଲେ, ଛୋଟ ହେଇଥାନ୍ତା । ତେଣୁ ହର୍ସ୍ୱ ଇ ହେଇଥାନ୍ତା । ଆହାରେ ଦୁର୍ଭାଗା ।' ଅବଶ୍ୟ ଓଡ଼ିଶାର ଗାଁ-ସହର ହେଇ ଯଦି ହଜାରେ ଏକାବନ ଶାଢ଼ି ଦୋକାନ ଥିବ, ତେବେ ଗବେଷଣା କଲେ ଦେଖାଯିବ, ହଜାରେ ଅଣଚାଶ ଦୋକାନୀ ଦ୍ରୌପଦୀଙ୍କ ପାଖରେ ଅଟକିଛନ୍ତି । ପୁଣି କୋଉଠି "ବାକୀ' ଲେଖିଦେଲେ ସେଇ

ସାର୍ କହୁଥିଲେ, ବହୁତଦିନ କି ବର୍ଷବର୍ଷର ବାକି ହେଇଥିବ ବୋଲି ସିନା ଦୀର୍ଘ ଇ ଲେଖିଦେଇଚୁ । ଆମତମ ବାକି ତ ଅଳ୍ପ ଦିନର ବାକି । ହ୍ରସ୍ୱ ପ୍ରୟୋଗ ହବ । ସେଇ ସଚେତନତାର ହାତଉଞ୍ଚା ପାଞ୍ଚଣଟି ହଜିଯାଉଚି କ୍ରମଶଃ ।

କହିରଖେ, କଥିତ-ଉପ ତଥା ଆଞ୍ଚଳିକ ଭାଷାର ସାହିତ୍ୟିକ ପ୍ରୟୋଗକୁ ବ୍ୟାକରଣ ବା ବନାନ୍-ଗତ ଅସ୍ଥିରତାରେ ଆଦୌ ଗଣାହେବା ଉଚିତ ନୁହେଁ । କିନ୍ତୁ ପ୍ରୟୋଗଟି ଚେଷ୍ଟାକୃତ ଭଳି ନ ଦିଶି ଭାବ ସହ ଏକାତ୍ମ ହେବା ଆବଶ୍ୟକ । ବାଲେଶ୍ୱର ବାରିପଦାର "କିସ' ଶୁଣି ଆମେ ଥଟ୍ଟା କରିଦଉ । କିନ୍ତୁ କି ଦରଦୀ-ମରମଥରା ଢଙ୍ଗରେ କାନ୍ତକବି ଲେଖିଲେ,

'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼େଇବ ହେ!

ଯାହା ଦେଇଥିଲ, ସବୁ ତ ନେଲଣି,ଆଉ କିସ ଏବେ ଛଡ଼ାଇବ ହେ !'

ଶୁଣିଦେଲାବେଳକୁ ମଞ୍ଜ ଥରିଗଲା ଭଳି ଓ ନ ଶୁଭିଲା କାନ୍ଦ ବାହାରିଆସିବା ଭଳି ଗୀତଟିଏ । "କିସ'କୁ ଟିକଲ କରିବାକୁ ଜିଭ ଲେଉଟେ କ'ଣ!

'କୀରମୋହନଙ୍କ ରଚନାରେ ଉତ୍ତର ଓଡ଼ିଶାର ଭାଷା ଯେଉଁ ମର୍ଯ୍ୟାଦା ପାଇଚି, ତାକୁ କଣ ପ୍ରଶ୍ନ ପଚାରି ହୁଏ ! ଗୋପାଳକୃଷ୍ଣଙ୍କ ଗୀତିକା ହଉ କି ଦୀନନାଥ ପାଠୀଙ୍କ "ଦିଗପହଣ୍ଡିର ଡ୍ରଇଂମାଷ୍ଟ୍ରେ'- ଯିଏ ଶୁଣିଚି-ପଢ଼ିଛି, ତାକୁ ଦକ୍ଷିଣଓଡ଼ିଶା ଭାଷାର ମହକ ନିଶ୍ଚୟ ବାସିବ । ଶବ୍ଦଟିଏ ଉପଯୁକ୍ତ ପ୍ରୟୋଗରେ ସାର୍ଥକତା ପାଏ । ଅଶ୍ଳୀଳତାର ଘେରରୁ ମୁକୁଳି ଯାଇପାରେ । ମାତ୍ର ଓଲଟା ହେଲେ, କଥା ସରିଲା ।

ଆମ ଭାଷାର ସ୍ୱାତନ୍ତ୍ର୍ୟ ହେଉଛି ସ୍ୱରାନ୍ତ ଉଚ୍ଚାରଣ । ଆମେ ସିନା ଉଚ୍ଚାରଣରେ ଆଧୁନିକତା ନାମରେ ଓ ହିନ୍ଦୀ ଭାଷାର ମାତ୍ରାଧିକ ପ୍ରଭାବରେ ହଳନ୍ତମୁଖୀ ଉଚ୍ଚାରଣରେ ଭାସିଗଲେ ଓ ମାନସିକ ଦାରିଦ୍ର୍ୟ ହେତୁ ହିନ୍ଦୀ-ଇଂରାଜୀମିଶା ଓଡ଼ିଆକୁ ଉପଯୁକ୍ତ ଉଚ୍ଚାରଣ ବୋଲି ଭାବିଲେ, ନହେଲେ ଅଧିକାଂଶତଃ ଆମ ପଦ୍ଧତିରେ ସ୍ୱରଧ୍ୱନିରେ ହିଁ ଉଚ୍ଚାରଣ ଶେଷହୁଏ ।

"ଓଡ଼ିଆ ବେତାର' ଶୀର୍ଷକରେ ଏକଦା ଧୀରେନ୍ ଦାଶ ସେ ପ୍ରସଙ୍ଗରେ ଲେଖିଥିଲେ ଚିଠିଟିଏ 'ଡଗର'ର ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ରଙ୍କୁ । ଖବର ପଢୁଥିବା କର୍ମଚାରୀଙ୍କ ଉଚ୍ଚାରଣ ପଦ୍ଧତିରେ ଥିବା ଦୁଇଚାରିଟି ପ୍ରସଙ୍ଗ ଉଲ୍ଲେଖକରି । ଚିଠିଟି ଥିଲା -

'ଡଗର'ର ସମ୍ପାଦକ ମହାଶୟ, ନମସ୍ତେ

ଭାରତ ସରକାରଙ୍କ ପ୍ରଚାର ବିଭାଗର ଦିଲ୍ଲୀ ବେତାର କେନ୍ଦ୍ରରୁ ଦେଶବାସୀଙ୍କୁ ନିଜ ନିଜ ମାତୃଭାଷାରେ ଦୈନିକ ଖବର ଶୁଣାଇବା ପାଇଁ ପ୍ରାୟ ପ୍ରତ୍ୟେକ ପ୍ରଦେଶରୁ ଏକାଧିକ କର୍ମଚାରୀ ନିଯୁକ୍ତ ଅଛନ୍ତି । ଓଡ଼ିଆ ଭାଷାପାଇଁ ମ୍ନ ଦୁଇଜଣ କର୍ମଚାରୀ ଅଛନ୍ତି । ଅନ୍ୟଭାଷା ଗୁଡ଼ିକରେ ଯେତେଥର ଖବର ଶୁଣିଲେ ମ୍ନ ଏକାପ୍ରକାର ଶୁଭୁଛି କିନ୍ତୁ ଓଡ଼ିଆ ଭାଷାରେ ଭିନ୍ନ କର୍ମଚାରୀଙ୍କ ଅନୁସାରେ ଭାଷା ମ୍ନ ଭିନ୍ନ ପ୍ରକାରର ଶୁଭୁଛି ଅର୍ଥାତ୍ ଜଣେ କର୍ମଚାରୀ ପଢ଼ିବା ସମୟରେ ପୁରା ବଙ୍ଗମାତ୍ରା ହଳନ୍ତ୍ ଆଦି ଲଗାଇ ପଢୁଛନ୍ତି ଓ ଅନ୍ୟ ଜଣଙ୍କ ପୁରା ଓଡ଼ିଆ 'ଅ' କାରାନ୍ତରେ ପଢୁଛନ୍ତି । ମୋର ଜଣେ ଅଣଓଡ଼ିଆ ବନ୍ଧୁ ଅନେକ ଥର ମୋ ସହିତ ଓଡ଼ିଆ ଖବର ଶୁଣି ହଠାତ୍ ଦିନେ ମତେ କହିଲେ - "ଆପଣଙ୍କର ଭାଷା କ'ଣ ଦୁଇଟା ?' ବନ୍ଧୁଙ୍କ ଏ ପ୍ରଶ୍ନରେ ମୁଁ ଆମର ପ୍ରକୃତ ଦୋଷଟା ବୁଝି ପାରିଲି ।

ମୁଁ ମାନୁଚି, ପ୍ରଦେଶ ଭିତରେ ସ୍ଥାନ ନେଇ ଭାଷାର ପ୍ରଭେଦ ଦେଖାଯାଏ । କିନ୍ତୁ ସଂଖ୍ୟାଧିକ ଜନସାଧାରଣଙ୍କୁ ନେଇ ଭାଷାଟାକୁ ସୁବିଧା ପାଇଁ ଗୋଟିଏ ନୀତିରେ ପକାଇ ଦିଆ ଯାଇଥାଏ ଯେଉଁଥିରେ କି ବହିପତ୍ର, ଖବରକାଗଜ ଇତ୍ୟାଦି ଚଳେ । ଭାଷାଟା ଏକ ଥିବା ସମୟରେ ଉଚ୍ଚାରଣରେ ପ୍ରଭେଦ କାହିଁକି ଯେ ହେବ ମୁଁ ଭାବିପାରୁନାହିଁ । ଆମ ଭାଷାପାଇଁ କ'ଣ ନିର୍ଦ୍ଦିଷ୍ଟ ଉଚ୍ଚାରଣ ନାହିଁ? ଉପରୋକ୍ତ କର୍ମଚାରୀ ମାନଙ୍କର ନିଯୁକ୍ତି ସମୟରେ ସେମାନଙ୍କର ଉଚ୍ଚାରଣର ନିଶ୍ଚୟ ପରୀକ୍ଷା ନିଆଯାଇଥିବ । ଓଡ଼ିଆ ପରସ୍ପର ଦୁଇ ଭିନ୍ନ ପ୍ରକାର ଉଚ୍ଚାରଣ କରୁଥିବା ବ୍ୟକ୍ତି ନିଯୁକ୍ତ କରି କ'ଣ ପ୍ରାଦେଶିକ ଭାଷା ପ୍ରକୃତ ଉଚ୍ଚାରଣ କେଉଁଟା କରିବେ ଏହା ପରୀକ୍ଷା କରୁଛନ୍ତି ।

ଶ୍ରୀ ଧୀରେନ୍ ଦାଶ(ବମ୍ବେ)

ଗଣ୍ଡଗୋଳଟି ହୁଏତ ମାନକ ଓଡ଼ିଆ ଭାଷା ସହିତ ପ୍ରାଦେଶିକ ଭାଷାର । ମାତ୍ର ଭାଷା ଯେତେବେଳେ ଗଣମାଧ୍ୟମ ଜରିଆରେ ପ୍ରସାରିତ ହୁଏ ସେତେବେଳେ ସଚେତନତାର ସ୍ତର ଆହୁରି ଅଧିକ ହେବାର ଆବଶ୍ୟକତା ଅଛି ।

ଭାବ ହିଁ ଗୁରୁତ୍ୱପୂର୍ଣ୍ଣ-ଅମୃତ ସମାନ — ମୁଁ ବି ମାନୁଚି । କିନ୍ତୁ ତାକୁ ସାଇତିବା ପାଇଁ ବା ଧାରଣ କରିବା ପାଇଁ ଭାଷା ତ ପାତ୍ରଟିଏ ନା! ସେଥିରେ ଯଦି କଣା ରହିଲା ଗଣ୍ଡେ କି ଛଅଟା- କେମିତି ଅକ୍ଷୁଣ୍ଣ ରହିବ "ଭାବ' !

**ଓଡ଼ିଆ ବିଭାଗ,**

**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩**

# ବଣ୍ଡା ଆଦିବାସୀଙ୍କର ସାହିତ୍ୟିକ ରୂପାୟନ "ଭଗବାଁର ଦେଶ୍"- ଏକ ଅ୍ଧ୍ୟୟନ

ISSN -2583-147X(P)
**Bastabatara Pariprakash Prachee**
***Peer Reviewed and Referred Research Journal***

-ଅଧ୍ୟାପକ ଗୌତମସେନ୍ ହାଁସଦାଃ

ଅଶୀ ଦଶକ ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟ ଜଗତର ସ୍ୱନାମଧନ୍ୟା କଥା ସମ୍ରାଜ୍ଞୀ ହିସାବରେ ପ୍ରତିଭା ରାୟ ବହୁ ପରିଚିତ । ଗାଳ୍ପିକା ଅପେକ୍ଷା ଔପନ୍ୟାସିକା ଦିଗଟି ତାଙ୍କର ବେଶ୍ ସମୃଦ୍ଧ । ତଥାପି ଅନେକ ବଳିଷ୍ଠ ଗଳ୍ପ ରଚନା କରି ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କ କ୍ଷୁଦ୍ରଗଳ୍ପରେ ସମାଜ ଓ ଜୀବନର ବିଭିନ୍ନ ଦିଗକୁ ଅତ୍ୟନ୍ତ ଚମତ୍କାର ଭାବରେ ଉପସ୍ଥାପନ କରିଛନ୍ତି । ଏଥିରେ ଆଦିବାସୀ ସଭ୍ୟତା ଠାରୁ ଆରମ୍ଭ କରି ଆଧୁନିକ ସଭ୍ୟତା ପର୍ଯ୍ୟନ୍ତ ସମଗ୍ର ମାନବ ଜୀବନର ଚିତ୍ର ପ୍ରଦାନ କରିଛନ୍ତି । ତାଙ୍କ ଗଳ୍ପ ଗୁଡ଼ିକ ମଧ୍ୟରେ 'ସାମାନ୍ୟ କଥନ', 'ଗଙ୍ଗ ଶିଉଳି', 'ଐକ୍ୟତାନ', 'ମୋକ୍ଷ', 'ଉଲଙ୍ଘନ', 'ପୃଥକ ଈଶ୍ୱର'ଓ 'ଭଗବାଁର ଦେଶ୍' ପ୍ରଭୃତି ଗଳ୍ପ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି । 'ଉଲଙ୍ଘନ'ଗଳ୍ପ ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇଥିବା ବେଳେ 'ମୋକ୍ଷ' ତାଙ୍କର ବହୁ ଚର୍ଚ୍ଚିତ ଗଳ୍ପ ସଂକଳନ । ସେହିପରି 'ଭଗବାଁର ଦେଶ୍(୧୯୯୧)' ତାଙ୍କର ଏକମାତ୍ର ଆଦିବାସୀ ସମ୍ବଳିତ ଗଳ୍ପ ସଂକଳନ ।

'ଭଗବାଁର ଦେଶ୍' ଏପରି ଏକ ଦେଶ ଯେଉଁଠି ମଣିଷର କୌଣସି ଜାତି,ଧର୍ମ,ବର୍ଣ୍ଣ, ରାଜନୈତିକ ପାର୍ଟି ଆଦିର ଚକ୍ରବ୍ୟୂହ ଭିତରେ ବନ୍ଦୀ ନୁହେଁ । ସେଠି ପ୍ରତ୍ୟେକ ମଣିଷ ସମାନ । ପାଟଖଣ୍ଡା ମହାପ୍ରୁ ହେଉଛନ୍ତି ସେଠାକାର ରାଜା । ବାକି ସମସ୍ତେ ପ୍ରଜା । ସେଠାରେ ମଣିଷର ପରିଚୟ ନିଚ୍ଛକ ମଣିଷ "ରେମୋ" । କେଉଁ ଆଦିମ କାଳରୁ ଗଣତନ୍ତ୍ରର ନିର୍ବିରୋଧ ପ୍ରବାହ ସାମ୍ୟବାଦର ନିରବଚ୍ଛିନ୍ନ ଜୟଯାତ୍ରା ସତେ ଯେପରି ସାରା ଇଲାକାକୁ ଆଚ୍ଛନ୍ନ କରିଛି ।

ଏଇ ଦେଶ କୋରାପୁଟ ଜିଲ୍ଲା ମାଲକାନ୍‌ଗିରି ସବ୍‌ଡିଭିଜନ୍‌ର ଖଇରପୁଟ୍ ବ୍ଲକ୍ ଅର୍ନ୍ତଗତ ମାଛକୁଣ୍ଡ ନଦୀର ପଶ୍ଚିମରେ ଅବସ୍ଥିତ ପୂର୍ବଘାଟ ପର୍ବତମାଳାରେ ଥିବା ଏକ କୁଞ୍ଚକୁଞ୍ଚିଆ ଅଂଶ ବଣ୍ଡା ପର୍ବତ ଢାଲୁରେ ଅବସ୍ଥିତ । ପାହାଡ଼ ତଳେ ଥିବା ଆଧୁନିକ ସଭ୍ୟତାର ୧୪କି.ମି. ଦୂରତାରେ ସମୁଦ୍ର ପତ୍ତନଠାରୁ ୪/୫ ହଜାର ଫୁଟ ଉପରେ ଏହାର ଅବସ୍ଥିତି । 'ଭଗବାଁର ଦେଶ୍' ଲେଖିବା ପର୍ଯ୍ୟନ୍ତ ଏହି ଉପତ୍ୟକାରେ ଛତୁ ଫୁଟିଲା ପରି ମେଞ୍ଚି ମେଞ୍ଚି ୩୨ ଖଣ୍ଡ ଗ୍ରାମକୁ ନେଇ ଏହାର କଳେବର ପରିପୁଷ୍ଟ ଥିଲା । କିନ୍ତୁ ପରେ ଏହା ବଢି ୫୧ଟି ବସ୍ତିରେ ରୂପାନ୍ତରିତ ହୋଇଛି । ଏହି ବଣ୍ଡା ପାହାଡ଼କୁ ଯିବାକୁ ହେଲେ ଗୋବିନ୍ଦ ପାଲି ଠାରୁ କଦମ୍ବଗୁଡ଼ା ଯିବାକୁ ହୁଏ । କଦମ୍ବଗୁଡ଼ାରୁ ପ୍ରାୟ ଦୁଇହଜାର ଫୁଟ ପାଖାପାଖି ପାହାଡ଼ିଆ ରାସ୍ତାରେ ଉପରକୁ ଉଠିଲେ 'ତୁଳାଗୁରାମ୍' ପଡ଼େ ଏବଂ ଏଠାରୁ ଦୁଇ ହଜାର ଫୁଟ ପାହାଡ଼ିଆ ରାସ୍ତାରେ ଉପରକୁ ଗଲେ ଗୋୟୀପଡ଼ା । ଏହାପରେ ଡୁସୁରୀଗୁଡ଼ା ଏବଂ ସର୍ବଶେଷରେ ପଡ଼େ ମୁଦୁଲୀପଡ଼ା ।[୩] ଏଥିରେ ରହିଛି ଆଦିବାସୀ ବଣ୍ଡା ଜାତିର ସମଗ୍ର ଇତିହାସ । ମୁଦୁଲୀପଡ଼ା ଗାଁ ବଣ୍ଡାର ରାଜଧାନୀ । ସେଠାରୁ ଆରମ୍ଭ ହୋଇଛି ତା'ର ସମାଜ, ତା'ର ସଂସ୍କୃତି । ତା'ର ମହାପ୍ରଭୁ ଭଗବାଁ ହେଉଛି ଏକ ବିଶାଳ ପୁରାତନ ଖଣ୍ଡା । ଯିଏ ବର୍ଷକରେ ଦୁଇଥର(ମତାନ୍ତରେ ତିନିଥର*) ପ୍ରାଚୀନ ବରଗଛ କୋରଡ଼ରୁ ତଳକୁ ଓହ୍ଲାଇ ଆସି ପୂଜାପାଏ । ତାଙ୍କ ଭାଷାରେ ଏହାକୁ 'ସିଙ୍ଗି-ଆର୍‌କେ' ବା ପାଟଖଣ୍ଡା ମହାପ୍ରଭୁ କୁହାଯାଏ । ଏହି ଖଣ୍ଡାର ଲମ୍ବ ୩ଫୁଟ ଓସାର ୬ ଇଞ୍ଚ ।[୪]

ବଣ୍ଡା ନିଜକୁ, ତା'ର ଜାତିକୁ ଓ ତା'ର ଦେଶକୁ ସ୍ୱାଧୀନ ବୋଲି ଭାବେ । ନିଜର ପରିଚୟ ଦେବାକୁ ସେ କେବେ କୁଣ୍ଠାବୋଧ କରେନି । ଯଦିଓ ତା ଭାଷାରେ 'ବଣ୍ଡା' ଶବ୍ଦର ଅର୍ଥ 'ଲଙ୍ଗଳା' । ପୁଣି ବନ୍-ଡା ଅର୍ଥାତ୍ ବଣରେ ଜାତ ଯୋଗୁଁ ସେ ବଣ୍ଡା ।

ତଥାକଥିତ ଶିକ୍ଷିତ ଲୋକ ଚକ୍ଷୁରେ ଏହି ବଣ୍ଡା ମଣିଷ ନୁହେଁ ବଣମଣିଷ । କାରଣ ସେମାନଙ୍କର ଦେହରେ ବସ୍ତ୍ର ନାହିଁ, ଦାମୀ ଗହଣାଗାଣ୍ଠି ନାହିଁ, ରୂପଚର୍ଯ୍ୟା ନାହିଁ, ମୁହଁରେ ସ୍ନୋ-ପାଉଡ଼ର,କଜ୍ଜଳ-ଲିପ୍‌ଷ୍ଟିକ୍ ନାହିଁ । ମନରେ ଅହମିକା ନାହିଁ, ଛଳନା ନାହିଁ, କପଟତା ନାହିଁ । ସବୁ ସାଦାସିଧା, ସବୁ ଖୋଲାମେଲା । ସବୁ ସ୍ୱାଭାବିକ । ଯାହା ଯେଉଁଠି ଯେମିତି ଥିଲା, ସବୁ ସେଇଠି ସେମିତି ଅଛି, ସାଜିବାର, ସଜାଇବାର ଇଚ୍ଛାନାହିଁ । ସେମାନେ ସଭ୍ୟତାର ପାଳିତ ସନ୍ତାନ ନୁହଁନ୍ତି, ପ୍ରକୃତି ସନ୍ତାନ ।[୨] (ପୃ-୪୨,୪୩)କିନ୍ତୁ ଏସବୁ ଭିତରେ ବି କହି ରଖିବା ଠିକ୍ ହେବ ଯେ "ବଣ୍ଡା ନିରକ୍ଷର,ଅଶିକ୍ଷିତ ହୋଇପାରେ କିନ୍ତୁ ଅସଭ୍ୟ ନୁହେଁ । ତା'ର ଏକ ସ୍ୱତନ୍ତ୍ର ସଭ୍ୟତା ଓ ସଂସ୍କୃତି ରହିଛି ।"[୧](ପୃ-୭) ଏସବୁ ଆମକୁ ବିଚିତ୍ର ଲାଗୁ ପଛେ ତଥାପି ସେଥିରେ ରହିଛି ଏକ ସ୍ୱତନ୍ତ୍ର ଐଶ୍ୱର୍ଯ୍ୟ ଓ ଆଭିଜାତ୍ୟ । ଯାହା ସଭ୍ୟ ସମାଜରେ ଦେଖିବାକୁ ମିଳେନାହିଁ । ଏହି ସମସ୍ତ ଜୀବନ୍ତ ଘଟଣାବଳୀକୁ ନେଇ "ଭଗବାଁର ଦେଶ୍" ଗଳ୍ପ ସଂକଳନର ଜନ୍ମ । ଏ ସଂପର୍କରେ ନିଜେ ଗାଳ୍ପିକା ମୁଖବନ୍ଧରେ କହନ୍ତି- "ସତ୍ୟ ଘଟଣାକୁ ସଜେଇ କହିଲେ ଯଦି କାହାଣୀ ହୋଇଥାଏ ତେବେ ସବୁ ଗୁଡ଼ିକ କାହାଣୀ କହିପାର, ମାତ୍ର ସେଥିରେ କାହାଣୀ କମ୍ ସତ୍ୟ ବେଶୀ ।" ସୁତରାଂ ଏହି ସଙ୍କଳନରେ ରହଛି ୧୨ଟି ଗଳ୍ପ ସେଥିରୁ ୯ଟି ବଣ୍ଡା

ସଂପ୍ରଦାୟକୁ ନେଇ(ରେମୋ,ସନ୍‌କି, ମାଉଁସ, ୟଙ୍ଗ୍, ପଶୁଜନ୍ମ, ଲଙ୍ଗସି, ଡାଗୋଇ, ଏକଲବ୍ୟର ଗୁରୁଦୀକ୍ଷା, ଭଗବାଁର ଦେଶ୍) ଦୁଇଟି ପରଜା ସଂପ୍ରଦାୟକୁ ନେଇ(ମୁଣ୍ଡ ଜାମିନୀ, ମୁଁ ସ୍ୱାଧୀନ) ଏବଂ ଗୋଟିଏ ସଉରା ସଂପ୍ରଦାୟ(ଅକର୍ମଶିଳା)କୁ ନେଇ ରଚିତ ।

ସଙ୍କଳନର ପ୍ରଥମ ଗଳ୍ପ "ରେମୋ" ଲେଖିକାଙ୍କର ପ୍ରଥମ ଅନୁଭୂତିରୁ ଜନ୍ମ । ଘଟଣାକ୍ରମେ ଲେଖିକା ଅନ୍ୟ ସମସ୍ତ ଅଫିସରଙ୍କ ସହିତ ବଣ୍ଡା ପାହାଡ଼ ପରିଦର୍ଶନରେ ଯାଇଥିବାବେଳେ ହଠାତ୍ ବାଘ ମାଡିଛି ବୋଲି ସମ୍ବାଦ ଶୁଣିବାକୁ ପାଇଛନ୍ତି । ନିଜକୁ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ପାହାଡ଼ ତଳେ ଥିବା ଏଜେନ୍ସି ଅଫିସକୁ ଧାଇଁଛନ୍ତି । ଯିବା ବାଟରେ ସୁରକ୍ଷା କବଚ ଭଳି ଘେରି ରହିଥିଲେ ବଣ୍ଡା ଯୁବକ ଦଳ । "ବାଘ ମଣିଷ ମାରୁ ବଣ୍ଡା ବି ମଣିଷ ମାରୁ । କାହାଠୁ ପ୍ରାଣ ବଞ୍ଚାଇବା ଶ୍ରେୟ ।" ଏହି ଭୟ ମିଶ୍ରିତ ଆଶଙ୍କାର ପ୍ରତ୍ୟକ୍ଷ ଅନୁଭୂତିରୁ 'ରେମୋ' ଗଳ୍ପର ଜନ୍ମ । ରେମୋମାନଙ୍କୁ ଜାଣିବାର ଦୁର୍ବାର ଲାଳସା ଭିତରୁ ଏହି ଗଳ୍ପର ପ୍ରତିନିଧି ଚରିତ୍ର ମେଧାର ଜନ୍ମ । ସେ ଲେଖିକା ଆଉ ସାମ୍ବାଦିକା । ଏହି ଚରିତ୍ରର ଅନ୍ତରାଳରେ ସ୍ୱୟଂ ଲେଖିକା ଆତ୍ମଗୋପନ କରି ଆଦିବାସୀଙ୍କୁ ଜାଣିବାକୁ ପ୍ରୟାସ କରିଛନ୍ତି । ଗଳ୍ପ ମାଧ୍ୟମରେ ସମଗ୍ର ବଣ୍ଡା ସଂସ୍କୃତିର ଚାଲିଚଳଣୀ, ଆଚାର ବ୍ୟବହାର, ରୀତି ନୀତି, ପୂଜା ପାର୍ବଣ, ବିବାହ,ସଂସ୍କାର, ବିଶ୍ୱାସ, ସନ୍ଦେହ, ପ୍ରତିଶୋଧ ପୁଣି ଆତ୍ମୀୟତା ସହିତ ସଙ୍କୋଚ ପଣିଆକୁ ମାଧ୍ୟମ ସୁନ୍ଦର ଭାବରେ କଳାତ୍ମକ ଢଙ୍ଗରେ ପରିବେଷଣ କରିଛନ୍ତି । ତେଣୁ ଏହି ଗଳ୍ପ ଚିହ୍ନାଇ ଦିଏ ଆଦିବାସୀଙ୍କର ସ୍ୱଚ୍ଛତା ଓ ସହରୀ ସଭ୍ୟତା ଭିତରେ ଥିବା ମାନସିକ ବିକାରକୁ । ଚିହ୍ନାଇ ଦିଏ ପୁଣି ଆଦିବାସୀଙ୍କ ପ୍ରତିଶ୍ରୁତି ଏବଂ ଦାୟବଦ୍ଧ ସଂପର୍କକୁ ।

ଯେତେବେଳେ ମେଧା ଚରିତ୍ର ବଣ୍ଡାକୁ ନିଜର ପରିଚୟ ପ୍ରଦାନ କରିବା ପାଇଁ କହିଛନ୍ତି ସେତେବେଳେ ବଣ୍ଡା ମୁକ୍ତ ଭାବରେ ନିଜର ପରିଚୟ ଦେଇଛି । ସଙ୍କୋଚ ନାହିଁ, ସନ୍ଦେହ ବି ନାହିଁ । ସତେ ଯେପରି ତା'ର ଚିନ୍ତାଧାରା ଖୋଲା ଆକାଶ ପରି ବିଶାଳ ଓ ପ୍ରଶସ୍ତ । କାହାସହିତ ତା'ର ଭେଦ ଭାବ ନାହିଁ । ସମସ୍ତେ ସମାନ । ଗାଁର ସମସ୍ତ ଲୋକ ଆପଣାର ପବିତ୍ର ସଂପର୍କ ମାଧ୍ୟମରେ ବନ୍ଧା । ଗୋଟିଏ ଗାଁର ଯୁବକ ଯୁବତୀ ପରସ୍ପରର ପବିତ୍ର ଭାଇ ଭଉଣୀ । ତେଣୁ ଗାଁରେ ବିବାହ ନିଷେଧ । ବିବାହ କରିବାକୁ ହେଲେ ଅନ୍ୟ ଗ୍ରାମ ସହିତ ସଂପର୍କ ରଖିବାକୁ ହୁଏ । ତା ପାଇଁ ପଡ଼ିଶା ଗାଁରୁ ଆସନ୍ତି ବଣ୍ଡା ଯୁବକ । ଅତୀତରେ ଗାଁ ମୁଣ୍ଡରେ ଅଥଚ ଏବେ ଗାଁ ମଝିରେ ଯୁବକ ଯୁବତୀମାନଙ୍କ ପାଇଁ ଯଥାକ୍ରମେ ଇଙ୍ଗରସନ୍(ଧାଙ୍ଗଡ଼ା ବସା) ଓ ସେଲନି ଡିଙ୍ଗୋ(ଧାଙ୍ଗଡ଼ୀ ବସା) ରହିଛି । ପ୍ରାୟ ପ୍ରତିଦିନ ରାତିରେ ପାଗ ଭଲ ଥିଲେ ଧାଙ୍ଗଡ଼ୀ(ଯୁବତୀ)ବସା ନିକଟରେ ବାଦ୍ୟର ତାଳେ ତାଳେ ନୃତ୍ୟର ଛନ୍ଦ ମାଧ୍ୟମରେ ଗୀତ ମାଧ୍ୟମରେ ବଣ୍ଡା ଯୁବତୀଙ୍କୁ ପ୍ରେମ ନିବେଦନ କରନ୍ତି ।[୨](ପୃ-୪୫) ଭାବ ଦିଆନିଆ ମାଧ୍ୟମରେ ଯୁବତୀର ମନକୁ ଆୟତ୍ତ କରନ୍ତି । ଗରମ ଚେଙ୍କ ଭିତରେ ପୌରୁଷତ୍ୱର ପରିଚୟ ଦେଇ ଜିଣି ନିଅନ୍ତି ପ୍ରେମିକାର ମନକୁ । ଆଉ ବିବାହ କରି ବସନ୍ତି ନିଜଠାରୁ ବୟସରେ ଦଶ ବାର ବର୍ଷ ବଡ଼ ଧାଙ୍ଗଡ଼ୀ(ଯୁବତୀ)କୁ । ଏସବୁ ଭିତରେ ସାଂସାରିକ ଜୀବନ ଆରମ୍ଭ ହୁଏ । ବଣ୍ଡା ନାରୀଟିଏ ହୋଇଯାଏ ସଂସାରୀ । ସମସ୍ତ ସଂସାରକୁ ନିଜ ମୁଣ୍ଡରେ ଟେକି ବସେ, ଠିକ୍ ସନ୍‌କି ଟୋକୀ ପରି ।

'ସନ୍‌କି'ଗଳ୍ପରେ ବଣ୍ଡା ନାରୀର ଭଲ ପାଇବା, ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ପରାୟଣତା ସହିତ ତ୍ୟାଗକୁ ହିଁ ଦେଖିବାକୁ ପାଉ । ଗଳ୍ପର ମୁଖ୍ୟ ନାୟିକା ସନ୍‌କି ବଣ୍ଡା ଯୁବତୀର ପ୍ରତିନିଧି ଚରିତ୍ର । ସେ ଯୁବତୀ ଥିବା ସମୟରେ ପ୍ରେମ କରିଛି ବୁଦେଇକୁ । ଖଣ୍ଡେ ନିଆଁ ଖୁଣ୍ଟା ଆଣି ବୁଦାର ଖୋଲା ଛାତିରେ ଚେଙ୍କ ପକାଇ ପରୀକ୍ଷା କରିଛି ତା'ର ପ୍ରେମକୁ । ତା'ପରେ ବିବାହ କରିଛି ବୁଦାକୁ । ବାହାଘର ପରଠୁ ସନ୍‌କିର ଚିନ୍ତା ବଢ଼ିଛି । କେମିତି ତା'ର ଦଶ ବର୍ଷର ମ୍ପର(ସ୍ୱାମୀ)କୁ ଭେଣ୍ଡା କରିବ, ମଣିଷ କରିବ । ତେବେ ସିନା ତା'ର ବୁଢୀ ଦିନକୁ ସ୍ୱାମୀ ତାକୁ ଆଶ୍ରାଦେବ, ଦାନା ଦବ, ତାକୁ ମଲା ଯାଏ ଚଳାଇବ । ନହେଲେ କିଏ କାହାର ? ଏଥିପାଇଁ ସ୍ୱାମୀଟିଏ ଲୋଡା ବଣ୍ଡା ନାରୀର । ବଞ୍ଚିବା ଅପେକ୍ଷା ମରିବା ପାଇଁ ବଣ୍ଡା ପାହାଡ଼ରେ ସାଥୀଟିଏ ବେଶୀ ଦରକାର ।[୩](ପୃ-୩୫) ନିଜ ହାତରେ ଚାଷ କରେ ବଣ୍ଡାନାରୀ । ଘରର ସମସ୍ତ ଦାୟିତ୍ୱ ତୁଲାଏ । ପାରୁ ପର୍ଯ୍ୟନ୍ତ ସ୍ୱାମୀକୁ ଆରାମ ଦିଏ । ନିଜ ଦେହକୁ, ନିଜ ରୂପକୁ ଦେଖେ ନାହିଁ । ସକାଳ ଠାରୁ ସଞ୍ଜଯାଏ ତା'ର କେବଳ ପେଟ ଚିନ୍ତା । କ୍ଲାନ୍ତିହୀନ ଜୀବନ ଚିନ୍ତା ହିଁ ତା'ର ସୁଖ ଆନନ୍ଦ, ଗର୍ବ ଆଉ ସ୍ତ୍ରୀ ପଣିଆ । ସେ ଭାବେ ସ୍ୱାମୀକୁ ଯଦି ନିଦକ ଆରାମ ଦେଇ ନ ପାରିଲା ତେବେ ସେ କି ସ୍ତ୍ରୀ ଜନ୍ମ । ଏ ସବୁ ତ୍ୟାଗ ଓ କର୍ତ୍ତବ୍ୟବୋଧ ଭିତରେ ବି ବେଳେବେଳେ ସ୍ୱାମୀକୁ ଆକଟି ପାରେନାହିଁ । ଫଳରେ ବଣ୍ଡା ପୁରୁଷ ନରହନ୍ତା ପାଲଟିଯାଏ ଆଉ ସ୍ୱଚ୍ଛନ୍ଦରେ ଜେଲ୍ ଜୀବନ କଟାଏ । ପୁଣି କେତେବେଳେ ଆକଟି ବସୁ ବସୁ ନିଜେ ଅବ୍ୟର୍ଥ ଶରର ଶିକାର ହୋଇଯାଏ ବୁଦେଇ ଟୋକୀ ପରି ।

'ମାଉଁସ' ଗଳ୍ପରେ ଏପରି ଘଟଣା ଘଟିଛି । ଗଳ୍ପର ମୁଖ୍ୟ ଚରିତ୍ର ବୁଦେଇ ସ୍ୱାମୀର ଶରରେ ମୃତ୍ୟୁବରଣ କରିଛି । ମୃତ୍ୟୁଅନ୍ତେ ବ୍ୟବଚ୍ଛେଦ ପାଇଁ ନିଆଯାଇଛି ଡାକ୍ତରଖାନାକୁ । ସେଠାରେ ଶବ ବ୍ୟବଚ୍ଛେଦ ପାଇଁ ଅପେକ୍ଷା କରୁ କରୁ ଶବଟି ପଚି ଦୁର୍ଗନ୍ଧ ବାହାରିଛି । ଶେଷରେ ସାନ୍ଧୁ ନାଏକର ଅକ୍ଳାନ୍ତ ପରିଶ୍ରମ ପରେ ଶବ ବ୍ୟବଚ୍ଛେଦ ସରିଛି । ଡାକ୍ତରଙ୍କ ବ୍ୟବଚ୍ଛେଦ ରିପୋର୍ଟ ଭିତରେ ବଣ୍ଡାସମାଜ ସବୁଦିନ ଏପରି ତଳିତଳାନ୍ତ ହେଉଥାଏ । ଆଉ ସାନ୍ଧୁ ନାଏକଙ୍କ ପରି ଲୋକ କିଛି ଉପୁରି ପଇସା ପାଇ ବେଶ୍ ଖୁସି ହୁଅନ୍ତି । ଏହି ଟଙ୍କାରେ ମାଉଁସ ଖାଇବାର ଅଭିଳାଷକୁ ପୂରଣ କରିବାପାଇଁ ଚେଷ୍ଟା କରୁ କରୁ

ସେ ଭିତରେ କିପରି ନିଜେ ମ୍ଭ ଅଣନିଃଶ୍ୱାସୀ ହୋଇଉଠିଛନ୍ତି ତାହା ଦର୍ଶାଯାଇଛି ।

'ୟଙ୍ଗ୍'ଗଳ୍ପ ମ୍ଭରେ ବଣ୍ଡାମାନଙ୍କର ମାଆ ପ୍ରତି ଥିବା ମମତା ଓ ବିଶ୍ୱାସର କଥା କୁହାଯାଇଛି । ପୃଥିବୀରେ ସବୁକିଛି ସୁଖ ସୁବିଧା ହସ ଖୁସି ଥାଇପାରେ; ହେଲେ ମାଆ ପରି ସତ୍ୟ ଓ ବାସ୍ତବ କିଛି ନ ଥାଇପାରେ । ପୃଥିବୀପରି ମାଆର ମମତା ଓ ସ୍ମିତି ମ୍ଭ ଅନେକ ବିଶାଳ । ଘଟଣା କ୍ରମରେ ସୋମା କିର୍ସାନୀ ମଣିଷ ମାରି ଜେଲ୍ ଯାଉଛି । ଏହି ଘଟଣାରେ ତା ସ୍ତ୍ରୀ ଯେତିକି କାନ୍ଦୁଛି ତା'ଠୁ ବେଶୀ ଦିନ କାନ୍ଦିବ ଭଉଣୀ ଓ ମାଆ ଜୀବନସାରା କାନ୍ଦିବ । ଖାଲି ସେତିକି ନୁହେଁ ସେ ଦୁଇଗାଲକୁ ରାମ୍ପୁଡ଼ି ବିଦାରି ରକ୍ତ ନିଗାଡ଼ି କଳା କରି ସାରିବ । ସେହି ରକତ ଦାଗ ତାଙ୍କର ଦୁଃଖର ପ୍ରମାଣ ହୋଇରହିବ । ଆଜି ସୋମାକୁ ବିଦାୟ ଦେବାପାଇଁ ଆସିଛନ୍ତି ଗାଁର ମୁଖିଆ ସହିତ ସମସ୍ତେ । ଯିବା ପୂର୍ବରୁ ଆଣିଥିବା ସମସ୍ତଙ୍କ ଘରୁ ପେଜମିଶା ଭାତ ତାଙ୍କୁ ଖୁଆଉଛନ୍ତି । ଗଲାବେଳକୁ ୟଙ୍ଗ୍(ମାଆ) ଆକୁଳରେ ସୋମାକୁ ଚାପି ଧରୁଛି । ଗାଡ଼ି ଚଢିବା ଭିତରେ କିଏ ଟଙ୍କାଟିଏ ବଢାଇ ଦେଉଛି ତ କିଏ ଧୁଙ୍ଗିଆଟାଏ, ପାନିଆଟାଏ, ଗାମୁସା ଖଣ୍ଡେ ତ ପୁଣି କିଏ ନିଜ ଦିହରୁ ତରତର କାଢି ମଇଳା ଛିଣ୍ଡା ଗଞ୍ଜିଟାଏ ବଢାଇ ଦେଉଛି । ଏସବୁ ଭିତରେ ଜିନିଷ ଅଳପ ହେଲେ ହେଁ ଶରଧା ବେଶୀ ପରିମାଣରେ ରହିଛି । ଗାଡ଼ି ଛାଡ଼ିବା ଯାଏ ୟଙ୍ଗ୍ ଜିପ୍ ଭିତରକୁ ବେକ ବଢାଇ ସୋମାକୁ ସାନ୍ତ୍ୱନା ଦେଉଛି– "ସିନ୍‌ତା କରିବୁନିରେ ସୋମା, ଦୁଃଖ କରିବୁନି– ଜେଲ୍‌ରେ ଭଲରେ ଭାତ ଡାଏଲ ଖାଇ ରହିବୁ । ତୋର ଲାଣ୍ଡା(ମହୁଲ ମଦ) ମୁଁ ସାଇତି ଥିବି । ତୋର ସଲପ ଗଛ ମୁଇଁ ଜଗିଥିବି । ତୋର ପିଲା(ପୁତ୍ର) ଟୋକୀ(କନ୍ୟା)କୁ ମୁଇଁ ସାଇତିବି ! ତୋ କିମିଅ(ସ୍ତ୍ରୀ) ଆଉଠେଇ ଗଲେ ଯିବ, ମୁଁ ତ ଅଛି । କିଏ ଜାଣେ– ଏତେ ବର୍ଷ ମୁଇଁ ବଞ୍ଚିଥିବି କି ! ମୁଇଁ ନ ବଞ୍ଚିଲେ ପାଟଖଣ୍ଡା ମହାପ୍ରୁ ଅଛି, ସିଙ୍ଗି ଆରକେ(ସୂର୍ଯ୍ୟ ଦେବତା) ଅଛି, ଡାଲଖାଇ ବାଟ ଠାକୁରାଣୀ ଅଛି । ମୁଁ ଯଦି ମରିଥିବିରେ ସୋମା, ମୋର ଡୁମ୍ୱା ଥିବ ତୋ ଘରର ମଝି ଖୁଣ୍ଟରେ । ତୋ ପିଲା ଟୋକୀଙ୍କୁ ବିପଦ ଆପଦରୁ ରକ୍ଷା କରୁଥିବ । ତୋ ବାଟକୁ ଚାହିଁ ବସିଥିବ ମୋର ଜିଓ(ଆତ୍ମା) ଡୁମ୍ୱା ହୋଇ । ତୋର ସବୁ ସେମିତି ଥିବ । ତୁ ସିନ୍ତା ନାଇଁ କରି ।"[୧](ପୃ-୮୦) ଏସବୁ ଅଭିବ୍ୟକ୍ତି ଭିତରେ ଜଣେ ମା'ର କେବଳ ମମତ୍ୱବୋଧ ନୁହେଁ ଇହକାଳ ପରକାଳର ଦାୟିତ୍ୱବୋଧ କଥା ମ୍ଭ ଗାଳ୍ପିକା ସୂଚେଇ ଦେଇଛନ୍ତି । ବଣ୍ଡାଜାତିରେ ପୁତ୍ର ବିଭାହେଲେ ବାପା ମାଆଙ୍କ ଠାରୁ ଅଲଗା ହୋଇ ରହେ ସତ; ମାତ୍ର ମାଆଙ୍କ ହୃଦୟରୁ ସନ୍ତାନ କେବେ ଅଲଗା ହୋଇ ରହି ନ ପାରେ । ତେଣୁ ଜିପ୍ ଛାଡ଼ିଲା ବେଳକୁ ମାଆ ନିଜ କଥା ଚିନ୍ତା ନ କରି ତା'ର ପିଠିରେ ବାନ୍ଧିଥିବା ଛିଣ୍ଡା କନାଖଣ୍ଡକୁ ମ୍ଭ ସେ ସୋମାକୁ ଦେଇ ଦେଇଛି । ସୋମା ମ୍ଭ ସେଇ ମଇଳା କନା ଖଣ୍ଡକର ବିଚିକିଟିଆ ଗନ୍ଧ ଭିତରେ ମାଆର ବାସନାକୁ ବାରି ପାରୁଥିଲା । ଆଉ ଚିନ୍ତା କରୁଥିଲା– "ଆକାଶ ବି ମିଛ ହୋଇପାରେ ହେଲେ ୟଙ୍ଗ୍ ମିଛ ହୋଇ ନ ପାରେ । ବା' ଆକାଶ ଭଳି ବାହାରକୁ ସତ ହେଲେ ବି ମିଛ ହୋଇପାରେ, ହେଲେ ମାଟି ଭଳି ୟଙ୍ଗ୍ ସତ ୟଙ୍ଗ୍ ମିଛ ହୋଇ ନ ପାରେ । ଯୁଆଡେ ଗଲେ ମାଟି ଯେମିତି ପାଦତଳେ ତଳେ ଚାଲିଥାଏ– ୟଙ୍ଗ୍ ସେମିତି ଛାଇପରି ଥାଏ ପଛେ ପଛେ– ମରଣ ପରେ ବି ଡୁମ୍ୱା ହୋଇ ଘୁରୁଥାଏ; ବେଣ୍ଟକୁ ଗଲେ ଲଟାକୁ ଗଲେ, ଜେଲ୍‌କୁ ଗଲେ । ତେଣୁ ୟଙ୍ଗ୍ କେବେ ମିଛ ହୋଇ ନ ପାରେ ।"[୧](ପୃ-୮୨)

'ପଶୁଜନ୍ମ'ଗଳ୍ପରେ ବଣ୍ଡାମାନଙ୍କର ପଶୁପ୍ରେମ ଓ ଅଜବ ଚାଲିଚଳଣୀକୁ ଦେଖେଇ ଦିଆଯାଇଛି । ଯେଉଁଥିପାଇଁ ସଭ୍ୟ ମଣିଷ ତାକୁ 'ପଶୁ' ସହିତ ତୁଳନା କରିବାକୁ ବି ପଛାଏନାହିଁ । ଏସବୁ ଶୁଣିକି ବଣ୍ଡା ମ୍ଭ ନିଜ ମନରେ ପ୍ରଶ୍ନ ଆଣେ– ତଳର ଶିକ୍ଷିତ ଲୋକ ବଣ୍ଡା ଜାତିର ସବୁ କଥାକୁ ଓଲଟା ଅର୍ଥ କିସ୍ ପାଇଁ କରନ୍ତି ? 'ରେମୋ' କ'ଣ ମୁଣ୍ଡୁଷ୍ ଦିହ ନେଇ ବଣ୍ଡା ପାହାଡ଼ରେ ପଶୁଜନ୍ମ ପାଇଛି ।[୧](ପୃ-୮୩) ତେବେ ଏହି ଗଳ୍ପର ନାୟକ ହେଉଛନ୍ତି ବୁଦା କିର୍ସାନୀ । ସେ ମଣିଷ ମାରି ଜେଲ୍ ଯାଇଥିଲା । ଜେଲ୍‌ରୁ ଫେରି ଆସି ଦେଖିଲାବେଳକୁ ତା'ର କିଛିନାହିଁ । ଭୂମି, ଭାରିଜା, ଗୋରୁ, ହଳ ଲଙ୍ଗଳ, ସଲପ ଗଛ ସବୁକୁ ମଙ୍ଗଳା ଅକ୍ତିୟାର କରିନେଇଛି । ବଣ୍ଡା ପାହାଡ଼ରେ ଏମିତି ଚାଲେ । ଯୋର ଯାର୍ ମୁଲକ୍ ତାର୍ । ସରକାରୀ ରେକର୍ଡ ବୋଲି କିଛି ନ ଥାଏ ବଣ୍ଡାମାନଙ୍କର । ଯିଏ ଯୋଉଠି ପାରିଲା ଡଙ୍ଗର କାଟି ଚାଷ କଲା । ସେ ଜାଗାକୁ ଅକ୍ତିଆର କଲା । ଅବଶ୍ୟ ଭାରିଯା ଝିକିଥିଲେ(ଜରିମାନା) ଦେବାକୁ ହୁଏ । ମଙ୍ଗଳା ମ୍ଭ ପଞ୍ଚାୟତ ସାମ୍ନାରେ ଗୋରୁ ପଟେ, ରନ୍ଧାଭାତ ଦି'ଗଉଣି, ଦି'ଟଙ୍କା ଦେଇ ବୁଦାର ଏହି ସମସ୍ୟାକୁ ସମାଧାନ କଲା । ଅପରପକ୍ଷେ ବୁଦା ବି ଏହି ସର୍ତ୍ତ ଟଙ୍କାରେ ଗାଁ ବାଲାକୁ ଭୋଜିଦେଇ ଜାତିରେ ମିଶିଛି । ମିଶିଲା ସିନା ହେଲେ ଘର ଦ୍ୱାର ତା'ର ନାହିଁ, ଖାଲି ଡିହ ଟିକକ ରହିଛି । ମନ ଦୁଃଖରେ ସେଠି ବସିଥିବା ବେଳେ କୁଁ କୁଁ ଶବ୍ଦରେ ପ୍ରଥମେ ଡରିଯାଇ ୟଙ୍ଗ୍‌ର ଡୁମ୍ୱା ବୋଲି ଭାବିଲା । ଫେରି ଚାହିଁ ଦେଖିଲା ବେଳକୁ କସରା କୁକୁର ଛୁଆ । ତାକୁ ପାଖକୁ ଆଣି ନାଁ ଦେଲା'କାବ୍‌ରା' । କ୍ରମେ ବଢିଲା କାବ୍‌ରା । ଦିନେ ମାଂସ ଖାଇବାର ଲୋଭ ସମ୍ଭାଳି ନ ପାରି ତା'ର କାନ ଓ ଲାଞ୍ଜଟିକୁ କାଟି ପୋଡ଼ି ଖାଇଲା । ମାଂସ ଖାଇବାର ପରିତୃପ୍ତି ମିଳିଲା ସିନା ହେଲେ କାବ୍‌ରା ଧାଇଁ ପଳାଇ ଯିବା ଭିତରେ ବୁଦା ଏକାକୀପଣ ଅନୁଭବ କରିଛି । ନିଜ କୃତକର୍ମର ଅନୁତାପ ଜ୍ୱାଳାରେ ଲିଡ଼ରବାବୁ ପାଖକୁ ଗଲା । ଢେର କାନ୍ଦିଲା ତା ପାଖେ । ହୁଏତ ସେତିକି କାନ୍ଦି ନ ଥିବ ତାଙ୍କ ବାପା ମାଆ ମଲାବେଳକୁ । ତେଣୁ ଏସବୁ ଦେଖି ଅନେକେ ଥଟ୍ଟା କଲେ । ଲିଡ଼ର ବାବୁ ମ୍ଭ ତାକୁ ପରିହାସ କରିଛି । କିନ୍ତୁ ଏହି ସମୟ ଭିତରେ କାବ୍‌ରା ଫେରି ଆସିଛି ତା'ର ମାଲିକ ପାଖକୁ । ଏହି ଘଟଣା

ଭିତରେ ବୁଦା ଅନୁଭବ କରଛି ଯେଉଁ ଦୁଃଖ ବୁଝିବା ପାଇଁ ଏ ସହରୀ ବାବୁମାନେ ଅସାମର୍ଥ୍ୟ ତାକୁ କାବ୍‌ରା ଠିକ୍‌ରେ ବୁଝିପାରିଛି । ହୁଏତ ସେ ପଶୁ ଜନ୍ମ ପାଇ ନ ଥିଲେ ଏହାର ଅର୍ଥ ମ୍ନ କହିପାରିଥାନ୍ତା । ସମଗ୍ର କାହାଣୀ ଭିତରେ ଆଦିବାସୀମାନଙ୍କର ଭାବାବେଗ ଓ ବୋଧଶକ୍ତିର ଶ୍ରେଷ୍ଠତାକୁ ହିଁ ଦର୍ଶାଯାଇଛି ।

'ଲଙ୍ଗସି'ଗଳ୍ପରେ ବଣ୍ଡା ସମାଜର ଛାଡ଼ପତ୍ର କଥା ଉଲ୍ଲେଖ କରାଯାଇଛି । ଏଥିରେ ବଣ୍ଡାଯୁବକ ଶୁକ୍ରା ମାନ୍ଦ୍ରା ତା'ର ସ୍ତ୍ରୀ ବୁଦେଇକୁ ପିରି ଘାସ ଛିଡ଼େଇ ଛାଡ଼ପତ୍ର ଦେଇଛି । ବଣ୍ଡା ସଂପ୍ରଦାୟରେ ବିଭିନ୍ନ ବିବାହ ପ୍ରଥା ପ୍ରଚଳିତ ଅଛି । ଯେପରିକି- ସିବଂ ବାହାଘର(ପ୍ରସ୍ତାବିତ ବିବାହ), ଦାମଙ୍ଗ-ଦାଙ୍ଗ ବିବାହ(ଡାଲିଭାତ ବିବାହ) ଏବଂ ଉଦଲାରାଂଗୁନା(ସୁତୁରେଇ ବିବାହ) ଇତ୍ୟାଦି । ସିବଙ୍ଗ ବିବାହ ସାଧାରଣତଃ ଫାଲ୍‌ଗୁନ ମାସରେ ଆୟୋଜନ କରିଥାନ୍ତି । ବିବାହର ସାତଦିନ ପୂର୍ବରୁ ବଣ୍ଡା ଗ୍ରାମର ଯୁବକ ଯୁବତୀମାନେ ନାଚ ଗୀତର ଆୟୋଜନ କରିଥାନ୍ତି । ନାଚଗୀତ ସହିତ ଭୋଜି ଭାତରେ ବିବାହ ଅନୁଷ୍ଠିତ ହୁଏ । କିନ୍ତୁ ଦାମଙ୍ଗ ଦାଙ୍ଗ ବିବାହରେ ଏସବୁ ଆୟୋଜନ କରାନଯାଇ ନିରାଡ଼ମ୍ବର ଭାବରେ ବିବାହ କାର୍ଯ୍ୟ ସଂପାଦନ କରାଯାଇଥାଏ ।[୨](ପୃ-୫୨) ପ୍ରଥମ ଦୁଇ ବିବାହ ବ୍ୟୟ ବହୁଳ ହୋଇଥିବାବେଳେ ଶେଷଟି ଅଳ୍ପ ବ୍ୟୟରେ କରାଯାଇପାରେ । ଏଠି ଜୋଲା ଟଙ୍କା(କନ୍ୟାସୁନା) ନାହିଁ କହିଲେ ଚଳେ । ଏହି ବିବାହରେ ଧାଙ୍ଗଡ଼ା ଧାଙ୍ଗଡ଼ୀ ସାତ ଆଠ ଦିନ ଜଙ୍ଗଲ ଭିତରେ ଲୁଚି ରହନ୍ତି । ପରେ ଫେରି ଆସି ଧାଙ୍ଗଡ଼ୀ ବାପାଙ୍କୁ ସବୁକଥା କହେ । ତା'ପରେ ଉଭୟଙ୍କର ବିବାହ କରାଯାଇଥାଏ । ବଣ୍ଡା ସମ୍ପ୍ରଦାୟରେ ବିବାହ ମାମଲାରେ ଧାଙ୍ଗଡ଼ୀର ରାୟ ଚୂଡ଼ାନ୍ତ ହୋଇଥିବାରୁ ବିବାହ ଅବଶ୍ୟମ୍ଭାବୀ ହୋଇଉଠେ । ଅବଶ୍ୟ ଏହାପରେ ବି ଧାଙ୍ଗଡ଼ୀ ଇଚ୍ଛା କଲେ ଅନ୍ୟ କାହା ସହିତ ଡିହ ବସାଇ(ବିବାହ କରିବା) ପାରନ୍ତା । କିନ୍ତୁ କଥା ଦେଇ ବଣ୍ଡା କାହାକୁ ନିରାଶ କରେ ନାହିଁ । ସେଥିପାଇଁ ବୁଦେଇ ମ୍ନ ଶୁକ୍ରାକୁ କଥା ଦେଇଥିଲା-"ତାକୁ ସେ ପାଳିବ, ପୋଷିବ, ଖୋଇବ, ତା'ର ଯତନ ନବ, ତାକୁ ଘଷିମାଜି ଗାଧୋଇ ଦବ,ତାକୁ ସଂସାରର ଭଲ ମନ୍ଦ ବତାଇବ, ସ୍ୱାମୀ, ସ୍ତ୍ରୀ, ଧାଙ୍ଗଡ଼ା, ଧାଙ୍ଗଡ଼ୀର ଅକୁହା ସଂପର୍କ ଶିଖାଇବ, କା ବିଲ ବାଡ଼ିର ଯତନ ନବ, ତା ସଲପ ଗଛରୁ ରସ ଝରେଇବ, ଆଉ ଶେଷରେ ତା ପିଲା ଟୋକୀର ମା' ହେବ ତା-ବନ୍‌ସୋ(ବଂଶ) ବଢେଇବ ।"[୧](ପୃ-୧୦୯) ତାପରେ ଦୁହେଁ ଏହି ପ୍ରଥା ଅନୁସାରେ ବିବାହ କରିଥିଲେ । କିନ୍ତୁ ଘଟଣା କ୍ରମରେ ଏକ ଅଘଟଣ ଘଟିଛି । ମଇତର ଭାଇକୁ ମାରି ଶୁକ୍ରା ଜେଲ୍ ଯାଇଛି । ସେଠାରେ ଚଉଦ ବର୍ଷ ରହିଛି । ଜେଲ୍‌ରେ କଏଦୀଙ୍କୁ ଦରୀ, ଟୁଆଲ୍, ଚାଦର ସହିତ ଅକ୍ଷର ଗଣନା ମ୍ନ ଶିଖାଯାଏ ଏବଂ ଏ ଭିତରେ ବଣ୍ଡାଟିଏ ଶିକ୍ଷିତ ହୋଇ ନିଜ ଗାଁକୁ ଫେରେ । ଶୁକ୍ରା ମାନ୍ଦ୍ରା ଜେଲ୍‌ରେ ମେଟ୍ କାମ କରିଛି । ମାସକୁ ଦୁଇ ଟଙ୍କା ଲେଖାଏଁ ମଜୁରୀ ପାଏ । ଚଉଦ ବର୍ଷର ସବୁତକ ଟଙ୍କା ଏକାଠି କରି ବାଷଠି ଟଙ୍କା ଦିଆଯାଇଛି । କିନ୍ତୁ ତଥାପି ଅଭିଯୋଗ ନାହିଁ ବରଂ ସେ ଖୁସି ହୁଏ ଯେ ତା'ର ବାଟ ଖର୍ଚ୍ଚ ମିଳିଯାଇଛି । କାହିଁକି ନା ତାକୁ ଠିକ୍‌ରେ ହିସାବ ମ୍ନ କରି ଆସେନାହିଁ । ଅଥଚ ଗାଁକୁ ଆସିବା ପରେ ଅନ୍ୟ ମାନଙ୍କ ଠାରୁ ଅନେକ ଶିକ୍ଷିତ ବୋଲି ସେ ନିଜକୁ ଭାବେ । ଯାହାର ପରିଣାମସ୍ୱରୂପ ଜୀବନଠୁଁ ବେଶୀ ଭଲ ପାଉଥିବା ବୁଦେଇକୁ ଆଉ ପସନ୍ଦ କରି ନାହିଁ । ନାମକୁ ମାତ୍ର ଶିକ୍ଷା ଏବଂ ଟଙ୍କାର ଅହଂକାର ଭିତରେ ଅନ୍ଧ ହୋଇଯାଇଛି । ସିଲେଇଗୁଡ଼ାର ଧାଙ୍ଗଡ଼ୀ ସନ୍‌କି ଟୋକୀକୁ ବାହାହେବ ବୋଲି ମନସ୍ଥ କରି ବୁଦେଇକୁ ଛାଡ଼ପତ୍ର ଦେଇଛି । ତଥାପି ବଣ୍ଡୁଣୀ(ବୁଦେଇ) କେବେ ଆତ୍ମହତ୍ୟା କରିନି । ଅନ୍ୟମାନଙ୍କ ଭଳି ସେ ମ୍ନ ବଞ୍ଚିଛି ନିଜ ଭାଗ୍ୟକୁ ଆଦରି ।

'ଡାଗୋଇ'ଗଳ୍ପରେ ବଣ୍ଡାମାନଙ୍କର ବିଶ୍ୱାସବୋଧର କଥା ରହିଛି । ଏଥିରେ ବଣ୍ଡାମାନେ ନିଜର ପାରମ୍ପରିକ ବିଶ୍ୱାସବୋଧକୁ ଅନ୍ଧ ଭାବରେ ଗ୍ରହଣ କରିଛନ୍ତି । ଯାହା ଫଳରେ ତାହା ସୁଫଳ ପ୍ରଦାନ କରିବା ପରିବର୍ତ୍ତେ କୁଫଳ ପ୍ରଦାନ କରିଛି । ତାଙ୍କର ବିଶ୍ୱାସ ମହାପ୍ରଭୁ ପାଟଖଣ୍ଡା ହିଁ ଦେବତାମାନଙ୍କୁ ବଣ୍ଡା ପାଖକୁ ପଠାନ୍ତି । ଯିଏ ଧନ ସଞ୍ଚୟ କରିବ, ଲୋଭଗ୍ରସ୍ତ ହେବ, ଧର୍ମକୁ ଦ୍ୱାହି ଦେବ ତାକୁ ଠିକ୍ ବାଟକୁ ଆଣିବା ପାଇଁ ମହାପ୍ରଭୁ ଡୁମ୍ବା, ଡାଇନି, ଦେବତା ଆଦିକୁ ପଠାଇ ବଣ୍ଡାକୁ ହଇରାଣ କରିବ । ତେଣୁ ବଣ୍ଡା ଦେବତାକୁ ମଙ୍ଗଳ ପାଇଁ ନୁହେଁ ଅମଙ୍ଗଳ ନ କରିବାପାଇଁ ପୂଜା କରେ । ଭକ୍ତିରେ ନୁହେଁ ଭୟରେ ତା ପାଖରେ ମୁଣ୍ଡ ନୁଆଁଏ । ଯେତିକି ବାଘ, ଭାଲୁ, ସାପ, ଗୟଳ, ଭୂତ ପ୍ରେତକୁ ଡରେନି ସେତିକି ଡରେ ଦେବତାକୁ । ବାଘ, ସାପ, ଡୁମ୍ବା ତ ସଭିଁଏ ତାଙ୍କ ପୂର୍ବପୁରୁଷ ବଂଶଧର । ସେମାନେ ବଣ୍ଡାକୁ ଗୋଡ଼େ ଗୋଡେ ଜଗିଥା'ନ୍ତି । ଧରମ ହୁଡିଲେ ଅଶୁଭ କରନ୍ତି । ନଚେତ୍ ସେମାନେ ଉପକାରୀ । ଏହି ଦେବତାମାନଙ୍କୁ ବଣ୍ଡା ବନି(ରକ୍ତ) ଦେଇ ସନ୍ତୁଷ୍ଟ କରେ । ଆଉ ବଳି ପୂଜା କରୁ କରୁ ସାଉକାର ପାଖରେ ନିଜେ ମ୍ନ ବଳି ହୋଇ ପଡ଼େ ଅନେକ ସମୟରେ । ସେଥିପାଇଁ ସାରା ଜୀବନ ବି ଗୋତି ଖଟିବାକୁ ହୁଏ । ଏହି ଗଳ୍ପର ପ୍ରସଙ୍ଗରେ ବୁଦା ବାକ୍ରି ପାଣ୍ଡ୍ରି ଟୋକୀକୁ ପ୍ରେମ ବିବାହ କରିଛି । ବାହାଘର ପରେ ବଣ୍ଡା ବାପା ମାଆଙ୍କ ଠାରୁ ଅଲଗା ହୋଇ ଘର କରି ରହେ । ତା'ପରେ ସେଇଠୁ ଆରମ୍ଭ ହୁଏ ନାନା ପ୍ରକାର ପୂଜା, ବିରୁ । ସ୍ୱାମୀ ସ୍ତ୍ରୀର ସଂସାରକୁ ବିପତ୍ତିରୁ ରକ୍ଷା କରିବା ପାଇଁ ଗୁପାସି, ବୁରୁସୁଙ୍ଗ, ଟାକୁରାନି,ବାକୁରାନି, ହୁଣ୍ଡି, ଡୁମ୍ବା, ଡାଇନି, ଡାଗୋଇ ଆଦି ଦେବତାଙ୍କୁ ପୂଜା କରି ସନ୍ତୁଷ୍ଟ କରିବାକୁ ହୁଏ । ଏମାନେ ଖାଲି ରକ୍ତ, ମାଉଁସ,ଅଣ୍ଡା ଓ ମଦ ଖୋଦିବେ । ପୁଣି ସେ ଭିତରୁ ଡାଗୋଇ ଦେବତା ସବୁଠାରୁ ଭୟଙ୍କର । ସେ ବଣ୍ଡାର ଗୃହ ଦେବତା । ଡାଗୋଇ ଗୁରାଙ୍ଗ ପୋଇ ଘର ଭିତରେ ରହେ । ବାହା ହେବା ପରେ ନିଜ ପାଇଁ, ସ୍ତ୍ରୀ ପାଇଁ ଓ ପରିବାରର ମଙ୍ଗଳ ପାଇଁ ଅତି ବେଶିରେ ତିନି ଥର ପୂଜାକରି ଏହାକୁ ସନ୍ତୁଷ୍ଟ କରାଯାଇପାରେ । ତା ଠାରୁ ଅଧିକା ପୂଜା କରି ହେବ ନାହିଁ । ବିଧି ନିଷେଧ । ସେତିକିରେ ଯଦି ରୋଗ

ଭଲ ନ ହେଲା ବା ବିପଦ ନ କଟିଲା ତେବେ ଆଉ ଯେତେ ଯାହା କଲେ ବି ପରିଶ୍ରମ ବୃଥା । ଡାଗୋଇ ହେଉଛି ବଣ୍ଡାର ସର୍ବଶେଷ ରୋଗ ବାରେଣୀ ସୁରଙ୍ଗ(ଔଷଧ) । ତେଣୁ ପାଣ୍ଡ୍ରୀଟୋକୀ ପାଇଁ ଚାଲିଛି ଡାଗୋଇ ଗିଗେ ।ଏଇଟା ତାଙ୍କର ଶେଷ ଡାଗୋଇ ଗିଗେ । ତା ପୂର୍ବରୁ ଦୁଇଟା ଡାଗୋଇ ଗିଗେ ସରିଯାଇଛି । ପାଣ୍ଡ୍ରି ମାଆ ହେବ ବୋଲି ଏ ପୂଜା ନେବେ ଡାଗୋଇ । ତେଣୁ ଗାଈର ଆବଶ୍ୟକତା ରହିଛି । ନୂଆ ଡଙ୍ଗରକୁ ବନ୍ଧା ପକାଇ ଡାଗୋଇ ଗିଗେ କରାଗଲା । ସଫଳ ହେଲା ବୋଲି କହି ଦିଶାରୀ ମ୍ନ ଆଶୀର୍ବାଦ ଦେଇ ଚାଲିଗଲା ଅନ୍ୟ ଏକ ଡାଗୋଇ ଗିଗେ ପୂଜା କରିବାକୁ । କିନ୍ତୁ କିଛି ସମୟ ପରେ ଦେଖାଗଲା ପାଣ୍ଡ୍ରିଟୋକୀ ଜୀବନରେ ଆଉ ନାହିଁ ମରିଯାଇଛି । ଏ ସମୟରେ ଡାକ୍ତର ବାବୁ ଗାଁ ପରିଭ୍ରମଣରେ ଆସି ଲୋକଙ୍କୁ ସଚେତନ କରୁଛନ୍ତି ଯେ-"ଗାଁ ଗାଁରେ ମୁଣ୍ଡ ଜ୍ୱର ମାଡୁଛି । ରୋଗ ପବନରେ ଉଡୁଛି । ସରକାର ସୁରଙ୍ଗ(ଔଷଧ) ପଠେଇଛି ବ୍ୟବହାର କର । ନଚେତ୍ ଗାଁ ପଦା ହୋଇଯିବ ।" କିନ୍ତୁ ତଥାପି ବଣ୍ଡାର ଏଥିପ୍ରତି ଖାତିର ନାହିଁ । ତୀର କାଣ୍ଡ ଧରି ଡାକ୍ତରଙ୍କୁ ଗୋଡ଼ାଇଛନ୍ତି ଆଉ ଦିଶାରୀ ଡାଗୋଇ ଘଉଡିବା ମନ୍ତ୍ର ଉଚ୍ଚାରଣ କରୁଛି-"ଏ ଗାଁରେ ରୋଗ ନ ପଶୁ, ବାଘ ନ ପଶୁ, ମରଣ ନ ପଶୁ ।"[୮](ପୃ-୧୩୧)ଏ ଗଳ୍ପରେ ପରିବର୍ତ୍ତନକୁ ସ୍ୱୀକାର ନ କରିବାର ଚିତ୍ର ରହିଛି । କେବଳ ଯେ ବଣ୍ଡାମାନେ ଏପରି କରନ୍ତି ତା ନୁହେଁ ଅନେକ ଆଦିବାସୀମାନେ ମ୍ନ ସମୟର ପରିବର୍ତ୍ତନକୁ ସ୍ୱୀକାର କରନ୍ତିନାହିଁ । କିନ୍ତୁ କେତେଜଣ ବର୍ତ୍ତମାନ ସଚେତନ ହେବା ଆରମ୍ଭ କଲେଣି । ନୂତନ ଶିକ୍ଷାକୁ ଗୁରୁତ୍ୱ ଦେଲେଣି ।

'ଏକଲବ୍ୟର ଦୀକ୍ଷାଗୁରୁ' ଗଳ୍ପରେ ଗାଳ୍ପିକା ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷା ବ୍ୟବସ୍ଥାର ଏକ ନିଚ୍ଛକ ଚିତ୍ର ପ୍ରଦାନ କରିଛନ୍ତି । ଏଠି ଥିବା ପ୍ରତିନିଧିତ୍ୱ ଚରିତ୍ର ସୋମ୍ରା ଭଳି ଅନେକ ଆଦିବାସୀ ପିଲାଙ୍କ ପାଇଁ ଆଜି ସରକାର ଆଶ୍ରମସ୍କୁଲ ଗଢି ଦେଇଛନ୍ତି ସତ; ମାତ୍ର ଗୁରୁବାପାମାନେ ତାଙ୍କ ପୁଅକୁ ଯେଉଁ ଦୃଷ୍ଟିରେ ଦେଖୁଛନ୍ତି, ସୁଯୋଗ ଦେଉଛନ୍ତି ସେପରି ସୁଯୋଗ ଓ ଗୁରୁତ୍ୱ ଆଦିବାସୀ ପିଲାମାନଙ୍କୁ ଦେଉନାହାନ୍ତି । ଯାହା ଫଳରେ ସୋମ୍ରା ଭଳି ଅନେକ ଆଦିବସୀ ପିଲା ଯେଣତେଣ ଭାବରେ ପାସ୍ କଲାପରେ ଯେତେବେଳେ ସରକାରୀ ଚାକିରୀଟିଏ ପାଉଛନ୍ତି, ସେତେବେଳେ ନିଜ କାମକୁ ନିଜେ ମ୍ନ ଠିକ୍‌ରେ କରି ପାରୁନାହାନ୍ତି । ତେଣୁ ସୋମ୍ରା ଏହାର ବିରୋଧ କରିଛି । ସେ କାହାରି ଦୟା କିମ୍ବା ଅନୁକମ୍ପା ଭିତରେ ବଞ୍ଚିବାକୁ ଚାହେଁନି । ନିଜ ସାମର୍ଥ୍ୟକୁ ନେଇ ବଞ୍ଚିବାକୁ ଚାହେଁ । ସେଥିପାଇଁ ଗୁରୁବାପାମାନଙ୍କର ପରାପର ଭେଦାଭେଦରୁ ସୃଷ୍ଟ ଏ ପ୍ରକ୍ରିୟାର ମୂଳପ୍ାଟନ ପାଇଁ ପ୍ରୟାସ କରିଛି । ଗୁରୁ ଦକ୍ଷିଣାସ୍ୱରୂପ ଗୁରୁଙ୍କ ଦୁଇ ଆଖିକୁ ବିନ୍ଧି ନଷ୍ଟ କରି ଦେଇଛି । ସେ ଅନୁଭବ କରିଛି ବଣ୍ଡା ପାଇଁ ଏହି ସ୍କୁଲଠାରୁ ଜେଲ୍‌ଖାନାରେ ଶିକ୍ଷିତ ହେବା ଭଲ । କାରଣ ସେଠି ଜେଲ୍ ବାବୁଙ୍କ ଆଖିରେ ସହରୀ, ଜଙ୍ଗଲୀ, ପାହାଡ଼ି- ସମସ୍ତେ ଖୁଣି, ଚୋର,ଡକାଏତ । ତେଣୁ ସମସ୍ତେ ସମାନ ।

'ଭଗବାଁର ଦେଶ୍'ଗଳ୍ପ ଏହି ସଙ୍କଳନର ଶେଷ ତଥା ଶିରୋନାମା ଗଳ୍ପ । ଏହି ଗଳ୍ପରେ ଆଦିବାସୀ ବଣ୍ଡା ଓ ସହରୀ ସଭ୍ୟତାର ଧର୍ମୀୟ ଭାବନା ଉପରେ ଏକ ତୁଳନାତ୍ମକ ଚିତ୍ର ଦେଇଛନ୍ତି ଗାଳ୍ପିକା । ଗଳ୍ପର ମୁଖ୍ୟ ନାୟିକା ଲଛମୀ ସୀସା । ବଣ୍ଡା ଜାତିର ପୁରୋହିତ । ସେ ମ୍ନ ମଣିଷ ମାରି ଜେଲ୍ ଯାଅଛି । କାରଣ ମନ୍ତ୍ର ବୋଲି ରୋଗ, ଦୁଃଖ, ବାଘ,ସାପ,ଆପଦ ବିପଦକୁ ସିନା ଗାଁରୁ ଘଉଡ଼ାଇ ପାରୁଛି; ହେଲେ ବଣ୍ଡା ଜାତିର ମନ ଭିତରୁ ରାଗ ହିଂସାକୁ ତଡ଼ି ପାରିନାହିଁ । ସେ ମନ୍ତ୍ର ତାକୁ ଜଣାନାହିଁ । ସେଥିପାଇଁ ଅନେକ ସମୟରେ ଲଛମୀ ଆଗପଛ ଭାବି ହୁଏ । ସେ ଜାଣେ ମରାମରି ଭଲ ନୁହେଁ, ତଥାପି ରାଗରେ ଅଣାୟଉ ହେଲେ ବଣ୍ଡା ମଣତଷ ମାରେ । କିନ୍ତୁ ତଥାପି ବଣ୍ଡାର ଅନେକ ଭଲଗୁଣ ଅଛି । ଯେପରି ବଣ୍ଡା ଗାଁରେ ଜଣେ ଖାଇ ଆଉ ଗଣେ ଉପାସ ରହେନାହିଁ । ଏଠି ଭିକାରୀ ଠାରୁ ଧନୀ ସମସ୍ତେ ସମାନ । ସମସ୍ତେ ଭାଗବାଣ୍ଟି ଜୀବନ ଅତିବାହିତ କରନ୍ତି । ସେମାନେ ଜମି ପାଇଁ, ଧର୍ମ ପାଇଁ କେବେ ହଣାକଟା କରନ୍ତିନାହିଁ । ପୁଣି ସ୍ତ୍ରୀ ଲୋକ ଏବଂ ଛୋଟ ଛୁଆଙ୍କ ଉପରେ କେବେ ଅସ୍ତ୍ର ଉଠାନ୍ତିନାହିଁ । ସମକକ୍ଷକୁ ମାରେ ବଣ୍ଡା ପୁରୁଷ । ଲଛମୀ ସିସା ଜେଲଲ୍‌ରେ ଥିବା ସମୟରେ ସହରୀ ଚୋରଠୁ ଜାଣିବାକୁ ପାଇଛନ୍ତି ଯେ ଆଜିକାଲି ଧର୍ମ ନାମରେ ସଭ୍ୟ ଜଗତରେ ସବୁଠୁ ବେଶୀ ହଣାକଟା ଦଙ୍ଗା ଚାଲିଛି । ପୁଣି କୁଆଡ଼େ ଭଗବାନ ଏକ ନୁହନ୍ତିଅନେକ । ଯେପରି - ଆଲ୍ଲା, ଈଶ୍ୱର, ଯିଶୁପ୍ରଭୃତି । ଦିନେ ହାଟରୁ ଫେରିଲା ବାଟରେ ଗୋଟିଏ ଚାଳଘରର କାନ୍ଥରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି- "ନ ପୂଜ ପାଷାଣ ପୂଜ ହେ ନର ନାରାୟଣ ।"ଅଥଚ ଭିତରେ ପୂଜା ପାଉଛନ୍ତି ପାଷାଣ ମୂର୍ତ୍ତି । ବ୍ରହ୍ମା, ବିଷ୍ଣୁ,ମହେଶ୍ୱର । ଆଉ ସାମ୍ନାରେ ମୁଠାଏ ଭୋଗ ପାଇଁ ବୁଲୁଥିବା ଭୋକିଲା ପିଲାଙ୍କୁ ମାରି ଗଡ଼ାଉଛନ୍ତି ପୂଜକନାରାୟଣ ପ୍ରଧାନ । ଛୁଆକୁ ଭୋ ଦେଉନ- କାହିକିଁ ? ପଚାରିଲା ବେଳକୁ ଯାଯା ପଳା ,ଠୁ । ତୁ ବଣ୍ଡଶ, ଛୋଟ ଜାତି କହି ତଡ଼ି ଦେବାପାଇଁ ପ୍ରୟାସ କରୁଛି । ମୁଁ ବି ବଣ୍ଡା ଜାତିର ପୂଜାରୀ କହିଲା ବେଳକୁ ସେ କହୁଛନ୍ତି-"ବ୍ରାହ୍ମଣ ନ ହୋଇ ପୂଜାରୀ ? ତୁ କି ଜାତି ? " ଏହି ବ୍ୟକ୍ତବ୍ୟ ଭିତରେ ବ୍ରାହ୍ମଣ ଜାତିର ଅହଂକାର ଦେଖିବାକୁ ମିଳୁଛି । ସତେ ଯେପରି ପୃଥିବୀରେ ଧର୍ମ ତାଙ୍କର ଏକ ଚାଟିଆ ବ୍ୟାପାର । ତାଙ୍କ ଛଡା କେହି ପୁରୋହିତ କାମ କରି ପାରିବେନାହିଁ । ଏହା ଯେ ଏକ ବୃତ୍ତି ଏ କଥା ଲଛମୀ ସିସା ପରି ଆଦିବାସୀ ପୂଜାରୀ ମାନଙ୍କଠାରୁ ଏମାନେ ଶିଖିବା ଉଚିତ୍ । ସେଥିପାଇଁ ଲଛମୀ ସିସା କହୁଛି-"ମୁଁ ଜାତିରେ ବଣ୍ଡା, ଆମର ଗୋଟିଏ ଜାତି । ମୁଁ ପୂଜାରୀ ବେଉସା କଲେ ବି ମୁଁ ସାନ କି ବଡ଼ ନୁହେଁ । ଗାଁର ସୁବିଧା ପାଇଁ ମୁଦୁଲି ନାଏକ କାମ କରେ, ସିସା ପୁରୋହିତ କାମ କରେ, ଧାଙ୍ଗରା ମାଝି ବେହେରା କାମ କରେ, ଚାଲାଣ ଏ ଗାଁରୁ ସେ ଗାଁ ଖବର

ନେବା ଆଣିବା କରେ, କିର୍ସାନୀ ବାଘ ମାତିଲେ ବିପଦ ଆସିଲେ ଯୁଦ୍ଧକୁ ଆଗ ବାହାରେ । ହେଲେ ଏଠ୍‌ରେ ସାନ ବଡ଼ କେହି ନାହିଁ । ଆମେ ସମସ୍ତେ ସମାନ ।"[୧](ପୃ-୧୬୪) ଅଥଚ ସହରୀ ସଭ୍ୟତାରେ ଲୋକମାନେ ଜାତି ଭେଦ ଧର୍ମ ଭେଦ କହି କଳହ କରୁଛନ୍ତି । ଠାକୁରକୁ ନେଇ ହାଣକାଟ ଦଙ୍ଗା କରୁଛନ୍ତି । ଏମାନେ ଆଖିଥାଇ ବି ଅନ୍ଧ । ତେଣୁ ଲଛମୀର ସହରୀ ସଭ୍ୟତା ପ୍ରତି ଥିବା ସମ୍ମାନବୋଧ ଘୃଣାରେ ରୂପାନ୍ତରିତ ହେବାକୁ ଲାଗିଲା ଆଉ ମନେମନେ ନିଷ୍ପତ୍ତି ନେଲା-"ଏଥର ଗାଁରେ ପଞ୍ଚାୟତ୍‌ଚିଲେ ବାଘଛାଲ,ଲୁଣ,ଗୋବର ମାଟି ଧରି ଶପଥ କରିବ,ଗାଁ ଲୋକଙ୍କୁ ବି ଶପଥ କରାଇବ, ବଣ୍ଡା ଆଉ ମଣିଷ ମାରିବ ନି କି ଜେଲ୍ ଯିବନାହିଁ । ଯେଉଁ ସହରରେ ଭଗବାନ ବି ଜେଲ୍‌ଖାନାରେ ବନ୍ଦୀ ସେ ସହରରେ ବଣ୍ଡାପରି ଆଦିବାସୀଙ୍କର କିଛି କାମ ନାହିଁ । ସହରୀ ଲୋକଙ୍କଠାରୁ ଆଦିବାସୀ ଅନେକ ଗୁଣରେ ଭଲ ଏବଂ ଶ୍ରେୟସ୍କର ।"[୧](ପୃ-୧୬୮)

ଏତଦ୍‌ବ୍ୟତୀତ ଏହି ଗଳ୍ପ ସଙ୍କଳନରେ ରହିଛି ଦୁଇଟି ପରଜା ଓ ଗୋଟିଏ ସଉରାମାନଙ୍କୁ ନେଇ ରଚିତ ଗଳ୍ପ । ପରଜାକୁ ନେଇ ରଚିତ ଗଳ୍ପ 'ମୁଣ୍ଡାଜାମିନୀ'ରେ ଉନ୍ନୟନ ନାମରେ ଶୋଷଣ କରାଯାଇଛି । ଇନ୍ଦ୍ରାବତୀ ନଦୀବନ୍ଧ ପ୍ରୋଜେକ୍ଟ ତିଆରି କରାଯାଇ ପରଜାମାନଙ୍କୁ ନିଜ ଗାଁରୁ ବେଦଖଲ କରାଯାଇଛି ।ତାର ସମାଜ ଓ ସଂସ୍କୃତିକୁ କଟାକ୍ଷ କରାଯାଇଛି । ପୁଣି ସରକାରଙ୍କ ଦ୍ୱାରା ପ୍ରଦତ୍ତ କ୍ଷତିପୂରଣ ରାଶିକୁ ମ୍ଧ ବିଭିନ୍ନ ଉପାୟରେ ବାଟମାରଣା କରାଯାଇଛି । ଶେଷରେ ପରଜା ନିଜ ଆଶ୍ରୟ ପାଇଁ ଜାଗା ଖୋଜୁଥିବାବେଳେ ଗଛ କାଟିବା ଅଭିଯୋଗରେ ତାଙ୍କୁ ହାଜତକୁ ନିଆଯାଇଛି । ଅଥଚ ମଣିଷ ମାରି ଦାରୋଗା ନିଜେ ସରକାରୀ ଆଇନରୁ ଦିନେ ଖସି ଯାଇଥିଲେ । ଅନ୍ୟ ଏକ ଗଳ୍ପ 'ମୁଁ ସ୍ୱାଧୀନ'ରେ ପରଜାଙ୍କର ଅସ୍ତିତ୍ୱ କଥା କୁହାଯାଇଛି । ଏହି ଗଳ୍ପଟି ମୁଣ୍ଡାଜାମିନୀ ଗଳ୍ପର ଦ୍ୱିତୀୟ ଭାଗ କହିଲେ ଚଳେ । ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ଭିତରେ ପରଜାର କେବଳ ଗାଁ ବୁଡ଼ିନାହିଁ, ବୁଡ଼ିଛି ତା'ର ଆଦିମ ପରମ୍ପରା, ଧର୍ମୀୟ ଲୋକବିଶ୍ୱାସ ଏବଂ ତା'ର ବ୍ୟକ୍ତି ସ୍ୱାଧୀନତା । ଏପରିକି ମାନସିକ ଚିନ୍ତାଧାରାରେ ମ୍ଧ ଆସିଛି ପରିବର୍ତ୍ତନ । ଫରାନୁ ପରଜାର ପୁଅ ହୁରୁଡୁ ଜାନୀ ପାଠ ପଢି ହୋଇଛି ହୁରୁଦାନନ୍ଦ ଜାନୀ । ହୁରୁଦାନନ୍ଦ ହେବାପରେ ସଭ୍ୟ ସମାଜରେ କିମ୍ବା ନିଜ ସମାଜର କୌଣସି ଜାଗାରେ ଠିକ୍‌ରେ ରହିପାରିନାହିଁ । ପରଜା ଏକ ପ୍ରକାର ଦେବାଳିଆ ମାନସିକତା ଭିତରେ ବଞ୍ଚିବାକୁ ବାଧ୍ୟ ହୋଇଛି । ଠିକ୍ ଭୁଲ୍‌ର ଦ୍ୱନ୍ଦ୍ୱଯୁଦ୍ଧ ଭିତରେ ପରଜା ଆଦିବାସୀ ଅଣନିଶ୍ୱାସୀ ହେବା ସହିତ ପରାଧୀନ ହୋଇଯାଇଛି ।

ସେହିପରି ସଙ୍କଳନର ଅନ୍ୟ ଏକ ଗଳ୍ପ 'ଅକର୍ମଶୀଳା' ସଉରା ଆଦିବାସୀଙ୍କୁ ନେଇ ରଚିତ । ଏଥିରେ ସଉରାର ଅସ୍ତିତ୍ୱ କଥା କୁହାଯାଇଛି । ଯେଉଁ ବଂଶରେ ବିଶ୍ୱାବସୁ ଜନ୍ମ ଗ୍ରହଣ କରି ଜଗନ୍ନାଥଙ୍କ ପୂଜା ଆରାଧନା କରିଥିଲେ । ସେହି ମହାନ୍ ବଂଶର ଉତ୍ତର ଦାୟାଦଙ୍କ ସ୍ଥିତି ଆଜି ସଙ୍ଗୀନ । ସେ ସହରୀ ନୁହେଁ କି ଜଙ୍ଗଲୀ ମ୍ଧ ନୁହେଁ । ଏକ ପ୍ରକାର ଶଙ୍କର ଜୀବନ କଟାଉଛି । ତାଙ୍କୁ ଉନ୍ନତି ନାଁରେ ଠକେଇ କରାଯାଉଛି । ଏସବୁ ଭିତରେ ଶବର ସଂସ୍କୃତିର ଧର୍ମୀୟ ଚିନ୍ତାଧାରା ସହିତ ନିଜତ୍ୱ ମ୍ଧ ଲୋପ ପାଇଯାଉଛି । ଏହାକୁ ଦେଖି ଜଂଗୁର ଶବର ସହିପାରିନାହିଁ । ନିଜେ ଅକର୍ମଶୀଳା ପରି ବାଟକୋଡ଼ରେ ପଡ଼ିରହିଛନ୍ତି । ସେଠାରେ ଥିବା ମଙ୍ଗଳା ମାଆଙ୍କୁ ଜାବୁଡ଼ି ଧରି ଚିତ୍କାର କରୁଛି-"ତୁ ଦେବତା ନ ହେଲେ ନାହିଁ ପଛକେ ଭିକାରୀ ହେବାକୁ ତତେ ଦେବିନାହିଁ । "[୧](ପୃ-୧୩୮) ଏସବୁ ପ୍ରତିକ୍ରିୟା ଭିତରେ ଆଦିବାସୀଙ୍କ ସ୍ୱାଭିମାନ ଓ ନିଜତ୍ୱକୁ ବଞ୍ଚାଇବାକୁ ପ୍ରୟାସ କରାଯାଇଛି । ଏହିପରି ଭାବରେ ଦେଖିଲେ ସମଗ୍ର ସଙ୍କଳନରେ ଆଦିବାସୀମାନଙ୍କର ଜୀବନଚିତ୍ର, ତାଙ୍କପ୍ରତି କରାଯାଉଥିବା ଶୋଷଣ,ଅତ୍ୟାଚାର ଆଦିର ସାହିତ୍ୟିକ ରୂପାୟନ ଗାଳ୍ପିକା ସୁନ୍ଦର ଭାବରେ କରିଛନ୍ତି ।

ସଙ୍କେତ ଓ ସହାୟକ ଗ୍ରନ୍ଥସୂଚୀ:-


୧) ରାୟ ପ୍ରତିଭା, 'ଭଗବାଁର ଦେଶ', ଆଦ୍ୟା ପ୍ରକାଶନୀ, ତୁଳସୀପୁର,କଟକ,ଚତୁର୍ଥ ସଂସ୍କରଣ ୨୦୧୫, ପୃ-୦୭,୩୫,୮୦,୮୨,୮୩,୧୦୯,୧୩୧,୧୬୪,୧୬୮,୧୩୮

୨) ନେପାକ ଭାଗୀରଥି, 'ବଣ୍ଡା ପର୍ବତ: ପୁନଃ ଆବିଷ୍କାର- ବଣ୍ଡା ପର୍ବତର ଅଧିବାସୀ',ଓଡ଼ିଶା ସାହିତ୍ୟ ଏକାଡ଼େମୀ,ଭୁବନେଶ୍ୱର,ପ୍ରଥମ ପ୍ରକାଶ ୧୯୮୨, ପୃ-୪୨/୪୩,୪୫,୫୨

୩) ମେହେର ଡ. ରଘୁନାଥ, 'ଦକ୍ଷିଣ ଓଡ଼ିଶାର ଆଦିବାସୀ ସଂସ୍କୃତି'ସାହିତ୍ୟ ଶ୍ୱେତପଦ୍ମା,ଭୁବନେଶ୍ୱର,୧ମ ପ୍ରକାଶ ୨୦୧୦, ପୃ-୧୦

୪) ମିଶ୍ର ନୃସିଂହପ୍ରସାଦ ଓ ସାହୁ ଶୁକଦେବ, 'ଆଦିବାସୀ ସମାଜ ଓ ସଂସ୍କୃତି', ମନୋରମା ପବ୍ଲିଶର୍ସ,୨ୟ ସଂସ୍କରଣ ୨୦୧୬,ପୃ-୪୦


*ଚୈତ୍ରପର୍ବ(ଏପ୍ରିଲ-ମଇ), ଦଶହରା ପର୍ବ(ସେପ୍ଟେମ୍ବର-ଅକ୍ଟୋବର) ଓ ପୁଷ ପର୍ବ(ଡିସେମ୍ବର-ଜାନୁଆରୀ)


ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ,ଜାମଶୂଳୀ,

ବାଲେଶ୍ୱର

# ଓଡ଼ିଶାର ରାମଲୀଳା ପରମ୍ପରାରେ ଅସୁରେଶ୍ୱର ରାମଲୀଳା: ବୈଶିଷ୍ଟ୍ୟ ନିରୂପଣ

ISSN -2583-147X(P)
**Bastabatara Pariprakash Prachee**
***Peer Reviewed and Referred Research Journal***

--ହୃଷିକେଶ ମହାରଣା

## ରାମଲୀଳା ସମ୍ପର୍କରେ

ରାମଲୀଳା ଏକ ଅଭିନୟ । ସତ୍ୟନୁହେଁ, ସତ୍ୟର ଆଭାସ କିନ୍ତୁ ଏହାକୁ ଅସତ୍ୟ ବୋଲି ତ କୁହାଯାଇପାରିବ ନାହିଁ ।

'ଲୀଳା' ଶବ୍ଦର ଅର୍ଥ କ୍ରୀଡ଼ା ବା ଅନୁକରଣ । ଏଣୁ ପ୍ରଭୁ ଶ୍ରୀରାମଙ୍କ ଜୀବନକଥା ଓ ତତ୍ ସମ୍ବନ୍ଧୀୟ ଅଭିନୟକୁ 'ରାମଲୀଳା' ଭାବରେ ଅଭିହିତ କରାଯାଇଛି । ଓଡ଼ିଶାରେ ରାମଲୀଳାର ପରମ୍ପରା ଖୁବ୍ ପ୍ରାଚୀନ । ଏହାର ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ଲୀଳାର ଉତ୍ପତ୍ତି ସଂପର୍କରେ ହେମନ୍ତ କୁମାର ଦାସ କୁହନ୍ତି- "ଓଡ଼ିଆ ନାଟ୍ୟକଳାରେ ଲୀଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାର ଉଦ୍ଭବ କେଉଁ ସମୟରେ ହୋଇଥିଲା, ବର୍ତ୍ତମାନ ସଠିକ୍ ଭାବରେ କହିବା ଦୁଃସ୍ଥ । ଏହାର ଲିଖିତ ରୂପ ସପ୍ତଦଶ ଶତକରୁ ମିଳୁଛି । ତାହାର ବହୁପୂର୍ବରୁ ମୌଖିକଭାବରେ ଏହାର ଉଦ୍ଭବ ହୋଇଥିବା ସମ୍ଭବପର ।[୧] ଲୀଳା ଅଭିନୟର ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରିତ ହୋଇପାରିନଥିଲେ ମଧ୍ୟ ଏହାର ଲିଖିତ ରୂପ ଆଧାରରେ ଏହାର ପ୍ରାଚୀନତାକୁ ଅନୁମାନ କରାଯାଇପାରେ ।

ରାମକଥା ପ୍ରଥମତଃ ଲୋକମୁଖରେ ପ୍ରକାଶ ପାଇ ପରେ ଲିଖିତ ରୂପ ଧାରଣ କରିଛି । ପରବର୍ତ୍ତୀ ସମୟରେ ଏହା ନୃତ୍ୟ, ନାଟକ ଭଳି ପ୍ରଦର୍ଶନୀଧର୍ମୀ କଳା କ୍ଷେତ୍ରରେ ଆଦର ଲାଭ କରିଛି । ଓଡ଼ିଶାର ବିଭିନ୍ନ ମନ୍ଦିରର ସ୍ଥାପତ୍ୟ, ଚିତ୍ରକଳା ଓ ପୋଥିରେ ରାମକଥା ବର୍ଣ୍ଣିତ । ଲୋକଗୀତ, ଲୋକ କାହାଣୀରେ ରାମାୟଣର ବିଷୟବସ୍ତୁ ଅଧିକାଂଶ ସ୍ଥାନରେ ବର୍ଣ୍ଣିତ । ତୁଳସୀଦାସଙ୍କ ରାମଚରିତ ମାନସକୁ ନାଟ୍ୟରୂପ ଦେଇଥିବା ନାରାୟଣ ଦାସଙ୍କୁ ରାମଲୀଳା ପ୍ରଦର୍ଶନର ପ୍ରଥମ ପ୍ରବର୍ତ୍ତକ ଭାବେ ଗ୍ରହଣ କରାଯାଏ । ରାମାନୁଜଙ୍କ ଆଗମନ ପରେ ମୁଖ୍ୟତଃ ପୁରୀରୁ ଆରମ୍ଭ ହେଲା ଓଡ଼ିଶାରେ ରାମଲୀଳା ଅଭିନୟ ପରମ୍ପରା ।

ଓଡ଼ିଆ ଭାଷାରେ ରାମକଥାକୁ ନେଇ ସାରଳା ଦାସଙ୍କ 'ବିଚିତ୍ର ରାମାୟଣ', 'ବିଲଙ୍କା ରାମାୟଣ', ବଳରାମ ଦାସକୃତ 'ଜଗମୋହନ ରାମାୟଣ' ପ୍ରଭୃତି ଗ୍ରନ୍ଥ ରଚନା କରାଯାଇଥିଲେ ମଧ୍ୟ ଓଡ଼ିଶାରେ ରାମଲୀଳା ରଚନାର ପ୍ରଥମ ଶ୍ରେୟ ଦିଆଯାଏ ବିଶ୍ୱନାଥ ଖୁଣ୍ଟିଆଙ୍କୁ । 'ବିଚିତ୍ର ରାମାୟଣ' ଗ୍ରନ୍ଥର ରଚୟିତା ବିଶ୍ୱନାଥ ଖୁଣ୍ଟିଆ ଜଗନ୍ନାଥ ମନ୍ଦିରର ଖୁଣ୍ଟିଆ ସେବକ ଥିବାର ଜଣାଯାଏ । 'ବିଚିତ୍ର ରାମାୟଣ' ଗ୍ରନ୍ଥରେ କୋମଳ ଶବ୍ଦ ପ୍ରୟୋଗ, କାହାଣୀ ଅନୁରୂପ ଭାବ ସଂଯୋଜନା ଓ ସାଙ୍ଗିତିକତା ଯୋଗୁଁ ଏହା ଅଧିକ ଲୋକପ୍ରିୟ ହୋଇପାରିଛି । ଓଡ଼ିଆ ଭାଷାର ପ୍ରଥମ ଛାନ୍ଦ କାବ୍ୟ ଭାବେ ଗୃହୀତ ଏହି ଗ୍ରନ୍ଥର ବର୍ଣ୍ଣନା ପାଠକ ଓ ଶ୍ରୋତାଙ୍କୁ ଦୃଶ୍ୟ ଦେଖିବାର ଅନୁଭବ ଆଣିଦିଏ । "ଓଡ଼ିଶାର ରାମଲୀଳା ପରମ୍ପରାରେ 'ବିଶି-ରାମଲୀଳା'ର ଆବେଦନ ଦୁଇଟି କାରଣରୁ । ସୁଲଳିତ ସାଂଗୀତିକତା ଏବଂ ଉଚ୍ଛ୍ୱାସଧର୍ମୀ ସାଂଳାପିକତା, ଏହାକୁ ଏକାଧାରାରେ ଗେୟ ଓ ଅଭିନେୟ ରୂପରେ ଉପସ୍ଥାପିତ କରିଛି । ନୀଳାଚଳ ନାଥଙ୍କର ସେବକ ଖୁଣ୍ଟିଆ 'ବିଶ୍ୱନାଥ' ଦିବ୍ୟସିଂହ ଦେବଙ୍କର ପଚିଶ ଅଙ୍କ ଅର୍ଥାତ୍ ୧୭୦୯/୧୦ ମସିହାବେଳକୁ ଏହି ଅଭିନୟାତ୍ମକ କାବ୍ୟଟିକୁ ରଚନା କରିଥିଲେ ।'[୨]ବିଶ୍ୱନାଥଙ୍କ ପରେ ରଘୁନାଥ ଦାସ ଅଷ୍ଟାଦଶ ଶତକର ମଧ୍ୟଭାଗରେ ଯେଉଁ 'ରାମଲୀଳା' ରଚନା କରିଥିଲେ ତାହା କାଣ୍ଡ ପରିବର୍ତ୍ତେ ଘଟଣା ଅନୁସାରେ ସାତଟି ଲୀଳାରେ ବିଭକ୍ତ ହୋଇଛି ।

ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳାରେ ମୋଟ୍ ତିନିଶହ ଊଣେଇଶଟି ସଙ୍ଗୀତ ସ୍ଥାନିତ ହୋଇଛି । ଓଡ଼ିଆ ସଙ୍ଗୀତ ସହ ଏଥିରେ କିଛି ସଂସ୍କୃତ ଶ୍ଳୋକର ପ୍ରୟୋଗ ଦେଖିବାକୁ ମିଳେ । ବଂଶୀଧର ମହାନ୍ତି ଏହାର ରଚନାକାଳକୁ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ବୋଲି ଆକଳନ କରିଛନ୍ତି । ବିପ୍ର ଜନାର୍ଦ୍ଦନ ଦେବଙ୍କ 'ଶ୍ରୀରାମ ଚରିତାମୃତ' ଓ ବିକ୍ରମ ନରେନ୍ଦ୍ରଙ୍କ 'ରାଘବ ଚରିତାମୃତ' ରାମଲୀଳା ପରମ୍ପରାକୁ ଆହୁରି ବିକଶିତ କରିଛି ।

ଚିକିଟୀର ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ 'ଚିକିଟୀ ରାମଲୀଳା'ଏକ ଅନୁବାଦିତ ଲୀଳାଗ୍ରନ୍ଥ ହେଲେ ମଧ୍ୟ ଏଥିରେ ୫୦୭ଟି ସଂଗୀତ ବ୍ୟବହୃତ ହୋଇଛି । ଗଞ୍ଜାମ ଅଞ୍ଚଳରେ ଏହାର ଲୋକପ୍ରିୟତା ରହିଛି । ଏହି ଗ୍ରନ୍ଥଟି ୧୯୦୯ ମସିହାରେ 'ଉତ୍କଳ ଦର୍ପଣ' ଛାପାଖାନାରେ ମୁଦ୍ରିତ ହୋଇଥିଲା । ଏହାପରେ କେଶବ ହରିଚନ୍ଦନ, ଈଶ୍ୱର ଦାସ ମଧ୍ୟ ରାମଲୀଳା ରଚନାକୁ ବ୍ୟାପ୍ତି ଦେଇଛନ୍ତି । ରାମଙ୍କୁ ରାଜନୀତିକ ଶକ୍ତି ଓ ଭାତୃତ୍ୱର ପ୍ରତୀକ ଭାବରେ ବିବେଚନା କରି ଅତୀତରେ ରାଜାମାନେ ତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରୁଥିଲେ । ଏଣୁ ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ରାମଲୀଳା କରିବା ପାଇଁ ପ୍ରୋତ୍ସାହନ ଦେଉଥିଲେ । ଲୋକନାଟକ ପରମ୍ପରାରେ ରାମଲୀଳା ଏକ ମୁଖ୍ୟ ପ୍ରସଙ୍ଗ ।

ରାମଲୀଳା ଦଳ ମୁଖ୍ୟତଃ ତିନି ପ୍ରକାରର- ମନ୍ଦିରକୈନ୍ଦ୍ରିକ, ପେସାଦାର ଓ ସୌଖୀନ । ସାଧାରଣତଃ ପେସାଦାର ଓ ସୌଖୀନ ଦଳଗୁଡ଼ିକ ମନୋରଞ୍ଜନଧର୍ମୀ ଏଣୁ ପରିବର୍ତ୍ତନଶୀଳ ।ମାତ୍ର ମନ୍ଦିର ବା ପୀଠକୈନ୍ଦ୍ରିକ ଦଳଗୁଡ଼ିକ ବିଧି ଅନୁଯାୟୀ ପରିଚାଳିତ ହେଉଥିବାରୁ ଏହାର ଅଭିନୟ କୌଶଳ ଓ ବେଶଭୂଷା ଦୀର୍ଘ ବର୍ଷଧରି ଅପରିବର୍ତ୍ତିତ ରହିଥାଏ ।

ଗାଁ ଦାଣ୍ଡକୁ ମଞ୍ଚ ଓ ଗ୍ରାମ୍ୟ ଜନତାଙ୍କୁ ପୁରାଣର ଚରିତ୍ର ଭାବେ ଅବତାରଣା କରି ଅଭିନୀତ ହୁଏ ରାମଲୀଳା । ନିଜର କଳାକୁ ଜନତାଙ୍କ ସମ୍ମୁଖରେ ଉପସ୍ଥାପନ କରି ସେମାନଙ୍କର ମନୋରଞ୍ଜନ କରିବା ଓ ଲୋକମାନଙ୍କ ମନରେ ଧର୍ମ ବିଶ୍ୱାସ ସୃଷ୍ଟି କରିବା ଏହି ଲୀଳାଭିନୟର ଉଦ୍ଦେଶ୍ୟ । ଏଠାରେ କେବଳ ମନୋରଞ୍ଜନ ନୁହେଁ ଭକ୍ତି ମଧ୍ୟ ସମପରିମାଣର ଗୁରୁତ୍ୱ ବହନ କରେ । ରାମ ଚରିତ୍ର ଆଦର୍ଶ ସ୍ଥାନୀୟ । ପ୍ରଭୁ ରାମଚନ୍ଦ୍ର ସତ୍ୟନିଷ୍ଠ, ଏକପତ୍ନୀମନସ୍କ, ନିରପେକ୍ଷ ଶାସକ, ପ୍ରଜାନୁରଞ୍ଜକ, ଦାନବୀର, ସମରବୀର ଓ ତ୍ୟାଗବୀର । ସେ ମଧ୍ୟ ମୁକ୍ତିଦାତା ବ୍ରହ୍ମ ସ୍ୱରୂପ । ଏଣୁ ରାମଲୀଳା ଅଭିନୟ ପ୍ରତ୍ୟେକ ବ୍ୟକ୍ତିର ପ୍ରାଣକେନ୍ଦ୍ର ସହ ଜଡ଼ିତ ।

## ଅସୁରେଶ୍ୱର ରାମଲୀଳାର ବିଶେଷତ୍ୱ:

ଅସୁରେଶ୍ୱର ରାମଲୀଳାରେ ଚରିତ୍ରଗୁଡ଼ିକ ସଂପୂର୍ଣ୍ଣଭାବେ ମୂକ ଅଭିନୟ କରନ୍ତି । ଶ୍ରୀ ଗାୟକ, ଶ୍ରୀପାଳିଆ ଓ ଗାନବଜାଣ ମଣ୍ଡଳୀଦ୍ୱାରା ସୃଷ୍ଟି କରାଯାଉଥିବା ଧ୍ୱନି ମାଧ୍ୟମରେ ସମଗ୍ର ଲୀଳା ସମ୍ପାଦିତ ହୋଇଥାଏ । ଚରିତ୍ରମାନେ ମଞ୍ଚରେ କେବଳ ଅଭିନୟ ପ୍ରଦର୍ଶନ କରିଥାନ୍ତି । ଶ୍ରୀଗାୟକ ଓ ଶ୍ରୀ ପାଳିଆ ଅଭିନେତାମାନଙ୍କ ପଛରେ ଠିଆହୋଇ ଗୀତ ଗାଉଥାନ୍ତି । ମଞ୍ଚ ନିକଟରେ ବାଦ୍ୟକାର ଓ ସଂଗୀତ ମଣ୍ଡଳୀ ବସିଥାନ୍ତି । ସେମାନେ ମଝିରେ ମଝିରେ ପାଳି ଧରନ୍ତି । ଶ୍ରୀ ଗାୟକ ଯୁଦ୍ଧ ଓ ଅନ୍ୟ କେତେକ ଦୃଶ୍ୟାଭିନୟ ସମୟରେ ମଞ୍ଚଠାରୁ ଦୂରେଇ ରହନ୍ତି ଓ ପରବର୍ତ୍ତୀ ସମୟରେ ପୁନଶ୍ଚ ମଞ୍ଚକୁ ଫେରି ଆସନ୍ତି ।

ଏହିପରି ଅନେକଗୁଡ଼ିଏ ବିଶେଷତ୍ୱ ମଧ୍ୟରୁ କେତେକ ନିମ୍ନରେ ଆଲୋଚନା କରାଗଲା ।

## କଥାବସ୍ତୁ:

ଅସୁରେଶ୍ୱରରେ ଅଭିନୀତ ରାମଲୀଳାର ବିଷୟବସ୍ତୁ କୌଣସି ନିର୍ଦ୍ଦିଷ୍ଟ ଲେଖକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇନାହିଁ । କେତେକ ପ୍ରମୁଖ ରାମକଥାଶ୍ରିତ ଗ୍ରନ୍ଥର ମିଶ୍ରଣରେ ରାମାୟଣ ଲୀଳାଗ୍ରନ୍ଥ ପ୍ରସ୍ତୁତ ହୋଇଛି । ବଳରାମ ଦାସ କୃତ ଦାଣ୍ଡି ରାମାୟଣ, ବିଶ୍ୱନାଥ ଖୁଣ୍ଟିଆଙ୍କ ବିଚିତ୍ର ରାମାୟଣ, ବିପ୍ର ସଦାଶିବ, ବିକ୍ରମ ନରେନ୍ଦ୍ର ଓ ତୁଳସୀ ଦାସଙ୍କ ରାମ ଚରିତ ମାନସ, ଆଦି ଅନେକ ରଚନାଗୁଡ଼ିକର ଏକ ବିଚିତ୍ର ମିଶ୍ରଣରେ ପ୍ରସ୍ତୁତ ହୋଇଛି ଅସୁରେଶ୍ୱର ରାମଲୀଳାର କଥାବସ୍ତୁ । ପରବର୍ତ୍ତୀ ସମୟରେ ନିକଟସ୍ଥ "ଦୀକ୍ଷିତପଡ଼ା" ମଠରେ ଅବସ୍ଥାନ କରୁଥିବା ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ଗ୍ରନ୍ଥାବଳୀକୁ ଏଥିରେ ସଂଯୋଜନା କରାଯାଇଛି । ଏହି ଲୀଳାଗ୍ରନ୍ଥ ମୁଖ୍ୟତଃ ସଂଗୀତ ପ୍ରଧାନ । ନବ ଦିନ ବ୍ୟାପୀ ଅନୁଷ୍ଠିତ ଏହି ରାମଲୀଳାରେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ଦୈନିକ ୨୦ଟି ଲେଖାଏଁ ଗୀତ ହିସାବରେ ପ୍ରାୟ ଏକଶହ ଅଶିଟି (୧୮୦) ଗୀତ ବ୍ୟବହୃତ ହେଉଥିବା ଜଣାଯାଏ । ଏବେ ମଧ୍ୟ ମନ୍ଦିର ବେଢ଼ାମଧ୍ୟରେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇ ପୂଜାର୍ଚ୍ଚନା କରାଯାଉଛି ।

ମୂଳଗ୍ରନ୍ଥଟି ମୁଖ୍ୟତଃ ଦାଣ୍ଡିରାମାୟଣ ଦ୍ୱାରା ପ୍ରଭାବିତ ହୋଇଥିବା ପରି ମନେହୁଏ । ବଳରାମ ଦାସଙ୍କ ନିର୍ଗୁଣ ବ୍ରହ୍ମତ୍ୱ ପ୍ରତିପାଦିତ ହେଲେ ମଧ୍ୟ ମାନବୀୟ ଆଚରଣକୁ ଗୁରୁତ୍ୱ ଦିଆଯାଇଛି । ଏଠାରେ ବ୍ରହ୍ମଙ୍କ ସକଳ ଭାବକୁ ବସ୍ତୁ ମଧ୍ୟରେ ଆରୋପିତ କରାଯାଇଛି । ଉଭୟ ଅତିକଳ୍ପନା ଓ ବାସ୍ତବଧର୍ମୀ କାହାଣୀ ମାଧ୍ୟମରେ କାବ୍ୟିକ ଶୈଳୀରେ ରାମକଥାକୁ ପରିବେଷଣ କରାଯାଇଛି ।

## ଅସୁରେଶ୍ୱରର ରଙ୍ଗମଞ୍ଚ:

ଅସୁରେଶ୍ୱରରେ ଅଭିନୀତ ରାମଲୀଳାରେ କେତେକ ଦୃଶ୍ୟ ମନ୍ଦିର ଭିତରେ, କେତେକ ଦୃଶ୍ୟ ବେଢ଼ା ପରିସର ମଧ୍ୟରେ ମୁକ୍ତାକାଶ ତଳେ ଏବଂ ଅନ୍ୟ କେତେକ ଦୃଶ୍ୟ ମନ୍ଦିର ନିକଟରେ ଥିବା ଖୋଲା ସ୍ଥାନରେ ଅଭିନୀତ ହୋଇଥାଏ । ବାନର ଦଳଙ୍କର ସ୍ୱଇଛାରେ ଚତୁର୍ଦ୍ଦିଗ ଭ୍ରମଣ କରିବାର ସ୍ୱାଧୀନତା ଥାଏ । ସେମାନେ ପ୍ରାୟ ୫୦ କିଲୋମିଟର ବ୍ୟାପୀ ଗ୍ରାମାଞ୍ଚଳମାନଙ୍କରେ ଘୁରିବୁଲନ୍ତି ।

ଦାଣ୍ଡଯାତ୍ରା ଅବସରରେ ରାମ, ଲକ୍ଷ୍ମଣ, ସୀତା ଦୁଇ କିଲୋମିଟର ଦୂରବର୍ତ୍ତୀ ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି । ଏହି ଦୁଇ କିଲୋମିଟରବ୍ୟାପୀ ଅଞ୍ଚଳ ଅସୁରେଶ୍ୱର ରାମଲୀଳାର ରଙ୍ଗମଞ୍ଚ ଅନ୍ତର୍ଭୁକ୍ତ ବୋଲି କୁହାଯାଇପାରେ ।

## ବେଶଭୂଷା ଓ ପ୍ରସାଧାନ:

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଭିନୀତ ହେଉଥିବା ରାମଲୀଳାଠାରୁ ଅସୁରେଶ୍ୱର ରାମଲୀଳାର ବେଶଭୂଷା ସ୍ୱତନ୍ତ୍ର । ଶତାଧିକ ବର୍ଷଧରି ବେଶଭୂଷାରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଅଭିନେତା ମାନଙ୍କର ପାଦଠାରୁ ମଥା ପର୍ଯ୍ୟନ୍ତ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ରଙ୍ଗ ଓ ଲେପ ମାଧ୍ୟମରେ ଚରିତ୍ରର ଭୂମିକା ଅନୁସାରେ ଚିତ୍ରିତ କରାଯାଇଥାଏ ।

ପୋଷାକ ଆବୃତ୍ତ ଅଂଶକୁ ବାଦ୍ ଦେଲେ ଯେତିକି ଅଂଶ ଦୃଶ୍ୟମାନ ହୁଏ ସେହି ସ୍ଥାନରେ ପ୍ରାଥମିକ ପ୍ରଲେପ ଉପରେ କଳା ଓ ନାଲି ରଙ୍ଗର ରେଖାମାନ ଅଙ୍କିତ କରାଯାଏ । ରାମ, ସୀତା, ଲକ୍ଷ୍ମଣ ଓ ହନୁମାନ ଆଦି ଦେବଅଂଶୀ ଚରିତ୍ର ମାନଙ୍କ ପାଇଁ କାଗଜ ନିର୍ମିତ ଆଭୂଷଣ ବ୍ୟବହାର କରାଯାଏ ନାହିଁ । ରାବଣ, ସୂର୍ପଣଖା ଆଦି ଚରିତ୍ରମାନଙ୍କୁ ଏପରି ସଜ୍ଜିତ କରାଯାଇଥାଏ ଯେ ସେମାନଙ୍କୁ ଦେଖିଲେ ସ୍ୱତଃ ମନରେ ଭୟ ସଞ୍ଚାର ହୁଏ । "ବନାରସ ଓ ଉତ୍ତର ଭାରତର ଅନ୍ୟ କେତେକ ଅଞ୍ଚଳର ଚରିତ୍ରମାନଙ୍କ ବେଶଭୂଷା ସହ ଅସୁରେଶ୍ୱର ରାମଲୀଳାରର ସମ୍ପର୍କ ରହିଛି । ବନାରସ ଯେ ଅସୁରେଶ୍ୱରକୁ ପ୍ରଭାବିତ କରିନଥିବ, ଏପରି ଅନୁମାନକୁ ଅମୂଳକ କୁହାଯାଇନପାରେ । ଉଭୟ ଅଞ୍ଚଳର ଚରିତ୍ରମାନଙ୍କ ପୋଷାକରେ ଯେଉଁ ସୂକ୍ଷ୍ମ ପାର୍ଥକ୍ୟ ରହିଛି ତାହା ପିନ୍ଧିବାର ଠାଣି- ଗୋଟିଏ ଉତ୍ତରଭାରତ ଏବଂ ଅନ୍ୟଟି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ।'[୩] ଏହି ପୋଷାକ ସାଧାରଣତଃ ଆଣ୍ଠୁ ଉପରକୁ ରହିଥାଏ ଏବଂ ହାତର କହୁଣୀ ପର୍ଯ୍ୟନ୍ତ ଲମ୍ବିଥାଏ । ପୃଷ୍ଠ ଭାଗରେ ଉତ୍ତରୀୟ ପରି ଏକ ଶାଢ଼ୀ ବନ୍ଧା ଯାଇଥାଏ । କଳାକାରମାନଙ୍କୁ ଚରିତ୍ର ଅନୁରୂପ ବେଶଭୂଷାରେ ସଜ୍ଜିତ କରି ଦର୍ଶକମାନଙ୍କ ମନରେ ଠାକୁରଙ୍କ ପ୍ରତି ଭାବାବେଗ ସୃଷ୍ଟି କରାଯାଇଥାଏ ।

## ବାଦ୍ୟଯନ୍ତ୍ର:

ଆଧୁନିକ ଯୁଗରେ ପେଶାଦାର ରାମଲୀଳା ଦଳ ବିଭିନ୍ନ ଚିତ୍ରାଳୟଦ୍ୱାରା ଏବଂ ଇଲେକଟ୍ରୋନିକ୍ସ ବାଦ୍ୟଯନ୍ତ୍ର ବ୍ୟବହାର ଦ୍ୱାରା ରାମଲୀଳା ପରିବେଷଣ କରୁଥିଲେ ମଧ୍ୟ ଅସୁରେଶ୍ୱର ରାମଲୀଳାର ବିଶେଷତ୍ୱ ଏହା ଯେ ଏଠାରେ ବିଦ୍ୟୁତ ଆଲୋକର ବ୍ୟବହାର କରାଯାଉଥିଲେ ମଧ୍ୟ ନିଆଁ ବରିଆ ବା ମସାଲ ଆଲୁଅକୁ ବାଦ୍ ଦିଆଯାଇନାହିଁ । ଏତଦବ୍ୟତୀତ ବୈଦୁତିକ ବାଦ୍ୟଯନ୍ତ୍ର ଏଯାବତ୍ ଆଦୌ ବ୍ୟବହାର କରାଯାଇ ନାହିଁ । ପାରମ୍ପରିକ ବାଦ୍ୟଯନ୍ତ୍ର ପଖୋଜ, ଝାଞ୍ଜ, ଗିନି, ହାରମୋନିୟମ, ଢୋଲ, ମହୁରୀ ଓ ଖଞ୍ଜଣି ଆଦି ହସ୍ତଚାଳିତ ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ । ଯୁଦ୍ଧ ଅଭିନୟ ସମୟରେ ଘଣ୍ଟ ଶବ୍ଦର ବ୍ୟବାହାର କରାଯାଏ ।

## କଳାକାର:

ରାମଲୀଳା ଅଭିନୟ କ୍ଷେତ୍ରରେ ଅଭିନେତାମାନଙ୍କର ଗୁରୁତ୍ୱ ସର୍ବାଧିକ । ଅସୁରେଶ୍ୱରରେ ଅନୁଷ୍ଠିତ ରାମଲୀଳାରେ ନାରୀମାନଙ୍କୁ ଅଭିନୟ କରିବାର ସୁଯୋଗ ମିଳିନଥାଏ । ପୁରୁଷମାନେ ହିଁ ନାରୀ ଚରିତ୍ର ଗୁଡ଼ିକରେ ଅଭିନୟ କରିଥାନ୍ତି । ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଅଭିନେତାମାନେ ସାଧାରଣତଃ ବ୍ରାହ୍ମଣ କୁଳର ହୋଇଥାନ୍ତି । ଅନ୍ୟ ଜାତିର ଲୋକମାନଙ୍କୁ ଅଭିନୟ କରିବାର ସୁଯୋଗ ମିଳିନଥାଏ । ଅସୁରେଶ୍ୱର ରାମଲୀଳାରେ ଅଂଶଗ୍ରହଣ କରୁଥିବା ଅଭିନେତାମାନେ ନିଜ ରୋଜଗାରର ଏକ ଅଂଶ ରାମଲୀଳା କାର୍ଯ୍ୟକ୍ରମ ନିମନ୍ତେ ଏକତ୍ର କରିଥାନ୍ତି । ମନ୍ଦିର ତରଫରୁ ମଧ୍ୟ ସେମାନଙ୍କୁ ଆର୍ଥିକ ସାହାର୍ଯ୍ୟ କରାଯାଏ ।

## ବିଧି ବ୍ୟବସ୍ଥା:

ରାମଲୀଳାରେ ଅଭିନୟ କରୁଥିବା କଳାକାରମନେ ରଘୁନାଥଜୀଉଙ୍କ ଶରଣରେ ରହି ନିଜ ମନର ପରିସୁଦ୍ଧିକରଣ କରିଥାନ୍ତି । ଏତଦବ୍ୟତୀତ ମନ୍ଦିର ପରିସର ଓ ଗ୍ରାମ ପଥକୁ ପରିଷ୍କୃତ କରାଯାଏ । ଅଭିନୟ ଭୂମି ହୁଙ୍କାମାଟି ଓ ଗୋମୟ ଦ୍ୱାରା ଲେପନ କରାଯାଇଥାଏ । ଅଭିନେତାମାନେ ଅଭିମନ୍ତ୍ରିତ ପଇତା ଧାରଣ କରନ୍ତି । ପ୍ରାୟ ଏକ ମାସ ବ୍ୟାପୀ ଆମିଷ ଭକ୍ଷଣ ବାରଣ କରାଯାଇଥାଏ । ଏହି ସମୟ ମଧ୍ୟରେ ନଖ, ଚୁଟି କାଟିବା ନିଷେଧ । ରାମନବମୀଠାରୁ ଚୈତ୍ର ପୂର୍ଣ୍ଣିମା ପର୍ଯ୍ୟନ୍ତ ବାହାରେ ଖାଇବା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଘରେ ଖାଇବାକୁ ବାରଣ କରାଯାଏ । ମଧ୍ୟାହ୍ନ ଓ ରାତ୍ରି ସମୟରେ ମନ୍ଦିରରେ ପ୍ରସ୍ତୁତ ହୋଇଥିବା ପ୍ରସାଦ ସେବନ କରିବାକୁ ପଡ଼ିଥାଏ । ବିଳମ୍ବିତ ରାତ୍ରିରେ ଅଭିନୟ ସମାପ୍ତ ହେବାପରେ ମନ୍ଦିର ତରଫରୁ ସେମାନଙ୍କୁ ବାଉଳି ଉଖୁଡ଼ା ଖାଇବାକୁ ଦିଆଯାଇଥାଏ । ତାହାକୁ ଭୋଜନ କରି ସେମାନେ ନିଷ୍ଠାର ସହ ପ୍ରଭୁ ରଘୁନାଥଜୀଉଙ୍କୁ ଆରାଧନା କରିଥାନ୍ତି । ପାରମ୍ପରିକ ଭାବରେ ଶ୍ରୀଗାୟକ ରୂପେ ଅଧିଷ୍ଠିତ କଳାକାରଙ୍କୁ ବଂଶାନୁକ୍ରମିକ ଭାବେ ଠାକୁରଙ୍କ ନିଷ୍କର ଭୂମି ପ୍ରଦାନ କରାଯାଇଛି ।

## ହନୁମାନ:

ଅସୁରେଶ୍ୱର ରାମଲୀଳାରେ ବାନର ଦଳର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସମ୍ଭବତଃ ଦର୍ଶକମାନଙ୍କୁ ଆମନ୍ତ୍ରଣ କରିବା କିମ୍ବା ରାମଲୀଳାପ୍ରତି ଆକୃଷ୍ଟ କରିବା ନିମନ୍ତେ ଏହି ରଘୁନାଥ ଦୂତ, ପରମ ଯୋଗୀ, ପରମ ଭକ୍ତ, ବ୍ରହ୍ମ ସ୍ୱରୂପ ହନୁମାନଙ୍କର ଦୂତ ରୂପେ ବାନର ଦଳ ପ୍ରେରଣ ପରମ୍ପରା ଚଳିଆସୁଛି । ଅସୁରେଶ୍ୱର ରାମଲୀଳାରେ ହନୁମାନ ଭୂମିକାଟି ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ । ପ୍ରାୟ ୨୦୦ରୁ ଅଧିକ ବ୍ୟକ୍ତି ନିଜର ମାନସିକ ପୂରଣ ନିମନ୍ତେ ମନ୍ଦିରରୁ ମୁଖା, ପୋଷାକ ଆଣି ହନୁମାନ ବେଶ ଧାରଣ କରି ରାମନବମୀ ଠାରୁ ଚୈତ୍ର ପୂର୍ଣ୍ଣିମା ପର୍ଯ୍ୟନ୍ତ ଚତୁର୍ଦ୍ଦିଗ ବ୍ୟାପୀ ଗ୍ରାମାଞ୍ଚଳରେ ବୁଲିବୁଲି ଚାଉଳ, ମୁଗ, ବିରି, ନଡ଼ିଆ, ପରିବା ଆଦି ସଂଗ୍ରହ କରିଥାନ୍ତି । ଗ୍ରାମାଞ୍ଚଳରେ 'ଲୁଥିବା ଆମ୍ବ, ନଡ଼ିଆ, ପଣସ, ସପୁରୀ ଆଦି ନିସଂକୋଚରେ, ବିନା ଅନୁମତିରେ ତୋଳି ଆଣିବାର ସ୍ୱାଧୀନତା ସେମାନଙ୍କର ଥାଏ । ମୁଖା ପରିଧାନ କରି ଛୋଟ ପିଲାମାନଙ୍କୁ ଆମୋଦିତ କରିବା ଏବଂ ଭଗବାନଙ୍କ ଆଶୀର୍ବାଦ ସ୍ୱରୂପ ଝୋଟରେ ତିଆରି ରଙ୍ଗିନ ଲାଙ୍ଗୁରୁ

ଝୋଟ ଟିକିଏ ଛିଡ଼ାଇ ପିଲାମାନଙ୍କ ହାତରେ ବାନ୍ଧି ଆର୍ଶୀବାଦ କରିବା ପରମ୍ପରା ରହି ଆସିଛି । ଅସୁରେଶ୍ୱରରୁ ବାହାରି ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭ୍ରମଣକରି ଏମାନେ ଚୈତ୍ର ପୂର୍ଣ୍ଣିମାରେ ପୁନଶ୍ଚ ଅସୁରେଶ୍ୱରରେ ପହଞ୍ଚି ଯାଆନ୍ତି ।

## ମୁଖାର ଇତିହାସ:

ମୁଖା ବ୍ୟବହାର ହେଉଛି ରାମଲୀଳାର ବୈଶିଷ୍ଟ୍ୟ ମାତ୍ର ଅସୁରେଶ୍ୱର ରାମଲୀଳାରେ ଅନୁମାନ ବ୍ୟତୀତ ଅନ୍ୟ କୌଣସି ଚରିତ୍ର ମୁଖା ବ୍ୟବହାର କରନ୍ତି ନାହିଁ । ରଙ୍ଗ ଓ ପ୍ରଲେପଦ୍ୱାରା ସେମାନଙ୍କ ମୁହଁକୁ ଚରିତ୍ର ଅନୁଯାୟୀ ଚିତ୍ରିତ କରାଯାଇଥାଏ ।

ହନୁମାନ ଓ ବାନର ଦଳଙ୍କୁ ମୁଖା ବ୍ୟବହାର କରିବାକୁ ପଡ଼ିଥାଏ । ବାନରଦଳ ବ୍ୟବହାର କରୁଥିବା ମୁଖା ସାଧାରଣତଃ କାଠରେ ନିର୍ମିତ ମନ୍ଦିରର ପାରମ୍ପରିକ ବର୍ତ୍ତନଭୋଗୀ ଚିତ୍ରକାରଙ୍କ ଦ୍ୱାରା ମୁଖାକୁ ରଙ୍ଗ ମାଧ୍ୟମରେ ଚିତ୍ରିତ କରାଯାଇଥାଏ । ଆଖି ଗୁଡ଼ିକ କିଞ୍ଚିତ୍ ବଡ଼ବଡ଼ ଓ ଗୋଲାକାର ହୋଇଥାଏ । ଏହି ମୁଖାଗୁଡ଼ିକ ଏପରି ଭାବରେ ନିର୍ମିତ ଯେ ଦୂରରୁ ଏଗୁଡ଼ିକ ରାଗିବା ପରି ଦିଶୁଥିଲେ ମଧ୍ୟ ପାଖରୁ ବିସ୍ମୟକର ଦୃଶ୍ୟମାନ ହୁଏ । ଚୈତ୍ର ପୁର୍ଣ୍ଣିମା ପରେ ମୁଖାଗୁଡ଼ିକୁ ମନ୍ଦିରରେ ଦାଖଲ କରାଯାଏ । ମନ୍ଦିର କର୍ତ୍ତୃପକ୍ଷକଙ୍କ ଦ୍ୱାରା ମୁଖାଗୁଡ଼ିକୁ ସଂରକ୍ଷିତ କରାଯାଏ । ମୁଖା ପୁରୁଣା ହେଲେ ପୁନଃ ଚିତ୍ରିତ ଓ ନୂତନ ନିର୍ମାଣ କରାଯାଏ । ନଷ୍ଟ ହୋଇଯାଇଥିବା ମୁଖାଗୁଡ଼ିକୁ ନିକଟସ୍ଥ ଲୁଣା ନଦୀରେ ବିସର୍ଜନ କରାଯାଇଥାଏ ।

## ଦାଣ୍ଡଯାତ୍ରା:

ଚୈତ୍ର ପୂର୍ଣ୍ଣିମା ଦିନ ଗୋଟିଏ ଦିନପାଇଁ ରାମଲୀଳାକୁ ବିରତି ଦିଆଯାଏ । ଠାକୁର ରଘୁନାଥଜୀଉ ଶୋଭାଯାତ୍ରାରେ ବାହାରି ମଲ୍ଲିପୁରଠାରୁ ଅସୁରେଶ୍ୱର ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ତିନି କିଲୋମିଟର ଯାଇଥାନ୍ତି । ହଜାରହଜାର ସଂଖ୍ୟାରେ ଦର୍ଶକ ଏହି ଶୋଭାଯାତ୍ରା ଦେଖିବା ନିମନ୍ତେ ଉକ୍ତ ଉତ୍ସବରେ ରୁଣ୍ଡ ହୁଅନ୍ତି । ଶୋଭାଯାତ୍ରା ଆଗରେ କାଳିକା ଅଗ୍ନି ଧାରଣପୂର୍ବକ ନୃତ୍ୟ କରିକରି ପଣା ପିଇପିଇ ଯାଉଥାନ୍ତି । ଭାଙ୍ଗମିଶ୍ରିତ ପଣା ନିଶାରେ ଡେଇଁଡେଇଁ ଇତସ୍ତତଃ ଭାବରେ କାଳିକା ନୃତ୍ୟ କରିବାବେଳେ ଲୋକମାନଙ୍କ ମନରେ ଭୟ ସଞ୍ଚାରିତ ହୋଇଥାଏ । ରାମଲୀଳା ସହ ମାତୃଶକ୍ତି ପୂଜା ପରମ୍ପରା ଅତ୍ୟନ୍ତ ପ୍ରାଚୀନ । ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମାରେ ଏହି ଉତ୍ସବ ଅନୁଷ୍ଠିତ ହୁଏ । ରାମଲୀଳାରେ ଅଂଶଗ୍ରହଣ କରୁଥିବା ବାନର ଦଳ ଶ୍ରୀ ଜୀଉଙ୍କ ପଥ ପରିଷ୍କାର କରି ଶୋଭାଯାତ୍ରାର ସୌନ୍ଦର୍ଯ୍ୟ ବୃଦ୍ଧି କରନ୍ତି । ସତେ ଯେମିତି ଏହି ଶୋଭାଯାତ୍ରା ଅବସରରେ ପରିବେଶକୁ ପରିଷ୍କାରକରିବା ନିମନ୍ତେ ଲୋକମାନଙ୍କ ମନରେ ସ୍ୱଚ୍ଛତାର ବାର୍ତ୍ତା ପହଁଚାଇବା ଏହି ବାନର ଦଳଙ୍କର ଉଦ୍ଦେଶ୍ୟ । ଶୋଭାଯାତ୍ରା ମଧ୍ୟରେ ବାନର ଦଳଙ୍କ ଅଣ୍ଟାରେ ଲାଗିଥିବା ଘାଗୁଡ଼ି ଶବ୍ଦରେ ଚର୍ତୁଦିଗ ମୁଖରିତ ହୋଇଉଠେ ।

## ବାଣଫୁଟା ପରମ୍ପରା:

ରାମ, ରାବଣକୁ ବଧ କରିବା ନିମିତ୍ତ ବାଣ ପ୍ରୟୋଗ କରିଥିଲେ ଉଭୟଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ । ବାଣ ପ୍ରୟୋଗ କରାଯାଉଥିବା ଘଟଣାର ସ୍ମୃତି ସ୍ୱରୂପ ଅସୁରେଶ୍ୱରଠାରେ ବାଣ ଫୁଟାଇବା ପରମ୍ପରା ଆରମ୍ଭ ହୋଇଥିବା ଅନୁମାନ କରାଯାଏ ।

ପ୍ରାଚୀନ ବାଣ ଶବ୍ଦର ଅର୍ଥ ଶର ବା ତୀର ହୋଇଥିବାବେଳେ ଆଧୁନିକ ସମୟରେ ସମୋଚ୍ଚାରିତ ବାଣ ଶବ୍ଦ ଫୋଟକା, ଆତସବାଜି ଅର୍ଥରେ ପ୍ରୟୋଗ କରାଯାଇ ରଙ୍ଗିନ ବାରୁଦ ନିର୍ମିତ ବାଣ ବ୍ୟବହାର କରାଯାଉଅଛି । ରାତି ନଅଟାରୁ ସକାଳ ୪ଟା ପର୍ଯ୍ୟନ୍ତ ବାଣ ଫୁଟା ଚାଲିଥାଏ । ମାନସିକ ରଖୁଥିବା ଲୋକମାନେ ବାଣ ଅର୍ପଣ କରିଥାନ୍ତି । ଏତଦ୍‌ବ୍ୟତୀତ ପ୍ରତିମାସର ସଂକ୍ରାନ୍ତି ଦିନ ମନ୍ଦିର ନିକଟରେ ମାନସିକ 'ଗଡ଼ମା' ବାଣ ଫୁଟାଇବା ପ୍ରଥା ଚଳି ଆସୁଛି ।

ଚୈତ୍ର ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଅସୁରେଶ୍ୱର ରାମଲୀଳା ଆରମ୍ଭ ହୁଏ ଏବଂ ସେହି ଦିନଠାରୁ ବାନର ଦଳମାନଙ୍କର ଗ୍ରାମାଞ୍ଚଳ ଭ୍ରମଣ ମଧ୍ୟ ଆରମ୍ଭ ହୋଇଯାଏ । ନବମୀ ଠାରୁ ଷଷ୍ଠୀ ପର୍ଯ୍ୟନ୍ତ ରାମଜନ୍ମ (ନବମୀ ତିଥି), ବିଦ୍ୟାରମ୍ଭ (ଦଶମୀ ତିଥି), ଶିବ ବିବାହ(ଏକାଦଶୀ ତିଥି), ପର୍ଶୁରାମ ଭେଟ (ଦ୍ୱାଦଶୀ ତିଥି), ରାମ ବନବାସ (ଚତୁର୍ଦ୍ଦଶୀ ତିଥି), ଦାଣ୍ଡଯାତ୍ରା - (ପୂର୍ଣ୍ଣିମା) ସୀତାହରଣ (ପ୍ରତିପଦା ତିଥି), ବାଳୀ ବଧ (ଦ୍ୱିତୀୟା ତିଥି), ସୀତା ଠାବ (ପ୍ରତିପଦା/ତୃତୀୟା ତିଥି), ସେତୁବନ୍ଧ ପ୍ରତିଷ୍ଠା (ଚତୁର୍ଥୀ ତିଥି), ରାବଣ ବଧ (ପଞ୍ଚମୀ ତିଥି), ରାମାଭିଷେକ(ଷଷ୍ଠୀ ତିଥି) ଏହିପରି ଭାବେ କ୍ରମାନ୍ୱୟରେ ଅଭିନୀତ ହୁଏ ।

## ଇଷ୍ଟ ଦେବତା:

ଶ୍ରୀରାମ ବା ରଘୁନାଥ ହିଁ ରାମଲୀଳାରେ ଇଷ୍ଟଦେବ ଭାବରେ ପୂଜିତ ହୋଇଥାଆନ୍ତି ।କେବଳ ଅସୁରେଶ୍ୱର ନୁହେଁ ମାହାଙ୍ଗା, ବୌଦ୍ଧ, ଚିକିଟି, ପାରଳା, ସୋନପୁର, ବୌଦ୍ଧ, ବାଙ୍କି ଆଦି ବିଭିନ୍ନ ଅଞ୍ଚଳରେ ଥିବା ରଘୁନାଥଜୀଉ ମନ୍ଦିର ମାନଙ୍କରେ ରାମଲୀଳା ଅନୁଷ୍ଠିତ ହେବା ପରମ୍ପରା ଚାଲିଆସୁଛି । ରାମଲୀଳାରେ ଅଂଶଗ୍ରହଣ କରୁଥିବା ଅଭିନେତାମାନେ ରଘୁନାଥଜୀଉଙ୍କ ଶରଣରେ ରହି ଏଗାର ଦିନ ବ୍ୟାପୀ ମନ୍ଦିରରେ ପ୍ରସାଦ ସେବନ କରିବା ସହ ପ୍ରଭୁ ଶ୍ରୀରାମଙ୍କ ଶରଣାର୍ଥୀ ହୋଇ ରାମଲୀଳା ଅଭିନୟ କରିଥାନ୍ତି ।

## ଇତିହାସ ଓ କିମ୍ବଦନ୍ତୀ:

ଅସୁରେଶ୍ୱର ନିକଟସ୍ଥ ମଲ୍ଲୀପୁର ଗ୍ରାମରେ ନୃସିଂହ ମୂର୍ତ୍ତି ପୂଜା ପାଉଥିଲେ । ୧୭୯୬/୯୭ ମସିହାରେ ପଶ୍ଚିମାଞ୍ଚଳର ଜଣେ ବାବାଜୀ 'ରାମକୃଷ୍ଣ ମହାରାଜ' ସେଠାରେ ରାମ ମୂର୍ତ୍ତି ପ୍ରତିଷ୍ଠାକରି ପୂଜା କରିବା ଆରମ୍ଭ କରିଥିଲେ । ସେହି ରାମମୂର୍ତ୍ତିକୁ ସେ ରଘୁନାଥଜୀଉ ନାମରେ ନାମକରଣ କରିଥିଲେ । ତତ୍କାଳୀନ ସମୟରେ ଅସୁରେଶ୍ୱର ନିକଟବର୍ତ୍ତୀ ମାହାଙ୍ଗାରେ ମଧ୍ୟ ଅନ୍ୟ ଏକ ରଘୁନାଥଜୀଉ ମନ୍ଦିର ତାଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଛି । ଅସୁରେଶ୍ୱର ରାମଲୀଳା ମୁଖ୍ୟତଃ ପୂଜାବିଧିକେନ୍ଦ୍ରିକ । ଅଭିନୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁକିଛି ବିଧି ଅନୁସାରେ ପାଳିତହୁଏ ।

### ଦଧିବାମନଙ୍କ ସହ ରଘୁନାଥଙ୍କ ସମ୍ପର୍କ:

ରଘୁନାଥଜୀଉ ମନ୍ଦିରର ମାତ୍ର ଦୁଇ କିଲୋମିଟର ଦୂରତାରେ ଦଧିବାମନ ମନ୍ଦିର ଅବସ୍ଥିତ ।ରଘୁନାଥଜୀଉ ମନ୍ଦିରଠାରୁ ଦଧିବାମନ ମନ୍ଦିର ଅଧିକ ପ୍ରଚୀନ ବୋଲି ଜଣାପଡ଼େ । ଚୈତ୍ର ପୂର୍ଣ୍ଣମୀ ଦିନ ରଘୁନାଥଜୀଉ ଦାଣ୍ଡଯାତ୍ରା ଶୋଭାଯାତ୍ରାରେ ବାହାରି ରାମଲୀଳା ଦେଖିବାନିମନ୍ତେ ଦଧିବାମନଙ୍କୁ ନିମନ୍ତ୍ରଣ କରିଥାନ୍ତି । ଉଭୟ ହୋଲି ଖେଳିବା ପର୍ବ ଅନୁଷ୍ଠିତ ହୁଏ । କାଳୀକା ନୃତ୍ୟ, ରାମ-ରାବଣ ଯୁଦ୍ଧ, ବାଳି-ସୁଗ୍ରୀବ ଯୁଦ୍ଧ ଆଦି ଦଧିବାମନ ମନ୍ଦିରରେ ଅନୁଷ୍ଠିତ ହୋଇଥାଏ । ଦଧିବାମନଙ୍କୁ ରଘୁନାଥ ବେଶ କରାଯାଏ । ତାଙ୍କ ଉଭୟ ପାର୍ଶ୍ୱରେ ଲକ୍ଷ୍ମଣ ଓ ସୀତାଙ୍କ ପ୍ରତିମୂର୍ତ୍ତି ରଖାଯାଏ । ରଘୁନାଥଜୀଉ ଓ ଦଧିବାମନ ମନ୍ଦିର ମଧ୍ୟରେ ଦୂରତା ପ୍ରାୟ ଦୁଇ କିଲୋମିଟର ଦୂରତା ହୋଇଥିଲେ ମଧ୍ୟ ଚୈତ୍ର ପୂର୍ଣ୍ଣିମାରେ ଦୁହେଁ ଏକତ୍ର ହୋଇଥାନ୍ତି । ରାମଙ୍କୁ ଜଗନ୍ନାଥଙ୍କ ସହ ଯୋଡ଼ିବାର ଏହା ଏକ ଅନନ୍ୟ ପରମ୍ପରା ଯାହା ଅନ୍ୟ କୌଣସିଠାରେ ଦୃଷ୍ଟିଗୋଚର ହୁଏନାହିଁ ।

### ରାମଲୀଳାକୁ ଶାକ୍ତ ପରମ୍ପରା ସହ ଯୋଡ଼ିବାର ପ୍ରୟାସ:

ଆମେମାନେ ସମସ୍ତେ ଜାଣନ୍ତି ଯେ ରାବଣକୁ ରାମ ବଧ କରିଥିଲେ ମାତ୍ର ବିଲଙ୍କା ରାମାୟଣରେ ସହସ୍ରଶିରା ରାବଣକୁ ମାରିବା ନିମନ୍ତେ ରାମ ଲକ୍ଷ୍ମଣାଦି ଅକୃତକାର୍ଯ୍ୟ ହୋଇଥିବାବେଳେ ସୀତା ସହସ୍ରଶିରା ରାବଣକୁ ବଧ କରିଥିଲେ । ଅସୁରେଶ୍ୱର ରାମଲୀଳାରେ ସେହି ସ୍ମୃତିକୁ ଆଧାରକରି ଚୈତ୍ର ପୂର୍ଣ୍ଣମୀରେ ସୀତା କାଳୀବେଶ ଧାରଣକରି ନୃତ୍ୟ କରିଥାନ୍ତି ।

ରଘୁନାଥଜୀଉ ପୀଠ ସହିତ ସଂପୃକ୍ତ ହୋଇଥିବାରୁ ଏହି ପ୍ରାଚୀନ ଲୋକନୃତ୍ୟଟି ଆଜିଯାଏଁ ପରିବର୍ତ୍ତନର ଧାରାଠାରୁ ନିଜକୁ ଦୂରେଇ ରଖିପାରିଛି ବୋଲି ସ୍ୱୀକାର କରିବାକୁ ହେବ । ଅସୁରେଶ୍ୱର ରାମଲୀଳାର ପ୍ରାଚୀନତା ଓ ପରମ୍ପରାକୁ ବଞ୍ଚେଇ ରଖିବାର ଏହି ପ୍ରୟାସ ତାକୁ ଓଡ଼ିଶାର ରାମଲୀଳାର ବିକାଶଧାରାରେ ସ୍ୱତନ୍ତ୍ରତା ଆଣିଦେଇଛି ।

ସହାୟକ ଗ୍ରନ୍ଥସୂଚୀ


୧. ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ରୂପ ବିଭବ, କଟକ, ବୁକ୍ସ ଏଣ୍ଡ ବୁକ୍ସ, ପ୍ରଥମ ସଂସ୍କରଣ, ୧୯୮୧, ପୃ- ୬୪ ।

୨. ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ରୂପ ବିଭବ, କଟକ, ବୁକ୍ସ ଏଣ୍ଡ ବୁକ୍ସ, ପ୍ରଥମ ସଂସ୍କରଣ, ୧୯୮୧, ପୃ- ୫୯

୩. ଦାଶ, ଗୌରାଙ୍ଗ ଚରଣ, ଓଡ଼ିଶାର ରାମଲୀଳା, ଏଷଣା, ଭାଗ-୭୧, ଡିସେମ୍ବର-୨୦୧୫, ପୃ-୫୨ ।



**ଗବେଷକ,**

**ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,**

**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**

# କୁହୁକ ବାସ୍ତବତା ପରିପ୍ରେକ୍ଷୀରେ ମନୋଜ ଦାସଙ୍କ 'ତନ୍ଦ୍ରାଲୋକର ପ୍ରହରୀ'

ISSN -2583-147X(P)
**Bastabatara Pariprakash Prachee**
***Peer Reviewed and Referred Research Journal***

**ଡ. କୁନା ସୁନା**

ଏଭଳି ଏକ ବିଷୟକୁ ପ୍ରବେଶ କରିବା ପୂର୍ବରୁ ଏ ସଂପର୍କରେ କିଞ୍ଚିତ କୁହାଯିବା ଉଚିତ୍ ବୋଲି ମନେ ହୋଇଥାଏ । କୁହୁକ-ବାସ୍ତବବାଦ (Magic Realism) ଭିନ୍ନ ଭିନ୍ନ ସ୍ରଷ୍ଟାଙ୍କ ଦ୍ୱାରା ବିଭିନ୍ନ ଦୃଷ୍ଟିକୋଣରେ ବିଶ୍ଳେଷିତ ହୋଇଅଛି । ମୁଖ୍ୟତଃ ଏହା ଏକ ବର୍ଣ୍ଣନାତ୍ମକ ଶୈଳୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଯେଉଁଥିରେ ବାସ୍ତବ ଓ କୁହୁକର ମିଶ୍ରିତ ପ୍ରୟୋଗ କରାଯାଇଥାଏ । ଅର୍ଥାତ୍ କୁହୁକ ମାଧ୍ୟମରେ ବାସ୍ତବତାକୁ ବା ବାସ୍ତବ ଭାବେ କୁହୁକକୁ ଉପସ୍ଥାପନ କରାଯାଏ । କୁହୁକ ବାସ୍ତବବାଦର ସଂଜ୍ଞା ନିରୂପଣ ପରିପ୍ରେକ୍ଷୀରେ ପ୍ରଫେସର ମେଥ୍ୟୁ ଷ୍ଟ୍ରେଚର ମତ ଦିଅନ୍ତି ଯେ - "What happen when a detailed, realistic setting is invaded by something too strange to believe." ବାସ୍ତବ ପୃଥିବୀରେ ଅପରୂପ କଳ୍ପନାର ଗୁରୁତ୍ୱ ସଂପର୍କରେ କୁହୁକ ବାସ୍ତବବାଦ ବର୍ଣ୍ଣନା କରେ । ବାସ୍ତବ ଜଗତର ବିଭିନ୍ନ ଘଟଣାରେ ଅଲୌକିକତାର ସମ୍ମିଶ୍ରଣରେ କୁହୁକ ବାସ୍ତବବାଦର ଜନ୍ମ । ଯେଉଁଠି ସାଧାରଣ ଘଟଣାଗୁଡ଼ିକର ଅସାଧାରଣ ଅଲୌକିକ ରୂପ ପ୍ରତିଭାସିତ ହୋଇଥାଏ । ଯାହାଦ୍ୱାରା ପାଠକ ଅଲୌକିକତାକୁ ଅବିଶ୍ୱାସ କରିପାରେ ନାହିଁ, ବରଂ ତାହା ଯେ ବାସ୍ତବତାର ନିକଟବର୍ତ୍ତୀ ସେହିଭଳି ଏକ ଭାବନା ଦୃଢ଼ ହୋଇଥାଏ । ସେଥିପାଇଁ କୁହୁକ ବାସ୍ତବବାଦର ସଂଜ୍ଞା ସଂପର୍କରେ Encyclopedia of World Literature in the Twentilth Century କୁହାଯାଉଥିବା କଥାଟି ବେଶ୍ ଗୁରୁତ୍ୱପୂର୍ଣ୍ଣ - "Magic Realism, like myth, also provides an essentially synthetic or totalzing way of depicting reality. It was firmly grounded in daily reality and expressed main's astonishment before the wonders of the real world and a vision of the fantastic feature of reality."

ଅର୍ଥାତ୍ ମଣିଷର ଦୈନନ୍ଦିନ ଜୀବନଯାତ୍ରାରେ ଅତି ସଚେତନ ଭାବେ କୁହୁକର ପ୍ରୟୋଗ କରାଯାଏ । ଯେଉଁଥିରେ କଥାକାର ନିଜ କଥନସ୍ପୃହାରେ କୌଣସି ବିଚ୍ୟୁତି ବିନା ହିଁ କୁହୁକକୁ ଅତି ସ୍ୱଭାବିକ ଭାବେ ଉପସ୍ଥାପନ କରି ବାସ୍ତବତାର ବର୍ଣ୍ଣନା କରିଥାଏ । ତେଣୁ କୁହୁକ ବାସ୍ତବବାଦର ଅନ୍ତର୍ନିହିତ ଶୈଳୀରେ ହିଁ ଏହାର ସାରବତ୍ତା ସର୍ବାଧିକ ଗ୍ରହଣୀୟ । ଯେଉଁଥିରେ ସ୍ରଷ୍ଟା ନିଜ ସୃଷ୍ଟିରେ ସ୍ଥୂଳ ଜଗତର ଭାବ, ଭାଷା, ସତ୍ୟ, ତଥ୍ୟ, ନୀତି, ନିୟମକୁ ଅତିକ୍ରମ କରି ବାସ୍ତବତାକୁ ଉପସ୍ଥାପନ କରିବା ପାଇଁ କୁହୁକର ଆଶ୍ରୟ ନେଇଥାଏ । ଏହାବ୍ୟତୀତ ସ୍ରଷ୍ଟାମାନେ କୌଣସି ପାରମ୍ପରିକ ସଂଜ୍ଞାକୁ ଆଧାର ନକରି ବିଭିନ୍ନ ସତ୍ୟ, ତଥ୍ୟ, ଇତିହାସ, ଲୋକକଥା, ଫାଣ୍ଟାସୀ, ପୁରାଣର ଅନେକ ଆଖ୍ୟାନରୁ ଅଦ୍ଭୁତ ଅଲୌକିକ ସ୍ୱପ୍ନଚାରଣ ଓ କଳ୍ପନାର ଇନ୍ଦ୍ରଜାଲ କାନ୍‌ଭାସ୍‌ରେ ବାସ୍ତବତାର ଚିତ୍ର ଆଙ୍କିବାକୁ ମନ ବଳାଇଲେ । ଅନେକ ସ୍ରଷ୍ଟା ସଂପ୍ରତି ନିଜର ଆତ୍ମକଥା, ସ୍ମୃତିଚାରଣ ଡାଏରୀ ଓ ଭ୍ରମଣ କାହାଣୀରେ ମଧ୍ୟ ଏହି କୁହୁକ ବାସ୍ତବତାକୁ ଅତ୍ୟନ୍ତ ରୋଚକ ଓ ଚମକପ୍ରଦ ଶୈଳୀରେ ପରଖିବା ପରିଲକ୍ଷିତ ହୋଇଥାଏ ।

କୁହୁକ ବାସ୍ତବବାଦ (ଗବଶସମ ଜରବକ୍ଷସଷ୍ପଙ୍କ) ଭଳି ଅଭିନବ ଧାରା (ଞ୍ଚଙ୍ଖରଭୟ)ର ପ୍ରୟୋଗ ମୂଳତଃ ବିଭିନ୍ନ କଳା ବିଶେଷତଃ ଚିତ୍ରକଳା କ୍ଷେତ୍ରରେ ଆରମ୍ଭ ହୋଇଥିଲା । ସର୍ବପ୍ରଥମେ ଏହି ଧାରାର ପ୍ରୟୋଗ ଜର୍ମାନୀ (୧୯୨୦), ଦ୍ୱିତୀୟତଃ ମଧ୍ୟ ଆମେରିକା (୧୯୩୦) ଏବଂ ତୃତୀୟତଃ ଲାଟିନ୍ ଆମେରିକା (୧୯୫୫)ରେ ଆରମ୍ଭ ହୋଇ କ୍ରମାନ୍ୱୟରେ ସମଗ୍ର ବିଶ୍ୱସାହିତ୍ୟ ଓ କଳା କ୍ଷେତ୍ରକୁ ପ୍ରଭାବିତ କରିଛି । ଏହି କୁହୁକ-ବାସ୍ତବବାଦର ଅନେକ ପରିଭାଷା ମଧ୍ୟ ପ୍ରଚଳିତ; ଯଥା- ଗବଶସମ ଜରବକ୍ଷ-ସଷ୍ପଙ୍କ, ଗବଶସମବକ୍ଷ ଜରବକ୍ଷସଷ୍ପଙ୍କ, ଗବଙ୍ଖଙ୍ଗରକ୍ଷକ୍ଷଲ୍ଲଙ୍କଷ୍ପ ଜର-ବକ୍ଷସଷ୍ପଙ୍କ ଆଦି । ସେହିପରି ଓଡ଼ିଆ ସାହିତ୍ୟରେ ମଧ୍ୟ କେତେକ ଆଲୋଚକ ଏହାକୁ କଥାର କୁହୁକ, ଯାଦୁକରୀ ବାସ୍ତବବାଦ ତଥା ଐନ୍ଦ୍ରଜାଲିକ ବାସ୍ତବବାଦ ବୋଲି ଆଲୋଚନା କରିଥାନ୍ତି । ଜର୍ମାନୀ କଳା ସମାଲୋଚକ ତଥା କ୍ୟୁବାର ଲେଖକ ରଙ୍ଖବଭଛ ଜଲ୍ଲଷ ସର୍ବ ପ୍ରଥମେ ଏହି ଧାରା ସଂପର୍କରେ ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ ଇଟାଲୀୟ ଲେଖକ ଗବଷ୍ପଷ୍ପସଙ୍କଲ୍ଲ ଇଲ୍ଲଭଷ୍ପରଙ୍କଲ୍ଲରକ୍ଷକ୍ଷସ ତଥା ଲାଟିନ୍ ଆମେରିକୀୟ ଲେଖକ ଗାବ୍ରିଏଲ୍ ଗାର୍ସିଆ ମାର୍କେଓ୍ୱେଜ୍‌ଙ୍କ ଭଳି ଲେଖକ ଏହି ପ୍ରୟୋଗକୁ ଏକ ସାକାର ରୂପ ପ୍ରଦାନ କରିଥିଲେ । ବିଶ୍ୱସାହିତ୍ୟରେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ହିଁ ବିଶେଷତଃ କୁହୁକ ବାସ୍ତବବାଦର ସଫଳ ପ୍ରୟୋଗ ପରିଲକ୍ଷିତ ହୋଇଥାଏ ।

ଓଡ଼ିଆ ସାହିତ୍ୟରେ କୁହୁକ-ବାସ୍ତବବାଦର ଆଲୋଚନା ବେଳେ ଅତି ସଚେତନ ହେବାକୁ ପଡ଼େ । କାରଣ ଓଡ଼ିଆ ସାହିତ୍ୟରେ ଓ ବିଶେଷ ଭାବରେ ଓଡ଼ିଆ କଥାସାହିତ୍ୟରେ କୌଣସି ସାହିତ୍ୟିକ ସଚେତନ ଭାବେ ଏହି ଧାରାର ପ୍ରୟୋଗ କରିଥିବା ପରିଦୃଷ୍ଟ ହୁଏନାହିଁ । କିନ୍ତୁ କଥାକାର ମନୋଜ ଦାସଙ୍କ 'ତନ୍ଦ୍ରାଲୋକର ପ୍ରହରୀ' ଉପନ୍ୟାସର ଛତ୍ରେ ଛତ୍ରେ କୁହୁକ-ବାସ୍ତବବାଦର ପ୍ରୟୋଗ ବେଶ୍ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଥାଏ । କୁହୁକ-ବାସ୍ତବବାଦ (Magic Realism) ଭଳି ଧାରାକୁ ନେଇ ସମଗ୍ର ବିଶ୍ୱସାହିତ୍ୟରେ ଅନେକ ଦ୍ୱନ୍ଦ୍ୱ ପରିଲକ୍ଷିତ ହେଲେ ମଧ୍ୟ ପ୍ରକୃତରେ ଏହା ଏକ ବର୍ଣ୍ଣନାତ୍ମକ ଶୈଳୀ (Narrative Style) । ଯାହାକୁ ଆଧାର କରି କଥାକାରମାନେ ନିଜର କଥାକୁ ରହସ୍ୟାତ୍ମକ ଶୈଳୀରେ ବ୍ୟକ୍ତ କରିଥାନ୍ତି । ଏହି ଧାରା ବା ଶୈଳୀର ବିଶେଷତ୍ୱକୁ ଲକ୍ଷ୍ୟ କଲେ ଜାଣି ହେବ ଯେ, ବାସ୍ତବତାକୁ ବ୍ୟକ୍ତ କରିବା ପାଇଁ ହିଁ କଥାକାରମାନେ କୁହୁକର ଆଶ୍ରୟ ଲୋଡିଛନ୍ତି । ସେହି କୁହୁକ ହୋଇପାରେ ସ୍ୱପ୍ନ, ମିଥ୍, ପରୀକଥା, ଭୂତପ୍ରେତ କଥା, ଦେବାଦେବୀ କଥା ତଥା ଅନ୍ୟ ଅଜଣା ଜଗତର କଥା । କିନ୍ତୁ ଏହି ସମସ୍ତ କୁହୁକମୟ ବର୍ଣ୍ଣନା ସହିତ ହିଁ ଅତି ସୂକ୍ଷ୍ମ ଭାବେ ଖଞ୍ଜି ଦିଆଯାଏ ବାସ୍ତବତା । ସେହି ଅଲୌକିକ ଓ ଅତିକାଳ୍ପନିକ କୁହୁକଗୁଡିକ ଏଭଳି କଳାତ୍ମକ ଶୈଳୀରେ କଥାକାରମାନେ ବ୍ୟକ୍ତ କରିଥାନ୍ତି ଯେ, ପାଠକର ମନସ୍ଥିତିରେ ତାହା ଅଗ୍ରାହ୍ୟ ଓ ଅବିଶ୍ୱାସ୍ୟ ହୁଏ ନାହିଁ । କଥାକାର ମନୋଜ ଦାସଙ୍କ 'ତନ୍ଦ୍ରାଲୋକର ପ୍ରହରୀ' ଉପନ୍ୟାସରେ ସେହି ଭାବ ଓ ରୂପକୁ ଲକ୍ଷ୍ୟ କରାଯାଇପାରିବ ।

ଉପନ୍ୟାସର ପ୍ରଥମ ପରିଚ୍ଛେଦରୁ ହିଁ କଥାକାର ମନୋଜ ଦାସଙ୍କ କୁହୁକପୂର୍ଣ୍ଣ ବର୍ଣ୍ଣନା ଦ୍ୱାରା ବାସ୍ତବତାର ବ୍ୟକ୍ତ ଶୈଳୀକୁ ଆକଳନ କରିହୁଏ । ଉପନ୍ୟାସରେ ନିଜ ସମ୍ମାନର ଅଭିବୃଦ୍ଧି ପାଇଁ ଜମିଦାର ଚରଣ ଦେ ଅନେକ କୁଚକ୍ରାନ୍ତ କରିଛି । ସେଥିପାଇଁ ସେ ସାଧାରଣ କର୍ମଚାରୀରୁ ଭୂୟାଁମାନଙ୍କ ଜମିଦାର ହୋଇପାରିଛି । ବିଷମପୁରର ଚୌଧୁରୀ ହେବା ପାଇଁ ସେ ନିପାତ କରିଛି ଭୂୟାଁ ରାଜବଂଶକୁ । ସେଥିପାଇଁ ନୌଯାତ୍ରାର ଶୁଭଲଗ୍ନରେ ଯାତ୍ରା କରି ମଧ୍ୟ ଜଳଗର୍ଭରେ ଲୀନ ହୋଇଯାଇଛି ଚରଣ ଦେର ପରିବାର ଓ ସେ ନିଜେ ମଧ୍ୟ । ଚରଣ ଦେ ନିଜ ଏକମାତ୍ର ପୁତ୍ରର ବିବାହ ବିଖ୍ୟାତ ଜଗତ ରାୟଙ୍କ କନ୍ୟା ସହ ସଂପନ୍ନ କରିବା ପାଇଁ ନୌଯାତ୍ରା ଲଗ୍ନ ତିଥିରେ ଆରମ୍ଭ କରିଥିଲେ । କିନ୍ତୁ ହଠାତ୍ ଆକସ୍ମିକ ଭାବରେ ମାଡ଼ି ଆସିଲା ନଈରେ ବନ୍ୟା ଓ ବିଜୁଳିରେ କମ୍ପି ଉଠିଲା ସମଗ୍ର ଭୂବନ । ଦେଖୁ ଦେଖୁ ହିଁ ଜଳ ଭିତରେ ନିପାତ ହୋଇଗଲେ ଚରଣ ଦେ, ତାଙ୍କ ପତ୍ନୀ, ସହଚର ଓ କାତଧାରୀମାନେ, କେବଳ ବର୍ତ୍ତିଗଲେ ମାଝୀ ରଘୁ । ଏହି ବର୍ଣ୍ଣନାରେ ଭରି ରହିଛି ଅନେକ କୁହୁକତା । ସୁରାପାନ କରି ନିଜ ହୋସ୍ ହରାଇଥିବା ଚରଣ ଦେଙ୍କୁ କେଉଁ କାରଣରେ ଦହଲୁଥିବା ଓ ପାଣି ଖାଉଥିବା ନୌକା ମଧ୍ୟରୁ ଦେଖା ଦେଇଥିଲା ଆଲୁଅ ? ସେ ଆଲୁଅଟି କ'ଣ ? ସେ ଆଲୁଅଗୁଡ଼ିକୁ କାହିଁକି ଦେଖି ପାରିଲେ ନାହିଁ, ରଘୁ ମାଝୀ, ତାଙ୍କ ପତ୍ନୀ ତଥା ଅନ୍ୟ ସହଚର ବା କାତଧାରୀମାନେ । ଚରଣ ଦେଙ୍କୁ ହିଁ କାହିଁକି ସେହି ଆଲୁଅ ସହ୍ୟ ହେଉ ନଥିଲା । କଥାର କଳ୍ପନାରେ କଥାକାରଙ୍କ ଅଦ୍ଭୁତ କୁହୁକର ବର୍ଣ୍ଣନା, ଯେଉଁଠି ଚରଣ ଦେଙ୍କୁ ଆଲୁଅ ଦେଖାଗଲା, ସେଠାରେ ଆଉ କାହାକୁ ଆଲୁଅ ଦେଖାଯାଉ ନାହିଁ । ପୁଣି ସେ ନୌକାକୁ ବାମପାଖକୁ ଭିଡ଼ିବାକୁ ଆଦେଶ ଦେଉଥିଲେ, କିନ୍ତୁ ସେ ପାଖକୁ ଗଲେ କୌଣସି ନୌକା ବର୍ତ୍ତିବ ନାହିଁ । କାରଣ ସେଠାରେ ସେଇ ନଈର ଅନ୍ୟ ଏକ ଶାଖା ବାହାରିଛି ଏବଂ ପ୍ରଖର ଚୋରା ସୁଅର ପ୍ରକୋପ ମଧ୍ୟ ରହିଛି । ଆଲୋକ ଓ ଅନ୍ଧାରର ତନ୍ଦ୍ରା ମଧ୍ୟରେ ଚରଣ ଦେ କେଉଁ ଦିଗକୁ ଯିବାକୁ ଚାହୁଁଥିଲେ ତାହା କହିବା ସହଜ ନୁହେଁ; ବାମ କିନାରାରେ ବିଜୁଳି ଝଟକିବା ଆଲୁଅରେ ସେ ଅନ୍ଧକାର ଜଙ୍ଗଲ ମଧ୍ୟରେ ଚରଣ ଦେଙ୍କୁ କେଉଁ ଏକ ଧୂସର ଇମାରତ ଦେଖାଗଲା । ତାହା କ'ଣ ବାସ୍ତବ ନା ତା'ର ମନର କୁହୁକ । ଯେଉଁ ଧୂସରିତ ଇମାରତକୁ ସେ ଜଗତ ରାୟଙ୍କ କଚେରି ବୋଲି ଭାବିଥିଲେ, ତାହା ସେଠାରୁ ଆହୁରି ଦୁଇକୋଶ ଦୂରରେ ଥିଲା । ବାମ କିନାରାର ସେହି ଧୂସରିତ କୋଠା ଜଗତ ରାୟଙ୍କ କଚେରି ନୁହେଁ । ତାହା ହେଉଛି ଅତୀତର ଜମିଦାର ଭୂୟାଁଙ୍କ ଦୁଇ ଦଶନ୍ଧି ଧରି ପରିତ୍ୟକ୍ତ ଭୂତକୋଠି ଭାବରେ ଖ୍ୟାତ । କୋଠାକୁ ଦେଖି ଚରଣ ଦେ ଅନେକ ଅର୍ଥହୀନ କଥା କହିଗଲେ । ନୌକାରେ ଜୀବନ ଓ ମୃତ୍ୟୁ ସୀମାରେ ଠିଆ ହୋଇ ଚରଣ ଦେ କହିଛି- "ସେମିତି ଭୟାବହ ଆଲୁଅ ସବୁ ସେମାନେ କାହୁଁ ଯୋଗାଡ଼ କଲେ ? ଏତେ ବର୍ଷାରେ ସେ ଲିଭୁ ନାହିଁ କେମିତି ? ଆରେ, ସେ ସବୁ ଆଲୁଅ ନା ଅନ୍ଧାର ? ଅନ୍ଧାରର ମଶାଲ୍ କିରେ ? ଏହାକୁ ହିଁ ଡାହାଣୀ ଆଲୁଅ କହନ୍ତି କି ? ଧୁତ୍ତେରେ ।"

ଜମିଦାର ଚରଣ ଦେର ଏହି ଅଦ୍ଭୁତ ମନୋସ୍ଥିତିର ବର୍ଣ୍ଣନା ବେଶ୍ କୁହୁକମୟ ହେଲେ ମଧ୍ୟ ଏହାର ଅନ୍ତସ୍ୱର ବାସ୍ତବ ଅଟେ । ଅତୀତରେ ଚରଣ ଦେ ବିଶ୍ୱାସଘାତକତା ସହ ଭୂୟାଁ ବଂଶର ନିପାତ କରି ନିଜେ ସାଜିଥିଲା ଜମିଦାର । ଏହି ସମସ୍ତ କୁହୁକମୟ ଘଟଣା ମଧ୍ୟରେ ବାସ୍ତବରେ ଅବସାନ ଘଟିଲା ମାତ୍ର ପଚିଶ ବର୍ଷ ତଳେ ଆରମ୍ଭ ହୋଇଥିବା ଜମିଦାର ବଂଶ । ନଦୀଗର୍ଭରେ ସମାଧିସ୍ଥ ହୋଇଗଲେ ସମସ୍ତେ, କେବଳ ବର୍ତ୍ତିଗଲା ରଘୁ । କିନ୍ତୁ ସେମାନେ ନାଶ ହୋଇଯିବା କଥାକୁ ବ୍ୟକ୍ତ କରିବାରେ ମଧ୍ୟ କଥାକାର ଉଭୟ କୁହୁକ ଓ ବାସ୍ତବତାକୁ ଏକତ୍ର ଯୋଡି ଧରିଛନ୍ତି: "ରଘୁ ଏହାପରେ ଆଉ କାହାରି କଣ୍ଠସ୍ୱର ଶୁଣିବାକୁ ପାଇ ନଥିଲା । ଶୁଣିଥିଲେ, ଅବଶ୍ୟ ଅଜସ୍ର ଶବ୍ଦର ସମାହାର- ଚିତ୍କାର, ଅଟ୍ଟହାସ୍ୟ- ପବନର ଉଦ୍ଦାମ ନିନାଦ ଭିତରେ; ଜଳ ରାଶିର ଉଦ୍ଦଣ୍ଡ ନୃତ୍ୟ ଭିତରେ । କିନ୍ତୁ ସେ ସବୁ ଧ୍ୱନି ମାନବିକ ନଥିଲା ଯେମିତି ।" ଏଠାରେ କୌଣସି ପ୍ରକାରେ ରଘୁ ନିଜ ଜୀବନକୁ ରକ୍ଷା କରିବାରେ ସଫଳ ହୋଇଯାଇଛି, କିନ୍ତୁ

ଅନ୍ୟମାନେ ନଦୀ ଗର୍ଭରେ ଲୀନ ହୋଇଯାଇଛନ୍ତି, ସେମାନଙ୍କ ଜୀବନ ଓ ମୃତ୍ୟୁ ମଧ୍ୟରେ ତନ୍ଦ୍ରା ତଥା କାଳ ସହ ସଂଘର୍ଷ ଲୀଳାର ବାସ୍ତବ ବର୍ଣ୍ଣନା କରିଥିଲେ ମଧ୍ୟ କଥାକାର ଜଳରାଶି ସହ ମାନବ ଜୀବନର ଯୁଦ୍ଧର ଚିତ୍କାରକୁ ମାନବିକ ଧ୍ୱନି ନଥିଲା ବୋଲି ବର୍ଣ୍ଣନା କରିଛନ୍ତି, ଯାହା ଭିନ୍ନ ଏକ ଜଗତର ସତ୍ତାକୁ ଅଭିବ୍ୟଞ୍ଜିତ କରେ, ଏହିଭଳି ଏକ ଜଗତ ଯାହା ଅଦୃଶ୍ୟ କିନ୍ତୁ ଅବିଶ୍ୱାସ୍ୟ ନୁହେଁ । ତନ୍ଦ୍ରାର ସେହି ଜଗତରେ ଅଶରୀରୀକ ଅପେକ୍ଷା ଅଶୀରୀର ପ୍ରାଧାନ୍ୟ ଅଧିକ । ସେହି ଜଗତ କୁହୁକ ଭଳି ମନେ ହେଲେ ମଧ୍ୟ ସୂକ୍ଷ୍ମ ଭାବରେ ବାସ୍ତବତା ଭିତରେ ଲୁକ୍କାୟିତ ହୋଇ ରହିଥାଏ ।

କଥାକାର ମନୋଜ ଦାସଙ୍କ 'ତନ୍ଦ୍ରାଲୋକର ପ୍ରହରୀ'ର ଗଢ଼ଣ ଅଦ୍‌ଭୁତ, ଅଲୌକିକ, ବାସ୍ତବ-ଅବାସ୍ତବ, ତନ୍ଦ୍ରା-ଜାଗ୍ରତର ଏପରି ଏକ ଜାଲ, ଯେଉଁଠି ସମସ୍ତ ତନ୍ଦ୍ରା ବିଜଡ଼ିତ ଭାବନା-କଳ୍ପନାର ସମ୍ଭାବନା ପ୍ରକୃତ ରୂପ ବହନ କରି ଚାଲିଥିବା ଭଳି ମନେହୁଏ । ଘଟଣାକ୍ରମେ ପରବର୍ତ୍ତୀ ସମୟରେ ରଘୁ ସାଜିଛି ଓଝା ବା କାଳିଶି । କଥାର ଏହି ମୋଡ଼ରୁ ଦେଖି ହେବ କୁହୁକ-ବାସ୍ତବତାର ଅଭିବନ ବର୍ଣ୍ଣନା, ଯେଉଁଠି ପ୍ରାରମ୍ଭ ହୋଇଛି ରଘୁ ସହ ତା'ର ଆଉ ଦୁଇଟି ପରବର୍ତ୍ତୀ ପିଢ଼ିର ଯାତ୍ରା । ଏପରି ଏକ ଯାତ୍ରା ଯେଉଁଠି ହୋଇଛି ତନ୍ଦ୍ରା- ଆଲୋକ, ଜୀବନ-ମୃତ୍ୟୁ ତଥା ଶରୀରୀ-ଅଶରୀରୀର କୁହୁକମୟ ଜଗତର ଅଦ୍ଭୁତ ଘଟଣାର ଗୁମ୍ଫନ । ଭାରତୀୟ ସମାଜରେ ପ୍ରାଚୀନ କାଳରୁ ପ୍ରଚଳିତ ଓଝା ପ୍ରଥାକୁ ଆଧାର କରି କଥାରେ ଗଢ଼ି ଉଠିଛି ଅନେକ ଅଲୌକିକ ଘଟଣା, କିନ୍ତୁ ପ୍ରତ୍ୟେକ କୁହୁକ ଭରା ଘଟଣାର ମୂଳରେ ବାସ୍ତବତାର ନିଛକ ଛବି ଲୁକ୍କାୟିତ ହୋଇ ରହିଛି । ସାଧାରଣ ଜନମାନସରେ ଓଝା ପ୍ରଥା ପ୍ରତି ଥିବା ବିଶ୍ୱାସବୋଧକୁ ଆଧାର କରି କଥାକାର ଏଠାରେ ଓଝା ସଂପ୍ରଦାୟର ତିନି ପିଢ଼ିର ଶରୀର ଓ ଅଶରୀରୀ ଜଗତ ସହ ସଂପର୍କର କଥା ବର୍ଣ୍ଣନା କରିଛନ୍ତି । ରଘୁ ଦେହରେ ଉଭା ହୋଇଛନ୍ତି ଦେବୀ ତରଙ୍ଗିଣୀ ଓ ଘୋଷଣା କରିଛନ୍ତି : "ନିପାତ ହେବାର ଥିଲା- ନିପାତ ହେବାର ଥିଲା ସେ ବଂଶ, ନିପାତ-ନିପାତ ଭୂୟାଁ ବଂଶର ଅଭିଶାପ- ଡାକିନେଲା ବିଶ୍ୱାସଘାତକ ଚରଣ ଦେକୁ ମୃତ୍ୟୁର ଗହ୍ୱର ଭିତରକୁ ଗଲେ ତା'ର ଆଶ୍ରିତ ବିଚାରାମାନେ ମଧ୍ୟ । ହଁ, ସେ ନିପାତ ହେଲା ଘରୁ ଶୁଭ ମୁହୂର୍ତ୍ତରେ ବାହାରି ଥିଲା ବୋଲି । ଭୂୟାଁ ଆତ୍ମା ତୃପ୍ତ । ଅତଏବ ନର୍କପୁରୀରେ ବିଶ୍ୱାସଘାତକ ଚରଣ ଦେର କ୍ଳେଶ ଊଣା ହେବ ।" ଠିକ୍ ସେହିଭଳି କିଛି ସମୟ ପରେ ରଘୁର ଶରୀରରେ ଭରା ନେଇଛି ଚରଣ ଦେର ଅଶରୀରୀ ସତ୍ତା ଓ ଅଟ୍ଟହାସ୍ୟ ଭାବେ ଘୋଷଣା କରିଛି : "ଯଦି ମୁଁ ନିପାତ ହୋଇ ନଥାନ୍ତି, ତେବେ ଭୀଷମପୁର ଗ୍ରାମରେ ପ୍ରବଳ ଅନିଷ୍ଟ ଘଟାଇ ଥାନ୍ତା... ହାଃ ହାଃ ହାଃ ।" ପ୍ରଥମେ ଦେବୀ ତରଙ୍ଗିଣୀ ରଘୁର ଶରୀରକୁ ମାଧ୍ୟମ କରି ଚରଣ ଦେର ବିଶ୍ୱାସଘାତକତାର ବାସ୍ତବତା ବର୍ଣ୍ଣନା କରିଥିବା ବେଳେ ଚରଣ ଦେର ଅଶରୀରୀ ସତ୍ତା ମଧ୍ୟ ରଘୁର ଶରୀର ମାଧ୍ୟମରେ ନିଜର ଅନିଷ୍ଟକାରୀ ଉଦ୍ଦେଶ୍ୟର ବାସ୍ତବତାକୁ ବ୍ୟକ୍ତ କରିଛି ।

ଘଟଣାର ପ୍ରବାହ ଅନୁସାରେ କଥାର କୁହୁକରେ ସଂଯୋଗ ହୋଇଅଛି ଅନ୍ୟ ଏକ ଅଧ୍ୟାୟ । ଯେଉଁଠି ଭୂୟାଁ ବଂଶର ନଈ କୂଳିଆ କୋଠାକୁ ଆଧାର କରି ଶୀତଳ ଯୁଦ୍ଧ ସୃଷ୍ଟି ହୋଇଛି ଚଣ୍ଡୀନଗରର ରାଜା ଜମିଦାର ମନ୍ଦରଧର ରାୟ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜଗମୋହନ ଦିଣ୍ଡାଦାର ମଧ୍ୟରେ । କିନ୍ତୁ ଏହି ଯୁଦ୍ଧରେ ଆହତ ହୋଇଛି ରଘୁ । ଭୂୟାଁ ବଂଶର ସେହି ସଂପତ୍ତିକୁ ପାଇବା ପାଇଁ କେତେକ ଜମିଦାରୀ ଧ୍ୱଂସ ହୋଇଯାଇଛି । ତେଣୁ ସେହି ଶ୍ରାପିତ ସଂପତ୍ତିକୁ ଶ୍ରାପମୁକ୍ତ କରି ନିଜ ଅଧୀନ କରିବା ପାଇଁ ରାଜା ମନ୍ଦରଧର ରାୟ ରଘୁର ଆଶ୍ରୟ ଲୋଡ଼ିଛନ୍ତି ଏବଂ ଦେବୀ ତରଙ୍ଗିଣୀଙ୍କୁ ଦର୍ଶନ କରିବା ଆକାଂକ୍ଷା ପୋଷଣ କରିଛନ୍ତି । ସଂପୂର୍ଣ୍ଣ ରାଜକୀୟ ଶୈଳୀରେ ଦେବୀ ତରଙ୍ଗିଣୀ ଦର୍ଶନ କରିବା ପାଇଁ ରାଜା ମନ୍ଦଧର ରାୟ ବୀଷମପୁରରେ ଉପସ୍ଥିତ ହୋଇଛନ୍ତି । ଦେବୀଙ୍କୁ ପୂଜାର୍ପଣ କରିବା ସହ ପ୍ରସାଦକୁ ନୈଶାହାର ଭାବେ ସମଗ୍ର ଗ୍ରାମବାସୀଙ୍କୁ ବିତରଣ କରାଯାଇଛି । ଚଣ୍ଡୀନଗରରୁ ଆସିଥିବା  ବାଦକ ଦଳ କାଳିଶି ଲାଗିଲା ଭଳି ଅନୁକୂଳ ବାଦ୍ୟଧ୍ୱନୀ ସୃଷ୍ଟି କରିଛନ୍ତି, କମ୍ପି ଉଠିଛି ସମଗ୍ର ପରିବେଶ । ଠିକ୍ ସେହି ସମୟରେ ରଘୁନାଥ ମୁହଁ ଖୋଲିଛି ଓ ବନ୍ଦ ହୋଇଯାଇଛି ବାଦ୍ୟ ଧ୍ୱନି । କେବଳ ପବନ ଧ୍ୱନିରେ ଭାସି ଉଠିଛି ରଘୁନାଥର ଘୋଷଣା :

"ମଙ୍ଗଳ ହେବ, ହେବ ମଙ୍ଗଳ ତୋର, ଆରେ ରାୟ / ନେଇ ଯା ଏ ମୂଳକ । ମୋ ପାଇଁ ବନେଇ ଦେ ମନ୍ଦିର ।" ଏହା ପରେ କିଛି ମୂହୁର୍ତ୍ତ ନୀରବ ରହି ରଘୁ ପୁଣି କହି ଉଠିଲା : "ହଜାର ବର୍ଷ, ଦେଢ଼ ହଜାର ବର୍ଷ ଧରି ମୁଁ ଏଠି ପଡ଼ିଛି । ମନ୍ଦିର କରିଦେ ରାୟ ପୁଅ, ମନ୍ଦିର କରି ଦେ ।"

ଦେବୀଙ୍କ ଏହି ବାର୍ତ୍ତା ଘୋଷଣା କରି ରଘୁନାଥ ସଂପୂର୍ଣ୍ଣ ଭାବେ ଅସୁସ୍ଥ ହୋଇପଡ଼ିଛି । ଅନେକ ଚିକିତ୍ସା ଓ ବୈଦ୍ୟଙ୍କ ଔଷଧରେ କୌଣସି ଉପଶମ ଫଳପ୍ରଦ ହୋଇନାହିଁ । ପରିଶେଷରେ ବୈଦ୍ୟେ ଠାବ କରି ସୂଚନା ଦେଇଥିଲେ ଯେ, ରଘୁନାଥକୁ କୌଣସି ଭୂତ-ପ୍ରେତ ନୁହେଁ, ଏକ ମନ୍ଦଶକ୍ତି ପେଶି ଦିଆଯାଇଛି, ପ୍ରାଣରେ ମାରି ଦେବା ପାଇଁ । ତେଣୁ ରାଜା ରାୟ ଅବିଳମ୍ବେ ନିଜ ଗୁମାସ୍ତାଙ୍କୁ ପ୍ରେରଣ କରିଥିଲେ ଓଝା ମଙ୍ଗଳ ଦାଶଙ୍କୁ ଆଣିବା ପାଇଁ, କିନ୍ତୁ ସ୍ୱଭାଗ୍ୟବଶତଃ ସେ ପାଇଥିଲେ ତାଙ୍କ ଗୁରୁ ଭୈରବ ଓଝାଙ୍କୁ । କାରଣ ସମଗ୍ର ଅଂଚଳରେ ଭୌରବ ଓଝା ଥିଲେ ଜଣେ ଚଳପ୍ରଚଳ କରୁଥିବା କିମ୍ବଦନ୍ତୀ ପୁରୁଷ ଭାବେ ଖୁବ୍ ପରିଚିତ । ସେ ସେଠାରେ ପହଂଚି ସ୍ଥିତି ଅନୁଧ୍ୟାନ କରି ଯେପରି ରଘୁନାଥର ଉପଶମ କରିଲେ, ତାହା ବେଶ୍ ଆଶ୍ଚର୍ଯ୍ୟ ସୃଷ୍ଟିକାରୀ । ଅର୍ଦ୍ଧରାତ୍ରିରେ ରଘୁନାଥର ପୁତ୍ର ଶମ୍ଭୁନାଥ ଓ ଭୌରବ ଓଝା ବିଷମପୁରର ଶହ ଶହ ବର୍ଷର ଏକ ବିଲୟ ପ୍ରାୟ ଦୁର୍ଗରେ ପହଂଚି ଥିଲେ । ଯେଉଁଠି ଥିଲା ଅଜସ୍ର ବୁଦା, ଗୁଳ୍ମଲତା ଏବଂ

ତାହାଥିଲା ବିଲୁଆ, କୋକିଶିଆଳଙ୍କ ଚରାଭୂଇଁ । ସେଠାରେ ପଡିରହିଥିଲା ଜଣେ ମଣିଷ, ତା' ଦେହରେ ରହିଥିଲା ଏକ ଧଳା ଚଦର । ସେଠାରେ ସେ ଯେପରି ଓଝାଙ୍କୁ ହିଁ ଅପେକ୍ଷା କରିଥିଲା । ଓଝାଙ୍କୁ ଦେଖିବା କ୍ଷଣି ଦୁଇ ପାଦକୁ ଧରି ସେ ନିଜର ପ୍ରାଣଭିକ୍ଷା କରିବାକୁ ଲାଗିଲା ଓ ସେହି ବ୍ୟକ୍ତି ଜଣକ ଥିଲା ଓଝାଙ୍କ ପଟ୍ଟଶିଷ୍ୟ ମଙ୍ଗଳ ଦାଶ । ଓଝା ଭୈରବ ଶହ ଶହ ବର୍ଷର ପରିତ୍ୟକ୍ତ ଭୂତ କୋଠିକୁ ଠାବ କରି ସେଠାରେ ମଙ୍ଗଳ ଦାଶକୁ ଉଦ୍ଧାର କରିବା ଘଟଣାଟି ଏକ କୁହୁକ ଭଳି ମନେ ହେଲେ ମଧ୍ୟ ସେଠାରେ ରଘୁନାଥଙ୍କ ଅସୁସ୍ଥତାର ବାସ୍ତବତା ସମସ୍ତଙ୍କ ସମ୍ମୁଖରେ ପ୍ରଘଟିତ ହୋଇଅଛି । ମଙ୍ଗଳ ଦାଶ ହିଁ ରଘୁନାଥର ଏହି ଗୁରୁତର ଅବସ୍ଥାର କାରଣ, ରାୟଙ୍କ ବିଶ୍ୱାସଭାଜନ ହେବାରୁ ବଂ‍ଚିତ ହୋଇ ସେ ଈର୍ଷାନ୍ୱିତ ହୋଇ ଏପରି ଅମାନବିକ କର୍ମ କରିଥିଲେ । ଅପରପକ୍ଷରେ ସେ ରାଜା ରାୟଙ୍କ ପ୍ରତିଦ୍ୱନ୍ଦ୍ୱୀ ଦିଣ୍ଡାଦାରଙ୍କ ସହ ମିଶି ରଘୁନାଥକୁ ପ୍ରାଣରେ ମାରିଦେବା ପାଇଁ ଏକ ସ୍ୱତନ୍ତ୍ର 'ବାଣ'ର ପ୍ରୟୋଗ କରିଥିଲେ । କିନ୍ତୁ ସେହି ସମୟରେ ରଘୁନାଥ ମନ୍ଦିର ଭିତରେ ଉପସ୍ଥିତ ଥିବା ଯୋଗୁଁ ତାହା ରଘୁନାଥର କୌଣସି କ୍ଷତି ନ ଘଟାଇ ଫେରି ଆସିଥିଲା । ନିଜେ ପ୍ରେରଣ କରିଥିବା ବାଣର ପ୍ରକପରୁ ନିଜକୁ ରକ୍ଷା କରି ମଙ୍ଗଳ ଦାଶ ନିଜର ସବୁଠାରୁ ମାରାତ୍ମକ ଅସ୍ତ୍ରର ପ୍ରୟୋଗ କରି ରଘୁନାଥକୁ ପେଶି ଦେଇଥିଲା । ଯାହାଦ୍ୱାରା ରଘୁନାଥର ମୃତ୍ୟୁ ହେବ ଏବଂ ରାଜା ରାୟ ଏହି ଘଟଣାକୁ ଅଶୁଭ ମନେ କରି ଏହି ତାଲୁକରେ ମନୋନିବେଶ କରିବେ ନାହିଁ, ଫଳରେ ଦିଣ୍ଡାଦାର ଏହି ତାଲୁକକୁ ନିଜ ଅଧୀନସ୍ତ କରିପାରିବେ । କିନ୍ତୁ ମଙ୍ଗଳ ଦାଶର ଏହି କୁଚକ୍ରାନ୍ତକୁ ଓଝା ଭୈରବ ଅତି ଚମତ୍କାର ଭାବେ ନିୟନ୍ତ୍ରଣାଧିନ କରି ପାରିଥିଲେ । ଏଠାରେ ରଘୁନାଥକୁ ମାରିବା ପାଇଁ 'ବାଣ'ର ପ୍ରୟୋଗ ତଥା ସେହି 'ବାଣ'ର ପ୍ରତିକ୍ରିୟାରେ ପ୍ରେରଣାକାରୀ ହିଁ ଆହତ ହେବା ଆଦି ଘଟଣା ଏବଂ ଓଝା ଭୈରବଙ୍କ ସମସ୍ତ ମନ୍ତ୍ରତନ୍ତ୍ର କୁହୁକ ଭଳି ମନେ ହେଲେ ମଧ୍ୟ ତାହା ଘଟଣା କ୍ରମେ ଅବିଶ୍ୱାସ୍ୟ ବୋଲି କୁହାଯାଇ ନପାରେ, କାରଣ ଏହି ସମସ୍ତ କୁହୁକର ବର୍ଣ୍ଣନା ମଧ୍ୟରେ କଥାକାର ବେଶ୍ କଳାତ୍ମକ ଶୈଳୀରେ ସଂପତ୍ତି ପାଇଁ ଗଢ଼ି ଉଠିଥିବା ଯୋଜନା ଓ ମଣିଷ ମଧ୍ୟରେ ଜାତ ହୋଇଥିବା ଈର୍ଷାପରାୟଣତାର ବାସ୍ତବ କଥାକୁ ବ୍ୟକ୍ତ କରିଛନ୍ତି ।

'ତନ୍ଦ୍ରାଲୋକର ପ୍ରହରୀ' ଉପନ୍ୟାସର ଅନେକ ଘଟଣା କୁହୁକ ଭରା ଏବଂ ସେସବୁ ଘଟଣାରେ ରହିଛି ବାସ୍ତବତାର ଅବସ୍ଥିତି । କଥାକାର ମନ୍ତ୍ରତନ୍ତ୍ର ବିଦ୍ୟାର ପ୍ରାମାଣିକ ବାସ୍ତବତାକୁ ଉପନ୍ୟାସରେ ଅତିକଳାତ୍ମକ ଢଙ୍ଗରେ ବର୍ଣ୍ଣନା କରିଛନ୍ତି । ସେ ମନ୍ତ୍ରତନ୍ତ୍ର ବିଦ୍ୟାର ଜଣେ ସିଦ୍ଧପୁରୁଷ ଭାବେ ଚିତ୍ରିତ କରିଛନ୍ତି ଓଝା ଭୈରବଙ୍କୁ ଏବଂ ରଘୁନାଥର ଶରୀର ଏବଂ କଣ୍ଠକୁ ପ୍ରୟୋଗ କରି ବିଭିନ୍ନ ସତ୍ତାଙ୍କ ସତ୍ୟତା ଉପସ୍ଥାପନା କରିଛନ୍ତି । ରଘୁନାଥର ବଂଶର ପରବର୍ତ୍ତୀ ପିଢ଼ି ଶମ୍ଭୁନାଥ ମଧ୍ୟ ଅଗ୍ରସର ହୋଇଛନ୍ତି ସେହି ଦୁନିଆ ପ୍ରତି ଆକର୍ଷିତ ହୋଇ । ଯେଉଁଠି ଜାଗ୍ରତ- ତନ୍ଦ୍ରା ମଧ୍ୟରେ ଖେଳିଯାଏ ଅନେକ ଅସ୍ପଷ୍ଟ ଛାୟା ଓ ସେମାନଙ୍କ କରାମତି । ତନ୍ଦ୍ରାଲୋକର ସେହି ସମସ୍ତ ସତ୍ତାଙ୍କ ସହ ଯୋଗସୂତ୍ର ସ୍ଥାପନ କରିବାର ଏକମାତ୍ର ଉପାୟ ହେଉଛି ମନ୍ତ୍ରତନ୍ତ୍ର । ସେଥିପାଇଁ ଶମ୍ଭୁନାଥ ଗ୍ରହଣ କରିଛନ୍ତି ସୁପରିଚିତ ତନ୍ତ୍ରବିଦ୍ୟାର ଶ୍ରେଷ୍ଠ ଭୈରବ ଓଝାଙ୍କ ଶିଷ୍ୟତ୍ୱ । ଗୁରୁ ଭୈରବ ଭଳି ସୁଦକ୍ଷ୍ୟ ତଥା ଆକର୍ଷଣୀୟ ବ୍ୟକ୍ତିତ୍ୱରେ ଅଧିକାରୀଙ୍କ ନିକଟରେ ଦୀର୍ଘକାଳ ରହି ସେ ଅନେକ ଅମୂଲ୍ୟ ଜ୍ଞାନ ଅର୍ଜନ କରିବାକୁ ଲାଗିଲେ । ଓଝା ଭୈରବଙ୍କ ସହିତ ରହି ସେ ଜାଣି ପାରିଥିଲେ ମନ୍ତ୍ରତନ୍ତ୍ର ଓ ତନ୍ଦ୍ରା ଜଗତରେ ଶରୀରୀ ତଥା ଅଶରୀରୀ ସତ୍ତାଙ୍କ ଭୂମିକା । ଘଟଣାକ୍ରମେ ଗୁରୁ-ଶିଷ୍ୟଙ୍କ ଏହି ସଂପର୍କରେ ଜଡ଼ିତ ହେବାକୁ ଲାଗିଲା ଅନେକ କୁହୁକ ବାସ୍ତବପୂର୍ଣ୍ଣ ଘଟଣାବଳୀ । ଦିନକର ଘଟଣା ଅର୍ଦ୍ଧରାତ୍ରରେ ଶ୍ମଶାନରେ ବୁହା ହୋଇ ଯାଇଥିଲା କାଳନାଗ ଦଂଶନରେ ମୃତ୍ୟୁଲାଭ କରିଥିବା ଜଣେ ଯୁବକର ମରଶରୀର, କୌଣସି କାମରୁ ପ୍ରତ୍ୟାବର୍ତ୍ତନ କରୁଥିବା ଭୈରବ ଓଝା ଓ ଶମ୍ଭୁନାଥ କିଛି କ୍ଷଣ ସେଠାରେ ଅଟକି ଗଲେ ଏବଂ ଭୈରବ ଓଝା ଶବଟିକୁ ତଳେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଲଣ୍ଠନ ଆଲୁଅରେ ସେ ମୃତ ଯୁବକର ମୁହଁକୁ ନିରୀକ୍ଷିଲେ, କିଛି ମୂହୁର୍ତ୍ତ ତା' ଛାତିରେ ହାତ ରଖି କିଛି ସମୟ ନିକଟରେ ବସି ରହିଲେ । ଶେଷରେ ସେ ଯୁବକର ଡାହାଣ ପାଦ ଯେଉଁଠି କଳାନାଗ ଦଂଶନ କରିଥିଲେ, ସେଠାରେ ହିଁ ଓଝା ଦୁଇ ପାପୁଲି ରଖି ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ । ମନ୍ତ୍ରର ତରଙ୍ଗ ଯେପରି ଅନ୍ଧକାରରେ ତରଙ୍ଗାୟିତ ହୋଇଗଲା । ମନ୍ତ୍ରପାଠ, ପାଣିସିଂ‍ଚା ତଥା ମୁହଁରେ ଗଦପାଣି ମଧ୍ୟ ଦିଆଗଲା । ଏହି ସମସ୍ତ ବିଧି ପାଳନ କରି ଓଝା ପ୍ରାୟ ଏକ ଘଣ୍ଟାକାଳ ଧ୍ୟାନମଗ୍ନ ରହିଲେ । କିଛି ସମୟ ପରେ ପାଖ ବୁଦା ଭିତରକୁ କିଛି ଘୋଷାରି ଘୋଷାରି ଯିବାର ଶବ୍ଦ ହେଲା, ଏହା ଦେଖି ଓଝା ପ୍ରସନ୍ନଚିତ୍ତ ମନେ ହେଲେ ଏବଂ ମନ୍ତ୍ର ଉଚ୍ଚାରଣ କରି କିଛି ଚାଉଳ ଅନ୍ଧକାର ବୁଦା ଉପରକୁ ବିଂ‍ଚି ଦେଇଥିଲେ । ସେତେବେଳେ ହିଁ ଯୁବକ ମଧ୍ୟରେ ସଂ‍ଚରିଗଲା ପ୍ରାଣ । ମୃତ୍ୟୁ ମୁଖରୁ ଫେରି ଆସିଲା ଯୁବକ । ଏଠାରେ ଭୈରବ ଓଝା ନିଜ ମନ୍ତ୍ର ବଳରେ ଯୁବକକୁ ଆୟତ୍ତ କରିଥିବା ଅଶରୀରୀ ସତ୍ତାକୁ ଅତି ଦୁର୍ବଳ କରି ଦେଲେ, ଯାହା ତା' ଶରୀରରୁ ବାହାରି ଅଦୃଶ୍ୟ ଭାବେ ଘୋଷାରି ଘୋଷାରି ବୁଦା ଭିତରକୁ ଚାଲିଗଲା । ସେଥିପାଇଁ ସେ ଯୁବକର ମାଆଙ୍କୁ ସାନ୍ତ୍ୱନା ଦେବା ଛଳରେ କହିଥିଲେ ଯେ : "ଜୀବନ ଥିଲା; ବଡ଼ ଗହୀରକୁ ଚାଲି ଯାଇଥିଲା" ଅର୍ଥାତ୍ ଯୁବକର ପ୍ରାଣ କୌଣସି ଅଶରୀରୀ ସତ୍ତାଦ୍ୱାରା କବଳିତ ହୋଇଥିଲା, ଯାହାକୁ ମୁକୁଳାଇବାରେ ସଫଳ ହୋଇଥିଲେ ଭୈରବ ଓଝା । କଥାକାରଙ୍କ ଦ୍ୱାରା କାଳ ନାଗ ଦଂଶିତ ବ୍ୟକ୍ତିର ପ୍ରାଣ ଉଦ୍ଧାର କରିବା ଏବଂ ତା' ଶରୀର ମଧ୍ୟରୁ କୌଣସି ଅଶରୀରୀ ସତ୍ତାକୁ ନିଷ୍କୃତ କରିବା ଏବଂ ସେହି ଅଦୃଶ୍ୟ ସତ୍ତାର ଘୋଷାରି ହୋଇ ବୁଦାକୁ ଯିବା ଶବ୍ଦ ଆଦି ଘଟଣା କୁହୁକ ମନେ ହୋଇଥିଲେ ହେଁ, ଏଥିରେ ସମାଜରେ ପ୍ରଚଳିତ

ମନ୍ତ୍ରତନ୍ତ୍ର ବିଦ୍ୟାର ବାସ୍ତବିକ ରୂପ ପ୍ରତିଫଳିତ ହୋଇଅଛି ।

କଥାର ପ୍ରବାହରେ ଏଠାରେ ଜଡ଼ିତ ହୋଇଯାଇଛି ଅନ୍ୟ ଏକ କୁହୁକ ବାସ୍ତବତାପୂର୍ଣ୍ଣ ଘଟଣା । ପାହ୍ୟା ମୋହାଗ୍ରସ୍ତ ଦାରୋଗା ଡୁବେଇ ନିଜର ଅହଂରେ ମନ୍ତ୍ରତନ୍ତ୍ର ବିଦ୍ୟା ତଥା ଓଝା ଭୈରବଙ୍କୁ ଅସମ୍ମାନ ପ୍ରଦର୍ଶନ କରି ନିଜର ଅସୁସ୍ଥ ଗର୍ଭବତୀ ପତ୍ନୀର ଚିକିତ୍ସା ପାଇଁ ସହରରୁ ଆଣିଛି ନକଲି ଡାକ୍ତରଙ୍କୁ । କଲିକତାରୁ ଆସିଥିବା ନକଲି ଡାକ୍ତର ବିଜ୍‌ଲି ସେନ୍‌ର ମର୍‌ଫିନ୍ ଇଂଜେକ୍ସନ୍ ଦ୍ୱାରା ଦାରୋଗାର ରୋଗିଣୀ ସ୍ତ୍ରୀ ଚିରନିଦ୍ରାକୁ ଚାଲିଗଲା । ଗର୍ବ, ଅହଂ ଓ ଅମାନବିକତା ଆଚରଣ ତଥା ଚିନ୍ତାଧାରା ହେତୁ ଦାରୋଗା ଚିରଦିନ ପାଇଁ ହରାଇଥିଲେ ନିଜର ତୃତୀୟ ପତ୍ନୀଙ୍କୁ । ଏହି ଘଟଣା ପରବର୍ତ୍ତୀ ମୁହୂର୍ତ୍ତରେ ଦୁର୍ଦ୍ଦାନ୍ତ ଦାରୋଗା ସ୍ତ୍ରୀମାନଙ୍କ ଭଳି ଆଚରଣ କରିବାକୁ ଲାଗିଲା, ସେଥିପାଇଁ ତାକୁ ଗାଁ ଲୋକେ ନେଇ ଯାଇଥିଲେ ଓଝା ଭୈରବ ନିକଟକୁ । ଦାରୋଗାର ଏହି ଅବସ୍ଥାର ଉପଶମ ପାଇଁ ଭୈରବ ଓଝା ପ୍ରଥମ ଥର ପାଇଁ ସୁଯୋଗ ଦେଇଥିଲେ ଶିଷ୍ୟ ଶମ୍ଭୁନାଥକୁ । ତିନିମାସ କାଳ ଏକ ହଜାର ଆଠଥର ଜପ କରି ସେଥିରେ ସିଦ୍ଧି ଲାଭ କରିଥିବା ମନ୍ତ୍ରର ପ୍ରୟୋଗ କରି ଦାରୋଗାକୁ ଆୟତ୍ତ କରିଥିବା ଦୁଃଖିନୀ ପ୍ରେତାତ୍ମାକୁ ଠାବ କରି ପାରିଥିଲେ ଶମ୍ଭୁନାଥ । ଦାରୋଗାର ଶରୀରକୁ ମାଧ୍ୟମ କରି ନିଜର ପରିଚୟ ଦେଇଥିଲା 'ଲଳିତା', ଦାରୋଗାର ଦ୍ୱିତୀୟ ପତ୍ନୀ । ଯାହାର ହଜିଯାଇଥିବା ସମ୍ବାଦ ସମଗ୍ର ଗାଁରେ ପ୍ରଚାରିତ ହୋଇଥିଲା । କିନ୍ତୁ ବାସ୍ତବରେ ଦାରୋଗା ପାହ୍ୟା ମୋହରେ ନିଜ ପତ୍ନୀ ଲଳିତାକୁ ପରଶି ଦେଇଥିଲା ବଡ଼ବାବୁଙ୍କ ନିକଟରେ । ଲଳିତା, ବଡ଼ବାବୁଙ୍କ ଶାରୀରିକ ତୃଷ୍ଣାକୁ ନ ମେଣ୍ଟାଇ ସେଠାରୁ ନିଜକୁ ନିବୃତ୍ତ କରି ପ୍ରାଣ ବିକଳରେ ଦୌଡ଼ିଥିବା ସମୟରେ ଡୁବେଇ ଦାରୋଗା ସ୍ୱହସ୍ତରେ ନିଜ ପତ୍ନୀର ହତ୍ୟା କରି ନିଜ ଘରର ପଛପଟ ପୋଖରୀ ବନ୍ଧରେ ପୋତି ଦେଇଥିଲା । ଦାରୋଗା ଡୁବେଇର ଏହି ବାସ୍ତବ ଛବି ବେଶ୍ କୁହୁକମୟ ଶୈଳୀରେ ଆଲୋଚ୍ୟ ଉପନ୍ୟାସରେ କଥାକାର ମନୋଜ ଦାସ ଚିତ୍ରିତ କରିଛନ୍ତି । ଦାରୋଗା ଡୁବେଇର ଅପରାଧ ଲୋକଲୋଚନକୁ ଆସିବାର କୌଣସି ସମ୍ଭାବନା ନଥିଲା । କିନ୍ତୁ ଲଳିତାର ହତ୍ୟାକାରୀ ଦାରୋଗା ଡୁବେଇର ସତ୍ୟତା କୌଣସି ଶରୀରଧାରୀ ବ୍ୟକ୍ତି ବିଶେଷ ଦ୍ୱାରା ପ୍ରଘଟ ନହୋଇ, ତା'ର ବାସ୍ତବତାକୁ ପ୍ରଘଟ କରିଛି ଲଳିତାର ଅଶରୀରୀ ସତ୍ତା । ଏଠାରେ କଥାକାର ସଚେତନ ବା ଅସଚେତନ ଭାବେ ଏକ ଅଶରୀରୀ ସତ୍ତା ଦ୍ୱାରା ଅତିକଳ୍ପନା (ଫାଣ୍ଟାସୀ) ବା କୁହୁକ (ମ୍ୟାଜିକ୍) ମାଧ୍ୟମରେ କଥାର ଘଟଣାରେ ବାସ୍ତବତା ବ୍ୟକ୍ତ କରିଛନ୍ତି । ମାତ୍ର ଏହା ନା କଳ୍ପନା ନା ମ୍ୟାଜିକ୍; ଏହା ଥିଲା ଅଦୃଶ୍ୟ ଜଗତର ଘଟଣା; ଯାହା ବାସ୍ତବ ଜଗତରେ ଲାଗେ ପ୍ରତ୍ୟୟହୀନ । ସେଇ କଥାଟି ମନୋଜଙ୍କ ବର୍ଣ୍ଣନାରେ ଅଧିକ ପ୍ରାଞ୍ଜଳ । ଦାରୋଗା ନିଜେ କରିଥିବା ଅପରାଧ ମଧ୍ୟ ସ୍ୱୀକାର କରିଛି, କିନ୍ତୁ ସ୍ୱଇଚ୍ଛାରେ ନୁହେଁ, ନିଜ ମଧ୍ୟରେ ଉଭା ଥିବା ଲଳିତାର ଅଶରୀରୀ ସତ୍ତାର ନିର୍ଦ୍ଦେଶରେ । ଏଠାରେ ବାସ୍ତବତା ବ୍ୟକ୍ତ ହୋଇଛି, ହେଲେ ସେହି ବାସ୍ତବତାର ପଥ ଓ ମାଧ୍ୟମ ବେଶ୍ କୁହୁକ ବିଜଡ଼ିତ । ଶମ୍ଭୁନାଥ ଅର୍ଜିତ ଗୁରୁଜ୍ଞାନ ତଥା ମନ୍ତ୍ର ପ୍ରୟୋଗ ଫଳରେ ଲଳିତାର ଅଶରୀରୀ ସତ୍ତା ଡୁବେଇ ଦାରୋଗର ଶରୀରକୁ ନେଇ ଚାଲିଲା ସ୍ୱବାସ୍ତବତାର ପଥରେ, ସେହି ଅନ୍ଧକାର ରାତ୍ରୀର ଅଦ୍‌ଭୁତ ତନ୍ଦ୍ରାପୂର୍ଣ୍ଣ ଯାତ୍ରାର ଯାତ୍ରୀ ଥିଲେ ସ୍ଥୂଳ ଦୃଷ୍ଟିରେ ମାତ୍ର ଚାରିଜଣ ଡୁବେଇର ମାଆ, ଡୁବେଇ, ଓଝା ଭୈରବ ଓ ଶମ୍ଭୁନାଥ । କିନ୍ତୁ ପ୍ରକୃତରେ ଯାତ୍ରା କରୁଥିଲେ ମୋଟ ପାଂଚଟି ସତ୍ତା, ସେମାନଙ୍କ ମଧ୍ୟରେ ଡୁବେଇର ଶରୀରକୁ ଆଶ୍ରୟ କରିଥିଲା ଲଳିତାର ଅଶରୀରୀ ସତ୍ତା । ଏହି କୁହୁକମୟ ଯାତ୍ରାରେ ଅଶରୀରୀ ଲଳିତାର ସତ୍ତାର ଅଙ୍ଗୁଳିନିର୍ଦ୍ଦେଶରେ ପରିଚାଳିତ ହେବା ଭଳି ସମସ୍ତେ ଗାଁର ବିଲ-ବାଡ଼ି, ପୋଖରୀ, ଶିଆଳମାନଙ୍କ ନାଦକୁ ଅତିକ୍ରମ କରି ପହଂଥିଲେ ଡୁବେଇର ବାସଗୃହର ପୋଖରୀ କୂଳର ସନ୍ତସନ୍ତିଆ ଭୂମିରେ । ହଠାତ୍ ଅଟକି ଯାଇଛି ଡୁବେଇ ଓ ବସି ପଡ଼ିଛି ସେଠାରେ, ଯେଉଁଠି ସେ ଗୋପନରେ ପୋତି ଦେଇଥିଲା ନିଜ ପତ୍ନୀକୁ ହତ୍ୟା କରି । ଲଳିତାର ଆତ୍ମା ନିଜର ମୁକ୍ତି ପାଇଁ ନିଜେ ପଥ ଉନ୍ମୋଚନ କରି ନିଜକୁ ମୁକ୍ତ କରାଇବାରେ ସଫଳ ହୋଇଥିଲା । ଏହିଭଳି କୁହୁକ ଶୈଳୀରେ ଡୁବେଇ ଦାରୋଗାର ବାସ୍ତବ ଛବି ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଛି । ଏଠାରେ ଓଝା, ମନ୍ତ୍ରତନ୍ତ୍ର ବା ଅଶରୀରୀ ସତ୍ତା ଉପରେ ଅଶରୀରୀ ସତ୍ତାର ଆଶ୍ରୟ ଆଦି କୁହୁକ ଭଳି ମନେ ହେଲେ ମଧ୍ୟ ସେହି କୁହୁକର ଅନ୍ତସ୍ୱର ସଂପୂର୍ଣ୍ଣ ବାସ୍ତବ ।

ସେହିଭଳି ଅନ୍ୟ ଏକ ପ୍ରସଙ୍ଗକୁ ଏଠାରେ ଅବତାରଣା କରାଯାଇପାରେ । ଉପନ୍ୟାସରେ ଶମ୍ଭୁନାଥଙ୍କ ପୁତ୍ର ପୁଣ୍ଡରୀକ ଓ କୁମୁଦିନୀ ମଧ୍ୟରେ ଗଢ଼ି ଉଠିଥିଲା ଗଭୀର ପ୍ରେମ ସଂପର୍କ । କିନ୍ତୁ ଶମ୍ଭୁନାଥ ବିରୋଧ କରିଥିଲେ ବାଲ୍ୟକାଳରୁ ସୃଷ୍ଟି ହୋଇ ଯୌବନରେ ପଦାର୍ପିତ ହୋଇଥିବା ଏହି ପ୍ରେମକୁ । ଫଳରେ ପୁଣ୍ଡରୀକକୁ ତନ୍ତ୍ର ବିଦ୍ୟାରେ ନିପୁଣ କରି ଗଢ଼ିବା ପାଇଁ ଦେବୀମାଆଙ୍କଠାରେ ମାନସିକ କରିଥିବା ଶମ୍ଭୁନାଥ, ତାକୁ କୁମୁଦିନୀଠାରୁ ଦୂର ବାରାଣସୀ ଚନ୍ଦ୍ରଦୀପ ନିକଟରେ ତନ୍ତ୍ରବିଦ୍ୟାର ପ୍ରଶିକ୍ଷଣ ପାଇଁ ସ୍ୱୟଂ ନେଇ ଯାଇଥିଲେ । ପୁଣ୍ଡରୀକଙ୍କ ସେଠାରେ ରହଣୀ ସମୟରେ ଘଟିଛି ଏକ ଅଦ୍‌ଭୁତ ଘଟଣା । ସେଠାରେ ପୁଣ୍ଡରୀକ ସାକ୍ଷାତ କରିଛନ୍ତି ଅଧ୍ୟାପକ ଷ୍ଟିଭେନ୍‌ସନ୍ ଏବଂ ତାଙ୍କର ଦୁଇଟି ସହକାରୀ ତଥା ଶିଷ୍ୟଙ୍କୁ । ଜଣେ ଭାରତୀୟ ଓ ଅନ୍ୟଜଣେ ଇଂରେଜ, ଭାରତୀୟ ଯୁବକ ପ୍ରଦୀପ ଶେଠ୍ ଓ ଯୁବତୀ ରୁବି । ସେମାନେ ସେଠାକୁ ଆସିଥିଲେ ବୌଦ୍ଧତନ୍ତ୍ର ଏବଂ ହିନ୍ଦୁତନ୍ତ୍ର ସଂପର୍କରେ ଗବେଷଣା କରିବା ପାଇଁ । ବାରାଣସୀରେ ଅଧ୍ୟାପକ ଓ ତାଙ୍କର ଦୁଇଜଣ ସହକାରୀ ଗଙ୍ଗାକୂଳରେ ଯେଉଁ ଛୋଟ କୋଠା ଭଡ଼ା ନେଇଥିଲେ, ସେହି ଗୃହର ଗୃହସ୍ୱାମୀ ମହେନ୍ଦ୍ରଙ୍କ ଏକମାତ୍ର ସନ୍ତାନ ଶିବୁ ଇହଲୋକ ତ୍ୟାଗ କରିସାରିଥିଲା । କିନ୍ତୁ ରେଙ୍ଗୁନ୍‌ରୁ ଆସିଥିବା ଗୃହ ମାଲିକଙ୍କ

ଶାଳକଙ୍କ ପୁତ୍ର ଲିଲୁ, ମହେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କୁ ଯଥାକ୍ରମେ ମାଆ, ବାପା ବୋଲି ସମ୍ବୋଧନ କରି ଅନେକ ଅସ୍ୱାଭାବିକ ବ୍ୟବହାର କରିବାକୁ ଲାଗିଲା । ଲିଲୁର ଏହିଭଳି ବ୍ୟବହାର ପ୍ରତି ଆଶ୍ଚର୍ଯ୍ୟ ହୋଇ, ତାକୁ ଲିଲୁର ପୂର୍ବଜନ୍ମର ପ୍ରଭାବ ବୋଲି ଅନୁମାନ କରୁଥିଲେ ସମସ୍ତେ ।

କଥାକାର ମନୋଜ ଦାସ ଅତି କଳାତ୍ମକ ଶୈଳୀରେ ଏଠାରେ କଥା ମଧ୍ୟରେ କୁହୁକ ଓ ବାସ୍ତବତାକୁ ଉପସ୍ଥାପନ କରିଛନ୍ତି । ଏଠାରେ କଥାକାର ସଂଯୋଗ କରିଛନ୍ତି ତନ୍ଦ୍ରା ବିଜଡ଼ିତ ଅନ୍ୟ ଏକ ପ୍ରେକ୍ଷା ଯେଉଁଥିରେ କୁହୁକକୁ ମାଧ୍ୟମ କରି ବାସ୍ତବତା ଉପସ୍ଥାପିତ ହୋଇଛି । ଲିଲୁ ଯେତେବେଳେ ଇହଲୋକ ତ୍ୟାଗ କରିଥିବା ଶିବୁ ଭଳି ବ୍ୟବହାର କରିଥିଲା ଓ ଶିବୁର ମାଆବାପାଙ୍କୁ ନିଜର ମାଆ-ବାପା ବୋଲି ସମ୍ବୋଧନ କରିଥିଲା, ଫଳରେ ତା'ର ଏପରି ବ୍ୟବହାର ସମସ୍ତଙ୍କ ମନରେ ପୂର୍ବଜନ୍ମର ପ୍ରଭାବ ବୋଲି ଆଶଙ୍କା ସୃଷ୍ଟି କରିଛି । ସମସ୍ତେ ଗ୍ରହଣ କରି ନେଇଛନ୍ତି ଯେ, ଲିଲୁ ହେଉଛି ମହେନ୍ଦ୍ରଙ୍କ ପୁତ୍ର ଶିବୁର ପୁନର୍ଜନ୍ମର ସଂସ୍କରଣ । ଏଠାରେ ଏହି ପୁନର୍ଜନ୍ମ ପ୍ରସଙ୍ଗଟି ଅତିକଳ୍ପନା ଭଳି ମନେ ହୋଇଥାଏ । ମୃତ୍ୟୁଲୋକକୁ ଚାଲିଯାଇଥିବା ମଣିଷର ଅନ୍ୟ ଏକ ସଂସ୍କରଣ, ଏହା ସ୍ଥୂଳ ଦୃଷ୍ଟିରେ ଅସମ୍ଭବ ମନେ ହୋଇଥାଏ । କିନ୍ତୁ ମନ୍ତ୍ରତନ୍ତ୍ର ଜଗତରେ ଏହା ସଂପୂର୍ଣ୍ଣ ସମ୍ଭବ ଓ ବାସ୍ତବ ଭାବେ ଏଠାରେ ପ୍ରତିଫଳିତ ହୋଇଛି । ସେହିପରି ଅନ୍ୟ ପକ୍ଷରେ ପୁଣ୍ଡରୀକ ମତ ଦେଇଛନ୍ତି ଯେ, ଏହା ଲିଲୁର ପୁନର୍ଜନ୍ମର ପ୍ରଭାବ ନୁହେଁ ବରଂ ଅଶରୀରୀ ଶିବୁର ପ୍ରାଣସତ୍ତା କିଛି ସମୟ ପାଇଁ ବା ବାସ୍ତବତାକୁ ସମସ୍ତଙ୍କ ସମ୍ମୁଖରେ ପ୍ରଘଟ କରିବା ପାଇଁ ଲିଲୁକୁ ଆୟତ୍ତ କରିଥିଲା । ଲିଲୁର ଶରୀରକୁ ଆଧାର କରି ଶିବୁର ଅଶରୀରୀ ସତ୍ତା ଭାନୁ କକା ତା'ର ଗଳା କାଟି ହାରଟି ଲୁଟି ନେଇଥିବା ବାସ୍ତବତାକୁ ବ୍ୟକ୍ତ କରିଛି । ଏହାବ୍ୟତୀତ ଲିଲୁ 'ଭାନୁ କକା'ଙ୍କୁ ଚିହ୍ନିବା ଓ ଶିବୁ ସହ ଘଟିଥିବା ଦୁର୍ଘଟଣା ସଂପର୍କରେ ସଠିକ୍ ତଥ୍ୟ ପ୍ରଦାନ କରିବା ଆଦି ଘଟଣାବଳୀ କୁହୁକମୟ ହେଲେ ମଧ୍ୟ ଏଥିରେ ପରିଲକ୍ଷିତ ହୋଇଛି ମନ୍ତ୍ରତନ୍ତ୍ର ବିଦ୍ୟାର ଅନ୍ୟ ଏକ ସୁଦୃଢ଼ ଦୃଷ୍ଟାନ୍ତ । ଯେଉଁଠି ଶିବୁର ଆତ୍ମା ନିଜକୁ ନ୍ୟାୟ ପ୍ରଦାନ କରିବା ପାଇଁ ବ୍ୟକ୍ତ କରିଥିଲା ବାସ୍ତବତା, କିନ୍ତୁ ସେହି ବାସ୍ତବତା ବ୍ୟକ୍ତ କରିବାର ମାଧ୍ୟମଟି ଥିଲା କୁହୁକମୟ । ବାସ୍ତବରେ ଭାନୁ କକା ଭଳି ନୃସଂଶ ମଣିଷ ଶିବୁର ଗଳାକାଟି ହତ୍ୟା କରି ତା'ର ହାର ଲୁଣ୍ଠନ କରି ନେଇଥିଲା । ସେଥିପାଇଁ ମୃତ ଶିବୁର ଆତ୍ମା ଲିଲୁର ଶରୀରକୁ ପ୍ରୟୋଗ କରି ନିଜ ସହ ବିତି ଯାଇଥିବା ଅସଲ ବାସ୍ତବତାକୁ ବ୍ୟକ୍ତ କରିଥିଲା । ତେଣୁ କୌଣସି ଆତ୍ମା ବା ଅଶରୀରୀ ସତ୍ତା ଏକ ଶରୀରୀ ସତ୍ତାକୁ କବଳିତ କରିବା କୁହୁକ ଭଳି ମନେହେଲେ ହେଁ ତନ୍ତ୍ରର ଜଗତ ପାଇଁ ଏହା ସତ୍ୟ ଅଟେ ।

ଉପନ୍ୟାସର ଅନ୍ତିମ ପର୍ଯ୍ୟାୟରେ କଥାକାର ସଂଯୋଗ କରିଛନ୍ତି ଅନ୍ୟ ଏକ ଅଲୌକିକ କୁହୁକ ବାସ୍ତବତାପୂର୍ଣ୍ଣ ଅଧ୍ୟାୟ । ଯେଉଁଠି ତନ୍ତ୍ରବିଦ୍ୟାର ପ୍ରଶିକ୍ଷଣ ପାଇଁ ପୁଣ୍ଡରୀକ ବାରାଣସୀ ଚନ୍ଦ୍ରଦୀପଙ୍କ ନିକଟକୁ ଯାଇଛନ୍ତି । ସେହି ସମୟରେ ଭୀଷମପୁରରେ ସଦାସର୍ବଦା ପାଇଁ ଇହଲୋକ ତ୍ୟାଗ କରିଥିଲେ ପୁଣ୍ଡରୀକର ବାଲ୍ୟକାଳର ସାଥୀ ତଥା ତା'ର ପ୍ରିୟ କୁମୁଦିନୀ । ଜ୍ୱରଗ୍ରସ୍ତ ହୋଇ କୁମୁଦିନୀ ଯେ ଆଖି ବୁଜି ଦେବାର ସୂଚନା ମିଳିଥିଲା ପୁଣ୍ଡରୀକକୁ । ପୁଣ୍ଡରୀକର ବିଶ୍ୱସ୍ତ ଭାନୁ, କୁମୁଦିନୀର ଦେହତ୍ୟାଗ ଓ ଶମ୍ଭୁନାଥର ଅସୁସ୍ଥତାର ସମ୍ବାଦ ନେଇ ପହଂଚିଥିଲେ ବାରାଣସୀ । ପୁଣ୍ଡରୀକ ବାରାଣସୀଠାରେ ଗୁରୁଭାଇମାନଙ୍କ ପାଖରୁ ବିଦାୟ ନେଇ ଭୀଷମପୁର ଅଭିମୁଖେ ଯାତ୍ରା କରିଥିଲେ ଏବଂ ଯାତ୍ରାବେଳେ ହିଁ ଭାନୁଠାରୁ ଜାଣିବାକୁ ପାଇଥିଲେ ସବୁ ଘଟଣାର ବାସ୍ତବତା । କୁମୁଦିନୀର ବିୟୋଗରେ ସଂପୂର୍ଣ୍ଣ ବିଚଳିତ ହୋଇ ପଡ଼ିଥିଲେ ପୁଣ୍ଡରୀକ । ଏହିଭଳି ମାନସିକ ଦ୍ୱନ୍ଦ୍ୱରେ କିଛିକାଳ ଅତିବାହିତ କରିବା ପରେ ପୁଣ୍ଡରୀକ ପ୍ରତ୍ୟାବର୍ତ୍ତନ କରିଥିଲେ ଓଝା କର୍ମକୁ । ଏକଦା ପୁଣ୍ଡରୀକ, କାକଳି ନାମକ ଗ୍ରାମକୁ ଯାଇଛନ୍ତି କୌଣସି ମହିଳାର ଶରୀରରୁ ପ୍ରେତାତ୍ମାର ନିଷ୍କାସନ ନିମନ୍ତେ । ପୁଣ୍ଡରୀକଙ୍କ ସହ ଭାନୁ ଓ ଗବେଷଣା ପାଇଁ ଭୀଷମପୁରକୁ ଆସିଥିବା ଯୁବତୀ ରୁବି ମଧ୍ୟ ଥିଲେ ସାଥିରେ । ନିଜ କର୍ମ ସମାପନ କରି ପ୍ରତ୍ୟାବର୍ତ୍ତନ କାଳରେ ଘଟିଯାଇଛି ଏକ ଆଶ୍ଚର୍ଯ୍ୟକର ଘଟଣା । ଭୀଷମପୁର କୋଠାକୁ ଅତିଥିଭାବେ ଆସିବା ପରଠାରୁ ହିଁ ରୁବି ଅନ୍ୟ ଜଗତର ଅଶରୀରୀ ସତ୍ତା ଓ ବିଶେଷ ଭାବରେ କୁମୁଦିନୀ ସହ ଜଡ଼ିତ ସମସ୍ତ କଥା ଜାଣିବା ପାଇଁ ବେଶ୍ ଆଗ୍ରହୀ ହୋଇପଡ଼ିଥିଲେ । ରୁବିର ଏହି ଆଗ୍ରହ ଫଳରେ ସେଦିନ କାକଳି ଗ୍ରାମରୁ ପ୍ରତ୍ୟାବର୍ତ୍ତନ କାଳରେ ଶ୍ମଶାନରେ ଯେଉଁ ସ୍ଥାନରେ ନିଶ୍ଚିହ୍ନ ପ୍ରାୟ ହୋଇଯାଇଥିଲା କୁମୁଦିନୀର ଶରୀର; ସେଠାରେ ହିଁ ଅଟକି ଯାଇଥିଲା ରୁବିର ପାଦ । କିଛିକ୍ଷଣ ପରେ ପୁଣ୍ଡରୀକକୁ ଚମକାଇ ଦେଲା ରୁବିର ଅପ୍ରତ୍ୟାଶିତ 'ପୁଣ୍ଡୁଭାଇ' ସମ୍ବୋଧନ, କାରଣ କେବଳ କୁମୁଦିନୀ ହିଁ ତାକୁ ଠିକ୍ ଏହିଭଳି ସମ୍ବୋଧନ କରୁଥିଲେ । ପୁଣ୍ଡରୀକ ଫେରି ଚାହିଁବା ବେଳେ ରୁବି ବସି ପଡ଼ିଥାଏ କୁମୁଦିନୀ ଓ ତା'ର ବିଧବା ମାଆ ସତୀ ଏକଦା ବାସ କରୁଥିବା ପରିତ୍ୟକ୍ତ ଓ ଧ୍ୱଂସପ୍ରାୟ ଗୃହ ସାମ୍ନାର ଖଣ୍ଡିଏ ପଥର ଉପରେ । ତା'ର ଦୃଷ୍ଟି ଥାଏ ଶ୍ମଶାନ ଆଡ଼େ । ରୁବି କାନ୍ଦୁଥିଲା ଏବଂ ହସୁଥିଲା ଓ ଧ୍ୱସ୍ତମାନ କୁଡ଼ିଆ ଭିତରକୁ ପୁଣ୍ଡରୀକକୁ ଟାଣିନେଇ ଗୋଟାଏ କୋଣରେ ବସିପଡ଼ି ଚଟାଣ ଉପରୁ ଖଣ୍ଡିଏ ପଥର ଅପସାରଣ କରି ଏକ ଗୋଲାକାର ପିତଳ ପାତ୍ରରେ ଥିବା ସୁନାମୁଦ୍ରାଗୁଡ଼ିକୁ ବାହାର କରିଥିଲା । ସେହି ସୁନାମୁଦ୍ରାଗୁଡ଼ିକୁ ଏକଦା କୁମୁଦିନୀ ଭୂୟାଁମାନଙ୍କ ପରିତ୍ୟକ୍ତ କଠୋରୀରୁ ଆବିଷ୍କୃତ କରିଥିଲା ଓ କୁମୁଦିନୀର ଜିମାରେ ହିଁ ସେଠାରେ ତାହା ଲୁଚାଇ ଦିଆଯାଇଥିଲା । ଯାହାର ସନ୍ଧାନ କେବଳ କୁମୁଦିନୀ ହିଁ ଜାଣିଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ରୁବିର ଅର୍ଦ୍ଧଅବରୁଦ୍ଧ କଣ୍ଠରେ ଇଂରାଜୀ, ହିନ୍ଦୀ ମିଶ୍ରିତ ଭାଷାରେ କୁମୁଦିନୀର ଅଶରୀରୀ ସତ୍ତା କହି ଉଠିଲା: "ପୁଣ୍ଡୁଭାଇ ! ଏଇ ସବୁ ଛାୟା- କେଡ଼େ ଭୟଙ୍କର ! ସେମାନେ ମୋତେ କାବୁ

କରିବା ନିମନ୍ତେ ମୋ ଗଳା ଚିପିଦେବାକୁ ବାହାରିଛନ୍ତି । ମୁଁ ତମକୁ ଏତେ ଡାକୁଛି । ଶୁଣି ପାରୁନାହଁ ?"

ଏଠାରେ କୁହୁକ-ବାସ୍ତବବାଦର ଅନ୍ୟ ଏକ ରୂପକୁ ସଂଦର୍ଶନ କରାଯାଇପାରେ । ରୁବିର ଶରୀର ଓ କଣ୍ଠକୁ ଆଧାର କରି କୁମୁଦିନୀର ଆତ୍ମା ନିଜ ଉପରେ ଘଟିଯାଇଥିବା ବାସ୍ତବତାକୁ ଏଠାରେ ବ୍ୟକ୍ତ କରିଛି । ବାସ୍ତବରେ କୁମୁଦିନୀ ବିବାହ ପାଇଁ ପ୍ରସ୍ତୁତ ହୋଇନଥିବାରୁ ଶମ୍ଭୁନାଥ ସମ୍ମୋହନର ଚାପ ପ୍ରୟୋଗ କରିଥିଲେ । ଫଳରେ ଶାରୀରିକ ତଥା ମାନସିକ ସ୍ତରରେ ଦୁର୍ବଳ ଥିବା କୁମୁଦିନୀ ସମ୍ମୋହନର ଚାପ ସହ୍ୟ କରିନପାରି ପ୍ରାଣତ୍ୟାଗ କରିଥିଲେ । କିନ୍ତୁ କୁମୁଦିନୀର ପ୍ରାଣସତ୍ତା ବିଦେଶିନୀ ରୁବିର ପ୍ରାଣସତ୍ତା ସହ ଅତି ପ୍ରଗାଢ଼ ଭାବରେ ଜଡ଼ିତ ହେବା ଫଳରେ ଦୁଇ ସତ୍ତା ପ୍ରାୟ ଏକ ହୋଇଯାଇଥିଲେ ।

କଥାକାର କୁହୁକ ସହ ତନ୍ତ୍ରବିଦ୍ୟାର ଶ୍ରେଷ୍ଠ ପ୍ରେକ୍ଷାକୁ ଏଠାରେ ଅବତାରଣା କରିଛନ୍ତି । ଯେଉଁଠି ଶମ୍ଭୁନାଥ ନିଜ ସମଗ୍ର ଜୀବନ କାଳରେ ଅର୍ଜିତ ତନ୍ତ୍ରବିଦ୍ୟାକୁ ପ୍ରୟୋଗ କରି ରୁବିର ପ୍ରାଣସତ୍ତା ଠାରୁ କୁମୁଦିନୀର ପ୍ରାଣସତ୍ତାକୁ ପୃଥକ୍ କରିବାକୁ କରିଛନ୍ତି ଉଦ୍ୟମ । ଏହି ପ୍ରକ୍ରିୟାରେ ଦୁଇଟି ପ୍ରାଣସତ୍ତାକୁ ପୃଥକ୍ କରିବା ସମୟରେ ଓଝାର ପ୍ରାଣସତ୍ତା ଅଧିକ ବିଳମ୍ବ କଲେ ଓଝାକୁ ନିଜର ଆତ୍ମା ତ୍ୟାଗ କରିବାକୁ ପଡ଼ିଥାଏ । ପରିଶେଷରେ ତାହାହିଁ ଘଟିଥିଲା ଏବଂ ରୁବି ମଧ୍ୟରୁ କୁମୁଦିନୀର ପ୍ରାଣସତ୍ତାକୁ ନିଷ୍କାସନ କରିବା ପ୍ରକ୍ରିୟାରେ ଓଝା ଶମ୍ଭୁନାଥ ନିଜେ ପ୍ରାଣତ୍ୟାଗ କରିଥିଲେ ।

ଦୃଶ୍ୟମାନ ଜଗତର ବାହାରେ ଯେ ଏକ ଜଗତର ସ୍ଥିତି ସର୍ବଦା ରହିଥିଲା ଏବଂ ରହିଛି ସେ କଥାଟି କଥାକାର ମନୋଜ ଦାସଙ୍କ 'ତନ୍ଦ୍ରାଲୋକର ପ୍ରହରୀ' ଉପନ୍ୟାସରେ ବେଶ୍ ସ୍ୱଷ୍ଟତାରେ ପରିପ୍ରକାଶିତ । ପିଢ଼ି ପିଢ଼ି ଧରି ସେହି ତନ୍ଦ୍ରାଲୋକର ପ୍ରହରୀ ସାଜିଛନ୍ତି ପ୍ରୋକ୍ତ ଉପନ୍ୟାସର ଏହି ଓଝାମାନେ । ସାଧାରଣତଃ ଅବିଶ୍ୱାସ୍ୟ, ଅବୈଜ୍ଞାନିକ, ଅସତ୍ୟ, ପରିକଳ୍ପିତ ଅଲୌକିକତା ଭଳି ପ୍ରତ୍ୟୟ ହେଉଥିଲେ ହେଁ ସେହି ଅଦୃଶ୍ୟ ପ୍ରହରୀର ସ୍ୱାତନ୍ତ୍ର୍ୟ ଅନନ୍ୟ ଅଟେ । ମଣିଷର ଜୀବିତାବସ୍ଥା ଓ ମୃତ୍ୟୁଅବସ୍ଥା ଭିତରେ ଲୁକ୍‌କାୟିତ 'ଆତ୍ମା'ର ପ୍ରସଙ୍ଗଟି ଏ ଉପନ୍ୟାସରେ ପ୍ରମୁଖତା ଲାଭ କରିଛି ଏକ ସ୍ୱତନ୍ତ୍ର ପ୍ରେକ୍ଷାରେ; ସେଇ ପ୍ରେକ୍ଷାଟି ହେଉଛି 'ତନ୍ଦ୍ରାଲୋକ' । ଏହି ଅଜ୍ଞାତ ମନେ ହେଉଥିବା ଏକ ଜଗତର ସ୍ଥିତି ଓ ଶକ୍ତିକୁ ଆଧ୍ୟାତ୍ମିକତା ଓ ତନ୍ତ୍ରମନ୍ତ୍ରର ଆଧାରରେ ଯେ ପ୍ରହରୀ ସାଜି ଜଗି ଆସିଛନ୍ତି ଏହି ଓଝାମାନେ; ତାହାହିଁ ପ୍ରତିପାଦ୍ୟ ବିଷୟବସ୍ତୁ ଭାବେ ପ୍ରତିଫଳିତ ହୋଇଛି ଉପନ୍ୟାସରେ ।

ମନୋଜ ଦାସଙ୍କର ଏହି ସ୍ୱାତନ୍ତ୍ର୍ୟପୂର୍ଣ୍ଣ ଉପନ୍ୟାସକୁ 'ଅତିକଳ୍ପନା' (ରବଭଶ୍ବବଶ୍ବଚ) ଓ 'କୁହୁକ' (ଗବଶସମ) ନ କହି ଏହାର କଥୋପମ ବାସ୍ତବତାକୁ ଅନୁଶୀଳନ କଲାବେଳେ ସ୍ୱାଭାବିକ ଭାବେ 'କୁହୁକ ବାସ୍ତବତା' (ଗବଶସମ ଜରବକ୍ଷସଶ୍ବଞ୍ଚ) ଭଳି ଏକ ବିଷୟ ସହ ସଂଦର୍ଶନ କରାଯାଇପାରେ । ଯାହାର ଆଧାର କଳ୍ପନା ଓ ଉଭଟତାର ଊର୍ଦ୍ଧ୍ୱରେ ବାସ୍ତବାୟିତ ଏକ ସଂଜ୍ଞା; ଯାହା ଅପ୍ରତ୍ୟୟ ମନେ ହେଉଥିଲେ ହେଁ ଦୃଶ୍ୟହୀନ ଜଗତର କଥା କୁହେ; ଆଉ କଥାକାରଙ୍କ ଦୃଷ୍ଟିରେ ତଥା ଆଲୋଚନାର ଭିତ୍ତିରେ ତାହା ପ୍ରତ୍ୟୟଯୁକ୍ତ । ତାହା ହିଁ ହେଉଛି କୁହୁକ ବାସ୍ତବତାର ମୂଳକଥା ବା ମ୍ୟାଜିକ ରିୟଲିଜମର ମୌଳିକ ଭିତ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ମନୋଜ, ତନ୍ଦ୍ରାଲୋକର ପ୍ରହରୀ, ଫ୍ରେଣ୍ଡସ୍ ପବ୍ଲିଶର୍ଷ, କଟକ, ୨୦୦୦

୨. Abrams. M.H. and Geoffrey galt Harpham, A Glossary of Literature Terms, canada, 2014

3. Bowers, Maggie Ann, MAGIC (AL) REALISM, Routledge, New york, ୨୦୦୪



ଅଧ୍ୟାପକ

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଗାଙ୍ଗେଶ୍ୱରୀ ଡ଼ିଗ୍ରୀ ମହାବିଦ୍ୟାଳୟ ପଟ୍ଟାଙ୍ଗି, କୋରାପୁଟ

# ସ୍ୱପ୍ନ ଓ ଅସ୍ତିତ୍ୱର କଳ୍ପିତ-ରୂପାନ୍ତରଣ : ନାରାୟଣ ପଣ୍ଡାଙ୍କ ଗଳ୍ପ

ISSN -2583-147X(P)
**Bastabatara Pariprakash Prachee**
***Peer Reviewed and Referred Research Journal***

ଡ.ବିଦ୍ୟୁତ୍ ପ୍ରଭା ରାଉତ

ଗତ ଶତାବ୍ଦୀର ସପ୍ତମ ଦଶକର ଶେଷଆଡ଼କୁ ବିଭିନ୍ନ ପତ୍ର-ପତ୍ରିକା ଦେଇ ଗୋଟିଏ ନୂଆ ମୁହଁ ଓଡ଼ିଆ କଥା ଦୁନିଆରେ ଦେଖିବାକୁ ମିଳେ । ନିଜର 'କଥାଭାବ' ଓ 'କଥାଭିବ୍ୟକ୍ତି'ରେ ପୂରାପୂରି ନିଜର ଏକ ଶୈଳୀ ମାଧ୍ୟମରେ ଆତ୍ମପ୍ରକାଶ କରିଥିଲେ କଥାକାର ନାରାୟଣ ପଣ୍ଡା (୧୯୪୮-) । ଓଡ଼ିଆ କଥାଯାତ୍ରା ସେତେବେଳେ ତା'ର ନୂଆ ମୋଡ଼ ବଦଳାଉଥିଲା ଏବଂ ସେଇ ମୋଡ଼ରେ ଗାଳ୍ପିକ ନାରାୟଣ ପଣ୍ଡା କ୍ରମଶଃ ନିଜର ପାଠକୀୟତା ଲାଭକରି ମଗ୍ନଥିଲେ ନିଜର ଏକ ଧାରାରେ । ତାଙ୍କର ଗଳ୍ପର ଯାତ୍ରା ଦୀର୍ଘ ହେଲେ ହେଁ ସୃଷ୍ଟିର ସଂଖ୍ୟା କିନ୍ତୁ ବିପୁଳ ନୁହେଁ; ମାତ୍ର ପ୍ରତ୍ୟେକଟି ଗଳ୍ପ ଏକ ଏକ ନୂତନତାର ସଂକେତ ସ୍ୱରୂପ । ୧୯୭୦ ମସିହାରୁ ୧୯୮୯ ମସିହା ପର୍ଯ୍ୟନ୍ତ ଲିଖିତ ପନ୍ଦରଗୋଟି ଗଳ୍ପ ନେଇ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ମହାତୀର୍ଥଯାତ୍ରୀ' (୧୯୯୭) ଏବଂ ଅନ୍ୟ ଚବିଶ ଗୋଟି ଗଳ୍ପକୁ ନେଇ 'ଦିବାକରର ଦୁନିଆ' (୨୦୧୩) ଆତ୍ମପ୍ରକାଶ କରିଛି । ଏହା ବ୍ୟତୀତ ତାଙ୍କର କେତେକ ଗଳ୍ପ ପୁସ୍ତକାକାରରେ ଅପ୍ରକାଶିତ ହୋଇଥିଲେ ହେଁ ସେସବୁ ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶ ପାଇ ବେଶ୍ ପାଠକୀୟତା ଲାଭ କରିଛି । ଅସଂଲଗ୍ନ ମନେ ହେଉଥିବା ବିକ୍ଷିପ୍ତ ଭାବରାଜ୍ୟକୁ ନେଇଯାଉଥିବା; ବେଳେବେଳେ ଫାଣ୍ଟାସୀ ଓ ମ୍ୟାଜିକାଲ୍ ରିୟଲିଜମ୍‌ର ପ୍ରତ୍ୟୟ ସୃଷ୍ଟି କରୁଥିବା ନାରାୟଣଙ୍କର ଗଳ୍ପ ପାରଂପରିକ କଥାବଳୟରୁ ବାହାରି ଆସି ନୂଆ ରୂପକଳ୍ପ ଦେଇ ପ୍ରତିଭାସିତ ହୋଇଛି । ପରଂପରା, ଈଶ୍ୱର, ଇତିହାସ ଓ ପ୍ରଥାସିଦ୍ଧତାକୁ ଅସ୍ୱୀକାର କରିବାର ଚେତନା ଭିତରେ ଅସ୍ତିତ୍ୱାନ୍ୱେଷଣର ଅଦ୍ଭୁତ ଏକ ଚଉହଦୀକୁ ଲକ୍ଷ୍ୟ କରାଯାଇପାରିବ । ଆଉ ତା'ସହିତ ଅତିବାସ୍ତବବାଦୀ ଆଭିମୁଖ୍ୟର ଅନୁରଣନ ବେଶ୍ ଭାବିତ କରିପାରେ ପାଠକଙ୍କୁ । ସର୍ବୋପରି ଅପୂର୍ବ ନଷ୍ଟାଲଜିଆ ଏବଂ ସ୍ୱ ଜୀବନର ଅନ୍ତରଙ୍ଗ ଉପଲବ୍ଧି ଗଳ୍ପର ଛତ୍ରେ ଛତ୍ରେ ବେଶ୍ ଉତ୍ତୀର୍ଣ୍ଣ ଓ ସ୍ୱତନ୍ତ୍ର । ଗାଳ୍ପିକଙ୍କର ଦୁଇଟି ସଂକଳନର ଆଧାରରେ ହିଁ ତାଙ୍କର କଥାକାରିତା ଓ କଥାଭିବ୍ୟକ୍ତିକୁ ଅନୁଶୀଳନ କରିବାର ଏହା ଏକ ହାର୍ଦ୍ଦିକ ଉଚ୍ଛ୍ୱାସ ଭାବେ ଗ୍ରହଣ କରାଯାଇପାରେ ।

'ମହାତୀର୍ଥ ଯାତ୍ରୀ' ଗଳ୍ପ ସଂକଳନର ପ୍ରଥମ ଗଳ୍ପ ହେଉଛି 'ଶିଶୁ ହନୁ ଓ ସୂର୍ଯ୍ୟ । ସମୟର ଉତ୍ସ ସନ୍ଧାନରେ ବାହାରି ଗଳ୍ପନାୟକ ଶେଷରେ ସେହି ଅନନ୍ତ ସମୟର ଏକ ଧାରା ପରି ବହିଯାଇଛି । ଗଳ୍ପନାୟକ ଏମ୍.ଏ. ପରୀକ୍ଷା ଦେଇ ନପାରି ବର୍ଷେ ନିଜ ସମବୟସ୍କଙ୍କଠାରୁ ପଛେଇ ଯାଇଥିବାରୁ ପରିବାର ବର୍ଗ ଓ ଅନ୍ୟମାନଙ୍କଠାରୁ ହଶାତା ବାଣୀ ଶୁଣିଛି । 'ସମୟ ଖରାପ', 'ସମୟ କାହାରିକୁ ଟାକେନି', 'କୋଉ ସମୟରେ କ'ଣ ଘଟିବ', 'ଭାଗ୍ୟରେ ଥିଲେ ଜୀବନରେ ସୁଖର ସମୟ ଆସିବ', 'ଦୁନିଆରେ ସମୟର ନଈ ବହିଯାଏରେ'; ଏହିପରିବାକ୍ୟମାନ ଗଳ୍ପନାୟକ ବିଭିନ୍ନ ଉତ୍ସରୁ ଘଣାକ୍ରମେ ଶୁଣି ଶୁଣି ସମୟର ଉତ୍ସର ସନ୍ଧାନରେ ବାହାରିଛି । 'ସମୟର ନଈ ବହିଯାଏରେ' ବାକ୍ୟଟି ରିକ୍ସାରେ ଲଟେରୀ ବିକାଳିଠାରୁ ଶୁଣିବାପରେ ସେହି ସମୟର ନଦୀର ଉତ୍ସକୁ ଯିବାକୁ ପ୍ରୟାସ କରିଛି । ରିକ୍ସାବାଲାଠାରୁ ନଦୀର ଠିକଣା, ବନ୍ଧୁ ଦେବ ମହାନ୍ତିଠାରୁ କିଛି ପୁରୁଣା ସାଇକଲ ଟ୍ୟୁବ୍, ଚା ଦୋକାନିଠାରୁ ଫୁଙ୍କୁନଳା, ଜଣେ ଅସୁନ୍ଦରୀ ଜାଭେଲିନ୍ ଅଭ୍ୟାସ କରୁଥିବା ନାରୀଠାରୁ ବିବାହର ପ୍ରତିଶ୍ରୁତି ବଦଳରେ ଦୁଇଟି ଜାଭେଲିନ୍, କିଛିଦଉଡି ଓ ପଟା ଦିଖଣ୍ଡ ଯୋଗାଡ଼୍ କରି ଭେଳା ବନେଇ ସମୟର ଉତ୍ସକୁ ରୋକିବାକୁ ପ୍ରୟାସ କରିବା ପାଇଁ ନଦୀର ଉପରମୁଣ୍ଡ ପର୍ଯ୍ୟନ୍ତ ଯାଇଛି । ନଦୀର ଶେଷ ସ୍ଥଳରେ ଏକ କାଦୁଅ ପଚ୍‌ପଚ୍ ସ୍ଥାନରେ ଦେଖିଛି କାଠର ଡାବଲଟିଏ, ତା'ଭିତରୁ ଝର ଝରୁଛି । ଡାବଲ

ଭିତରେ ରୁପାର ପାନଡବା, ତା' ଭିତରେ ଧଳାପଥର ବସା ମୁଦିଟିଏ, ସେହି ମୁଦିକୁ ଛେଚି ଦେଲା ଗଳ୍ପପୁରୁଷ ତା' ମଧ୍ୟରୁ ବାହାରିଲା ସୋରିଷଟିଏ: "କେତେ ପୁରୁଷ ଆଗେ ଠିକ୍ ଜଣାନାହିଁ ଝରଟେ ଝରୁଥିଲା ସେହି ସୋରିଷ ଭିତରୁ ।" ସୋରିଷଟି ତଳେ ପଡ଼ିଲେ କାଳେ ଝରି ହୋଇବହିଯିବ ତେଣୁ ତାକୁ ପାଟିରେ ପକେଇଦେଲା ଗଳ୍ପପୁରୁଷ । ତା'ପରେ ଗଳ୍ପନାୟକର ପେଟଭିତରୁ ସମୟର ଝର ଆଖି, ନାକ, ଝାଳ, ଲାଳ, ପରିସ୍ରା, ମଳ, କପାଳ, କାଖ, ବେକ ହୋଇ ସମୟର ନଈ ଛୁଟି ଚାଲିଲା । ଦେହ ଭିତରୁ ସମୟ ବୋହି ବୋହି ରାସ୍ତା ସବୁ ଓଦା ହୋଇ ଗଲା; ସୃଷ୍ଟି ହେଲା ଅସଂଖ୍ୟ ସରୁ ସରୁ ନାଳ ! ଶେଷରେ ସେ ମ୍ୟୁନିସିପାଲିଟି ଟ୍ୟାଙ୍କର ପରି ସମୟ ଝରହୋଇ ଛୁଟି ଚାଲିଲା । ଗାଳ୍ପିକ ନାରାୟଣ ପଣ୍ଡାଙ୍କର 'ଶିଶୁହନୁ ଓ ସୂର୍ଯ୍ୟ' ଗଳ୍ପର ଅଦ୍‌ଭୁତ ଅଭିବ୍ୟକ୍ତି ଭିତରେ ସର୍‌ରିୟଲିଜିମ୍‌ର ଭାବକୁ ଦେଖାଯାଇପାରେ ପ୍ରଚ୍ଛନ୍ନ ଭାବରେ । ତା' ସହିତ ସାଲଭାଡୋର ଡାଲିଙ୍କ ୧୯୩୧ ମସିହାର ବିଖ୍ୟାତ୍ ପେଟିଂ 'The Persistence Memory' ବା 'ତରଳି ଯାଉଥିବା ଘଣ୍ଟା' (Melting Clocks) ଭାବେ ଲୋକପ୍ରିୟ ଚିତ୍ରଭାଷାକୁ ସ୍ମରଣ କରାଇଦିଏ । ଯେଉଁଠି 'ସମୟ' ତରଳି ଯାଇ ବୋହିଯାଉଥିବାର ପ୍ରତ୍ୟୟ ସହ ନାରାୟଣ ପଣ୍ଡାଙ୍କର ସମୟର ସଂସ୍ରବଣ ଏକ ପ୍ରକାର ଭାବଗତ ସାଦୃଶ୍ୟ ସହ ସମଧର୍ମା ।

'ଶବସ୍ୱପ୍ନ' ଗଳ୍ପରେ ଶବରାଜ୍ୟରେ ସ୍ୱପ୍ନଦେଖିବା ଉପରେ କଟକଣା ଭାବିତ କଲାଭଳି । ଶବରାଜା ସମେତ ସେ ରାଜ୍ୟର ସମସ୍ତେ କଫିନ ନିବାସୀ । ନିଜର ନିରାପତ୍ତା ପାଇଁ ସ୍ୱପ୍ନଦେଖିବା ସେଠାରେ ମନା । ଯିଏ କଫିନ୍‌ରୁ ବାହାରିଯାଇଥିବା ସ୍ୱପ୍ନଦେଖିବ ତା'ପାଇଁ କଡ଼ାକଡ଼ି ଦଣ୍ଡ ବ୍ୟବସ୍ଥା ଥିଲା । ଏକଦା ଶବ ଟିଏ କଫିନ୍‌ରୁ ବାହାରି ଯାଇ ବ*ଥିବାରୁ ସ୍ୱପ୍ନ ଦେଖିଛି ଏବଂ ଅନ୍ୟ ଶବମାନଙ୍କୁ ସେ ପ୍ରସଙ୍ଗ କହିଛି । ଏଭଳି ସ୍ୱପ୍ନପ୍ରସଙ୍ଗ ଶୁଣିବାକୁ ମଧ୍ୟ ସେମାନେ ଡରିଛନ୍ତି । ତଥାପି ନିଜ ଉପରକୁ ସବୁ ଦୋଷ ନେବାର ଦାୟିତ୍ୱ ନେଇ ନିଜ ସ୍ୱପ୍ନକୁ ଅନ୍ୟମାନଙ୍କ ସମ୍ମୁଖରେ ବଖାଣିଛି ଶବଟି । କଫିନ୍‌ଭିତରୁ ବାହାରିବାକୁ ପ୍ରୟାସ କରିଛି । କଫିନ୍‌ରେ ସେ ମୁଣ୍ଡ ପିଟିଛି । ମୁଣ୍ଡଫାଟି ଯେଉଁ ରକ୍ତବାହାରିଛି, ସେହି ରକ୍ତରେ କଫିନ୍‌ର କଣ୍ଟା ଦ୍ରବୀଭୂତ ହୋଇ କଫିନ୍ ଫିଟିଯାଇଛି ଏବଂ ସେ ବାହାରକୁ ବାହାରିପଡ଼ିଛି । ନିଜ ମଥାର ଯେଉଁଠି ରକ୍ତର ଝରଥିଲା ସେଠାରୁ ଉଲ୍ ପରି ସୂତ୍ରଟିଏ ବାହାରିଛି ଏବଂ ସେଥିରେ ଗୋଟେ ଜାଲ ବୁଣି ହୋଇଯାଇଛି; ଯାହାକି ସାରା ପୃଥିବୀକୁ ଆଚ୍ଛାଦିତ କରିଦେଇପାରିବ । ଏହିପରି ଏକ ସ୍ୱପ୍ନର ଜଗତରେ ଶବଟି ବେଶୀ ସମୟ ରହିପାରିନାହିଁ । ସେହି ଜାଲରେ ଝୁଲୁଥିବା ଅବସ୍ଥାକୁ ତଳେ ଥିବା ଶବମାନେ ଖସେଇ ଦେଇଛନ୍ତି ତାର ଜାଲରେ ନିଆଁ ଲଗାଇ । ପୁଣି ତାକୁ କଫିନ୍ ଭିତରେ ପୂରାଇ କଣ୍ଟାପିଟି ଦେଇଛନ୍ତି । ଶବରାଜା ଏହି ସମ୍ବାଦ ପାଇ କ୍ରୋଧାନ୍ୱିତ ହୋଇ ତାକୁ ଏପରି ଭାବରେ କଣ୍ଟାପିଟି ଦେଇଛନ୍ତି ଯେ ସେ ଯେପରି ଆଉ ମୁଣ୍ଡକୋଡ଼ି ନପାରିବ; ନା କ୍ଷତ ଥିବ, ନା ରକ୍ତ ଝରିବ, ନା କଣ୍ଟାଗୁଡ଼ିକ ଦ୍ରବିତ ହେବ । ଲେଖକଙ୍କ ଭାଷାରେ ଶବଠାରୁ ରକ୍ତ ନଝରିବା କଥା ଯଦି ମିଛ; ଶବଭିତରେ କଣ୍ଟାଗୁଡ଼ିକ ପିଟା ହେବା ଫଳରେ କଫିନ୍ ଭିତରେ କିଛି ରକ୍ତ ଜମିଥିବ ନିଶ୍ଚୟ ।" ସର୍‌ରିୟଲିଷ୍ଟ ଚିତ୍ରଶିଳ୍ପୀ ସାଲ୍‌ଭାଡୋର ଡାଲିଙ୍କର ୧୯୪୪ ମସିହାରେ ଚିତ୍ରିତ 'Dream Caused by the fighter of a bee around a pomegrante a second before awakening' ଚିତ୍ରର ନାମକରଣ ସହ ବେଶ୍ ସମଧର୍ମା । ଯଦିଓ ଚିତ୍ରଟିରେ ବ୍ୟକ୍ତ ଭାବ ଓ ଶୀର୍ଷକ ପ୍ରତୀକାତ୍ମକ ! କୁହାଯାଇପାରେ ଡାଲିଙ୍କର ଚିତ୍ରର ଶୀର୍ଷକ ଭିତରେ 'ଶବସ୍ୱପ୍ନ'କୁ ଅନୁସନ୍ଧାନ କରାଯାଇପାରେ ।

'ମହାତୀର୍ଥଯାତ୍ରୀ' ଗଳ୍ପଟି ସଂକଳନର ଏକ ଚମତ୍କାର ପରିକଳ୍ପନା । ଗଳ୍ପପୁରୁଷ ସମେତ ଏକ ତୀର୍ଥଯାତ୍ରୀ ଦଳ ମହାତୀର୍ଥରେ ଯିବା ନିମନ୍ତେ ରେଳଗାଡ଼ିରେ ଯାତ୍ରାରମ୍ଭ କରିଛନ୍ତି । ଯାତ୍ରାପୂର୍ବରୁ ପ୍ରଥମେ ରେଳଷ୍ଟେସନର ସ୍ନାନାଗାରରେ ଗାଧୋଇଛନ୍ତି ସମସ୍ତେ । ସ୍ନାନପରେ ମନେ ହୋଇଛି ସେମାନଙ୍କ ଚମଡ଼ା ସବୁ ଟାଆଁସା ହୋଇଯାଇଛି । ରେଳଯାତ୍ରାରେ ଅନଭ୍ୟସ୍ତ ଯାତ୍ରୀମାନଙ୍କ ନିରାପତ୍ତା ପାଇଁ ଏପରି ସ୍ନାନର ବ୍ୟବସ୍ଥା ହୋଇଥିବା କଥା ରେଳ

ପରିଚାଳକ ବୁଝାଇ ଦେଇଛନ୍ତି । ପୁନଶ୍ଚ ପରବର୍ତ୍ତୀ ଷ୍ଟେସନରେ ଅନ୍ୟ ଏକ ବିଦ୍ୟୁତ୍ ଚାଳିତ ରେଳରେ ବସିଛନ୍ତି ସମସ୍ତେ ଏବଂ ପୂର୍ବପରି ଆଉଥରେ ସେଠାରେ ସ୍ନାନ କରିଛନ୍ତି ଅନିଚ୍ଛା ସତ୍ତ୍ୱେ । ଏଥର ସ୍ନାନ ସାରି ରେଳରେ ବସିବା ପରେ ସେମାନଙ୍କ ଦେହରେ ବ୍ୟାଣ୍ଡେଜ୍ ଗୁଡ଼େଇଲା ଭଳି ସମସ୍ତେ ଅନୁଭବ କରିଛନ୍ତି । କିନ୍ତୁ ମାହାର୍ଘର ମୋହରେ ସମସ୍ତେ ନୀରବ ରହିଛନ୍ତି । ପୁନଶ୍ଚ ଅନେକ ଦିନ ରାତ୍ରୀଯାତ୍ରା କଲାପରେ ସମସ୍ତେ ଏକ ଅଜ୍ଞାତ ଷ୍ଟେସନ୍‌ରେ ପହଂଛନ୍ତି । କ୍ରମଶଃ ପ୍ଲାଷ୍ଟର ଅଫ୍ ପ୍ୟାରିସ ବୋଳଦ୍ୱାରା ଆବୃତ୍ତ ହୋଇଥିବାରୁ ନିଜେ ଚାଲି ନପାରି କୁଲିମାନଙ୍କଦ୍ୱାରା ବୁହାହୋଇ ସେହି ଷ୍ଟେସନ୍‌ର ଏକ ସ୍ଥାନରେ ଆଲକତରା ପରି ଏକ ଅଠାଳିଆ ପଦାର୍ଥର ଲେପ ଦିଆଯାଇଛି ସେମାନଙ୍କୁ । କୁଲି ସାହାଯ୍ୟରେ ଆଣବିକଶକ୍ତି-ଚାଳିତ ରେଳରେ ସେମାନଙ୍କୁ ବସାଇ ଦିଆଯାଇଛି । ସେହି ଲେପଦେଇ ରେଳରେ ବସିବାମାତ୍ରେ ତାହା ଲୁହାର ସାଞ୍ଜୁର ପରିଣତ ହୋଇଯାଇଛି । ଆଣବିକ ବିକିରଣରୁ ରକ୍ଷାପାଇବାକୁ ଏପରି ସାଞ୍ଜୁ ଦିଆଯାଇଥିବା ପରିଚାଳକ ସେମାନଙ୍କୁ ବୁଝାଇଛନ୍ତି । ଶେଷରେ ତୀର୍ଥସ୍ଥଳ ପାଖେଇ ଆସୁଥିବାରୁ ସମସ୍ତେ ନୀରବ ରହିଛନ୍ତି । କିନ୍ତୁ ହଠାତ୍ ରାସ୍ତାରେ ରେଳ ଅଟକିଯାଇଛି କାରଣ ଆଗକୁ ଆଉ ରେଳଧାରଣା ନାହିଁ । ତୀର୍ଥଯାତ୍ରୀଙ୍କ ଶରୀର ଲୌହମୟ ହୋଇ ଯାଇଥିବାରୁ ସେମାନଙ୍କୁ ରେଳଧାରଣା ଭାବେ ସଜେଇ ଦିଆଯାଇଛି । ତାଙ୍କରି ଉପରେ ରେଳଗାଡ଼ି ମାଡ଼ିଯାଇଛି । ରେଳରେ କେବଳ ପରିଚାଳକ ଏବଂ ତାଙ୍କ ସ୍ୱଜନ୍ୟବର୍ଗ ଚାହିଁ ବସିଛନ୍ତି । ଜୀବନରୁ ଜୀବନାନ୍ତର ସବୁକିଛି ହେଉଛି ନିଜ ଶରୀର ଓ ଆତ୍ମାକୁ ନେଇ । ମହାତୀର୍ଥ ନିମନ୍ତେ ଯାତ୍ରା ବି ତାର ରୂପାନ୍ତରଣ । ଗାଳ୍ପିକ ନାରାୟଣ ପଣ୍ଡାଙ୍କର ଗଳ୍ପ ଭିତରେ ଅତିବାସ୍ତବବାଦୀ ଭାବନାକୁ ଭିନ୍ନ ଏକ ପ୍ରେକ୍ଷାରେ ଲକ୍ଷ୍ୟ କରାଯାଇପାରିବ; ମୋର ମନେ ହୁଏ ଅନେକ ସମୟରେ ସ୍ପେନୀୟ ଚିତ୍ରକର ଡାଲିଙ୍କର ଚିତ୍ରର ଦର୍ଶନ ଦେଇ; ତାହା ସିଧାସଳଖ ରୂପ ନ ପାଇ ଅଦ୍‌ଭୁତ ଟ୍ୱିଷ୍ଟ ସହିତ କଥାରେ ହୋଇଛି ରୂପାନ୍ତରିତ । ଅନେକ ସରରିୟଲିଷ୍ଟ ସିମ୍ବଲକୁ ବି ଗଳ୍ପଭିତରେ ଲକ୍ଷ୍ୟ କରିହେବ । ଠିକ୍ ଯେମିତି 'ମହାତୀର୍ଥ ଯାତ୍ରୀ' ଗଳ୍ପରେ ଡାଲିଙ୍କର ୧୯୩୧ରେ ଚିତ୍ରିତ 'Premature ossification of a Railway station' ଚିତ୍ରକୁ ସ୍ମରଣ କରିପାରିବା । ପୂର୍ଣ୍ଣାଙ୍ଗ ଅବୟବ ନେବା ପୂର୍ବରୁ ରେଳଷ୍ଟେସନର ବିନ୍ୟସ୍ତ ଚିତ୍ର ଭିତରେ ଯେଉଁ ପ୍ରସ୍ତ ପ୍ରସ୍ତ ଆବରଣର ଦର୍ଶନ ଜଡ଼ିତ ରହିଛି; ସେହି କଥାଟି 'ମହାତୀର୍ଥ ଯାତ୍ରୀ' ଗଳ୍ପରେ ଏକ ଶୀର୍ଷ ଉତ୍ତରଣର ଜୀବନ ପୂର୍ବରୁ ନିଜକୁ ପସ୍ତ ପ୍ରସ୍ତ ରୂପାନ୍ତରିତ କରି ନିଜ ଭିତରେ ରୂପାନ୍ତରଣ ହୋଇଯିବାର ମେଟାମରଫସିସ୍ ପ୍ରସଙ୍ଗଟି ବେଶ୍ ସମଧର୍ମା ।

'ହାତୀଯାତ୍ରା' ଗଳ୍ପରେ କଥାପୁରୁଷ ରେଳରେ ଯାତ୍ରା କରୁଥିବା ସମୟରେ ରଥଯାତ୍ରା, ଧନୁଯାତ୍ରା ପରି ଜଣେ ଯାତ୍ରୀଙ୍କଠାରୁ ହାତୀଯାତ୍ରା ସମ୍ପର୍କରେ ଜାଣିବାକୁ ପାଇଛନ୍ତି । ଏହି ଯାତ୍ରାରେ ହାତୀ ସୁନାକଳସ ଢାଳିଲେ ଜଣେ ରାଜା ହୁଏ । ଗଳ୍ପରେ ରାଜକୀୟ ହାତୀ ଜଙ୍ଗଲରେ ଆହତ ଅବସ୍ଥାରେ ପଡ଼ିଥିବା ଏକ ମାହୁନ୍ତ ଉପରେ ସୁନାକଳସ ଢାଳିଛି । ତେଣୁ ସର୍କସରୁ ଆସିଥିବା ମାହୁନ୍ତ ଜଣେ ରାଜା ହୋଇଛନ୍ତି । ମାହୁନ୍ତ ରାଜା ହେବା ପରେ ଦେଶର ମୁଖ୍ୟ ସଚିବ ଏବଂ ମାହୁନ୍ତ ରାଜାର ପୂର୍ବତନ ବନ୍ଧୁ ଜଣେ ସର୍କସର ମନ୍ତ୍ରୀ ତାଙ୍କୁ ଭେଟିଛନ୍ତି । ରାଜ୍ୟ ଶାସନ ସମ୍ପର୍କରେ ପରାମର୍ଶ ଦେଇଛନ୍ତି । ରାଜାଶାସନ ସଚିବଙ୍କୁ ଅଣଦେଖା କରି ଅସାଧୁ ମିସ୍ତ୍ରୀ ବନ୍ଧୁ କଥାରେ ପରିଚାଳିତ ହୋଇଛନ୍ତି । ଶେଷରେ ପୁନଶ୍ଚ ଯୋଡ଼ା ଶ୍ରାବଣ ସମୟରେ ଅସାଧୁ ଉପାୟରେ ରାଜା ହେବାକୁ ପ୍ରୟାସ କରି ଅସଫଳ ହୋଇଛନ୍ତି । ପୁଣି ମାହୁନ୍ତ ରାଜାଙ୍କ ସେନାପତି ହୋଇଛନ୍ତି ରାଜା, ସୁନାକଳସ ହାତୀଦ୍ୱାରା ଢଳାହୋଇ । ସେନାପତି ରାଜା; କିନ୍ତୁ ପୂର୍ବ ରାଜା ପରି ରାଜକୀୟ ହାତୀକୁ ଅଣଦେଖା ନକରି ତା'ର ରକ୍ଷଣାବେକ୍ଷଣ କରିଛନ୍ତି । ତାର ଅସୁସ୍ଥତାକୁ ସୁସ୍ଥ କରିବାର ସମସ୍ତ ପ୍ରୟାସ କରିଛନ୍ତି । ପୁନଶ୍ଚ ଯୋଡ଼ା ଆଷାଢ଼ ଆସିଲା ମାତ୍ର ସେ ସମୟରେ ହାତୀ ସୁସ୍ଥ ନଥିବାରୁ ପୂର୍ବ ରାଜା ଯେଉଁ ଚକ୍ରାନ୍ତ କରିଥିଲେ; ତାହାର ପୁନରାବୃତ୍ତି କରି ଏକ କାଗଜ ହାତୀଦ୍ୱାରା ରାଜା ସନ୍ଧାନ କରିବାର ପ୍ରଥାକୁ ପାଳନ

କରିଛନ୍ତି । କୁହାଯାଏ ଯେ, ଗୁରୁତର ଭାବେ ଆହତହୋଇ ହାତୀଶାଳରେ ଚିକିତ୍ସାଧୀନ ଥିବା ହାତୀଟି ରାଜାଙ୍କ ପ୍ରତି ଆଜୀବନ କୃତଜ୍ଞତା ପୋଷଣ କରୁଥିବାରୁ ତା'ର ଇଚ୍ଛାଶକ୍ତିଦ୍ୱାରା କଳସଟି ଆପେ ଆପେ ଅଣେଇ ହୋଇଯାଇଛି । ଓଡ଼ିସିଅସ୍‌ଙ୍କ ଫନ୍ଦିର ଯେଉଁ କାଠଘୋଡ଼ା ମିଥ୍‌କୁ ଗାଳ୍ପିକ ସ୍ମରଣ କରିଛନ୍ତି ତାସହିତ ଗଳ୍ପରେ ପ୍ରତୀକାତ୍ମକ ଭାବେ ଏକ ରାଜନୀତିକ ବାତାବରଣକୁ 'ହାତୀଯାତ୍ରା' ଗଳ୍ପରେ ଅନୁଭବି ହେବ ।

'ଜଳଯୋଗାଣ' ଗଳ୍ପରେ ସାମ୍ପ୍ରତିକ ସମୟର ଏକ ବାସ୍ତବ ସମସ୍ୟାକୁ ଗାଳ୍ପିକ ଯଥାର୍ଥରେ ଉପସ୍ଥାପନ କରିଛନ୍ତି । କୌଣସି ଏକ ନଗରୀର ବୃଦ୍ଧ ନାଗରିକ ଦୂଷିତ ଜଳପାନ କରି ଅସୁସ୍ଥ ହୋଇପଡ଼ିଛନ୍ତି । ନାଗରିକମାନଙ୍କୁ ସ୍ୱଚ୍ଛ ଜଳଯୋଗାଣ ପାଇଁ ପୌର ସଂସ୍ଥା ଦୁଇ ଜଣ ବ୍ୟକ୍ତି ଯଥା- ଜଣେ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନରେ ଧୂରୀଣ ଏବଂ ଜଳ ସମ୍ପର୍କରେ ବିଶେଷଜ୍ଞ ଏବଂ ଅନ୍ୟଜଣେ ଜଳଯୋଗାଣ ବ୍ୟବସ୍ଥା ସମ୍ପର୍କରେ ପାରିବାର ବ୍ୟକ୍ତିଙ୍କୁ ନିୟୋଜିତ କରିଛନ୍ତି । ଏହି ଦୁଇଜଣ ବ୍ୟକ୍ତି ଏକ ନଦୀକୂଳରେ ପହ୍‌ ସେଥିରୁ କିଛି ଜଳ ସଂଗ୍ରହ କରି ପରୀକ୍ଷା କରି ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିଲେ ଯେ ଜଳ ଅଶୁଦ୍ଧ ଅଟେ । ନଦୀସ୍ରୋତର ଅନୁକୂଳରେ ଦଶ କିଲୋମିଟର ଯାଏଁ ପରୀକ୍ଷା କରି କିଛି ଶୁଦ୍ଧ ଜଳସଂଗ୍ରହ କରିବା ପରେ ସେଠାରେ ପମ୍ପହାଉସ୍ ବସାଇବା ପାଇଁ ପୌର ସଂସ୍ଥାକୁ ପ୍ରସ୍ତାବ ଦେଇଛନ୍ତି ଏବଂ ପୌର ସଂସ୍ଥା ମଧ୍ୟ ପ୍ରସ୍ତାବରେ ରାଜି ହୋଇ ସେଠାରେ ସମସ୍ତ ପ୍ରସ୍ତୁତି କରିଛନ୍ତି । ଏହି ପ୍ରସ୍ତାବରେ କିନ୍ତୁ ପ୍ରଥମ ବ୍ୟକ୍ତି ବା ଦଳ ବିଶେଷଜ୍ଞ ଏକମତ ହୋଇପାରି ନାହାନ୍ତି । ଆହୁରି ଶକ୍ତିଶାଳୀ ଅଣୁବୀକ୍ଷଣ ଯନ୍ତ୍ର ନିର୍ମାଣ କରି ଅନୁସନ୍ଧାନ ଜାରି ରଖିଛନ୍ତି । ଯେଉଁ ଦିନ ପମ୍ପହାଉସ୍‌ର ଶୁଭାରମ୍ଭ ହେବ ସେହିଦିନ ସମବେତ ଜନତାଙ୍କ ମଧ୍ୟରୁ ଚିତ୍କାର କରି ଉକ୍ତ ସ୍ଥାନର ମଧ୍ୟ ଜଳ ଅଶୁଦ୍ଧ ବୋଲି ଘୋଷଣା କରିଛନ୍ତି । ନଗରପାଳ ମଧ୍ୟ ଜଳର ଅଶୁଦ୍ଧତାକୁ ଯନ୍ତ୍ର ମାଧ୍ୟମରେ ଲକ୍ଷ୍ୟ କଲାପରେ ସେହି ଯୋଜନାକୁ ସ୍ଥଗିତ ରଖିଛନ୍ତି । ଦ୍ୱିତୀୟ ବ୍ୟକ୍ତି ଯେତେ ପ୍ରୟାସ କଲେ ମଧ୍ୟ ପମ୍ପହାଉସ୍ ପ୍ରତିଷ୍ଠା ସଫଳ ହୋଇପାରିନାହାନ୍ତି । ନିର୍ମାଣ କାର୍ଯ୍ୟ ବାତିଲ ହେବାପରେ ସମସ୍ତେ ଫେରିଯାଇଛନ୍ତି; କିଛି ଲୋକ ଅଶାନ୍ତିରେ ଏବଂ କିଛିଲୋକ ପ୍ରତାରିତ ହେବାରୁ ରକ୍ଷା ପାଇଥିବାର ଆତ୍ମସନ୍ତୋଷରେ ।

'ଦିଗ୍‌ବଳୟର ପ୍ରେମିକ' ଗଳ୍ପରେ କଥା-ପୁରୁଷ ଦିଗ୍‌ବଳୟର ସନ୍ଧାନ ପାଇଁ ହୋଇଛି ଆକୁଳ । କିଛି ମୁଷ୍ଟିମେୟ ଲୋକ କାର୍ତ୍ତିକକୁ ଏକ ଘ* ଜଙ୍ଗଲ ଘେରା ଅ*ଳରେ ବଳପୂର୍ବକ ଆଣି ରଖିଛନ୍ତି । ସେ ସେଠାରୁ ଥାଇ ଦିଗ୍‌ବଳୟକୁ ଦେଖିପାରୁ ନଥିବାରୁ ବ୍ୟତିବ୍ୟସ୍ତ ହୋଇ ଜଙ୍ଗଲ କାଟି ସଫା କରିଦେବାକୁ ପ୍ରୟାସ କରିଛି; କାରଣ ତା'ପାଇଁ ଡୋଙ୍ଗା ବାଉଁଶ ବଣ ଦେଇ ଦିଗ୍‌ବଳୟ ଦେଖିବା ଅସମ୍ଭବ ହୋଇଛି । ମନ୍ଦିର ନିର୍ମାଣ ପାଇଁ ଜଙ୍ଗଲ ସଫା କରୁଥିବା ଲୋକଙ୍କଠାରୁ ଜାଣିବାକୁ ପାଇ ନିଜେ ମଧ୍ୟ ଗଛ କାଟିବାରେ ସେମାନଙ୍କୁ ସହଯୋଗ କରିଛି । କିନ୍ତୁ ସେଥିରେ ତା'ର ଉଦ୍ଦେଶ୍ୟ ସଫଳ ହୋଇନାହିଁ; କାରଣ ମନ୍ଦିରଟି ବାଉଁଶ ବୁଦାର ଉଚ୍ଚତାକୁ ଟପି ପାରିନାହିଁ । ପୁନଶ୍ଚ ଏକ ବିରାଟ ପୁସ୍ତକାଗାର ନିର୍ମାଣ ହେବା ଶୁଣି ଆଶାବାଦୀ ହୋଇଉଠିଲା ଏବଂ କ୍ଲକ୍ ଟାୱାର ଉପରେ ଦିଗ୍‌ବଳୟ ଦେଖିବାର ଆଶା ବାନ୍ଧିଲା; କିନ୍ତୁ ଏଥର ମଧ୍ୟ ନିରାଶ ହେଲା; କାରଣ କ୍ଲକ୍ ମାତ୍ର ଦେଢ ମିଟର ଉଚ୍ଚତା ବିଶିଷ୍ଟ ଥିଲା । ପୁନଶ୍ଚ ଯେତେବେଳେ ରାଜାଙ୍କର ଅରଣ୍ୟ ନିବାସ ନିର୍ମାଣର ଯୋଜନା ହୋଇଛି ସେତେବେଳେ ନିର୍ମାଣ ହେବାକୁ ଥିବା ମୀନାର ଉପର ଦେଇ ସେ ଅବଶ୍ୟ ଦିଗ୍‌ବଳୟ ଦେଖିପାରିବ ବୋଲି ଭାବିଛି । ରାଜାଙ୍କ ପ୍ରତି କାର୍ତ୍ତିକ ମଧ୍ୟ ଆନୁଗତ୍ୟ ପ୍ରକାଶ କରିଛି; କିନ୍ତୁ ପୁନଶ୍ଚ ସେ ପ୍ରତାରଣାର ଶିକାର ହୋଇଛି; କାରଣ ମୀନାର ଉଚ୍ଚତା ଥିଲା ଯଥେଷ୍ଟ କମ୍ । ଶେଷରେ ତାକୁ ଅପହରଣ କରି ଆଣିଥିବା ମୁଷ୍ଟିମେୟ ଲୋକଙ୍କୁ ମନାଇ ଦିଗ୍‌ବଳୟ ଦର୍ଶନ କରିବ ଭାବି ମଧ୍ୟ ନିରାଶ ହୋଇଛି । କାରଣ ଏଥର ସେମାନେ ତାକୁ ପ୍ରତାରଣା ନକରି ସତ କଥା କହିଥିଲେ ଯେ ସେ ରହୁଥିବା ଘରର ଛାତକୁ ଯିବା ପାଇଁ କୌଣସି ଶିଡ଼ିଘର ନାହିଁ । କାର୍ତ୍ତିକ ପରିଶେଷରେ ବୁଝିଗଲା ଯେ ଏ ପ୍ରଚେଷ୍ଟା ସବୁ ଅର୍ଥହୀନ; କାରଣ ତା' ପରି ଅନ୍ୟ ସମସ୍ତଙ୍କ

ପାଇଁ ବି ଦିଗ୍‌ବଳୟ ଏକ ପ୍ରାପ୍ତି ନୁହେଁ, ଏକ ଉଦ୍‌ଭ୍ରାନ୍ତ ଅନ୍ତହୀନ ଅନ୍ୱେଷଣ । ଯାହାର ପରିସମାପ୍ତି ନାହିଁ କିମ୍ବା ପ୍ରାପ୍ତି ମଧ୍ୟ ନାହିଁ ।

'ଷ୍ଟାଡିୟମ' ଗଳ୍ପରେ ଗଳ୍ପ-ନାୟକର ମାନସିକ ଅନ୍ତର୍ଦ୍ୱନ୍ଦ ଏବଂ ଶୂନ୍ୟତାବୋଧକୁ ହିଁ ଲକ୍ଷ୍ୟ କରିହେବ । ଦୂରବର୍ତ୍ତୀ ସହରର ଏକ ଘରୋଇ କଲେଜର ଅଧ୍ୟାପକ ସଙ୍କୀର୍ତ୍ତନ ଯାଇଛି ଷ୍ଟାଡିୟମକୁ, ଯହିଁରେ ଏକ କାର୍ଯ୍ୟକ୍ରମ ହେବା ନିମନ୍ତେ ଲୋକ ଭର୍ତ୍ତି ଅଛନ୍ତି । ଚାରିଦିଗରେ ଲୋକମାନେ ବସିଛନ୍ତି, ପାର୍ଶ୍ୱମାନଙ୍କରେ ଧାରବିବରଣୀ ପ୍ରଚାରକ, ଖେଳାଳିମାନଙ୍କ ବସିବା ପାଇଁ ତଥା ଅତିବିଶିଷ୍ଟ ବ୍ୟକ୍ତି ଏବଂ ନିଜ ପରିବାର ବର୍ଗଙ୍କ ପାଇଁ ସ୍ୱତନ୍ତ୍ର କ୍ଲବ ହାଉସମାନ ଅଛି । ସଂକୀର୍ତ୍ତନ ପାଭେଲିୟନ ବାଲକୋନିରେ ପଡ଼ିଆ ଆଡକୁ ଚାହିଁ କ୍ଲବ୍ ହାଉସରେ ବସିଥିବା ସମ୍ରାଟଙ୍କୁ ଦେଖି ମନେ ମନେ ବିରକ୍ତି ପ୍ରକାଶ କରିଛି କାରଣ ତା'ର ପଡୋଶୀ ବୀଣା ଶିଳ୍ପୀଙ୍କଠାରୁ ତନ୍ମୟ ଭାବେ ବୀଣା ବାଦନ ଶୁଣିବା ବେଳେ ରାଜାଙ୍କ କୃତିତ୍ୱର ଗତାନୁଗତିକ ପ୍ରଚାର ସେଥିରେ ବାଧା ସୃଷ୍ଟି କରୁଥିଲା । ପିତାମାତାଙ୍କ ଆଡକୁ ଚାହିଁ ସେମାନଙ୍କର ମହନୀୟତାକୁ ଅନୁଭବ କରି ସେମାନଙ୍କ ସମ୍ମୁଖରେ ନିଜକୁ ଅତି କ୍ଷୁଦ୍ର ମନେ କରିଛି । ଅନ୍ୟ ଦିଗରେ ଷ୍ଟାଡିୟମରେ ତା'ର ପ୍ରେମିକା ବସିଛି । ଚାହାଣୀର ବିନିମୟରେ ଗଢିଉଠିଥିବା ପ୍ରେମ ଏବେ ତା'ର ସ୍ୱାଭାବିକ ପରିଣତି ସେ ଚାହେଁ, କିନ୍ତୁ ପିତା-ମାତା ଏବଂ ଭାଇ-ଭଉଣୀଙ୍କ ପ୍ରତି କେଉଁ ଏକ କର୍ତ୍ତବ୍ୟବୋଧରୁ ସେ ତାହାକୁ ନିଜ ଭିତରେ ଚାପିରଖିଛି । ଶେଷରେ କିଏ ବିଜୟୀ ଆଉ ବିଜିତ ହେବ ତାର ନିଷ୍ପତ୍ତି ସଂକୀର୍ତ୍ତନଠାରୁ ଶୁଣିବାକୁ ଅପେକ୍ଷା କରିଥିବା ଦୁଇଜଣ ଖେଳାଳୀଙ୍କୁ ଧରି ପଡ଼ିଆକୁ ଓହ୍ଲାଇଛି ସଂକୀର୍ତ୍ତନ । ଶେଷ ପର୍ଯ୍ୟନ୍ତ ବିଜୟୀ ଏବଂ ବିଜିତ କିଏ ହେବେ ସେ ନିର୍ଦ୍ଧାରଣ କରିନପାରି ସେଦିନ ଖେଳର ବିଫଳତାକୁ ଭୋଗ କରିଛି ଏବଂ ଦର୍ଶକଙ୍କ ରୋଷର ଶିକାର ହୋଇଛି । 'ଷ୍ଟାଡ଼ିୟମ' ଗଳ୍ପରେ ପରିବେଶଗତ ପ୍ରାକ୍ ଅଜ୍ଞାନତା ଏବଂ ପରିବେଶଗତ ସଂଶୟ ଗଳ୍ପ ସମଗ୍ରରେ ମାନସିକ ଅଭାବିତ ପ୍ରତ୍ୟୟକୁ ସୂଚିତ କରିଥାଏ ।

'ବାଞ୍ଛିତ ପ୍ରଭାତ' ଗଳ୍ପଟି ଗଳ୍ପନାୟକର ମାନସିକ ଅନ୍ତଦ୍ୱନ୍ଦ୍ୱ ଏବଂ ଦୁର୍ବଳ ମାନସିକତାରୁ ମୁକ୍ତିର କାମନାକୁ ପ୍ରକଟିତ କରେ । ଦିନେ ସମ୍ରାଟଙ୍କର ଭାଟ ବିଦ୍ୟାଧର ସମ୍ରାଟଙ୍କର ବିରୁଦ୍ଧରେ ପ୍ରଭୁତ୍ୱହୀନ ବ୍ୟବସ୍ଥା ପ୍ରତିଷ୍ଠା ଲାଗି ଏକ ଶୋଭାଯାତ୍ରାରେ କିଛି ବାଟ ଅଗ୍ରସର ହୋଇଛି । ଗଳ୍ପରେ ଏକ ରାଜାଜ୍ଞା ପ୍ରକାଶ ପାଇଛି: ଯେ ରାଜଦ୍ରୋହୀ ସେ ରାଜକର୍ମଚାରୀ ହେବାକୁ ଅଯୋଗ୍ୟ । ବିଦ୍ୟାଧର ରାଜାଙ୍କ ଘୋଷଣାପତ୍ର ପାଇ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଛି; ଯେହେତୁ ସେ ରାଜକର୍ମଚାରୀର ତାର ଶୋଭାଯାତ୍ରାରେ ଯୋଗଦାନର କଥାରେ ସେ ହୋଇପାରେ ଦଣ୍ଡିତ । ତେଣୁ ଶୋଭାଯାତ୍ରାର ଫଟୋ ସବୁକୁ ସେ ଦେଖି ସେଥିରୁ ସେ ନିଜର ଫଟୋକୁ ହଟାଇବାକୁ ଚେଷ୍ଟା କରିଛି । କିନ୍ତୁ ପାରି ନାହିଁ । ସମ୍ରାଟଙ୍କ ଆଗରେ ନିଜର ଦୋଷକୁ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିବାକୁ ମଧ୍ୟ ଭାବିଛି; କିନ୍ତୁ ପାରିନାହିଁ । ଅନାଗତ ଅନିଶ୍ଚିତ ଭବିଷ୍ୟତ କଥା ଭାବି ବିଦ୍ୟାଧର ଭୟଭୀତ ହୋଇପଡ଼ିଛି । ବିଦ୍ୟାଧର ଭାବିଛି ସେ ଯଦି ତାକୁ ଘେରି ରହିଥିବା ଏଇ ଦୁର୍ଭେଦ୍ୟ ଅନ୍ଧାରକୁ ନିଃଶେଷ କରିଦେବା ପରି ଏକ ପରିବ୍ୟାପ୍ତ ଶୂନ୍ୟତାରେ ପରିଣତ ହୋଇଯାଆନ୍ତା; ଏଭଳି ଏକ ଦିଗବିଦିଗ ଘେରି ରହିଥିବା ଶୂନ୍ୟତାରେ ସେ ରୂପାନ୍ତରିତ ହୁଅନ୍ତା; ଯାହା ଭିତରେ ସମୁଦ୍ର ମଝିରେ ଦୁଆଡେ କାଳି ଇଡ଼ି ହୋଇ ସତ୍ତା ହଜେଇବା ପରି ତାର ସମଗ୍ର ଉତ୍ପୀଡନର ହେତୁ ସେହି ଅନ୍ଧକାର ସବୁ ଗୋଳି ହୋଇଯାଇ ଲୋପ ପାଆନ୍ତା । ଏଭଳି ଏକ ସମ୍ଭାବନା ସମାଧାନର ଶେଷସୂତ୍ର ଭାବେ ବିଦ୍ୟାଧରକୁ ପୁଲକିତ କରିଛି । ବର୍ତ୍ତମାନର ଏତେ ତାଡନା ସତ୍ତ୍ୱେ ବି ତା'ର ମନେ ହୋଇଛି ମୁକ୍ତି ତାହାହେଲେ ନିହାତି ଅଲଭ୍ୟ ନୁହେଁ । ଗୋଟିଏ ମଶାଣିରେ ଗୋଟିଏ ଚିତା ମଣ୍ଡପରେ ନିଜର ଏବଂ ସମ୍ରାଟଙ୍କର ଶବପୋଡୁଥିବାର ଦୃଶ୍ୟ ସହ ଶେଷକୃତ୍ୟର ନୀରବ, ନିଷ୍କାମ, ନିରୁଦ୍‌ବିଗ୍ନ ଓ ନିର୍ଲିପ୍ତ ଭାବ ଭିତରେ କୌଣସି ଅଭେଦ୍ୟ ନଦେଖିବାର ପ୍ରତ୍ୟାଶା ଭିତରେ ସବୁକିଛି ବିଦ୍ୟାଧରକୁ ମନେ ହୋଇଛି ଅର୍ଥହୀନ !

'ଆତ୍ମସମର୍ପଣର କେତେକ ସର୍ତ୍ତ' ଗଳ୍ପରେ ଗଳ୍ପନାୟକ ଦିବାକରର ଏକ ଉଦ୍ଭଟ ପରିକଳ୍ପନା । ଦିବାକର ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିଛି ଏବଂ ଘାସ, ପଥର ଓ ମଣିଷ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖିପାରି ନାହିଁ । ଈଶ୍ୱରଙ୍କୁ ଅସ୍ୱୀକାର କରିବା ସହ ନିନ୍ଦା କରିଛି ସମ୍ରାଟଙ୍କୁ । କାରଣ ସମ୍ରାଟ କହିଛନ୍ତି- ମଣିଷର ଦୁଃଖ ଦୁର୍ଦ୍ଦଶା ଦୂର କରିବାକୁ ଐଶୀଶକ୍ତିର ପ୍ରତୀକ୍ଷା ଅପେକ୍ଷା ବରଂ ଭଲ ମଣିଷ ନିଜେ ନିଜର ସେ ଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେବା ଉଚିତ । ସମ୍ରାଟ ଗୁପ୍ତଚରଙ୍କଠାରୁ ଦିବାକରର ଅସହାୟ ମନକଥା ବୁଝିପାରିଛନ୍ତି । ଈଶ୍ୱରଙ୍କ ଉପରୁ ଆସ୍ଥା ହରାଇ ସେ ତାଙ୍କ ଦ୍ୱାରସ୍ଥ ହୋଇଛି ବୋଲି ଜାଣି ପାରିଛନ୍ତି । ଇତିହାସ ପ୍ରତି ମଧ୍ୟ ତା'ର ମୋହ ନାହିଁ । ଈଶ୍ୱର ଏବଂ ସମ୍ରାଟଙ୍କ ସହ ନିଃସଙ୍ଗ ଲଢେଇ ପରେ ଜଣେ ନାରୀର ପ୍ରେମରେ ସେ ପଡ଼ିଛି । ଈଶ୍ୱର ଓ ଇତିହାସଠାରୁ ଯାହା ପାଇଲା ନାହିଁ ତାହା ସେ ସ୍ୱାସ୍ଥ୍ୟବତୀ, ଗୃହକର୍ମକୁଶଳୀ ପ୍ରେମିକାର ସାନ୍ନିଧ୍ୟରେ ପାଇଯିବ ବୋଲି ଆଶା କରିଛି; କିନ୍ତୁ ସେଥିରେ ମଧ୍ୟ ସେ ନିରାଶ ହୋଇଛି । ଯେଉଁ ପ୍ରେମକାର ସାନ୍ନିଧ୍ୟରେ ସବୁକିଛି ସେ ଲୀନ ହୋଇଯିବ ଭାବିଥିଲା; ଶେଷରେ ତାହା ସତ ନୁହେଁ ବୋଲି ଜାଣିଛି, କାରଣ ସେ ଅନୁଭବ କରିଛି ଅନ୍ୟ ଅନେକ ସୁନ୍ଦରୀ ସମେତ ତା'ର ଜଣେ ବିବାହିତା ସମ୍ପର୍କୀୟା ମଧ୍ୟ ତା' ମନରେ ପାଶବିକ ଲାଳସା ସୃଷ୍ଟି କରିପାରୁଛନ୍ତି । ଶେଷରେ ଦିବାକର ଅନୁଭବ କରିଛି ଯେ ସେ ନିଜେ ହିଁ ନିଜର ଶତ୍ରୁ; ଶେଷରେ ଦିବାକର ସ୍ୱୀକାର କରିଛି ଯେ "କାଳ୍ପନିକ ଧାରଣା ବୋଲି ତା' ଦ୍ୱାରା ବାରମ୍ବାର ଉଦ୍‌ଘୋଷିତ ଈଶ୍ୱର ତା'ର ପ୍ରତିକ୍ରିୟାଶୀଳ ଚେତନାକୁ ତା'ଠାରୁ ଫେରେଇ ନିଅନ୍ତୁ ।" 'ଆତ୍ମସମର୍ପଣ କେତେକ ସର୍ତ୍ତ'ର ଦିବାକର ଯେତିକି ଅସ୍ତିତ୍ୱ ସଚେତନ ସେତିକି ଅସ୍ତିତ୍ୱବାଦୀ; ପୁଣି ନୁହେଁ ମଧ୍ୟ !

ପୂର୍ବୋକ୍ତ ଗଳ୍ପ ଭଳି 'ପରାଜିତ ପ୍ରେମିକା' ଗଳ୍ପରେ ଗଳ୍ପନାୟକ ଦିବାକର 'ଈଶ୍ୱର' ଏବଂ 'ଇତିହାସ'କୁ ଅସ୍ୱୀକାର ସହିତ ନିଜେ ନିଜର ସ୍ଥିତିକୁ ସୁଧାରିବାକୁ ଚେଷ୍ଟା କରିଛି । କିନ୍ତୁ ଈଶ୍ୱରଙ୍କ କର୍ତ୍ତୃତ୍ୱରୁ ମୁକୁଳି ନପାରି ତାଙ୍କୁ ସ୍ୱୀକାର କରିନପାରି ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ରହିଛି । ତଥାପି ତା'ର ଦୁଇ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ (ଈଶ୍ୱର ଏବଂ ଇତିହାସ) ମାନଙ୍କ ପାଖରେ ସମର୍ପଣ କରିପାରି ନାହିଁ ନିଜକୁ । ଦିବାକର ନିଜେ ମଧ୍ୟ ନିଜକୁ ସକ୍ଷମ ବୋଲି ଭାବିପାରି ନାହିଁ । ସବୁବେଳେ ନିଜ ସହିତ ନିଜେ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛି । ନିଜର ଅଯୋଗ୍ୟତାକୁ ଲୁଚାଇବାକୁ ନିଜ ପ୍ରେମିକାକୁ ନିଜର ସଚ୍ଚୋଟତାର ପ୍ରମାଣ ଦେବାକୁ ଚାହିଁଛି; କିନ୍ତୁ ତାହା ମଧ୍ୟ ସନ୍ତୋଷଜନକ ହୋଇନାହିଁ । ତଥାପି ଦିବାକର ଆଶାବାନ୍ ଯେ ଦିନେ ନିଜର ସଚ୍ଚୋଟତାର ପରିଚୟ ଅବଶ୍ୟ ଦେବ ସେ ନିଜକୁ ।

'ଅଧୀଶ୍ୱର' ଗଳ୍ପରେ ଗଳ୍ପପୁରୁଷର ଏକ ଅଦ୍ଭୁତ ଅନୁଭୂତିକୁ ଦେଖିବାକୁ ମିଳେ । ପାର୍ବତ୍ୟ ଅଞ୍ଚଳରେ ଖଣି ସଂଯୁକ୍ତ କାରଖାନା ସହ ନିକଟତମ ଜଙ୍ଗଲକୁ ସଂଯୋଗ କରୁଥିବା ରେଳପଥ ପାଇଁ ଏକ ଦୁର୍ଗ ଉପର ଦେଇ ଏକ ପଥ ତିଆରି କରିବାକୁ ଇଞ୍ଜିନିୟରମାନେ ଶେଷ ନିଷ୍ପତ୍ତି ଜଣେଇଛନ୍ତି । ରେଳପଥ ନିର୍ମାଣ ହେବା ପୂର୍ବରୁ ଉକ୍ତ ଦୁର୍ଗଟିର ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ମୂଲ୍ୟ ନିରୂପଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ କଥାପୁରୁଷ ଏବଂ ତାଙ୍କର ଦୁଇ ସହଯୋଗୀ ହୃଷୀକେଷ ଏବଂ ପଦ୍ମନାଭ ଜଙ୍ଗଲକୁ ଯାଇଛନ୍ତି । ଦୁର୍ଗ ନିକଟରେ ପୂର୍ବରୁ ଥିବା ଏକ ପରିତ୍ୟକ୍ତ କ୍ୟାମ୍ପ ନିକଟରେ ନିଜର କ୍ୟାମ୍ପ ପକେଇଛନ୍ତି । କଥା-ପୁରୁଷ ସେଠାକୁ ମାଟି ତଥା ଧାତୁପାତ୍ର, ତାମ୍ରପାତ୍ର ଓ ଶୀଳାରେ ଖୋଦିତ ସଙ୍କେତର ପାଠୋଦ୍ଧାର ଓ ଅର୍ଥାନ୍ତର ନିମନ୍ତେ ଯାଇଥିଲେ । ହୃଷୀକେଶ ଦୁର୍ଗର ଅବସ୍ଥିତି ଓ ନିର୍ମାଣ କୌଶଳ ସମ୍ପର୍କରେ ଜାଣିବା ନିମନ୍ତେ ଏବଂ ପଦ୍ମନାଭ ଫଟୋଗ୍ରାଫର ଭାବେ ଯାଇଥିଲେ । ସେଠାକାର ପାର୍ବତ୍ୟ ଅ*ଳର ସୌନ୍ଦର୍ଯ୍ୟ ଦେଖି ନିଜ ନିଜର ପିଲାଦିନର ସ୍ମୃତି ସବୁ ସେମାନଙ୍କର ମନେ ପଡ଼ିଛି । କିନ୍ତୁ ଦିନେ ଦୁର୍ଗ ମଧ୍ୟରୁ ମଣିଷ ଉଚ୍ଚର ଏକ ମୂର୍ତ୍ତି ସେମାନେ ଆବିଷ୍କାର କରିଛନ୍ତି; ଯାହାର ହାତ

ନାହିଁ । ଆଖି ଖୋପପରି ଖାଲି, ଦୁଇ କାନରେ ପଥର ତିଆରି ଦୁଇଟି କୀଳା । ମୂର୍ତ୍ତିଟିର ଏପରି ଅବସ୍ଥା ଦେଖି ତିନି ଜଣ ନିଜ ନିଜର ହାତ, ଆଖି ଏବଂ କାନକୁ ଦେଇ ତାକୁ ପୂର୍ଣ୍ଣାଙ୍ଗ କରିବାକୁ ଚାହିଁଛନ୍ତି । ସେମାନେ ଅନୁମାନ କରିଛନ୍ତି ବୋଧେ ଦୁର୍ଗର ଅଧୀଶ୍ୱର ଏହି ମୂଉନିର୍ମାଣ ଜାଣି ଜାଣି ବିକଳାଙ୍ଗ ଭାବେ କରିଥିଲେ । ଯିଏ ଅଧୀଶ୍ୱରଙ୍କ ବିରୁଦ୍ଧରେ ଯିବ ତା'ର ଦଶା ହେବ ମୂଉପରି । ସେଦିନ ରାତିରେ ମୂର୍ତ୍ତିର କଥା ଭାବି ସମସ୍ତେ ଅତ୍ୟନ୍ତ ଭୟଭୀତ ହୋଇ ପଡ଼ିଛନ୍ତି । ନିଜ ନିଜର ସମର୍ପଣ କରିବାକୁ ଚାହୁଁଥିବା ଆଖି, ହାତ, କାନଗୁଡ଼ିକୁ ହଲାଇ ଦେବା ପରି ଅନୁଭବ କରିଛନ୍ତି ସେମାନେ । ତା'ପରେ କ୍ୟାମ୍ପ୍‌କୁ ଫେରବା ପଥରେ ସେହି ଅବାସ୍ତବ ପରିକଳ୍ପନାଗୁଡ଼ିକ ବାସ୍ତବତାଠାରୁ କିଛି କମ୍ ମନେ ହୋଇନାହିଁ ସେମାନଙ୍କର । ଗଳ୍ପଟି ଅନେକ ଦୃଷ୍ଟିରୁ ମ୍ୟାଜିକାଲ୍ ରିୟଲିଜମ୍‌ର 'କୁହୁକ' ଓ 'ବାସ୍ତବତା'ର ମିଶାମିଶି ଏକ ରହସ୍ୟମୟ ବାତାବରଣ ସୃଷ୍ଟି କରିଛି ।

'ଏକମୁଣ୍ଡିଆ ମଣିଷର କଥା' ଗଳ୍ପଟି ଅନ୍ତର୍ଦ୍ୱନ୍ଦ୍ୱର ଅନ୍ୟ ଏକ ପରିକଳ୍ପନା । ଏକମୁଣ୍ଡିଆ ମଣିଷକୁ ସାମାଜିକ ବାସ୍ତବତାର ତାଡ଼ନାରେ ବେଳେବେଳେ ଦୁଇମୁଣ୍ଡିଆ ହେବାକୁ ପଡ଼ିଥାଏ । ଦିବାକର ଚାକିରିର ସନ୍ଧାନରେ ଘୂରୁଥିବା ବେଳେ ଏକ ଆଶ୍ଚର୍ଯ୍ୟଜନକ ରାଜ୍ୟରେ ପହଂଚିଛି । ସେଠାରେ ସମସ୍ତେ ଦୁଇମୁଣ୍ଡିଆ । ଦିବାକର ସେଠାରେ ଚାକିରିଟିଏ ମଧ୍ୟ ପାଇଛି । କାମ ହେଲା ରାଜକନ୍ୟା ଓ ରାଜକୁମାରମାନଙ୍କ ମନରେ ସୌନ୍ଦର୍ଯ୍ୟ ପ୍ରତି ଆକର୍ଷଣ ଓ ହୃଦୟରେ ନ୍ୟାୟ ଅନ୍ୟାୟ ନେଇ ବିଚାରଶକ୍ତି ଜାଗ୍ରତ କରିବା । କିନ୍ତୁ ଚାକିରିର ଖୁସି ବେଶୀ ସମୟ ପର୍ଯ୍ୟନ୍ତ ରହିନାହିଁ । କାରଣ ରାଜପୁତ୍ର ଏବଂ କନ୍ୟାମାନେ ତା'ର ଗୋଟିଏ ମୁଣ୍ଡକୁ ନେଇ ବ୍ୟଙ୍ଗ-ବିଦ୍ରୂପ କରିଛନ୍ତି । ହାତୀବନ୍ଧା ହେଉଥିବା ଖୁଣ୍ଟିରେ ଝୁଲେଇ ହନ୍ତସନ୍ତ କରିଛନ୍ତି । ଲାଞ୍ଛନାରେ ଭାଙ୍ଗିପଡ଼ିଥିବା ସମୟରେ ତା'ପରି ଆଉ ଜଣେ ଏକମୁଣ୍ଡିଆ ଯନ୍ତ୍ରଣାରେ ଦହଗଞ୍ଜ ହୋଇ ତାକୁ ସମବେଦନା ଜଣାଇବାକୁ ଆସିଛି । ଯଏକି ଗୁପ୍ତଚର ଭୂମିକାରେ ଅବତୀର୍ଣ୍ଣ । ଯିଏ ଖସି ପଳାଇବାକୁ ପ୍ରୟାସ କରି ମଧ୍ୟ ମାୟା ପୋଖରୀରେ ପବିତ୍ର ଜଳରେ ପହଁରିବାର ମୋହରୁ ମୁକ୍ତ ହୋଇପାରି ନାହିଁ । ବରଂ ଗୁପ୍ତଚର ଜଣକ ଦିବାକରକୁ ତା'ପରି ଆଉ ଏକ ମୁଣ୍ଡ ଲଗାଇ ଦୁଇମୁଣ୍ଡିଆ ହୋଇଯିବାକୁ ପରାମର୍ଶ ଦେଇଛି । ଗଳ୍ପର ପ୍ରାରମ୍ଭ ଜୋନାଥନ୍ ସ୍ୱିଫ୍ଟଙ୍କ 'ଗାଲିଭର୍ ଟ୍ରାଭେଲ୍ସ'ର ବାମନ ରାଜ୍ୟ ଭଳି ମନେ ହେଉଥିଲେ ହେଁ; ଏହାର କଥା ଓ ଭାବଜଗତ ବେଶ୍ ଭିନ୍ନ ଅଟେ । ଏକ ତୀକ୍ଷ୍ଣ ରାଜନୀତିକ ବ୍ୟଙ୍ଗ ସହ ଭ୍ରଷ୍ଟ ଶାସକୀୟ ସତ୍ତାର ଅପ୍ରତିହତ ଅବସ୍ଥାକୁ ଗଳ୍ପଟି ଅଭିବ୍ୟଞ୍ଜିତ କରେ ।

'ଦାୟିତ୍ୱବାନ' ଗଳ୍ପରେ ଦିବାକର ଅବତୀର୍ଣ୍ଣ ହୋଇଛି ଜଣେ ଦାୟିତ୍ୱବାନ ଅଫିସର ଭୂମିକାରେ । ଅଫିସରେ ଫାଇଲ୍ କାମ ଯେତେ ଦାୟିତ୍ୱର ସହିତ ଏବଂ ନିର୍ଭୁଲ ସହକାରେ କଲେ ମଧ୍ୟ ଅନ୍ୟ ସାହକର୍ମୀମାନଙ୍କ ସହ ତାଳଦେଇ ସେ ଆଗେଇ ପାରେ ନାହିଁ । ଉପରିସ୍ଥ ଅଫିସର ତା'ର ଦାୟିତ୍ୱ ବୋଧ ଏବଂ କର୍ତ୍ତବ୍ୟପରାୟଣତାକୁ ବୁଝିପାରନ୍ତି ନାହିଁ; ତା' ଅଧୀନସ୍ଥ କିରାଣୀମାନଙ୍କର କାନକୁହା ନୀତି ଯୋଗୁଁ । ତା' ବିରୁଦ୍ଧରେ କାନକୁହା କିରାଣୀ ଜଣକ ତା'ଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ; ଉପରିସ୍ଥ ଅଫିସରଙ୍କ ଅଭୟ ତା' ଉପରେ ଥିବାରୁ ଦିବାକରର ଯୋଗ୍ୟତାକୁ ଅଫିସରମାନେ ଆକଳନ କରିପାରନ୍ତି ନାହିଁ । ସମଗ୍ର ଅଫିସରେ ଦିବାକର ହିଁ ଜଣେ ଦାୟିତ୍ୱବାନ କର୍ମଚାରୀ ଯିଏ ଟେଲେଣ୍ଟ ନଥିଲେ ମଧ୍ୟ ନିଜେ ମହମବତୀ କିଣି ଡେରୀ ରାତିଯାଏଁ କାମକରେ । କିନ୍ତୁ ତା'ର ପରିଶ୍ରମ ଏବଂ କର୍ତ୍ତବ୍ୟନିଷ୍ଠାକୁ କେହି ବୁଝିପାରନ୍ତି ନାହିଁ; ତା' ସ୍ତ୍ରୀ ବ୍ୟତୀତ । ସେହି କେବଳ ତାକୁ ମର୍ଯ୍ୟାଦା ଦିଏ । ଦିବାକର ଦିନେ ସ୍ୱପ୍ନ ଦେଖେ ଯେ ସେ ଚାକିରି ହରାଇଛି ଏବଂ ଜୀବିକା ପାଇଁ ସଂଘର୍ଷ କରି ମୃତ୍ୟୁବରଣ କରୁଛି । ତା ସ୍ତ୍ରୀ ଏବଂ ଛୁଆ ନ୍ୟାୟ ପାଇଁ ଉପରିସ୍ଥକୁ ମାରୁଥିବା ଦେଖୁଛି । ସ୍ୱପ୍ନଟି ତାକୁ ଭଲଲାଗେନାହିଁ । ସେ ସଚେତନ ହୋଇ ଭାବିଛି ବରଂ ସେ ପାହାଚ ପରେ ପାହାଚ ଚଢି ସମସ୍ତ ଉପରିସ୍ଥଙ୍କୁ ଅତିକ୍ରମ କରି ସମ୍ରାଟଙ୍କ ପାଖରେ ପହଂଚିବ ଏବଂ ସମ୍ରାଟ ତାକୁ ପ୍ରଶଂସା କରିବା ସହିତ କ୍ଷମା ମଧ୍ୟ ମାଗିନେଇଛନ୍ତି ତଥା ନିଜର ସମସ୍ତ

ଅପକର୍ମକୁ ଛାଡ଼ିବାର ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି । ସ୍ୱପ୍ନ କବଳରୁ ଦିବାକର ଖସିପାରେ ନାହିଁ; କି ସ୍ୱପ୍ନକୁ ସାକାର ମଧ୍ୟ କରିପାରେ ନାହିଁ; କାରଣ ସେ ନିରୀହ ଏବଂ ଅତ୍ୟନ୍ତ ଦୁର୍ବଳ ମାନସିକତାର ମଣିଷ । ପର ବାଡ଼ିର ଆମ୍ବଗଛକୁ ଢେଲାଟିଏ ଫିଙ୍ଗିବାର ସାହସ ମଧ୍ୟ ତାର ନାହିଁ । କାଳେ କିଛି ଭୁଲ୍ କଲେ ଧରାପଡ଼ିଯିବ ସେହି ଭୟରେ ସର୍ବଦା ହନ୍ତସନ୍ତ ହେଉଥାଏ ଦିବାକର ।

'ଏକ ଡାମ୍ଫଣର କାହାଣୀ' ଗଳ୍ପଟି ଗାଳ୍ପିକଙ୍କ କଥାଭିବ୍ୟକ୍ତିର ଅନ୍ୟ ଏକ ବିଶେଷତ୍ୱକୁ ଉଦ୍‌ଘାଟନ କରେ । ଦିବାକର ଚାକିରିରେ ଯୋଗ ଦେବା ଦିନ ତା'ର ମାଲିକ ତା ହାତରେ ଏକ ଡାମ୍ଫଣ ଧରେଇ ଦିଅନ୍ତି ଏବଂ ତାକୁ ଶୃଙ୍ଖଳିତ ଆଚରଣର ମହତ୍ତ୍ୱ ସମ୍ପର୍କରେ ସୂଚିତ କରନ୍ତି । ଦିବାକର ପ୍ରଥମେ ପ୍ରଥମେ ବୁଝିପାରେ ନାହିଁ ଡାମ୍ଫଣର ତା' ପାଇଁ ଆବଶ୍ୟକତା କଣ । ତା'ର ସହକର୍ମୀମାନେ ମଧ୍ୟ ସେହି ଡାମ୍ଫଣକୁ ବ୍ୟବହାର ନକରି ଫିଙ୍ଗି ଦେଇ ସାରିଥିଲେ । ଦିବାକର କିନ୍ତୁ ସମୟକ୍ରମେ ଡାମ୍ଫଣ ତା'ପାଟିକୁ ସିଲେଇବା ପାଇଁ କେତେ ଜରୁରୀ ସେ ବୁଝିପାରିଥିଲା ଏବଂ କାଇଦା କରି ସମସ୍ତଙ୍କ ଅଲକ୍ଷ୍ୟରେ ନିଜ ପାଟିକୁ ସିଲେଇ ମଧ୍ୟ କରି ଦେଇଥିଲା । ସାମାଜିକ ଜୀବନରେ ଶୃଙ୍ଖଳିତ ହୋଇ ବଂ୍ଚିବା ପାଇଁ ଏହି ପାଟି ସିଲେଇ ଡାମ୍ଫଣଟିଏ କେତେ ଜରୁରୀ; ତାହା ଗଳ୍ପଟିରେ ବେଶ୍ ଅନୁମାନ କରିହୁଏ । ମନ ଭିତରେ ଉଠୁଥିବା ଅଜସ୍ର ପ୍ରଶ୍ନ, ଗ୍ଲାନି, ଦ୍ୱନ୍ଦ୍ୱ ଏବଂ ଅନ୍ତର୍ବିବାଦକୁ ଏହି ଡାମ୍ଫଣ ହିଁ ନିୟନ୍ତ୍ରଣ କରିପାରେ ।

'ଦିବାକରର ଦୁଃଖ' ଗଳ୍ପଟି ଗାଳ୍ପିକଙ୍କ ଅନ୍ୟ ଏକ ଉଦ୍ଭଟ ପରିକଳ୍ପନା । ଗଳ୍ପରେ ଗଳ୍ପନାୟକ ଚିତ୍ରପ୍ରଦର୍ଶନୀ ପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚିତ୍ରଟିଏ କରିପଠାଇ ପାରୁନାହିଁ । ଯେହେତୁ ତା' ଚିତ୍ରର ଚାହିଁଦା ରହିଛି, ତେଣୁ ଶେଷ ମୁହୂର୍ତ୍ତରେ ହେଲେ ମଧ୍ୟ ତାହାକୁ ଆୟୋଜକମାନେ ସ୍ଥାନିତ କରେଇ ପାରିବେ । ଦିବାକରର ଚିତ୍ରରେ ଥାଏ ବାସ୍ତବତା, ଥାଏ ସମ୍ରାଟଙ୍କ ପ୍ରତି ବ୍ୟଙ୍ଗ-ବିଦ୍ରୂପ । ସମ୍ରାଟ ଯେ କେତେ ଉଦାର ଏବଂ ସତ୍ୟନିଷ୍ଠ ତାହା ଦର୍ଶାଇବା ପାଇଁ ଏବଂ ଚିତ୍ରପ୍ରଦର୍ଶନୀର ବିଶ୍ୱସନୀୟତା ତଥା ଆକର୍ଷଣ ପାଇଁ ସେହି ବ୍ୟଙ୍ଗଭରା ସମ୍ରାଟଙ୍କ ଚିତ୍ରଗୁଡ଼ିକ ପ୍ରଦର୍ଶିତ ହୋଇଥାଏ । ସମ୍ରାଟଙ୍କ ପ୍ରତି ବିରାଗ ପୋଷଣକାରୀମାନେ ମଧ୍ୟ ଉକ୍ତ ଚିତ୍ରଦ୍ୱାରା କିଛିଟା ନିଜର ଜ୍ୱାଳାକୁ ପ୍ରଶମିତ ମଧ୍ୟ କରୁଥିଲେ । ହେଲେ ଏଥର ଦିବାକର ଯେତେ ଚେଷ୍ଟାକଲେ ମଧ୍ୟ ନିର୍ମଳଭାବସମ୍ପନ୍ନ ଚିତ୍ରଟିଏ କରିପାରିନାହିଁ । ଚିତ୍ରପ୍ରଦର୍ଶନୀରେ ନାରୀମାନଙ୍କ ନଗ୍ନ ତଥା ଅର୍ଦ୍ଧନଗ୍ନ ଚିତ୍ର ପାଖରେ ବେଶୀ ଭିଡ଼ ଜମେ । ଯେଉଁମାନେ ସେହି ଚିତ୍ରକୁ ଅଶ୍ଳୀଳ ମନ୍ତବ୍ୟ ଦିଅନ୍ତି; ସେମାନେ ହିଁ ସେଠାରେ ବେଶୀ ଭିଡ଼ ଜମାନ୍ତି । ଦିବାକରର ମଧ୍ୟ ସେହିଭଳି ଏକ ଅର୍ଦ୍ଧନଗ୍ନ ନାରୀ ଚିତ୍ରଟିଏ ଗଢ଼ିବାକୁ ଇଚ୍ଛା; ଯହିଁରେ ଶାଶ୍ୱତ ସୌନ୍ଦର୍ଯ୍ୟ ନିହିତ ଥିବ; କିନ୍ତୁ ସେ ତାହା କରିପାରେ ନାହିଁ । କାରଣ ସେପରି ଚିତ୍ରକରକୁ ସାହିପଡ଼ିଶାରେ ଏବଂ ସମାଜ ମଧ୍ୟ ଭଲ ଦୃଷ୍ଟିରେ ଦେଖନ୍ତି ନାହିଁ । ଦର୍ଶକ ମଧ୍ୟ ଯେଉଁ ଶାଶ୍ୱତ ସୌନ୍ଦର୍ଯ୍ୟକୁ ଅନୁଭବ କରିବା କଥା ତାହା ନକରି କେବଳ ଉତ୍ତେଜନା ସୃଷ୍ଟିକାରୀ ସାମଗ୍ରୀରେ ହିଁ ତାହାକୁ ଗଣିଥାନ୍ତି । ଦିବାକର ବୁଝିପାରିଛି ଯେ ସତ୍ୟ ପ୍ରତି ଆନୁଗତ୍ୟ ପୃଥିବୀର କୌଣସି ସଂସ୍କରଣରେ ନାହିଁ; କାରଣ ଏମିତି ଏକ ସଂସ୍କରଣ ସର୍ବଦା ଯନ୍ତ୍ରସ୍ଥ ହିଁ ଥାଏ; ପ୍ରକାଶିତ ହୁଏ ନାହିଁ କଦାପି; ଏପରିକି ଯାହା ନିର୍ମଳ ଓ ସୁନ୍ଦର ତାହା ପ୍ରଦର୍ଶନୀର ସାମଗ୍ରୀ କେବେ ହୋଇପାରେ ନାହିଁ ।

ଗାଳ୍ପିକ ନାରାୟଣ ପଣ୍ଡାଙ୍କ ଗଳ୍ପଗୁଡ଼ିକୁ ଅନୁଶୀଳନ କଲେ ଜୀବନକୁ ଏକ ଭିନ୍ନ ଦୃଷ୍ଟିଭଙ୍ଗୀରେ ପରୀକ୍ଷା ନିରୀକ୍ଷା କରୁଥିବା ତାଙ୍କର ବୌଦ୍ଧିକ ମାନସିକତାକୁ ବେଶ୍ ଅନୁଭବ କରିହୁଏ । ଚବିଶ ଗୋଟି ଗଳ୍ପ ସଂଯୋଜିତ ତାଙ୍କର 'ଦିବାକରର ଦୁନିଆ' ଗଳ୍ପ ସଂକଳନ ସେହିପରି ଏକ ପରୀକ୍ଷାଧର୍ମୀ ଗଳ୍ପ ସଂକଳନ । ଅନେକ ଗଳ୍ପରେ ନିଜେ କଥା-ପୁରୁଷ ସାଜି ମନୋଦଶାକୁ ଏବଂ ସ୍ଥିତିକୁ ହିଁ ଖୋଜିବାକୁ ଚେଷ୍ଟା ବେଶ୍ ସ୍ୱତନ୍ତ୍ର । ବେଳେବେଳେ ନିଜ ଉପରେ ନିଜେ ହିଁ ହସିଛି କଥାପୁରୁଷ ।

'ଦିବାକରର ଦୁନିଆ' ଗଳ୍ପ ସଂକଳନର ପ୍ରଥମ

ଗଳ୍ପ 'ଶରଣାର୍ଥୀ'ରେ ଦିବାକରଙ୍କୁ ନିଜ ନୀତି ଓ ଆଦର୍ଶ ସହିତ ସାଲିସ୍ କରିବାକୁ ପଡ଼ିଛି । ନିଜ ଉପରିସ୍ଥ ଅଫିସରଙ୍କ ଅବିଚାର ସବୁକୁ ହଜମ୍ କରି ନପାରି ପ୍ରତିବାଦ କରିଛି ଏବଂ ସେଥି ନିମନ୍ତେ ଯାହାବି ଭୋଗିବାକୁ ପଡ଼ିବ ଭୋଗିବାକୁ ମନେ ମନେ ପ୍ରସ୍ତୁତ ହୋଇଛି । ସେଥିପାଇଁ ନିଜ ସ୍ତ୍ରୀକୁ ବଦଳି କରେଇ ନପାରିଲେ ସେ ଚାକିରି ଛଡ଼େଇ ଦେବ ବୋଲି ଜବାବ୍ ଦେଇଥିଲେ ହେଁ ମନ ଭିତରେ ଦବି ଯାଇଛି ।

ଦିବାକର ନୀତି ଆଦର୍ଶ ଏବଂ ନିଜ ଉପରେ ଯଥେଷ୍ଟ ଭରସାକରି ନିଜ ଉପରିସ୍ଥଙ୍କ ସହିତ ଘଟେଇଲା ଏକ ଘଟଣା । ତା'ର ପରିଣାମ ସ୍ୱରୂପ ତା'ର ହୋଇଯାଇଛି ବଦଳି । ବାରମ୍ବାର ଏମ୍.ଏଲ୍.ଏ କ୍ୱାର୍ଟରରେ ରହି ନିଜ ବଦଳି ପାଇଁ ଆକ୍ଳାନ୍ତ ଉଦ୍ୟମ କରିବାକୁ ପଡ଼ିଛି । ନୂଆ ଜାଗାକୁ ସ୍ତ୍ରୀକୁ ବଦଳି କରେଇ ନେଇପାରିନାହିଁ । ପୁରୁଣା ଜାଗାରୁ ସର୍ଭିସବୁକ୍ ଆସିନଥିବାରୁ ନୂଆ ଜାଗାରେ ଇନ୍‌କ୍ରିମେଣ୍ଟ ହୋଇପାରିନାହିଁ । ପୁରୁଣାଜାଗାର କ୍ୱାର୍ଟର ଛାଡ଼ି ନଥିବାରୁ ସର୍ଭିସ୍‌ବୁକ୍ ଆସିପାରିନାହିଁ । ଏହିପରି ନାନା ସମସ୍ୟା ଏବଂ ଦୁଶ୍ଚିନ୍ତା ମଧ୍ୟରେ ଥାଇ ଜୀବନର ବାସ୍ତବତାକୁ ତିଳେ ତିଳେ ଅନୁଭବ କରିଛି ଦିବାକର । ଏମ୍.ଏଲ୍.ଏ ଖୋଦ୍ ତା' ବଦଳି ପାଇଁ ଚେଷ୍ଟା କରିଛନ୍ତି । ସ୍ତ୍ରୀ ମଧ୍ୟ ସାନ୍ତ୍ୱନା ଆଉ ସାହସ ଦେଇଛି । ଅପର ପକ୍ଷରେ ଦିବାକର କେବେ ସ୍ତ୍ରୀକୁ ଚାକିରି ଛାଡ଼ି ଦେବାପାଇଁ କହିପାରିନାହିଁ । ସେ ବୁଝିଛି ସ୍ତ୍ରୀର ଚାକିରିକୁ ନେଇ ତା'ର ଆତ୍ମସନ୍ତୋଷ । "ଖାଲି ପତ୍ନୀଟିଏ ନୁହେଁ ବ୍ୟକ୍ତିଟିଏ ବୋଲି ନିଜକୁ ପ୍ରତିଷ୍ଠିତ କରେଇବାର ପତ୍ନୀର ଆତ୍ମସନ୍ତୋଷ, ଯାହାଥିଲା ଦିବାକର ପାଇଁ ଏକାନ୍ତଭାବେ ଆକର୍ଷଣୀୟ ।" ସ୍ତ୍ରୀ ପ୍ରତି ଦିବାକରର ବେଶ୍ ଶ୍ରଦ୍ଧା ଓ ସମ୍ମାନ; ତେଣୁ ଦିବାକର ଯାହା ଉଚିତ ନୁହେଁ ବୋଲିଭାବିଛି; ଶେଷରେ ତାହା କରିଛି । ଅନ୍ୟମାନେ ଯେଉଁ ବଳରେ ଏଠୁ ସେଠିକି, ସେଠୁ ଏଠିକି ଆସି ଯାଇପାରୁଛନ୍ତି । ନିଜ ସ୍ତ୍ରୀ ମାନଙ୍କୁ ଉଡ଼େଇ ନେଇପାରୁଛନ୍ତି, ସେହି ବଳକୁ ସେ ଘୃଣାକରେ । ବିପ୍ଳବୀର ଆବେଗ ନେଇ ପତ୍ନୀପାଖରେ ଏକଦା ଉପରିସ୍ଥ ସହ ସାମ୍ନାସାମ୍ନିର ବିବରଣୀ ଶୁଣାଇଥିବା ଦିବାକର ଅନ୍ୟର ଶରଣାପନ୍ନ ହୋଇଛି । ଶରଣ ମିଳିଛି । ମିଳିଛି ଅଭୟ କବଚର ପ୍ରତିଶ୍ରୁତି ମଧ୍ୟ । ଦିବାକର ପରି ଆଦର୍ଶବାଦୀମାନଙ୍କ ପାଇଁ ସାମାଜିକ ବ୍ୟବସ୍ଥା ସହ ଲଢେଇ କରିବା ଅପେକ୍ଷା ବରଂ ସାଲିସ୍‌ର ପଥ ଶ୍ରେୟସ୍କର ଏହିଭଳି ଭାବକୁ ବହନ କରିଛି ଗଳ୍ପଟି ।

'ଦିବାକାରର ଦୁନିଆଁ' ସଂକଳନର ଦ୍ୱିତୀୟ ଗଳ୍ପଟି ହେଉଛି 'ଜୀବନ ଯାପନ' । ଜଣେ ସାଧାରଣ ଗୃହସ୍ଥର ମପାଚୁପା ଜୀବନଶୈଳୀ ଏହି ଗଳ୍ପରେ ବେଶ୍ ହୃଦୟସ୍ପର୍ଶୀ । ଗାଳ୍ପିକଙ୍କ ମତରେ "ଆକାଂକ୍ଷା ଓ ଆସ୍ପର୍ଦ୍ଧାର ଅନେକ ଅନେକ କାଟଛାଣ୍ଟ ପରେ ଯାହା ରୂପନିଏ ତାହା ବାସ୍ତବତା ।" ଗତ ବୟାଳିଶ ବର୍ଷର ଜୀବନଯାପନ ଭିତରେ ଏହି କାଣ୍ଟଛାଣ୍ଟ କରି ଜୀବନ ବଂ୍ଚିବାର ଯଥେଷ୍ଟ ତାଲିମ୍ ଏବଂ ପ୍ରସ୍ତୁତି କରିସାରିଛି ଦିବାକର । ପ୍ରମୋସନ ହେଲେ କଛି ଆର୍ଥିକ ଅଭିବୃଦ୍ଧି ହେବ ସେଥିପ୍ରତି ଲୋଭ ଅଛି; ହେଲେ ସେଥିପାଇଁ ଯେଉଁ କୋର୍ସ କରିବାକୁ ହେବ ତାହା କରିବାର ଆଗ୍ରହ ନାହିଁ । ସ୍ତ୍ରୀଙ୍କ ପ୍ରେରଣା ସତ୍ତ୍ୱେ ସେ ନିଜକୁ ପ୍ରସ୍ତୁତ କରି ପାରି ନାହିଁ ତାଲିମ୍ କୋର୍ସ ପାଇଁ । ହେଲେ ସ୍ତ୍ରୀ ଯେ ଆହତ କଲାପରି ତାକୁ ଖୁଣ୍ଟା ଦେଇନାହିଁ; ସେଥିପାଇଁ ସେ ତା'ପ୍ରତି କୃତଜ୍ଞ । ଘରଟିଏ ତୋଳି ସୁନ୍ଦର ପଢ଼ାଘରଟିଏ ତିଆର କରିବାକୁ ଇଚ୍ଛା ଦିବାକରର, ପତ୍ନୀଙ୍କର ସୁବ୍ୟବସ୍ଥିତ ରୋଷେଇଘରଟିଏ କରିବାକୁ ଇଚ୍ଛା; ଝିଅର ପାଷ୍ଟ ଏ.ସି. ଟ୍ରେନ୍‌ରେ ଏବଂ ଦିବାକରର ବିମାନରେ ଯାତ୍ରା କରିବାର ଇଚ୍ଛା, ହେଲେ କୌଣସି ଇଚ୍ଛାପୂରଣ ନହୋଇପାରିବା ଜନିତ ଗ୍ଳାନିବୋଧ ନାହିଁ କି ତତ୍ପରତା ମଧ୍ୟ ନାହିଁ ଗତ ବୟାଳିଶ ବର୍ଷ ଭିତରେ । ବୋଧେ ଏହା ହିଁ ଜୀବନ-ଯାପନ ।

'ଶୁଭଚିନ୍ତକ' ଗଳ୍ପରେ ମଧ୍ୟବିତ୍ତ ଲୋକଟିଏ କିପରି ନିଜର ସମସ୍ତ ଆତ୍ମଦହନକୁ ଆତ୍ମସ୍ଥ କରି ବଂ୍ଚିବାକୁ ବାଧ୍ୟ ହୋଇଥାଏ ତା'ର ଏକ ନିଛକ ଦୃଶ୍ୟ ଦେଖିବାକୁ ମିଳିଥାଏ ଶୁଭଚିନ୍ତକରେ । ଗଳ୍ପ-ପୁରୁଷର ବାପା ଦୀର୍ଘ ବତିଶ ବର୍ଷକାଳ ଯେଉଁ ପଦବିରେ ବସିବାକୁ ମନସ୍ଥ

କରିଥିଲେ; ତାହା ଅପୂରଣୀୟ ହୋଇଯାଇଛି । ଯିଏକି ସାଧାସିଧା ମଣିଷ ସହ ଅତି ଧୀର କଥାବାର୍ତ୍ତା ଭିତରେ ଜୀବନରେ କେବେ ସାଲିସ୍ କରିନାହାନ୍ତି । ଆସିଷ୍ଟାନ୍ଟ ମେନେଜରରୁ ମେନେଜର ଦେଇ ମେନେଜରରୁ ଡ଼େପୁଟି ଜେନ୍‌ରାଲ ମେନେଜର ହେବାରେ କେଉଁଠି ଅସୁବିଧା ହୋଇନଥିଲା ତାଙ୍କର । କିନ୍ତୁ ଶେଷ ପ୍ରମୋସନରେ ସେ ସଫଳ ହୋଇପାରିଲେ ନାହିଁ । ଅସାଧୁ ଉପାୟରେ ଅନ୍ୟମାନେ ଜେନେରାଲ ମେନେଜର ପଦରେ ଅଧିଷ୍ଠିତ ହେବାକୁ ପ୍ରୟାସ କରୁଥିବା ଜାଣି ସୁଦ୍ଧା ସେ ନିଜ ଆଦର୍ଶକୁ ଛାଡ଼ିପାରି ନଥିଲେ । ସ୍ୱପ୍ନଭଙ୍ଗ ହେବାପରେ ଭିତରେ ଭିତରେ କିନ୍ତୁ ଭାଙ୍ଗିପଡ଼ିଥିଲେ ଗଳ୍ପନାୟକଙ୍କ ବାପା । ପ୍ରମୋଶନ ତ ହୋଲାନାହିଁ ବରଂ ଗୋଟିଏ ହାଲୁକା ଆସନକୁ ଅନ୍ୟତ୍ର ବଦଳି ହୋଇଯାଇଥିଲା । ନୂଆ ପଦରେ ଯୋଗ ଦେବେ କି ଚାକିରିରୁ ଇସ୍ତାଫା ଦେବ କି ମୋକଦ୍ଦମା କରିବେ; କିଛି ସେ ସ୍ଥିର କରି ପାରିଲେ ନାହିଁ । ଶେଷରେ ନିଜକୁ ବୁଝାଇ ଦେଇଛନ୍ତି ଯେ ମଧ୍ୟବିତ୍ତ ଶ୍ରେଣୀ ଲୋକମାନେ କେବଳ ନିଜ ଆର୍ଥିକ ଦୁର୍ବଳତା ଏବଂ ସାମାଜିକ ସୁରକ୍ଷା ସହିତ ସାଲିସ୍ କରି ବଞ୍ଚିବାକୁ ହୋଇଥାଏ । ଶେଷରେ ପୁଅକୁ ଚିଠି ଲେଖି ଜଣାଇଛନ୍ତି ଯେ ସେ ମାସେ ହେଲା ଛୁଟିରେ ଥିଲେ । ଏହି ସପ୍ତାହରେ ଚାକିରିରେ ଜଏନ୍ କରିବେ । ଜଞ୍ଜାଳଗ୍ରସ୍ତ ଗୃହସ୍ଥ ସେ । ସ୍ତ୍ରୀଙ୍କ ଅସୁସ୍ଥତା, ପିଲାମାନଙ୍କ ପାଠପଢ଼ା, ଝିଅ ବାହାଘର ପରି ଜଞ୍ଜାଳ ବାଧକରେ ନିଜର ଅନ୍ତର୍ଦାହକୁ ଚାପିରଖିବାକୁ । ମକଦ୍ଦମା କରି କମ୍ପାନୀ ବିରୁଦ୍ଧରେ ଯାଇ ପାରିହେବ ନାହିଁ । ବରଂ ନିଜକୁ ବୁଝେଇ ନେବା ସହଜ ହେବ । ନିଜ ପ୍ରତି ହୋଇଥିବା ସମସ୍ତ ଅନ୍ୟାୟକୁ ବରଂ ସହିଯିବା ସହଜ ଅଟେ ।

'ଦିବାକରର ଦୁନିଆ' ଗଳ୍ପ ସଂକଳନର 'ଗଲାକଥା' ଗଳ୍ପରେ ଦିବାକରର ଅତୀତ ଜୀବନର ସ୍ମୃତିସବୁ ରୋମନ୍ଥିତ ହୋଇଛି । ପିଲାବେଳେ ମାମୁଘର ଗାଁରେ ଆଖୁ ରକ୍ଷାର ଦୃଶ୍ୟ, ମାମୁଙ୍କର ନିଷ୍ଠାର ସହ ଗୁଡ଼ରକ୍ଷା କାର୍ଯ୍ୟ, ଆଖୁ କିଆରି ଜଗିବାର ଉପାୟ । ମାମୁଙ୍କର ଦିବାକରର ସ୍ୱାସ୍ଥ୍ୟନେଇ ଯତ୍ନଶୀଳତା, ଜେଜେମା'ଙ୍କ ସ୍ନେହ ସବୁ ଜଳଜଳ ହୋଇ ଆଖିଆଗରେ ନାଚିଯାଏ ଦିବାକରର । ପିଲାବେଳେ ଦିବାକର ଗାଁରୁ ଫେରିଲାବେଳେ ବସ୍ ଚଢ଼ିବା ନିମନ୍ତେ ଯେଉଁ ଆୟୋଜନ ତାହା ବେଶ୍ ଅତ୍ୟନ୍ତ ଆମୋଦଦାୟକ । ଗାଁରେ ସକାଳୁ ଉଠି ଜେଜେମା' ହାତର ଚିନି ଅବା ଗୁଡ଼ର ଚା ଏବଂ ମୁଢ଼ିଖିଆ କଥା ହେଉ ଅବା ଗରମ ପଖାଳ, ଗୋଟା ମୁଗଡ଼ାଲି, ବୋଇତାଲୁ ଓ ସରୁ ସରୁ କଟା କରଡ଼ି ପକା ଆମ୍ବିଳ, ଜେଜେମା' ହାତର ସେ ସୁଆଦକୁ ଏବେବି ଦିବାକର ଝୁରି ହୁଏ । ହେଲେ ଏବେ ଆଉ ସେକାଳ ପଖାଳ ନାହିଁ । ଜେଜେମା' ଚାଲିଯାଇଛନ୍ତିଡ । ଜେଜେମା' ସହିତ ଗାଁ ଘର, ଜମିବାଡ଼ି ମଧ୍ୟ ଭାଇ ଭଗାରିକି ଦଖଲକୁ ଚାଲିଯାଇଛି ବାପା, କାକାଙ୍କ ଅବହେଳାରୁ । ଗାଁର ଅବସ୍ଥାରେ ମଧ୍ୟ ପରିବର୍ତ୍ତନ ଆସିଯାଇଛି । ଗାଁରେ ଆଉ ଆଖୁପେଡ଼ା ହେଉନି । ଆଖୁଯାଉଛି ଟ୍ରକ୍‌ରେ ଚିନିକଳକୁ । ସେତେବେଳେ ସବୁ ଭଲଥିଲା । ଏବେ ଆଉ ସେକାଳ ପଖାଳ ନାହିଁ । ଦିବାକର ମଧ୍ୟ ଅତୀତ ପ୍ରତି ଭାବପ୍ରବଣତା ସ୍ମୃତିସର୍ବସ୍ୱ ନୁହେଁ । "ସେ ଜାଣୁଛି ଏବେ ଲୋକଙ୍କର ବଂ*ବାର ସ୍ୱାଚ୍ଛନ୍ଦ୍ୟ ବଢ଼ିଛି ବି ଆବଶ୍ୟକତା ଓ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଆବଶ୍ୟକ ସାମର୍ଥ୍ୟ ଓ ସଂଘର୍ଷର ପ୍ରଖରତା ।"

ସେହିପରି ଦିବାକରର ପିଲାଦିନର ସ୍ମୃତି ସମ୍ବଳିତ ଅନ୍ୟଏକ ଗଳ୍ପ ହେଉଛି 'ପିଲାଦିନ' । ଦିବାକର ଚାକିରି ଜୀବନର ଦୁଇ ଦଶନ୍ଧି ଅତିକ୍ରମ କଲାପରେ ମଧ୍ୟ ନିଜ ପିଲାଳିଆମିକୁ ଛାଡ଼ିପାରି ନାହିଁ । ନିଜର ପର୍ବତଘେରା ଅଂ*ଳରେ ପ୍ରଥମ କରି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବା ସୂଚନା ପାଇବାପରେ ସହକର୍ମୀମାନଙ୍କୁ ମିଠା ବାଣ୍ଟିବା ହେଉ ଅବା ଟ୍ରେନ୍‌ରେ ନିଜ ପତ୍ନୀ ଏବଂ ସାନ ଝିଅ ସହ ଯାତ୍ରା କରିବା ସମୟରେ ଝରକା ପାଖରେ ବସିବା ନେଇ ଝିଅ ସହିତ କଳି କରିବା ହେଉ; ଏଭଳି ପଲାଳିଆମି କରି ମନେମନେ ଆମୋଦିତ ମଧ୍ୟ ହୋଇଛି । ତା'ପରି ଜଣେ ମଧ୍ୟବୟସ୍କ ଲୋକ ରାସ୍ତାରେ ଚାଲି ଗଲାବେଳେ

ପିଲାଙ୍କ ପରି ଆଇସ୍କ୍ରିମ୍‌ଟିଏ ବା ପୋଡ଼ା ମକାଟିଏ ଖାଇବାର ଲୋଭକୁ ସମ୍ବରଣ ନ କରିବା ମଧ୍ୟ ଏଥିରେ ସାମିଲ୍ ।

ପିଲାଦିନେ ନଦୀରେ ଡ଼େଇଁ ଗାଧୋଇବାର ମଜା ନେବାରେ ନିଜ ଆଭିଭାବକଙ୍କଠାରେ କୃତଜ୍ଞ ଦିବାକର । କାରଣ ଏବେକାର ଅଭିବାବକଙ୍କ ଅପେକ୍ଷା ତା'ର ବାପା ଏବଂ ଜେଜେ ବାପାମାନେ ପିଲାର ଭବିଷ୍ୟତ ଏବଂ ସୁରକ୍ଷା ନେଇ କେତେ ନିରୁଦ୍‌ବିଗ୍ନ ଥିଲେ ମନେ ମନେ ଭାବି ଖୁସିହୁଏ ଦିବାକର । ପିଲାଦିନେ ଯେ ଦୁଃଖ ନଥିଲା ନୁହେଁ । କିନ୍ତୁ ସେସବୁ ଦୁଃଖ ପ୍ରଲମ୍ବିତ ଆଶଙ୍କାର । ସିନେମା ହଲ୍‌ରେ ଆଗଧାଡ଼ିରେ ବସିବାପାଇଁ ଟିକଟ ନମିଳିବା, ପିଜୁଳି କି ତରଭୁଜ ଚୋରିକରି ଧରାପଡ଼ି କାକୁତିମିନତି ହେବାର ପରିସ୍ଥିତି, ସଂସ୍କୃତ ପଣ୍ଡିତଙ୍କୁ ଖତେଇ ହୋଇ ସାରାଦିନ ବେଞ୍ଚ୍ ଉପରେ ଠିଆ ହେବା ପରି ଅତି ସରଳ ଓ ସାଦାସିଦା ସେ ସବୁ ଦୁଃଖ । ହେଲେ ଦିବାକର ଏଯାଏଁ ନିଜର ପିଲାଳିଆମିକୁ ଅକ୍ଷୁଣ୍ଣ ରଖିପାରିଥିବାରୁ ଅତ୍ୟନ୍ତ ଆତ୍ମତୃପ୍ତି ପାଏ । ଖାଲି ଯଦି ବୟସ୍କ ହୋଇ ନଯାଆନ୍ତା ତା'ହେଲେ ସେ ଗୁଡ଼ାଏ ଦାୟିତ୍ୱରୁ ମୁକ୍ତି ପାଇଥାଆନ୍ତା; ଯେପରି ଝିଅ ପାଇଁ ଜୋଇଁ ଖୋଜିବା; ବର୍ଷରେ ଥରେ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର ହୋଇ ନିଜେ ବଞ୍ଚିଛି ବୋଲି ପ୍ରମାଣ ଦେବା ଇତ୍ୟାଦି ।

'ଦିବାକରର ଦୁନିଆ' ଗଳ୍ପ ସଂକଳନର 'ଦିବାକରର ଦୁନିଆ' ଏକ ଭିନ୍ନ ସ୍ୱାଦର ଗଳ୍ପ । ଦିବାକର ପହଁରିବାକୁ ଭଲପାଏ । ତେଣୁ ସାହିର ଶେଷମୁଣ୍ଡ ପୋଖରୀକୁ ଭୋରରୁ ସର୍ବଦା ଯାଏ ପହଁରିବାକୁ । କିନ୍ତୁ ପଡୋଶୀ ଘର ସ୍ତ୍ରୀ ଲୋକ ଏବଂ ଝିଅର ସାଙ୍ଗମାନଙ୍କ ଆକ୍ଷେପ ଏବଂ ତା'ର ଚରିତ୍ର ପ୍ରତି ସନ୍ଦେହ କରୁଥିବା ଦେଖି ଆଶ୍ଚର୍ଯ୍ୟ ହୁଏ ଦିବାକର । କାରଣ ସେ ଜାଣିବାକୁ ପାଏ ଯେ ସମସ୍ତେ କୁଆଡ଼େ କଥା ହେଉଛନ୍ତି ଦିବାକରର ଚରିତ୍ର ଖରାପ ହେତୁ ସେ ଭୋର୍‌ରୁ ଝିଅ ବୋହୂ ଗାଧୋଉଥିବା ପୋଖରୀ ତଟରେ ପହଁରେ । ତେଣୁ ସ୍ତ୍ରୀଙ୍କ ନିବେଦନ ହେତୁ ସେ ପହଁରିବା ନିଶାରୁ ନିବୃତ୍ତ ରହେ । ହେଲେ ପରବର୍ତ୍ତୀ କାଳରେ ନିଜ ଅଞ୍ଚଳର ପୂର୍ବତନ ସ୍ଥାନୀୟ ରାଜକୀୟ କର୍ତ୍ତାଙ୍କୁ ଭାଷଣ ଚିଠା ପ୍ରସ୍ତୁତ କରିଦେବାରେ ସହଯୋଗ କରିଥିବାରୁ, ତାଙ୍କରି ଅନୁଗ୍ରହରୁ ଏକ ଷ୍ଟାଡିୟମ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି । ରାଜକୀୟ କର୍ତ୍ତାମଧ୍ୟ ଦିବାକର ପ୍ରତି ଅକୃତଜ୍ଞ ନହୋଇ ଇନ୍‌ଡୋର୍ ବ୍ୟାଡ୍‌ମିଂନ ଷ୍ଟାଡ଼ିୟମଟିଏ ସେହି ସହରରେ ନିର୍ମାଣ କରିଦେବାର ପ୍ରତିଶ୍ରୁତି ଦେଇଛନ୍ତି । ପରବର୍ତ୍ତୀ କାଳରେ ସେ ଅଞ୍ଚଳର ନୂତନ ରାଜକୀୟ କର୍ତ୍ତା ନିଜର ଗୁରୁତ୍ୱ ରକ୍ଷା କରିବାକୁ ଯାଇ ଯଥାଶୀଘ୍ର ଏକ ସନ୍ତରଣଗାରଟିଏ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଛନ୍ତି । ପ୍ରସ୍ତାବିତ ସନ୍ତରଣାଗାରଟି ପ୍ରସ୍ତୁତ ହେବାପରେ ସକାଳୁ ସକାଳୁ ଦିବାକରର ପୋଖରୀରେ ପହଁରିବା ସମ୍ପର୍କୀୟ ବିଭିନ୍ନ ଆକ୍ଷେପ ଓ ସନ୍ଦେହରେ ହୁଏତ ଅବସାନ ଘଟନ୍ତା । କିନ୍ତୁ ଦିବାକର ନିଷ୍ପତ୍ତି ନେଇଛି ସେ ଆଉ ବ୍ୟାଡ଼ମିଣ୍ଟନ ଖେଳିବ ନାହିଁ କି ପହଁରିବ ନାହିଁ । ଦିବାକରକୁ ବୟସ ପାଇଁଚାଳିଶ ଛୁଇଁଥିଲେ ମଧ୍ୟ ସାହିର ଟୋକାମାନେ ତାକୁ ବୁଢ଼ା ବୋଲି ସମ୍ବୋଧନ କଲେଣି । ବୁଢ଼ାକାଳେ ତା'ର ସନ୍ତରଣର ସଉକ ଅନ୍ୟମାନେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି ଜାଣି ଦିବାକର ମନେମନେ ସଚେତନ ହୋଇଯାଇଛି । ଦିବାକର ବୁଝିଛି, ଅନୁଭବର ଗଭୀରତାରେ ନୁହେଁ; ବରଂ ବୟସର ପ୍ରମାଣପତ୍ରରେ ହିଁ ଏଠି କେବଳ ଜୀବନର ପରିମାଣ କଳନା କରାଯାଏ ଏଠି ।

'ତାଲିକା ତିଆରି' 'ଦିବାକରର ଦୁନିଆ'ର ଏକ ଅଦ୍‌ଭୁତ ଖିଆଲର ଗଳ୍ପ । ହଠାତ୍ ଦିବାକରର ଇଚ୍ଛା ହୋଇଛି ସେ ପଢିଥିବା ଛଅଟା ସ୍କୁଲର ସମସ୍ତ ସହପାଠୀ, ଚିହ୍ନା ପରିଚିତ, ଜ୍ଞାତିକୁଟୁମ୍ବ, ତା'ଠାରୁ ଛୋଟ ଏବଂ ବଡ଼ ସମସ୍ତଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତ କରିବ । ସେମାନେ ବଞ୍ଚିଛନ୍ତି ନା ନାହିଁ କିଏ କେଉଁ ସ୍ଥିତିରେ ଅଛନ୍ତି ଜାଣିବ । ରୋଗାକ୍ରାନ୍ତ କି ମୃତ କି ସୁସ୍ଥ ସେ ସମସ୍ତ ବିବରଣୀ ପ୍ରସ୍ତୁତ କରିବାକୁ ସେ ଯୋଜନା କରିଛି । ଦୁଇଟି କାରଣରୁ ଏପରି ଯୋଜନା ହୋଇଛି । ପ୍ରଥମଟି ହେଲା ତା'ଠାରୁ କମ୍ ବୟସର ଲୋକ ମୃତ୍ୟୁବରଣ କରିଥିଲେ, ସେ ନିଜକୁ ସେମାନଙ୍କଠାରୁ ଭାଗ୍ୟଶାଳୀ ମନେକରିବ ଏବଂ ଦ୍ୱିତୀୟଟି

ହେଲା ତା'ଠାରୁ ଅଧିକ ବୟସ୍କ ଲୋକ ବ˚ଥିଲେ ସେମାନଙ୍କଠାରୁ କିଛି ପ୍ରେରଣା ପାଇବ । ଦିବାକରର ଏପରି ଉଦ୍ଭଟ ଇଚ୍ଛା ପଶ୍ଚାତ୍‌ରେ କିନ୍ତୁ ଅନ୍ୟ ଏକ କାରଣ ସକ୍ରିୟ ଥିଲା । ସେ ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ତା ଶ୍ରେଣୀର ହିନ୍ଦୀ ସାର୍‌ଙ୍କ ଝିଅ ବାତ୍ୟାୟନୀଙ୍କୁ ଖୋଜିବା । ସେତେବେଳେ କ୍ଲାସ୍‌ରେ ପ୍ରଥମ ହେଉଥିବା ବାତ୍ୟାୟନୀକୁ ପଛରେ ପକାଇ ଦିବାକର ଶ୍ରେଣୀରେ ପ୍ରଥମ ହୋଇ ସହପାଠୀଙ୍କ ଗୌରବ ବଢାଇଥିଲା । ହେଲେ ବାତ୍ୟାୟନୀ ଦେବୀପ୍ରତି ଏବେ ମଧ୍ୟ ତା'ମନରେ ଟିକେ ଦୁର୍ବଳତା ରହିଥିବା ମନେକରିଛି ଦିବାକର । ତେଣୁ ସବୁ ସହପାଠୀଙ୍କୁ ଖୋଜିବା ଆଳରେ ତାକୁ ମଧ୍ୟ ଖୋଜିବାକୁ ଚାହିଁଛି । କାଳେ ବାତ୍ୟାୟନୀ ମଧ୍ୟ ତାକୁ ଖୋଜୁଥିବ ଭାବି ମନେମନେ ଆମୋଦିତ ହୋଇଛି । ଏପରି ଏକ ଅଦ୍ଭୁତ ଖିଆଲକୁ କିନ୍ତୁ ସେ ସାକାର କରିପାରିନାହିଁ । ଚିଠା ପ୍ରସ୍ତୁତ ଅସଂପୂର୍ଣ୍ଣ ରହିଛି । କାରଣ ପରିପକ୍ୱ ବୟସରେ ବାତ୍ୟାୟନୀ ଦେବୀ ପ୍ରସଙ୍ଗ ପଦାରେ ପଡ଼ିଲେ ଅଯଥାରେ ଉପହସିତ ହୋଇପାରେ ବୋଲି ଭାବିଛି ଦିବାକର ।

'ଅଲଗା ଲୋକ' ଗଳ୍ପରେ ଦିବାକର ନିଜକୁ ଏକ ନିଆରା ପ୍ରକୃତିର ବ୍ୟକ୍ତିତ୍ୱ ମନେକିର ଆତ୍ମସନ୍ତୋଷ ଲାଭ କରିଛି । କିଶୋର ବୟସରୁ ହିଁ ସେ ଏକା ଏକା ବୁଲୁଥାଏ । ନିଜ ଦୁନିଆରେ ନିଜେ ବ୍ୟସ୍ତଥାଏ । ଏକୁଟିଆ ସିନେମା ଦେଖେ । ଯେବେ ଚାକିରି କଲା ତାକୁ ତା'ର ଏକଚାଟିଆ ନୀତି ପାଇଁ ଫୁଟାଣିଆ ବୋଲି କହି ଚାକିରିଦାତାଙ୍କ କାନରେ ତା' ବିରୁଦ୍ଧରେ ଲୋକେ ଲାଗିଥାନ୍ତି । ଯେତେବେଳେ ଚାକିରି ଖଣ୍ଡିଏ ପାଇବାପରେ ପର୍ବତଘେରା ଅ˚ଳରେ ଘରଟିଏ ବନେଇଲା, ତାକୁ କେତେଲୋକ ଭଲ ଚାଲାକ୍ କାମଟିଏ କଲବୋଲି କହିବାରୁ ସେ କିନ୍ତୁ ବେଶ୍ ଅସନ୍ତୁଷ୍ଟ ହୋଇଛି । ଦିବାକରକୁ କେହି ଚାଲାକ ଚତୁର ନ କହି ବରଂ ଉଦାସ କିଶୋରଟିଏ କହିଲେ ଅଧିକ ଯଥାର୍ଥ ହେବ ବୋଲି ଭାବେ ଦିବାକର । କାରଣ ସେ ଭଲପାଏ ପ୍ରକୃତିକୁ, ଉଚ୍ଚଉଚ୍ଚ ପାହାଡ଼ ଶୃଙ୍ଗକୁ, ସେଥିପାଇଁ ଅନ୍ୟମାନେ ପଇସା ଖର୍ଚ୍ଚକରି ବଦଳି ହୋଇ ସେହି ସ୍ଥାନରୁ ପଳାଉଥିବା ବେଳେ, ଦିବାକର ପ୍ରାଣଭରି ଉପଭୋଗ କରେ ଛଅମାସ ଶୀତ ଆଉ ଛଅମାସ ବର୍ଷା ହେଉଥିବା ସେହି ଅ˚ଳକୁ । ଏବେ ଯଦିଓ ଆଗପରି ସେହି ଉଚ୍ଚତର ଶୃଙ୍ଗ ଭଲରେ ଦେଖାଯାଉ ନାହାନ୍ତି ଉଚ୍ଚା ଉଚ୍ଚା ଇମାରତମାନଙ୍କ ଗହଣରୁ; ତଥାପି ଦିବାକର ସଦା ସେହି ପାହାଡ଼ୀ ଅ˚ଳର ପ୍ରେମରେ ମସଗୁଲ ଥାଏ; ଏକ ଭିନ୍ନ ଜଗତର ଅନୁଭବରେ ବିଭୋର ଥାଏ ସବୁବେଳେ ।

'କିଛି କବିତାଂଶ ଓ ଜନୈକ ପ୍ରେମିକା' ଦିବାକରର କିଶୋର ବୟସର ଏକ ପ୍ରେମିଳ ଅନୁଭୂତି ଉପରେ ଆଧାରିତ ଏକ ଗଳ୍ପ । ଦିବାକର ତେର ବର୍ଷ ବୟସରେ ଯେଉଁ ଝିଅର ପ୍ରେମରେ ପଡ଼ିଥିଲା ତାକୁ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସେ ଜଣାଇପାରିନାହିଁ । ଜୀବନ ଭରି କବି ସୌଭାଗ୍ୟ ମିଶ୍ରଙ୍କ "ତୁମଠି, କ'ଣ ଏମିତି ଦେଖିଲି ଯେ/ ଏତେ ନାରଖାର ହେଲି', ସତ ଖାଲି ଦଶମ ଶ୍ରେଣୀରୁ/ ଆଜି ପର୍ଯ୍ୟନ୍ତ କ୍ଷଣେବି/ ଅନ୍ତର ହୋଇନି/ ତୋ ରୂପ ମୋ ମନ ମନ୍ଦିରରୁ" ପରି କବିତା ଦିବାକରର ଛାତିତଳେ ଦପ୍‌ଦପ୍ ହୋଇ ଜଳିଛି । ଠିକ୍ ସମୟରେ ପ୍ରେମିକାକୁ ନିଜର ମନର କଥା ଜଣାଇପାରି ନଥିବାରୁ ଅନ୍ୟ କେହି ଜଣେ ପ୍ରେମିକା ମନରେ ବସା ବାନ୍ଧିଛି । ସାଙ୍ଗମାନେ ଦିବାକରକୁ ସଚେତନ କରେଇଛନ୍ତି ସେ ସମ୍ପର୍କରେ । ମାତ୍ର ଦିବାକର ଯଥାସମ୍ଭବ ସଜବାଜ ହୋଇ ପ୍ରେମିକାକୁ ପ୍ରେମନିବେଦନ କରିବାକୁ ତା'ହଷ୍ଟେଲକୁ ଯାଇଛି ଏବଂ ସେଠାରୁ ପ୍ରେମିକାର ନାସ୍ତିବାଣୀ ଶୁଣି ହତାଶ ହୋଇ ଫେରିଛି । ସେଠାରୁ ଫେରି ଅଧଘଣ୍ଟାକାଳ କାନ୍ଦିବାର ପାଞ୍ଚଛଅ ବର୍ଷପରେ ଯାହାକୁ ବିବାହ କରିଛି ତା'ର ରୂପ ଓ ଗୁଣରେ ଦିବାକର କେବଳ ମୁଗ୍ଧ ନୁହେଁ ଗର୍ବିତ ମଧ୍ୟ ହୋଇଛି । ପ୍ରେମିକାଠାରୁ ନିରାଶ ହୋଇ ଦିବାକର ପଥର ପାଲଟି ଯାଇନାହିଁ । କିନ୍ତୁ ଆଜି ତେଷଠି ବର୍ଷ ବୟସରେ ବିବାହର ଛତିଶ୍ ବର୍ଷ ପରେ ମଧ୍ୟ ଦିବାକରର ମନେପଡ଼େ ସେହି ପୁରୁଣା ଦିନର ପ୍ରେମିକା ସହ ହଷ୍ଟେଲ ସାମ୍ନାରେ ହୋଇଥିବା ଶେଷ ଦେଖା କଥା । କିଶୋର ବୟସର ପ୍ରେମିଳ ଅନୁଭୂତି, ଦିବାକରର ଶରୀର ବୃଦ୍ଧ ହୋଇଥିଲେ

ସୁଦ୍ଧା ମନକୁ କିଶୋର ହିଁ କରି ରଖିଛି ।

'ଲଙ୍ଗ୍ ଡ୍ରାଇଭ୍' ଗଳ୍ପରେ ଦିବାକରର ଗାଡ଼ି ଚଲାଇବା ପ୍ରତି ଅସୀମ ଦୁର୍ବଳତାକୁ ଲକ୍ଷ୍ୟ କରିହେବ । ଚଉଦ ବର୍ଷ ବୟସରେ ନିଜ ଇଞ୍ଜିନିୟର ବାପାଙ୍କ ଅଫିସ୍ ଜିପ୍‌ରେ ସେ ପ୍ରେଥମେ ଗାଡ଼ି ଶିଖିଥିଲା । ତା'ର ପ୍ରଥମ ଗୁରୁ ଥିଲେ ତିରିଶ ବର୍ଷର ଯୁବକ ଶେର୍ ଖାଁ । କିନ୍ତୁ ଦିବାକର ଯେଉଁ ଚାକିରି କରିଥିଲା ସେଥିରେ ସରକାରୀ ଗାଡ଼ି ନଥିଲା । ସେ ନିଜେ ଚାକିରି ସରିବାର ପ୍ରାୟ ଚାରି ବର୍ଷ ଆଗରୁ ଏକ ପାଉଁଶିଆ ରଙ୍ଗର କାର୍ କିଣିଲା । ଏବେ ତାକୁ ପଂଷଠି ବର୍ଷ ହେଲାଣି । ତଥାପି ଗାଡ଼ି ଚଲାଇବାର ସଉକ୍ ତାର କମିନାହିଁ । ଦିବାକର କାର୍ ନେଇ ଦୁଇଶହ କିଲୋମିଟର ଦୂରବର୍ତ୍ତୀ ବିମାନ ବନ୍ଦରକୁ ଝିଅ, ନାତୁଣୀକୁ ନେଇ ସମୁଦ୍ର ପତନରୁ ନଅଶହ ମିଟର ଉପରେ ଥିବା ତା ସହରକୁ ଘାଟି ରାସ୍ତାରେ ଗାଡ଼ି ଚଳେଇ ଫେରିଆସେ । ଏବେ କିନ୍ତୁ ବୟସାଧିକ୍ୟ ଯୋଗୁ ଦିବାକର ଥକିଯାଏ ଲଙ୍ଗ୍‌ଡ୍ରାଇଭ୍ କରି । ପତ୍ନୀ ଆକଟ କରନ୍ତି । ଦୂରବର୍ତ୍ତୀ ଜାଗାକୁ ଗଲେ ଟ୍ୟାକ୍ସି ବ୍ୟବହାର କରିବାକୁ କହନ୍ତି । କିନ୍ତୁ ଦିବାକର ପତ୍ନୀଙ୍କ ସବୁକଥା ମାନୁଥିଲେ ମଧ୍ୟ ଏଇ ଗୋଟିଏ କଥାରେ ଅମାନ୍ୟ ହୁଏ । ପୁଣି ନିଜ ସଉକ୍‌ର ଲଙ୍ଗ୍ ଡ୍ରାଇଭ୍‌ରେ ପତ୍ନୀଙ୍କୁ ସାଙ୍ଗରେ ନେଇ ତାଙ୍କ ମାନ ମାନଭଞ୍ଜନ କରେ ଦିବାକର । ନିଜର ଯୁବସୁଲଭ ଉଦ୍ଦାମତା ଜନିତ ସଉକ୍ ପୂରାକରିପାରୁଥିବା ଆନନ୍ଦରେ ନିଜେ ଆମୋଦିତ ହୁଏ ଦିବାକର ।

'ବାଜେ କଥା' ଗଳ୍ପଟି ଦିବାକରର ପ୍ରାତ୍ୟହିକ ଅନୁଭୂତି ଉପରେ ଆଧାରିତ ବାସ୍ତବ ସମସ୍ୟା ସମ୍ବଳିତ ଏକ ଗଳ୍ପ । ଜୀବନରେ ଏପରି ଏକ ଏକ ପରିସ୍ଥିତି ଆସେ ଯେଉଁଠି ନିଜ ସହିତ ସାଲିସ କରି ନିଜକୁ ଚଳେଇ ନେବାକୁ ହୁଏ । ଦିବାକର ପ୍ରତିଦିନ ବସ୍‌ରେ ବାଇଶ କିଲୋମିଟର ଯାତ୍ରାକରି କଲେଜ ଯାଏ । ଯେଉଁ ବସ୍‌ରେ ନିତିଦିନ କଲେଜ ଯାଏ ତା'ର ମାଲିକ ଦିବାକରର ଜଣେ ପ୍ରାକ୍ତନ ଛାତ୍ର । ଦିନେ ପ୍ରବଳ ଭିଡ଼ ଥିବା ବସ୍‌ରେ ସିଟ୍‌ଟିଏ ପାଇଁ ଚେଷ୍ଟାକରି କ୍ଲିନର ପିଲାର ଅଣଦେଖା ଭାବରୁ ଦିବାକର ଅସଫଳ ହୋଇଛି । ସେଥିପାଇଁ ତା'ଠାରୁ ପ୍ରତିଶୋଧ ନେବାକୁ ଚେଷ୍ଟା କରିଛି । ବସ୍‌ରେ କଣ୍ଡକ୍ଟର ଟିକଟ ପଇସା ମାଗିଲେ ରସିଦ୍‌ମାଗିବାକୁ ମନେମନେ ସ୍ଥିର କରିଛି । କିନ୍ତୁ ବସ୍‌ର ମାଲିକ ପ୍ରାକ୍ତନ ଛାତ୍ର ଖୋଦ୍ ଟିକଟ ଆଦାୟ କରୁଥିବା ବେଳେ ଦିବାକରକୁ ଦେଖି ନମସ୍କାରଟାଏ କରି ଟିକଟ ପାଇସା ନନେବାକୁ କ୍ଲିନର ପିଲାକୁ ବାରଣ କରିଛି । ଦିବାକର ସିଟ୍ ନପାଇପାରି ଯେଉଁ କ୍ରୋଧାଗ୍ନିରେ ଜଳୁଥିଲା ତାହା କଣ୍ଡକ୍ଟର କଥାରେ ଟିକେ ପ୍ରଶମିତ ହାଇଛି । ଚିହ୍ନାଅଚିହ୍ନା ଲୋକଙ୍କ ମଧ୍ୟରେ ଟିକେ ଗୁରୁତ୍ୱ ବି ତା'ର ବଢ଼ିଛି । ତଥାପି କ୍ଲିନର ପିଲାଟି ମାଲିକର କଥା ବୁଝିନପାରି ତାଙ୍କୁ ପଇସା ମାଗିବ କି ନାହିଁ ଭାବିବା ଦେଖି ମାଲିକ ପୁନଶ୍ଚ କ୍ଲିନରକୁ ଗାଳି କରିଛି । ଦିବାକରକୁ ସାର୍ ବୋଲି ସମ୍ବୋଧନ ନକରି ତାଙ୍କଠାରୁ ନେ ନା' ବୋଲି କହିବା ବି ଦିବାକରକୁ ପସନ୍ଦ ହୋଇନାହିଁ । ତଥାପି ଦିବାକର ଆଉ କ୍ରୋଧ ନକରି ମୁଣ୍ଡଥଣ୍ଡା ରଖିବାକୁ ଚେଷ୍ଟାକରିଛି । କାରଣ କଲେଜରେ ତା'ର ପିଲାଙ୍କୁ ପଲିଟିକାଲ ଥିଓରୀ ଓ ଉପରବେଳୋ ପି.ଜି ପିଲାଙ୍କୁ 'ସାମାଜିକ ନୈତିକତାର ବିକାଶରେ ବୁଦ୍ଧିଜୀବୀର ଭୂମିକା' ବିଷୟରେ ଏକ ସେମିନାରରେ ଭାଷଣ ଦେବାର ଥିଲା । ଜୀବନରେ ଏପରି ବିରକ୍ତିକର ପରିସ୍ଥିତିଗୁଡ଼ିକୁ ମଧ୍ୟ ଥଣ୍ଡାମୁଣ୍ଡରେ ସହିବାକୁ ହୁଏ । ଆଉ ସେସବୁ ଥିଲା ଦିବାକର ପାଇଁ 'ବାଜେକଥା' ।

'ଦୁଇଟି ସକାଳର କାହାଣୀ' ଗଳ୍ପରେ ଦିବାକର ଏକ ଅପ୍ରିତୀକର ପରିସ୍ଥିତି ଶିକାର ହୋଇ ମାନସିକ ସ୍ତରରେ ଆହତ ହୋଇଛି ଏବଂ ତାର ପ୍ରତିଶୋଧ ମଧ୍ୟ ନେଇଛି । ନିଜ ପଡ଼ୋଶୀ ରାଓବାବୁଙ୍କ ସହ ଗପି ଗପି ଆସିଥିବା ଜଣେ ଅଦ୍ଭୁତ ଢଙ୍ଗରେ ଚାଲୁଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଦେଖି ଦିବାକରକୁ ପ୍ରଥମେ ହସମାଡ଼ିଛି । ପରେ ଭିନ୍ନକ୍ଷମଙ୍କ ପ୍ରତି ସେପରି ବ୍ୟବହାର ପ୍ରଦର୍ଶନ ସଂସ୍କୃତିସମ୍ପନ୍ନ ସଭ୍ୟ ସମାଜରେ ବର୍ବରତା ବୋଲି ଧରାଯାଉଥିବା ହେତୁ ଦିବାକର ନିଜର ହସକୁ ଚାପିଦେଇଛି । କିନ୍ତୁ ସେ ଭିନ୍ନକ୍ଷମ ଲୋକଟିକୁ ତାଙ୍କର ଅସୁବିଧା ସମ୍ପର୍କରେ ପଚାରିଦେଇ

ଏକ ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହୋଇଛି ଦିବାକର । ଲୋକଟି ପ୍ରଥମେ ଦିବାକରର ପ୍ରଶ୍ନଶୁଣି ନଶୁଣିବାର ଅଭିନୟ କରିଛି ଏବଂ ରାଓ ବାବୁ ସଚେତନ କରିଦେବାପରେ ଲୋକଟି ମୁହଁ ଛିଂଡ଼ି କହିଛି, "ହଁ ମୋର ଅସୁବିଧା ହେଇଚି ମୁଁ ଛୋଟଉଛି, କାଇଁ କ'ଣ ଔଷଧ ମୌଷଦର ବ୍ୟବସ୍ଥା କରିଦେବେ କି ?" ଲୋକଟିର ରୁକ୍ଷତାରେ କ୍ରୋଧିତ ହୋଇ ଦିବାକର ଶକ୍ତ ଚାପୁଡାଟିଏ ମାରିବାକୁ ଇଚ୍ଛା କରି ମଧ୍ୟ ନିଜକୁ ସେଥିରୁ ନିବୃତ୍ତ ରଖିଛି । କାରଣ ଦିବାକରର ସ୍ୱଭାବ ସେପରି ନୁହଁ । ତା'ଛଡ଼ା ସେହି ଛୋଟ ସହରର ଦିବାକର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି । ଅବସରପ୍ରାପ୍ତ ଅଧ୍ୟକ୍ଷ, ବରିଷ୍ଠ ନାଗରିକ; ତେଣୁ ପରିସ୍ଥିତିକୁ ହାଲୁକା କରିବାକୁ ଯାଇ ପୁନଶ୍ଚ ସେହି ଲୋକଟିଦ୍ୱାରା ଅପମାନିତ ହୋଇଛି । ଲୋକଟି ଦିବାକରକୁ ସମ୍ମାନ ଦେବା ଦୂରର କଥା ସାମାନ୍ୟ ସୌଜନ୍ୟତା ମଧ୍ୟ ଦେଖାଇନାହିଁ । ଦିବାକରକୁ ସେ ଖାଲି ଲେକ୍‌ଚରର୍ ଟିଏ ଥିଲେ ବୋଲି କହି ଅତ୍ୟନ୍ତ ହାଲୁକା ଭାବରେ ଫୋପାଡ଼ିଲା ପରି ଚିହ୍ନିଚି ବୋଲି କହିଛି । ଯାହାକି ଦିବାକରକୁ ଅତ୍ୟନ୍ତ ବାଧିଛି । ଦିବାକର ମନେମନେ ଲୋକଟି ସେତିକିର ହିଁ ମୁଣ୍ଡ ବୋଲି କହି ଅପମାନରୁ ବର୍ତ୍ତିବାକୁ ଚେଷ୍ଟା କରିଛି । ସେମାନଙ୍କଠାରୁ ବିଦାୟ ନେଲାବେଳେ ଦିବାକର ରାଓବାବୁଙ୍କୁ ଆପଣ ତ ଫେରିଲେଣି, ମୁଁ ଟିକେ ବୁଲି ଆସେ, ଖରା ହୋଇଯିବ ବୋଲି କହିଛି । ଜାଣି ଜାଣି ଆପଣମାନେ ନ କହି ଆପଣ ହିଁ କହିଛି । ଉଦ୍ଦେଶ୍ୟ ଥିଲା ସେ ଅଭଦ୍ର ଭିନ୍ନକ୍ଷମ ଲୋକଟିର ସ୍ଥିତିକୁ ଅସ୍ୱୀକାର କରି ନିଜର ପ୍ରତିଶୋଧ ନେବା । ପରଦିନ ସକାଳେ ସେହି ଭିନ୍ନକ୍ଷମ ଲୋକଟି ଦିବାକରର ଗଳିରେ ଜଣେ ତରୁଣୀ ଗୃହିଣୀକୁ ଫୁଲଦେବା ଅବସରରେ ଦେଖି ତା' ମୁହଁରେ ଗରମ ଚା ଛାଟି ଦେବାକୁ ଇଚ୍ଛା ହେଉଥିଲେ ମଧ୍ୟ ଦିବାକର ତାହା କହିପାରିନାହିଁ; କାରଣ ସେ ଦୃଷ୍ଟିରୁ ସେ ଭିନ୍ନକ୍ଷମ । ସାଧାରଣ ଅନୁଭବକୁ ଗଳ୍ପ କରିଦେବାର ପ୍ରବଣତା; ନାରାୟଣଙ୍କର ଗଳ୍ପର ପ୍ରମୁଖ ଏକ ଦିଗ । ସେ ଦୃଷ୍ଟିରୁ ଏହା ଏକ ବେଶ୍ ସଫଳ କଥାଭିବ୍ୟକ୍ତି ।

'ମନ୍ଦିରର ପାହାଚ ଚଢ଼ା ଓ ଅନ୍ୟାନ୍ୟ ଅନୁଭବ' ଗଳ୍ପରେ ଗଳ୍ପପୁରୁଷ ଭଲଭାବରେ ଜାଣେ ସ୍ୱର୍ଗକୁ ନିଶୁଣି ନାହିଁ, ତଥାପି କାଳେ ନିଶୁଣିଟିଏ ପାଇଯିବ ସେଥିପାଇଁ ମନଟା ବିକଳ ହୁଏ । ସକାଳୁ ଉଠି ନିଜ ସହର ମଧ୍ୟ ସ୍ଥଳରେ ଥିବା ମନ୍ଦିରର ପାହାଚକୁ ଆଠ ଥର ଚଢ଼ି ଓହ୍ଲାଇ ହଜାରେ ଷୋହଳ ଥର, ନିଜର ସ୍ୱାସ୍ଥ୍ୟପ୍ରତି ଦାୟିତ୍ୱ ସମ୍ପାଦନ କରନ୍ତି । ସକାଳୁ ଛୋଟ ହାଟ ବେପାରି, ପରୀକ୍ଷା ଦେବାକୁ ଯାଉଥିବା ପିଲା ସମସ୍ତେ ନିଜ ନିଜର ମନସ୍କାମନା ପୂର୍ତ୍ତିପାଇଁ ମନ୍ଦିର ପାଖେ ମୁଣ୍ଡିଆମାରିଯା'ନ୍ତି । ଦିବାକରର କିନ୍ତୁ ଆସ୍ଥା ନାହିଁ ସେ ସବୁରେ, ତଥାପି "ଜୀବନ ମାନେ ତ ସେୟା ନିଜେ ପାପୀ କି ନିରୀହ ଜାଣିନହେବା, ଜୀବନ ମାନେତ ସେୟା ଈଶ୍ୱରଙ୍କୁ ରୋକ୍‌ଠୋକ୍ ଅସ୍ୱୀକାର କରି ପରମୁହୂର୍ତ୍ତରେ ନିଃସଙ୍କୋଚରେ ନିର୍ଲଜ ଭାବେ ତାଙ୍କର କରୁଣା ଭିକ୍ଷା କରିବା; ଜୀବନମାନେ ତ ନିଜ ସହ ନିଜେ ଅହରହ ଯୁଝିବା ।" ଦିବାକର ମଧ୍ୟ ନିଜର ମଧୁମେହ ରୋଗରୁ ମୁକ୍ତ ହୋଇ ଜୀବନକାଳ ଲମ୍ୱେଇବାକୁ ସବୁଦିନ ଭୋର୍‌ରୁ ହଜାରେ ଷୋହଳ ପାହାଚ ଚଢେ ଆଠଥର ତଳଉପର ହୋଇ ।

'କାରଖାନା' ଗଳ୍ପଟି ସଂକଳନର ଏକ କ୍ଷୁଦ୍ର କଳେବରଯୁକ୍ତ ଗଳ୍ପ । ଯେଉଁଠି ଜଣେ କର୍ମଠ ଏବଂ ଆନ୍ତିରିକ ଉଦ୍ୟମଶୀଳ ସଚ୍ଚୋଟ କାରଖାନା ମାଲିକ ପ୍ରତି ତାଙ୍କ ଶ୍ରମିକମାନଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସକୁ ଅନୁଭବ କରାଯାଇପାରିବ । କାରଖାନାଟି ପ୍ରକୃତ ମାଷ୍ଟର ପ୍ଲାନ୍ ଅନୁସାରେ ନହୋଇ ନିହାତି କାମଚଳାଭାବେ ଚାଲିଥିଲେ ସୁଦ୍ଧା ଶ୍ରମିକମାନଙ୍କର ନିଜ ମାଲିକ ପ୍ରତି ଅଗାଧବିଶ୍ୱାସ ଏବଂ ଆସ୍ଥା ଅନେକ ଅସୁବିଧା ସତ୍ତ୍ୱେ ମାଲିକ ସହିତ ସେମାନଙ୍କୁ ବାନ୍ଧି ରଖିପାରିଛି । ଶ୍ରମିକମାନେ କାରଖାନାର ବାହ୍ୟ ଚକଚାକ୍ୟ ଅପେକ୍ଷା କର୍ମକୁ ଅଧିକ ଗୁରୁତ୍ୱ ଦେଇଛନ୍ତି ।

'ଘରମାଲିକ' ଗଳ୍ପ ଆଉ ଏକ ଖିଆଲର ଗଳ୍ପ । ଦିବାକର ଯେଉଁ ଘରେ ରହୁଥାଏ; ସେ ଘରର ମାଲିକ କିଏ ସେ ଜାଣେ ନାହିଁ । ସେ ଘରେ ଯାବତୀୟ ପ୍ରକାରର

ଅସୁବିଧା ରହିଛି, ଯଥା– ସହରଠାରୁ ଦୂର, ବିଜୁଳି ବ୍ୟବସ୍ଥା ନାହିଁ, ପାଇଖାନା ମଧ୍ୟ ଅଧା ତିଆରି, ସାପ, ବିଛା, ଭାଲୁ ଓ ହେଟାର କଲକଲ ସବୁବେଳେ । ଏପରି ପରିବେଶରେ ଝିଅ ରହୁଥିବାରୁ ଶାଶୂଙ୍କ ଅଶାନ୍ତି । ତଥାପି ସେ ସବୁ ସମସ୍ୟା ଅପେକ୍ଷା ଦିବାକର ଘରମାଲିକର ସନ୍ଧାନ ପାଇପାରୁନଥିବାରୁ ବିଚଳିତ ହୋଇଛି । ବିଜୁଳି ସଜଡ଼ାବାଲା, ପାଣି ପାଇପ ସଜେଇବା ଲୋକ କେହି ତାକୁ ଘରମାଲିକର ସନ୍ଧାନ ଦେଇପାରିନାହାନ୍ତି । ଶେଷରେ ପତ୍ନୀ ସେହି ଘରଟିକୁ ନିଜର କରି ଖୁସିରେ ରହିବା ଏବଂ ଦିବାକର ମଧ୍ୟ ପାରୁପର୍ଯ୍ୟନ୍ତ ଘରଟିକୁ ନିଜର କରି ରହିବାକୁ ଚେଷ୍ଟା କରିଛି । ଯେଉଁଦିନ କିଏ ଅସଲି ମାଲିକ ଆସି ଘରୁ ବାହାରିଯିବାକୁ କହିବ, ସେଦିନ ଦେଖାଯିବ ଏଭଳି ଆତ୍ମପ୍ରତ୍ୟୟରେ ହୋଇଛି ଦୃଢ଼ ।

'ଛତା' ଗଳ୍ପରେ ଦିବାକରର ଭିନ୍ନ ଏକ ସଉକ୍‌କୁ ଲକ୍ଷ୍ୟ କରିହେବ । ବର୍ଷାରେ ଭିଜିବାରେ ଦିବାକରର ଅତ୍ୟନ୍ତ ଆନନ୍ଦ, ହେଲେ ତା'ର ସେ ଆନନ୍ଦକୁ ନିଜର ନୈତିକ କର୍ତ୍ତବ୍ୟର ଦ୍ୱାହିଦେଇ ଘରୁ ବାହାରିଲା ବେଳେ ପତ୍ନୀ ହାତରେ ଛତାଟିଏ ଧରେଇ ଦିଅନ୍ତି । କଲେଜରେ ଜାଣି ଜାଣି କପ୍‌ବୋର୍ଡରେ ଛତାକୁ ଲୁଚାଇ ଭିଜିଭିଜି କ୍ଲାସ୍‌କୁ ବାହାରିଲା ବେଳେ ପ୍ରଥମେ ଜଣେ ସହକର୍ମୀ ଏବଂ ଦ୍ୱିତୀୟ ଉଦ୍ୟମରେ ଛାତ୍ର ଜଣକ ଆସି ଛତାଧରେଇ ଦେଇଛନ୍ତି ଦିବାକରକୁ । ତା'ର କିନ୍ତୁ ଭାରି ଇଚ୍ଛା ମନଭରି ବର୍ଷାରେ ଟିକେ ଭିଜନ୍ତା । ରାଗରେ ଦାନ୍ତ କଡ଼ମଡ଼ କରେ ଦିବାକର ଅଯାଚିତ ଭାବେ ସହକର୍ମୀ ଏବଂ ଛାତ୍ରମାନେ ତାକୁ ଛତା ଯାଚୁଥିବାରୁ । ସେ ରହୁଥିବା ସହରକୁ ଭଲପାଇବାର ଅନେକ କାରଣ ଥିବା ସତ୍ତ୍ୱେ ବର୍ଷା ଥିଲା ଅନ୍ୟ ଏକ ଆକର୍ଷଣ; ଯେଉଁ ବର୍ଷାରେ ଭିଜିଲେ ହିଁ ଭିଜିବାର ଅସଲ ମଜା ମିଳିପାରେ ତେଣୁ ସେଇ ଉପଲବ୍ଧି ପାଇଁ ସୁବିଧା ଦେଖି ହାତରୁ ବେଳେବେଳେ ଛତାଟି ହଜେଇ ଦିଆଯାଇପାରେ ।

'ସାଙ୍ଗ ଓ ଦିବାକର' ଗଳ୍ପରେ ଦିବାକର ପଡ଼ିଛି ଏକ ବିଷମ ପରିସ୍ଥିରେ । ଦିନେ ଦିବାକର ଓ ତାର ସାଙ୍ଗ ସାନ୍ଧ୍ୟଭ୍ରମଣରେ ବାହାରି ଥିବାବେଳେ ହାତୀଟିଏ କଳସଧରି ଧାଇଁ ଆସିଛି ଏବଂ ସାଙ୍ଗମୁଣ୍ଡରେ ଢାଳି ଦେଇଛି । ସେହି ମୁହୂର୍ତ୍ତରୁ ସାଙ୍ଗର ଭାଗ୍ୟ ପରିବର୍ତ୍ତିତ ହୋଇଯାଇଛି । ହାତୀଜନିତ ଘଟଣାଟି ଘଟି ନଥିଲେ ସେମାନେ ଅନ୍ୟ ଦିନ ପରି ପୋଲ ଉପରେ ବସି ଗପିଥାନ୍ତେ । କିନ୍ତୁ ସାଙ୍ଗ ହୋଇଛି ରାଜା । ଦିବାକର ରାଜାଙ୍କ ସାଙ୍ଗ ଏକଥା ଅନ୍ୟମାନଙ୍କର ହଜମ ହୁଏ ନାହିଁ । ସମସ୍ତେ ଭାବନ୍ତି ଦିବାକର ରାଜାଙ୍କ ସାଙ୍ଗ ବୋଲି ବେଶୀ ଦେଖେଇ ହେଉଛି । କାହିଁ ରାଣୀ, କାହିଁ ଚନ୍ଦ୍ରକାଣୀ ବୋଲି ବି କହନ୍ତି । କିଛିଦିନ ପରେ ରାଜାଙ୍କ ଜନ୍ମୋତ୍ସବ ରାଜଧାନୀରେ ପାଳନର ବ୍ୟବସ୍ଥା ହୋଇଛି । ଦିବାକରକୁ କିଛି ଲୋକ ରାଜାଙ୍କ ସାଙ୍ଗ ହିସାବରେ ନିମନ୍ତ୍ରଣ ପଠେଇଛି କି ନାହିଁ ପଚାରିଛନ୍ତି । କାରଣ ଦିବାକରର ସହରରୁ କିଛି ନମନ୍ତ୍ରିତ ଅତିଥିଙ୍କୁ ତଥା ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ନିମନ୍ତ୍ରଣ ହୋଇଛି । ଦିନକୁ ଦିନ ଦିବାକରକୁ ସବୁ ପ୍ରଶ୍ନିଳ ଦୃଷ୍ଟିରେ ଚାହୁଁଥିବା ମନେକରିଛି ଏବଂ ସେ ମଧ୍ୟ ସମ୍ରାଟଙ୍କ ଜନ୍ମୋତ୍ସବରେ ନିମନ୍ତ୍ରିତ ହୋଇଛି ବୋଲି ସବୁଆଡ଼େ କହିଛି । ସେ ଚାହିଁଥିଲେ ସତ କହିପାରିଥାନ୍ତା କିନ୍ତୁ ମିଛ କହିବାକୁ ବାଧହେଲା । ଜନ୍ମଦିନର ପୂର୍ବଦିନ ରେଳଗାଡ଼ିରେ ବୟାଳିଶ ଘଣ୍ଟା ଯାତ୍ରା କରି ରାଜଧାନୀରେ ପହଂଚିଛି । କିନ୍ତୁ ପହଞ୍ଚିବାର ପରମୁହୂର୍ତ୍ତରେ ହିଁ କିଛି ବଳିଷ୍ଠ ବପୁବନ୍ତ ବ୍ୟକ୍ତି ରାଜାଙ୍କ ଜନ୍ମଉତ୍ସବରେ ଯୋଗଦେବାକୁ ଆସିଥିଲେ ପାସ୍ ଦେଖାଇବାକୁ ହେବ ବୋଲି କହିଛନ୍ତି । ଅଯଥା ଗହଳି କଲେ ଗିରଫ କରିବାକୁ ଭୟ ଦେଖାଇଛନ୍ତି । ଗହଳି ପ୍ରତି ତା'ର ମଧ୍ୟ ଆଗ୍ରହ ନାହିଁ, ତଥାପି ଦିବାକର ବୁଝିପାରିନାହିଁ ଯେ କେଉଁ ଆକର୍ଷଣରେ ସେ ରାଜଧାନୀ ଯାଇଥିଲା ବିନା ରିଜର୍‌ଭେସନ୍‌ରେ । ଦିବାକର ଜାଣିଦେଲା ଇତିହାସ ପ୍ରତି ଉନ୍ମୁଖତାରୁ ତା'ର ମୁକ୍ତି ନାହିଁ; ଯଦିଓ ଇତିହାସ ପାଇଁ ମାନବୀୟ ଆବେଗ ଅବାନ୍ତର ଏବଂ ନିଜର ଗତିପଥର ଗାତଗୁଡ଼ିକୁ ପୂରେଇବା ଲାଗି ଇତିହାସ ନିରନ୍ତର ଗଦେଇ ଚାଲିଥାଏ ତା'ପରି ଅସଂଖ୍ୟ ମଣିଷଙ୍କ ମାଂସ ଓ ହାଡ଼ !

'ସାମ୍ରାଜ୍ୟବାଦୀ' ଗଳ୍ପରେ ଦିବାକର ନିଜକୁ ଜଣେ

ଦାୟିତ୍ୱବାନ ନାଗରିକ ମନେକରି ରାଜାଙ୍କୁ ଚାଟୁକାରମାନଙ୍କ କବଳରୁ ରକ୍ଷା କରିବାକୁ ନାନା ପ୍ରକାର ଉଦ୍ୟମ କରିଛି । ଯଦି ରାଜାଙ୍କୁ ନିକାଞ୍ଚନରେ ଥରେ ଭେଟିପାରନ୍ତା, ତା' ହେଲେ ନ୍ୟସ୍ତସ୍ୱାର୍ଥ ଚାଟୁକାରମାନଙ୍କଠାରୁ ରାଜାଙ୍କୁ ସତର୍କ କରାଇ ନିଜେ ଜଣେ ସତ୍ ପରାମର୍ଶଦାତା ଭାବେ ରାଜାଙ୍କ ପାଖେ ପାଖେ ରହନ୍ତା ବୋଲି ଭାବିଛି । କିନ୍ତୁ ନିକାଞ୍ଚନ ତ ଦୂରର କଥା, ଆବେଦନ ପତ୍ର ଦେଇ ମଧ୍ୟ ସେ ଭେଟିପାରି ନାହିଁ । ଗଣମାଧ୍ୟମରେ ହିଁ ଯାହା ରାଜାଙ୍କୁ ଦେଖିପାରେ । ରାଜାଙ୍କୁ ଭେଟିବାର ଅନେକ କଳ୍ପନା କରେ କିନ୍ତୁ ସବୁ ଅବାସ୍ତବ । ଦିବାକର ଦିନେ ସ୍ୱପ୍ନରେ ଜଣେ ସିଦ୍ଧପୁରୁଷଙ୍କୁ ଭେଟେ, ଯିଏ ତା'ର ମନୋଦଶାକୁ ବୁଝିପାରନ୍ତି ଏବଂ ମନସ୍କାମନା ପୂରଣ କରିବାକୁ ବର ଯାଚନ୍ତି । ସ୍ୱପ୍ନରେ ସିଦ୍ଧିପୁରୁଷ ଦିବାକରକୁ ରାଜା ବନେଇଦେବାକୁ କହନ୍ତି । ଦିବାକର ଆନନ୍ଦରେ କୁରୁଳି ଉଠେ ଏବଂ ଦିବାକରର ସ୍ୱପ୍ନ ହଠାତ୍ ଭାଙ୍ଗିଯାଏ । ଦିବାକର ନିଦରୁ ଉଠି ନିଜ ପିଲାଦିନର ଫଟୋଗୁଡ଼ିକୁ ଦେଖେ । ଦିବାକର ଦେଖିବାକୁ ଚେଷ୍ଟାକରେ ସମ୍ରାଟଙ୍କ ପିଲାଦିନର ଫଟୋରେ ଝଟକୁଥିବା ନିରୀହତାର ସାଦୃଶ୍ୟକୁ । ତା ନିଜ ଭିତରେ ସମ୍ରାଟଙ୍କୁ ଦେଖିବାକୁ ଚେଷ୍ଟାକରେ ଏବଂ ଦର୍ପଣ ସମ୍ମୁଖରେ ଛିଡ଼ାହୁଏ । ଦିବାକର ନିଜ ବ୍ୟକ୍ତିତ୍ୱକୁ ସମ୍ରାଟଙ୍କ ଭିତରେ ଖୋଜିବାକୁ ଚେଷ୍ଟାକରେ ।

'ପଦୋନ୍ନତି' ଗଳ୍ପରେ ଦିବାକର ଜୀବନର ଏକ ଅପ୍ରିୟ ବାସ୍ତବତା ସମ୍ପର୍କରେ ସଚେତନ ହୋଇ ନିଜ ସହିତ ସାଲିସ କରିଛି । ଶୁଆ-ଶାରୀମାନଙ୍କୁ ଚକ୍ରଧର ପକ୍ଷୀଜନ୍ମରୁ ପାରକର ପରି ବହୁ ପରିଚିତ ବାକ୍ୟ କେତୋଟି ମୁଖସ୍ଥ କରାଇବା ଦାୟିତ୍ୱରେ ନିଯୁକ୍ତ ଥିଲା ଦିବାକର । ଏପରି ଦାୟିତ୍ୱସମ୍ପନ୍ନ ପାଇଁ ଆହୁରି ଅନେକ ମଧ୍ୟ ନିଯୁକ୍ତ ହୋଇଥିଲେ । ହଠାତ୍ ଦିବାକରର ସେହି କାମରୁ ପଦୋନ୍ନତି ଘଟିଛି । ଶୁଆଶାରୀଙ୍କୁ ଖାଦ୍ୟ ଦେଉଥିବା ଏବଂ ପଞ୍ଜୁରି ସଫା କରୁଥିବା ତଥା ତା'ର ପୂର୍ବପଦରେ ନବନିଯୁକ୍ତ ହୋଇଥିବା କର୍ମଚାରୀଙ୍କ କାର୍ଯ୍ୟକୁ ତଦାରଖ କରିବା ଥିଲା ଦିବାକରର ନୂତନ କାର୍ଯ୍ୟ । ଦିବାକର କିନ୍ତୁ ଏଥିରେ ସନ୍ତୁଷ୍ଟ ନଥିଲା । ପ୍ରଥମତଃ ସେ ନିଜର ପୂର୍ବକାର୍ଯ୍ୟ ଛାଡ଼ିବା କଥା ଭାବିନଥିଲା । ପୁନଶ୍ଚ ନୂତନ କାର୍ଯ୍ୟ ଥିଲା ତା'ପକ୍ଷେ ଅତ୍ୟନ୍ତ କଷ୍ଟସାଧ୍ୟ । ତା'ର ଅଧସ୍ତନ କର୍ମଚାରୀମାନଙ୍କର ପରସ୍ପର ମଧ୍ୟରେ ଥିଲା ତିକ୍ତତା ଏବଂ ଏ ସମ୍ପର୍କରେ ସେ ନିଜ ଉପରିସ୍ଥଙ୍କୁ ମଧ୍ୟ ଜଣାଇବାର ଅବକାଶ ପାଉନଥିଲା । କାହାର ଚେର କେତେ ବାଟ ଲମ୍ବିଛି ନଜାଣି; କାହା ବିରୁଦ୍ଧରେ ଅଭିଯୋଗ କରିବା ଅର୍ଥ ବିଛାମନ୍ତ୍ର ନଜାଣି ସାପ ଗାତରେ ହାତ ପୂରାଇବା ଅଟେ ବୋଲି ସେ ସମ୍ପର୍କରେ ସଚେତନ ଥିଲା ଦିବାକର । ଦିବାକର ପକ୍ଷୀମାନଙ୍କର ବାରମ୍ବାର ଅବହେଳା ଦେଖି ମଧ୍ୟ କିଛି କରିପାରୁନଥିଲା । ଏଥିପାଇଁ ସେ କାହାକୁ ଦାୟୀମଧ୍ୟ କରୁନଥିଲା । ତାର ଅଧସ୍ତନ ଏବଂ ଉପରିସ୍ଥ ସମସ୍ତେ ତା'ପରି ଥିଲେ ଅସହାୟ । ଦିବାକର ବୁଝିପାରୁଥିଲା ଶୁଆଶାରୀମାନଙ୍କପରି କୌଣସି ଜନ୍ମରୁ ପାରି ହେବାତ ଦୂରର କଥା; କୌଣସି ଅବସ୍ଥାରୁ ଟିକିଏ ଘୁଞ୍ଚିବା ପାଇଁ ସାମାନ୍ୟତମ ସାମର୍ଥ୍ୟ ମଧ୍ୟ ନାହିଁ କାହାର । କେବଳ ଦିବାକର ଅଧସ୍ତନରୁ ଉପରିସ୍ଥ ହେବା ପରି ଉପରିସ୍ଥ ବଦଳୁ ଥାନ୍ତି ମଝିରେ ମଝିରେ; ମାତ୍ର ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟେ ନାହିଁ କେବେ ।

'ପରୀକ୍ଷା କେନ୍ଦ୍ରରେ ଗୋଟିଏ ସନ୍ଧ୍ୟା' ଗଳ୍ପରେ ଦିବାକରର ଆଉ ଏକ ସଉକ୍‌କୁ ଲକ୍ଷ୍ୟ କରିହେବ । ସାହିତ୍ୟ ପ୍ରତି ଦିବାକର ପ୍ରବଳ ଶ୍ରଦ୍ଧା । ଦିନେ ସେ ଓ ସମରେନ୍ଦ୍ର ଦୁଇବନ୍ଧୁ ଦୀର୍ଘ ପଇଁଚାଳିଶ ବର୍ଷପରେ ରାସ୍ତାରେ ବେପରୁଆ ଭାବେ ସାହିତ୍ୟିକ, ଦାର୍ଶନିକ ତଥା ସାମ୍ବାଦିକଙ୍କ ପରି ସର୍ବୋପରି ରାସ୍ତାରେ ଚାଲିଲାବେଳେ ରାଜଧାନୀର ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ଭବନରେ ପଶିଛନ୍ତି । ସେଠାରେ ପହଞ୍ଚି ଦେଖିଛନ୍ତି ଏକ ସାହିତ୍ୟ ପ୍ରତିଯୋଗିତାର ଆୟୋଜନ । ପରୀକ୍ଷାରେ ସମସ୍ତଙ୍କ ସହ ସେ ଦୁଇଜଣ ମଧ୍ୟ ଘଟଣାକ୍ରମେ ଯୋଗ ଦେଇଛନ୍ତି ଜଣେ ପରିଚିତ ବୃଦ୍ଧଙ୍କ ପ୍ରରୋଚନାରେ । ପରିଚିତ ବୃଦ୍ଧ ଜଣଙ୍କ ନିଜ ଦାୟିତ୍ୱରେ ପରୀକ୍ଷା ହେଉଥିବାରୁ ପୁରସ୍କାର ରାଶି

ଦଶ କୋଟି ଟଙ୍କାକୁ ବାଣ୍ଟି ପାଞ୍ଚ ପାଞ୍ଚ କୋଟି ଦୁଇଜଣଙ୍କୁ କରେଇ ଦେବାକୁ ଯୋଜନା କରିଛନ୍ତି । ହେଲେ ଦିବାକର ଏବଂ ସମରେନ୍ଦ୍ର ପରୀକ୍ଷା କେନ୍ଦ୍ରରେ ଅନ୍ୟମାନଙ୍କ ହାବଭାବ ଏବଂ ପରୀକ୍ଷା ପ୍ରତି ଥିବା ଗାମ୍ଭୀର୍ଯ୍ୟକୁ ଲକ୍ଷ୍ୟ କରି ଆମୋଦିତ ହୋଇଛନ୍ତି; କିନ୍ତୁ ଖାତାରେ କିଛି ଲେଖି ନାହାନ୍ତି । ପରୀକ୍ଷାପରେ ବୃଦ୍ଧଙ୍କୁ ଦୁହେଁ ସବୁ ସତକଥା କହିଛନ୍ତି । ଯେଉଁ ବୃଦ୍ଧଙ୍କ ପ୍ରରୋଚନାରେ ସେମାନେ ଅଠର ବର୍ଷ ବୟସରେ ସାହିତ୍ୟର ପ୍ରେମରେ ପଡ଼ିଥିଲେ ଏବଂ ବୃଦ୍ଧଙ୍କ ନିର୍ମଳ ଭାବମୂର୍ତ୍ତିଦ୍ୱାରା ପ୍ରଭାବିତ ହୋଇଥିଲେ; ଆଜି ସେହି ସାହିତ୍ୟକୁ ଟଙ୍କାର ସ୍ତୂପତଳେ ଚାପିଦେଇ ନିଜର ସୁଖକୁ ହରେଇବାକୁ ସେମାନେ ଚାହିଁ ନାହାନ୍ତି । ବୃଦ୍ଧ ବରଂ ନିଜର ସୁରା ଓ ନାରୀ ପ୍ରତି ଥିବା ସଉକକୁ ରାଜପୃଷ୍ଠପୋଷକତା ପାଇଁ ଭଲରେ ପୂରଣ କରିପାରିଛନ୍ତି । ସାହିତ୍ୟପ୍ରତି ନିର୍ମଳ ଭଲପାଇବା କିନ୍ତୁ ଅର୍ଥର ବିପୁଳତା ପାଖରେ ଫିକା ପଡ଼ିନାହିଁ ଦିବାକର ପାଖରେ । ଗଳ୍ପଟି ଏକ ଅଦ୍‌ଭୁତ ଖିଆଲ ସହ ଆଦର୍ଶର ମିଶ୍ରିତ କଥାଭିବ୍ୟକ୍ତିର ସ୍ୱରୂପଅଟେ ।

'ଛଦ୍ମବେଶ' ଗଳ୍ପଟି ଗାଳ୍ପିକଙ୍କର ଏକ ଉଦ୍ଭଟ ପରିକଳ୍ପନାର ଗଳ୍ପ । ଜଣେ ବ୍ୟକ୍ତି ସ୍ୱପ୍ନରେ ନିଜକୁ ମୃତ ବୋଲି ଦେଖୁଛି । ଗାଳ୍ପିକ ତାକୁ ତା'ର ମୃତ୍ୟୁର କାରଣ ସମ୍ପର୍କରେ ପଚାରିବୁଝି ଜାଣିବାକୁ ପାଇଛନ୍ତି ଯେ, ଲୋକଟି ଦୁନିଆର ଅନୀତି, ଦୁର୍ନିତୀ ଭଳି ଅବ୍ୟବସ୍ଥାକୁ ସହ୍ୟ କରିନପାରି, ସବୁଦିନ ପାଇଁ ଆଖି ବୁଜି ଦେଇଛି । ଯେତେବେଳେ ଲୋକଟିର ନିଦ ଭାଙ୍ଗିଛି ସେ ନିଜକୁ ଜୀବିତ ଦେଖୁଛି । ଏ ଧରଣର ସ୍ୱପ୍ନର ବିବରଣୀ ପ୍ରଦାନ କରି ନିଜର ନିରୀହତାକୁ ସାବ୍ୟସ୍ତ କରିବା ଏକ ଚକ୍ରାନ୍ତ ପରି ତାକୁ ଲାଗିଛି । କାରଣ ତା'ର ନିରୀହତା ତା'ର ଭୀରୁତାର ଛଦ୍ମବେଶ ନୁହେଁ ବୋଲି ସେ ଆଦୌ କରିପାରିନାହିଁ । ଲୋକଟି ଯାହା ହୋସ୍‌ରେ ଥିଲାବେଳେ କହିପାରୁ ନଥିଲା; ତାହା ତା'ର ଅବଚେତନ ସ୍ତରର କଥା ଭାବେ ସ୍ୱପ୍ନ ହୋଇ ପ୍ରକାଶ ପାଇଥିଲା । 'ଛଦ୍ମବେଶ' ଭିତରେ ମଣିଷର ଅଭାବିତ ପ୍ରତ୍ୟୟ ଏବଂ ତା'ର ସନ୍ତ୍ରସ୍ତପଣ ବାସ୍ତବତାରେ ଉଦ୍‌ଭାସିତ ନହୋଇ ରୂପପାଇଛି କଳ୍ପିତ ସ୍ୱପ୍ନ ମାଧ୍ୟମରେ ।

'କୋଠରିର ଚାରିକାନ୍ଥ' ଗଳ୍ପରେ ଦିବାକର ତା' କୋଠରିର ଗୋଟିଏ କାନ୍ଥରେ ଈଶ୍ୱରଙ୍କର ଏବଂ ଅନ୍ୟ ତିନିଟି କାନ୍ଥରେ ଇତିହାସ ପୁରୁଷମାନଙ୍କର ତା'ନିଜ ପିତା-ମାତାଙ୍କ ତୈଳଚିତ୍ର ଏବଂ ଶେଷ କାନ୍ଥରେ ତା ନିଜର ପତ୍ନୀ ଓ ଝିଅର ଗ୍ରୁପ୍ ଫଟୋ ଲଗାଇଥିଲା । ସେ ଈଶ୍ୱରଙ୍କ ଫଟୋକୁ ଚାହିଁ ତାଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରିଛି । ଇତିହାସ ପୁରୁଷଙ୍କୁ ମଧ୍ୟ ପ୍ରଶ୍ନ କରିଛି ସେମାନଙ୍କ ସତ୍ୟାସତ୍ୟ ସମ୍ପର୍କରେ; ଯଦିଓ ତା'ର ଇତିହାସ ଅଂଶ ହେବା ପାଇଁ କୌଣସି ଆଗ୍ରହ କିମ୍ବା ସ୍ନେହ ନାହିଁ । ନିଜ ପିତାମାତାଙ୍କୁ ମଧ୍ୟ ପ୍ରଶ୍ନ କରିଛି ତା'ର ଜନ୍ମକୁ ନେଇ । ସମସ୍ତଙ୍କୁ ତା'ର କ୍ଷୟଶୀଳତା ପାଇଁ ଦାୟୀ କରିଛି; କିନ୍ତୁ ଯେତେ ଚେଷ୍ଟା କଲେ ମଧ୍ୟ ସେହି ସବୁ ଫଟୋଗୁଡ଼ିକୁ ନିଜ ସ୍ଥାନରୁ ସ୍ଥାନାନ୍ତର କରିପାରି ନାହିଁ । ଈଶ୍ୱର, ଇତିହାସ, ତାର ପିତାମାତା ସମସ୍ତେ ତାର କ୍ଷୟଶୀଳତା ପାଇଁ ଦାୟୀ ହେଲେ ମଧ୍ୟ ସେ ନିଜ ପିତାମାତାଙ୍କଠାରେ କେବଳ କୃତଜ୍ଞ ରହିପାରିଛି । ଅନ୍ଧକାରର ନୀରବଚ୍ଛିନ୍ନ ରାଜୁତିକୁ କ୍ଷଣକ ପାଇଁ ହେଲେ ବିଚ୍ଛିନ୍ନ କରେ ଯେଉଁ ତଡ଼ିତ୍ ତାହାହିଁ ତା ଜୀବନ; ଯାହାର ବର୍ଣ୍ଣାଢ୍ୟତାରେ ପୁଷ୍ପାୟିତ ହୁଏ ଚେତନାର ସୁଦୂର ଦିଗନ୍ତ ଓ ହୃଦୟର ନିଭୃତ ନିକୁଞ୍ଜ !

'କେନାଲୀକରଣ' ଗଳ୍ପରେ ଉଦାରୀକରଣ, ବଜାରୀକରଣ, ଜଗତୀକରଣ ପରି 'କେନାଲୀକରଣ' ଶବ୍ଦଟି ରାଜ୍ୟର ପ୍ରଜାମାନେ ଅଙ୍ଗେ ନିଭେଇଛନ୍ତି । ରାଜ୍ୟବାସୀଙ୍କୁ ବନ୍ୟାର ପ୍ରକୋପକୁ ରକ୍ଷା କରିବାକୁ ରାଜାଙ୍କ ସମସ୍ତ ପ୍ରକାର ସୁରକ୍ଷାବ୍ୟବସ୍ଥା ଏବଂ ଉଦ୍ୟମ ବିଫଳ ହେବାପରେ; ରାଜା ରାଜ୍ୟର ସମସ୍ତ ଇଞ୍ଜିନିୟରମାନଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦେଇଛନ୍ତି । ବିଦେଶରୁ ନୂତନ ଇଞ୍ଜିନିୟରମାନଙ୍କୁ ଡକାଇ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଅତିଥିଚର୍ଚ୍ଚା କରିଛନ୍ତି । କିଛିଦିନ ପରେ ନୂତନ ଇଞ୍ଜିନିୟରମାନଙ୍କ ପରାମର୍ଶକ୍ରମେ ରାଜ୍ୟର ସମସ୍ତ ଛୋଟବଡ଼ ନଦୀମାନଙ୍କୁ କେନାଲରେ ପରିଣତ କରିବାକୁ ଘୋଷଣା କରାଯାଇଛି । ଏଥିପାଇଁ ଆବଶ୍ୟକ ହେଉଥିବା

ଅର୍ଥ ନିମନ୍ତେ ରାଜାଙ୍କର ସାମର୍ଥ୍ୟ ନଥିବାରୁ ଋଣସୂତ୍ରରେ ପ୍ରଜାଙ୍କଠାରୁ ସମସ୍ତ ସୁନା ଅଳଙ୍କାର ନିଆଯାଇଛି । କିନ୍ତୁ ପ୍ରଜାଙ୍କର ବହୁ ପ୍ରତିକ୍ଷୀତ କେନାଲ ତିଆରି ହୋଇପାରିନାହିଁ । କାରଣ ନୂତନ ଇଞ୍ଜିନିୟରମାନେ ହେଲେ ବିଦେଶରେ ପରିପାଳିତ ତାଙ୍କର ଅବୈଧ ସନ୍ତାନଗଣ । ଧନସମ୍ପତ୍ତି ସବୁନେଇ ରାଜା ଏବଂ ତାଙ୍କ ପରିବାରବର୍ଗ ଚମ୍ପଟ ମାରିଛନ୍ତି । ସମସାମୟିକ ସମାଜର ଏକ ନିଛକ ବାସ୍ତବତାକୁ କେନାଲୀକରଣ ଗଳ୍ପର ଅନ୍ତରାଳରେ ଅନୁଭବି ହେବ ।

'ସ୍ୱପ୍ନ ଭଳି ଜନୈକ ପୌଢ଼ଙ୍କ କଥା' ଗଳ୍ପରେ ଦିବାକର ଅଠତିରିଶ ବର୍ଷ ପର୍ଯ୍ୟନ୍ତ ଅନେକ ସ୍ୱପ୍ନ ନିଜ ଇଚ୍ଛା ବା ଅନିଚ୍ଛାରେ ଦେଖିଆସିଛି । ସ୍ୱପ୍ନରେ ବେଳେବେଳେ ମୁଷ୍ଟିଯୋଦ୍ଧାଭାବେ ଈଶ୍ୱରଙ୍କ ସମ୍ମୁଖୀନ ହୋଉଛି ତ କେତେବେଳେ କୁମ୍ଭୀରପିଠିରେ ବସି ନଦୀର ଉପର ମୁଣ୍ଡରେ ଥିବା ସବୁଜିମାକୁ ଦେଖିବାକୁ ବ୍ୟାକୁଳ ହୋଇଛି; ହେଲେ ସବୁ ସ୍ୱପ୍ନ ତା'ର ଅସଂପୂର୍ଣ୍ଣ ! ଗାଳ୍ପିକଙ୍କ ଭାଷାରେ " ଏଯାବତ୍ ଅଲଭ୍ୟ ଏମିତି ସ୍ୱପ୍ନଟିଏ ଦେଖିବାର ସୁଯୋଗ ଏଇ ସ୍ୱପ୍ନରଙ୍କ ପ୍ରୌଢ଼ଙ୍କୁ ମିଳିବା ନମିଳିବା ନିର୍ବିଶେଷରେ ଗୋଟିଏ ସମ୍ଭାବନାକୁ କିନ୍ତୁ ଏଡ଼ିଦିଆଯାଇନପାରେ ଯେ ଏଭଳି ଏକ ମଧୁର ସ୍ୱପ୍ନର ସମ୍ଭାବନାରେ ଆଚ୍ଛନ୍ନ ଜୀବନ କେଉଁ ଏକ ସ୍ମୃତିସିକ୍ତ ମୁହୂର୍ତ୍ତରେ ସେଇ ସ୍ୱପ୍ନ ସହ ଏକାତ୍ମ ହୋଇଯାଇପାରେ । 'ସ୍ୱପ୍ନଭଳି ଜନୈକ ପ୍ରୌଢ଼ଙ୍କ କଥା'ର ସ୍ୱପ୍ନମୟତା ଓ କଳ୍ପନା ବେଶ୍ ଆଚ୍ଛନ୍ନ କଲାଭଳି !

ଗତ ଶତାବ୍ଦୀର ସପ୍ତମ ଦଶକରେ ଓଡ଼ିଆ ଗଳ୍ପରେ 'ନୂଆ ଚେତନା'ର କଥା ଅନେକ ସମୟରେ ଆଲୋଚକମାନେ ଆଲୋଚନା କରିଥାନ୍ତି କିମ୍ବା ଲେଖକମାନେ ମଧ୍ୟ ଏକ ପ୍ରକାର ସଚେତନତାର ସୃଷ୍ଟି ସମ୍ପର୍କରେ ସ୍ୱସ୍ୱ ସୃଷ୍ଟିକୁ ଭିନ୍ନ ଏକ ମାନଦଣ୍ଡରେ ଦେଖିବାର ପ୍ରବଣତାକୁ ମଧ୍ୟ ଲକ୍ଷ୍ୟ କରାଯାଇଥାଏ । ସତ କହିବାକୁ ଗଲେ ପ୍ରତ୍ୟେକ 'ସାହିତ୍ୟ'କୁ ଭାଷାର ଏକ ନାନ୍ଦନିକ ଅଭିବ୍ୟକ୍ତିବୋଲି କୁହାଯାଇପାରେ । ଆଉ 'ଗଳ୍ପ'କୁ ସର୍ଜନାତ୍ମକ ଭାଷିକ କଥାଭିବ୍ୟକ୍ତି ବୋଲି କୁହାଯାଇପାରିବ । ଆଉ ସ୍ରଷ୍ଟା ତା'ର ଅଭିବ୍ୟକ୍ତି ଭିତରେ ଜୀବିତ ରୁହ ବୋଲି ନିର୍ବିବାଦରେ ସ୍ୱୀକାର କରାଯାଇପାରିବ । ଏହି ପରିପ୍ରେକ୍ଷୀରେ ଗାଳ୍ପିକ ନାରାୟଣ ପଣ୍ଡାଙ୍କର ଗଳ୍ପର ଦୁନିଆର ଅନୁଶୀଳନ । ଷଷ୍ଠ ଦଶକର ଶେଷାଂଶରେ ଓଡ଼ିଆ ଗଳ୍ପ-ଜଗତରେ ଆମେ ନାରାୟଣଙ୍କର ଗଳ୍ପର ଅଭିବ୍ୟକ୍ତି ସମୂହକୁ ଦେଖିବାକୁ ଆରମ୍ଭ କରୁ । ଏଠାରେ ସ୍ମରଣ କରାଯାଇପାରେ ଜାନୁଆରୀ ୧୯୬୯ ମସିହାରେ 'ଝଙ୍କାର'ରେ ପ୍ରକାଶିତ 'ସ୍ୱପ୍ନିଳ ସକାଳ' ଗଳ୍ପକୁ । ଯେଉଁଠି ଠେକୁଆକୁ ରାତି ସ୍ୱପ୍ନରେ ଚାରିଟି ଗୁଳିରେ ବିଦ୍ଧ କରିବା; ତା'ର ମାଂସ ଅଭକ୍ଷ୍ୟ ରହିବା ଏବଂ ସମସ୍ତେ ମାଂସ ଖାଇବାରୁ ବ*ିତ ହେବାର ଗ୍ଲାନି ଆଉ ମୃତ୍ୟୁର ଦୁର୍ଭୋଗରୁ ରକ୍ଷା ପାଇଯିବା ଭଳି ଶୂନ୍ୟସ୍ଥାନ ଗଳ୍ପର ମୂଳ ଅଭିବ୍ୟକ୍ତିକୁ ବେଶ୍ ସାନ୍ଦ୍ର କରିଥିଲା; ସେହିଭଳି ଅଗଷ୍ଟ ୧୯୬୯ର 'ରଚନା'ରେ ପ୍ରକାଶିତ 'ମହରଗ ଓ କାନ୍ତାର' ବା ୧୭ ମଇ ୧୯୭୦ରେ 'କଳିଙ୍ଗ'ରେ ପ୍ରକାଶିତ 'ଜଣେ ତରୁଣ ଶ୍ରୀବତ୍ସ' ଭଳି ଗଳ୍ପ ପରିଚିତି ଆଣିଦେଇଥିଲା ନାରାୟଣଙ୍କୁ ଏକ ସ୍ୱତନ୍ତ୍ର ପରିଚୟରେ ।

ପ୍ରଥମ ଗଳ୍ପ ସଂକଳନ 'ମହାତୀର୍ଥଯାତ୍ରୀ' (୧୯୯୭) ଏବଂ ପରେ 'ଦିବାକରର ଦୁନିଆ' (୨୦୧୩) ପ୍ରକାଶ ପାଏ । ଗାଳ୍ପିକ ନାରାୟଣ ପଣ୍ଡାଙ୍କର ଗଳ୍ପ ରଚନା ଓ ପ୍ରକାଶ ଭିତରେ ଅନେକ ତାରତମ୍ୟ ଏବଂ ଅଦ୍ୟାବଧି ସବୁ ଗଳ୍ପ ଅସଂକଳିତ; କିନ୍ତୁ ସଂଖ୍ୟା ଅଧିକ ନୁହେଁ । ଗତ ଶତାବ୍ଦୀର ସପ୍ତମ ଓ ଅଷ୍ଟମ ଦଶକରେ ବେଶ୍ ଚଳଚ*ଳ ଥିଲା କଥାକାରଙ୍କର ଗଳ୍ପ ଆଉ ଗଳ୍ପକାରିତା । ତାଙ୍କ ଗଳ୍ପରେ ଅନେକ ସମାଲୋଚକ ବି ଖୋଜିଥିଲେ ଫ୍ରାନ୍ଜ କାଫ୍‌କାଙ୍କୁ; ଆଲବର୍ଟ କାମ୍ୟୁଙ୍କୁ; ଆଉ ଜାଁ-ପଲ ସାର୍ତ୍ତ୍ରଙ୍କୁ । କାଫ୍‌କାଙ୍କର କଥାଭିବ୍ୟକ୍ତି ଭିତରେ ଉଦ୍‌ଭାସିତ ଆଶଙ୍କା ଓ ଉଦ୍‌ବିଗ୍ନତାର ବିମର୍ଶ; ମଣିଷର ତୀବ୍ର ଅସହାୟ ସନ୍ତ୍ରସ୍ତବୋଧ; କାମ୍ୟୁଙ୍କର ବିକ୍ଷିପ୍ତ ଶୈଳୀରେ ବର୍ଣ୍ଣିତ ଫ୍ରାଗ୍‌ମେଣ୍ଟେଡ୍ ଉଦ୍ଭଟତା; ସାର୍ତ୍ତ୍ରଙ୍କର ସ୍ଥିତିବାଦୀ

ଅସ୍ତିତ୍ୱାନ୍ୱେଷଣର ଆଭିମୁଖ୍ୟ ଏବଂ ଚିରନ୍ତନ ମୂଲ୍ୟବୋଧ ପ୍ରତି ଅସ୍ୱୀକୃତ ବୌଦ୍ଧିକତାକୁ । ଅବଶ୍ୟ ଗାଳ୍ପିକଙ୍କର ବିଚାରଧାରା ଭିତରେ 'ଈଶ୍ୱରୀୟ ଅସ୍ତିତ୍ୱ' ଓ 'ଇତିହାସ' ପ୍ରତି ଅସ୍ୱୀକୃତ ଭାବବୋଧକୁ ଏକ ସ୍ଥିତିବାଦୀ ଆଭିମୁଖ୍ୟ ଭିତରେ ଖୋଜିବା ଅନେକ ସହଜ ହୋଇଥାଏ; ଗଳ୍ପସମୂହର 'ଆଭା' ଓ 'ବ୍ୟାପ୍ତି'କୁ ଦେଖିଲେ । ମୋରି କିନ୍ତୁ ମନେହୁଏ ତାଙ୍କର 'ମହାତୀର୍ଥଯାତ୍ରୀ'ର ଅନେକ ଗଳ୍ପ ସରରିୟଲିଷ୍ଟିକ୍ ଚେତନା ଓ ଅସ୍ତିତ୍ୱାନ୍ୱେଷଣର ମିଶାମିଶି କଥାର ଏକ କକ୍‌ଟେଲ ଭଳି । ଅନେକ ଗଳ୍ପ ମୋତେ ଟାଣିନେଇଛି ସ୍ପେନୀୟ ଚିତ୍ରଶିଳ୍ପୀ ତଥା ସରରିୟଲିଜିମ୍‌ର ଚିତ୍ର-ବ୍ୟାଖ୍ୟାକାର ସାଲ୍‌ଭାଡର ଡାଲିଙ୍କ ପାଖକୁ । ଆଉ 'ଦିବାକରର ଦୁନିଆ'ରେ ଆମେ ଭିନ୍ନ ଜଣେ ନାରାୟଣଙ୍କୁ ଭେଟୁ;ଯିଏ 'ମହାତୀର୍ଥ ଯାତ୍ରୀ'ର କଥାକାରଙ୍କଠାରୁ ବେଶ୍ ଭିନ୍ନ ! ଯଦିଓ 'ମହାତୀର୍ଥଯାତ୍ରୀ'ରେ ବି 'ଆତ୍ମସମର୍ପଣର କେତେକ ସର୍ତ୍ତ', 'ପରାଜିତ ପ୍ରେମିକ', 'ଏକ ମୁଣ୍ଡିଆ ମଣିଷର କଥା', 'ଦାୟିତ୍ୱବାନ', 'ଏକ ଡାମ୍ପଣର କାହାଣୀ' ଓ 'ଦିବାକରର ଦୁଃଖ' ଭିତରେ ଆମେ ଦେଖୁ ସେହି ଦିବାକରକୁ; ଯେଉଁ ଦିବାକରକୁ ନେଇ ଗାଳ୍ପିକଙ୍କର ରହିଛି ଅନ୍ୟ ଏକ 'ସ୍ୱିକ୍ୱେନ୍ସ ଷ୍ଟୋରୀ'ର ସଂକଳନ । ତଥାପି 'ମହାତୀର୍ଥଯାତ୍ରୀ'ରେ ଦିବାକରର ରୂପବୋଧ ଅନେକ ପରିମାଣରେ 'ଦିବାକରର ଦୁନିଆ'ର ଦିବାକରର ଜଟିଳତା, ସଂଶୟ ଓ ବୈଧିକତା ଆପତତଃ ସରଳୀକୃତ ହୋଇଛି । 'ଦିବାକରର ଦୁନିଆ'ରେ ଦିବାକରର ଅସ୍ତିତ୍ୱାନ୍ୱେଷଣ ବେଶ୍ ସାବଲୀଳ କିନ୍ତୁ ଅତ୍ୟନ୍ତ ତୀର୍ଯ୍ୟକ ! ଦିବାକର ବି ବେଳେ ବେଳେ ମନେ ହେବ ସର୍‌ଭେଣ୍ଟିସ୍‌ଙ୍କର ଡନ୍ କ୍ୱିକ୍‌ସୋଟ୍ ଭଳି । ଡନ୍‌ର ଚଟୁଳ କାର୍ଯ୍ୟ ଓ ଅଦ୍‌ଭୁତ କର୍ମ ଓ ଅଭିବ୍ୟକ୍ତି ଭିତରେ ଯେଉଁ ମନୋରଞ୍ଜନ ଧର୍ମୀ ରହସ୍ୟ-ରୋମାଞ୍ଚ; ତାହା 'ଦିବାକରର ଦୁନିଆ' ଭିତରେ ବେଶ୍ ଅନୁଭବ୍ୟ ।

'ଦିବାକର' ନାରାୟଣ ପଣ୍ଡାଙ୍କର ଜଣେ 'Author Hero'; ଦିବାକର ଏକ 'Mythopoeia' ଭଳି ନାରାୟଣଙ୍କର ଗଳ୍ପ-ଦୁନିଆକୁ ଆବୋରି ରହିଛି ଅଦ୍‌ଭୁତ ଏକ ଖିଆଲ୍ ଆଉ ବିଭୋରପଣ ସହିତ । ଦିବାକରର ଖିଆଲି ମନ ଆଉ ଅଦ୍‌ଭୁତ ମନେ ହେଉଥିବା ଜୀବନ ଭିତରେ କଥାକାର ନାରାୟଣ ପଣ୍ଡାଙ୍କର ସ୍ୱୀୟ ଜୀବନୋପଲବ୍ଧିକୁ ସମାନ୍ତରାଳ ଭାବରେ ଅନୁଶୀଳନ କଲେ ନିଜ ସାମ୍ନାରେ ନିଜେ ଲେଖକ ଭଳି ଏକ ପ୍ରତ୍ୟୟ ବି ହୋଇପାରେ ସୃଷ୍ଟି । ଗୋଟିଏ ଗୋଟିଏ ସାଧାରଣ କଥା ବି ନାରାୟଣଙ୍କର କଥା-ଦୁନିଆରେ ଦିବାକର ଦେଇ ହୋଇଛି ଅଭିପ୍ରେତ !

ଯେଉଁଠି ଗାଳ୍ପିକ ସଂଶୟପୂର୍ଣ୍ଣ ବା ଉଦ୍ଭଟ ମନେ ହୋଇଛନ୍ତି; ସେଠାରେ କିନ୍ତୁ 'ଭାବ' ବା 'ଭାଷା' କିନ୍ତୁ ଫ୍ରାଗ୍‌ମେଣ୍ଟେଡ୍ ବା ବିକ୍ଷିପ୍ତ ନୁହେଁ; ଅଥଚ୍ ଅପୂର୍ବ କୋମଳତାର ସହିତ ରହସ୍ୟମୟ ବାତାବରଣର ବୁଢ଼ିଆଣୀ ଜାଲ ତିଆରି କରି ପାଠକକୁ କିୟତ୍‌କାଳ ଅସାମଞ୍ଜସ୍ୟରେ ପକାଇ ଦେଇପାରନ୍ତି କଥାକାର ନାରାୟଣ ପଣ୍ଡା । ତାହା 'ମହାତୀର୍ଥଯାତ୍ରୀ'ର ଗଳ୍ପ ହେଉ ଅବା 'ଦିବାକରର ଦୁନିଆ'ର ଗଳ୍ପ ହେଉ । କେବଳ ମଣିଷର ସ୍ଥିତିବାଦୀ ଚେତନା ନୁହେଁ; ରାଜତନ୍ତ୍ରୀୟ ତୀବ୍ର ବ୍ୟଙ୍ଗ ସହ ଜୀବନର ବାସ୍ତବତା ଓ ଅପୂର୍ବ ନଷ୍ଟାଲ୍‌ଜିଆର ସମାହାର ହେଉଛି ଗାଳ୍ପିକ ନାରାୟଣ ପଣ୍ଡାର କଥାର ଦୁନିଆ... ।

**ଅଧ୍ୟାପିକା ଓଡ଼ିଆ ବିଭାଗ,**
**ସେମିଳିଗୁଡ଼ା ମହାବିଦ୍ୟାଳୟ,**
**କୋରାପୁଟ**

ISSN -**2583-147X(P)**
**Bastabatara Pariprakash Prachee**
***Peer Reviewed and Referred Research Journal***

**-ପବିତ୍ର ଦାସ**

ସାହିତ୍ୟର ପରିସର ବ୍ୟାପକ ହୋଇଛି । ପୁରାତନ ପତ୍ରପତ୍ରିକା ଓ ବହିଗୁଡ଼ିକ କ୍ରମେ ବିଭିନ୍ନ କାରଣରୁ କୀଟଦ୍ରଂଷ୍ଟ ହୋଇ ନଷ୍ଟ ହେବାରେ ଲାଗିଛି । ସମୟକ୍ରମେ ଅନେକ ପତ୍ରପତ୍ରିକା ଓ ବହିଗୁଡ଼ିକ ଦୁଷ୍ପ୍ରାପ୍ୟ ହୋଇଯାଇଛି, ଯାହା ଅଛି ତାକୁ ସଂରକ୍ଷିତ ନକଲେ ସେଗୁଡ଼ିକ କ୍ରମେ ନଷ୍ଟ ହେବା ଅବଶ୍ୟାମ୍ଭାବୀ । ଏ କ୍ଷେତ୍ରରେ ଗୋଟିଏ ସୁବିଧାଜନକ ସହଜଲଭ୍ୟ ବିକଳ୍ପ ହେଉଛି ମୁଦ୍ରିତ ପତ୍ରିକା ଓ ପୁସ୍ତକଗୁଡ଼ିକୁ ଡିଜିଟାଇଜେସନ କରିବା । ସାଂପ୍ରତିକ ଯୁଗରେ ଇଣ୍ଟରନେଟ୍ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ରୂପେ ଉଭା ହୋଇଥିବାରୁ ସାହିତ୍ୟ, ସଂସ୍କୃତି, ଇତିହାସ, ବିଜ୍ଞାନ ସବୁକିଛି ଇଣ୍ଟରନେଟ୍ ସହିତ ଯୋଡ଼ି ହେବାରେ ଲାଗିଛି । ଏଣୁ ପୁସ୍ତକଗୁଡ଼ିକୁ ସ୍କାନ୍ କରି ଏହାର ଡିଜିଟାଲ ରୂପକୁ ସଂରକ୍ଷିତ କରାଗଲେ ଏହା ଭୌଗୋଳିକ ସୀମାରେଖାର ପରିଧିରୁ ମୁକ୍ତ ହୋଇ ବିଶ୍ୱଜନୀନ ହୋଇପାରିବ । ଓଡ଼ିଆ ପତ୍ରପତ୍ରିକା ଓ ପୁସ୍ତକଗୁଡିକର ଡିଜିଟାଇଜେସନ୍ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ସୃଜନିକା ସଂସ୍ଥାଦ୍ୱାରା ପ୍ରସ୍ତୁତ ଓଡ଼ିଆ ବିଭବ ୱେବସାଇଟ୍ ।

**ଓଡ଼ିଆ ବିଭବ:-**

ଓଡ଼ିଆ ବିଭବ ହେଉଛି ଏକ ୱେବସ୍ଥଳୀ । ଏହା ଗୋଟିଏ ଡିଜିଟାଲ୍ ଓଡ଼ିଆ ପାଠାଗାର । ପୁରୁଣା ଖୋଜିବାର ଠିକଣା ଓ ନୂଆକୁ ସାଇତି ରଖିବାର ପ୍ରୟାସ ତାହା ପୁଣି ଆଧୁନିକ ଯୁଗର ଡିଜିଟାଲ୍ ମାଧ୍ୟମରେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସାଉଁଟି ରଖିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ଓଡ଼ିଆ ବିଭବ । ଏହି ୱେବସ୍ଥଳୀର ମୁଖ୍ୟ ବିଭବ ହେଉଛି ୧୯୫୦ ମସିହା ପୂର୍ବର ପତ୍ରପତ୍ରିକା ଏବଂ ରେ'ରେନସ୍ । ତାହା ସହିତ ଏଥିରେ ରହିଛି ବହୁପୁରୁଣା ଖବରକାଗଜ, ବହି ଓ ସଙ୍କଳନ । ସୃଜନିକା ପ୍ରକାଶନ ତର'ରୁ ପ୍ରକାଶିତ ହୋଇଥିବା ପୁସ୍ତକଗୁଡିକୁ ସ୍ୱତନ୍ତ୍ର ବିଭାଗରେ ରଖାଯାଇଛି । ସଂସ୍କୃତ ଗ୍ରନ୍ଥ ଗୀତ ଗୋବିନ୍ଦ ଓ ସିଦ୍ଧାନ୍ତ ଦର୍ପଣକୁ ମଧ୍ୟ ଏଥିରେ ସ୍ଥାନ ଦିଆଯାଇଛି ।

**ଓଡ଼ିଆ ବିଭବର ବ୍ୟବହାର କୌଶଳ:-**

ପ୍ରଥମେ 'ବ୍ରାଉଜର୍'କୁ ଯାଇ ସେଥିରେ "http://odiabibhaba.in" ଖୋଜିଲେ ଓଡ଼ିଆ ବିଭବ ୱେବସାଇଟ୍ ଖୋଲିବ । ତା'ପରେ ହୋମପେଜ୍‌ରେ ଭାଷା ବାଛିବା ପାଇଁ ବିକଳ୍ପ ଆସିବ, ସେଥିରେ ଓଡ଼ିଆ ଏବଂ ଇଂରାଜୀ ଦୁଇଟି ଭାଷା ଅଛି । ଏହାକୁ କମ୍ପ୍ୟୁଟର, ଲାପଟପରେ ଖୋଲିଲେ ପଢ଼ିବାକୁ ସହଜ । ଯଦି ଏହାକୁ ମୋବାଇଲରେ ଖୋଲନ୍ତି ତାହେଲେ 'ବ୍ରାଉଜର୍‌ର ସେଟିଙ୍ଗ'କୁ ଯାଇ 'ଡେସ୍କଟପ୍ ମୋଡ୍' କଲେ 'କମ୍ପ୍ୟୁଟର ସ୍କ୍ରିନ୍' ଭଳି ଆସିବ ଏବଂ ସେଥିରେ ପଢ଼ିବାକୁ ସହଜ ହେବ ।

**ସୃଜନିକା ସଂସ୍ଥା :**

ଓଡ଼ିଆ ବିଭବ ୱେବସ୍ଥଳୀକୁ ରୂପଦେବାରେ ମୂଳଭୂମିକା ନେଇଛି ସୃଜନିକା ନାମକ ସଂସ୍ଥାଟିଏ । ଯାହାର ମୁଖ୍ୟ ହେଉଛନ୍ତି ଡ.ନିଖିଳ ମୋହନ ପଟ୍ଟନାୟକ ଏବଂ ସମ୍ପାଦିକା ପୁଷ୍ପଶ୍ରୀ ପଟ୍ଟନାୟକ । "ବିଜ୍ଞାନକୁ ଲୋକଙ୍କ ପାଖରେ ପହଞ୍ଚେଇବାର ଲକ୍ଷ୍ୟନେଇ ୧୯୮୩ ମସିହାରେ ସୃଜନିକାର ଜନ୍ମ ହୋଇଥିଲା । ସମୟକ୍ରମେ ସୃଜନିକା ବିଜ୍ଞାନ ଓ ଶିକ୍ଷା ଦିଗରେ ଏକ ସାଧନ କେନ୍ଦ୍ର ରୂପ ନେଇଥିଲା । ବିଜ୍ଞାନର ଏକ ବ୍ୟାପକ ଏବଂ ଗଭୀର ଅନୁଭୂତି ଆଣିବାକୁ ଏହା ଚେଷ୍ଟା କରିଥିଲା । ସୃଜନିକା ପାଇଁ ଲକ୍ଷ୍ୟ ସାଧନର ମୂଳ ବାଟ ଥିଲା ଜୀବନ୍ତ ସମ୍ପର୍କ ଯୋଡ଼ିବା, ପିଲା, ଶିକ୍ଷକ, କର୍ମୀ ଓ ଆଗ୍ରହୀ ବୟସ୍କଙ୍କ ପାଇଁ କର୍ମଶାଳା, ଶିବିର, ଆଲୋଚନା ଆଦିର, ଆୟୋଜନ ଏହି ସମ୍ପର୍କର ସ୍ଥୂଳରୂପ ଥିଲା । ଏସବୁର ମୂଳ ମନ୍ତ୍ର ଥିଲା- "ଚାରିପାଖର ଜିନିଷକୁ ନେଇ ଶିଖିବା' । ବିଭିନ୍ନ କାମ ଓ ଚିନ୍ତାର କେନ୍ଦ୍ରରେ ଥିଲା ବିଜ୍ଞାନ 'ତରଙ୍ଗ ପତ୍ରିକା' । ସୃଜନିକା କାମର ମାଧ୍ୟମ ଥିଲା ଓଡ଼ିଆ ଭାଷା - ସରଳ ଭାଷାରେ ବିଜ୍ଞାନକୁ ବୁଝେଇବା ଏବଂ ବିଜ୍ଞାନ ସମ୍ପର୍କିତ ଆଧୁନିକ ଶବ୍ଦଗୁଡ଼ିକୁ ଓଡ଼ିଆ ଭାଷାରେ ଯୋଡ଼ିବା ଦିଗରେ ଏହା ଚେଷ୍ଟା କରୁଥିଲା ।'[୧]

"୨୦୦୪ ମସିହାରେ ନିଖିଳମୋହନ ପଟ୍ଟନାୟକ 'ଲିନକ୍ସ ଏବଂ ଓପନ ସୋର୍ସ ସଫ୍ଟୱେୟାର ଏବଂ ଓଡ଼ିଆ ଭାଷା ଲୋକାଲାଇଜେସନ୍' ପାଇଁ ସଚେତନତା କରିବାପାଇଁ ସୃଜନୀକାରେ 'ପ୍ରୋଜେକ୍ଟ ରେବତୀ'କୁ ଆରମ୍ଭ କରିଥିଲେ । ନିଖିଳମୋହନ ପଟ୍ଟନାୟକ ପୁରାତନ ଓଡ଼ିଆ ପୁସ୍ତକ ଏବଂ ପତ୍ରିକାକୁ ଡିଜିଟାଇଜେସନ୍ କରିବାପାଇଁ ସ୍ୱଳ୍ପ ମୂଲ୍ୟର ଉପକରଣ ନିର୍ମାଣ ଏବଂ 'ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି ରାଉରକେଲା' ଏବଂ 'ପ୍ରଗତି ଉତ୍କଳ ସଙ୍ଗଠନ'ର ସହଯୋଗରେ 'ଓପନ୍ ଆକ୍ସେସ୍ ଟୁ ଓଡ଼ିଆ ପୁସ୍ତକ' ମଧ୍ୟ ଆରମ୍ଭ କରିଥିଲେ । ୨୦୦୬ ମସିହାରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ଡିଜିଟାଲ୍ ରୂପ ଲୋକାର୍ପିତ ହେଲା । ଏହି ପ୍ରୋଜେକ୍ଟରେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଦ୍ୱାରା ସଙ୍କଳିତ ସାତ - ଭଲ୍ୟୁମ୍ , ୯୫୦୦ ପୃଷ୍ଠା ଚାରିଭାଷା ଲେକ୍ସିକନ୍ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷକୁ ଡିଜିଟାଇଜେସନ୍ କରାଯାଇଥିଲା ।'[୨] ଓଡ଼ିଆ ଅଭିଧାନ ସଂଗ୍ରହ

(୧୮୧୧- ୧୯୪୨), ଓଡ଼ିଆ ବିଜ୍ଞାନ ସାହିତ୍ୟ ( ୧୮୫୬ - ୧୯୫୦), ଓଡ଼ିଆ ପତ୍ରପତ୍ରିକା ସଂଗ୍ରହ( ୧୮୫୬ -୧୯୫୦) ଏବଂ କେତେକ ସ୍ରଷ୍ଟା ଭିତ୍ତିକ ଏକକ ସଂକଳନ । ଏହା ସହିତ ପ୍ରକାଶିତ ଓଡ଼ିଆ ବହିର ଏକ ସୂଚୀ ପ୍ରସ୍ତୁତ କରାଯାଇଛି ।

**ଓଡ଼ିଆ ବିଭବରେ ଥିବା ଉପଲବ୍ଧ ତଥ୍ୟ**

କମ୍ପ୍ୟୁଟରରେ ଓଡ଼ିଆ ବିଭବ ୱେବସାଇଟ୍ ଖୋଲିଲେ ପ୍ରଥମେ ଆସେ 'ମୂଳପୃଷ୍ଠା' ଯାହା ସହିତ 'ପରିଚିତି', 'ପାଠାଗାର', 'ବିଶେଷ', 'ଶବ୍ଦାର୍ଥ', 'ଭାଷାକୋଷ', 'ଚରିତକୋଷ', 'ସାଧନ', 'ଯୋଗାଯୋଗ', 'ଆମକଥା' ବିଭାଗଗୁଡ଼ିକ ସଂଯୋଜିତ ହୋଇଛି । କିନ୍ତୁ ମୋବାଇଲ, ଟାବଲେଟ୍ ଆଦି ଛୋଟ ଉପକରଣରେ ଏହି ୱେବସାଇଟ୍ ଖୋଲିବାକୁ କିଞ୍ଚିତ୍ ସମୟ ଲାଗେ । ପ୍ରଥମେ ଆସେ 'ମେନୁ' ଏବଂ ସେ 'ମେନୁ'କୁ ଛୁଇଁଲେ ଆମେ ମୂଳପୃଷ୍ଠା ଓ ଅନ୍ୟାନ୍ୟ ବିଭାଗଗୁଡ଼ିକୁ ଦେଖିବାକୁ ପାଇବା ।

**ମୂଳପୃଷ୍ଠା**

ଏଥିରେ ଓଡ଼ିଆ ବିଭବ ଇତିହାସର ସଂକ୍ଷିପ୍ତ ବିବରଣୀ ବିଷୟରେ ସୂଚନା ଦିଆଯାଇଛି ।

**ପରିଚିତି**

ଏଥିରେ ସୃଜନିକା ସଂସ୍ଥା ଏବଂ ଡିଜିଟାଇଜେସନ୍ ସମ୍ପର୍କରେ ସମ୍ୟକ ସୂଚନା ରହିବା ସହିତ ବିଭିନ୍ନ ସ୍ଥାନରର 'ଟୋ ରହିଛି ।

**ପାଠାଗାର**

ପାଠାଗାରର ବିଭିନ୍ନ ବିଭାଗରେ ରଖାଯାଇଥିବା ସାମଗ୍ରୀ ପାଖରେ ଏହିଠାରୁ ପହଞ୍ଚିହେବ । ବର୍ତ୍ତମାନର ବିଭାଗ ଗୁଡ଼ିକ ଭିତରେ ରହିଛି – 'ଖବରକାଗଜ', 'ପତ୍ରିକା', 'ବହି', 'ସଂକଳନ' ଓ 'ରେଫରେନ୍ସ' । ପାଠାଗାରର ପ୍ରତ୍ୟେକ ବିଭାଗପାଇଁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପୃଷ୍ଠା ରହିଛି । ବାମପଟର 'ମେନୁ'ରୁ ଏଗୁଡ଼ିକୁ ଖୋଲିହେବ । ସେହି ପୃଷ୍ଠାରେ ବିଭାଗ ବିଷୟରେ ଅଧିକ ସୂଚନା ଦିଆଯାଇଛି ଏବଂ ସେହି ବିଭାଗର ସାମଗ୍ରୀଗୁଡ଼ିକୁ ପଢ଼ିବାର ଓ ସଂଗ୍ରହ(ଡାଉନଲୋଡ୍)କରିବାର ବ୍ୟବସ୍ଥା ରହିଛି । ନିମ୍ନରେ ପାଠାଗାରର ବିଭିନ୍ନ ବିଭାଗ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇପାରେ ।

(୧) ଖବରକାଗଜ:

ଏହି ବିଭାଗରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଆରମ୍ଭକରି ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ 'ଖବରକାଗଜ ସୂଚୀ' ରହିଛି । ଯଥା:- 'ଉତ୍କଳ ଦୀପିକା'(୧୮୫୬), 'ବାଲେଶ୍ୱର ସମ୍ବାଦବାହିକା'(୧୮୬୮), 'ଉତ୍କଳପୁତ୍ର'(୧୮୭୩), 'ଉତ୍କଳ ହିତୈଷିଣୀ'(ଓଡ଼ିଶା ପାଟ୍ରିଅଟ୍)-୧୮୭୩), 'ଉତ୍କଳ ଦର୍ପଣ'(୧୮୭୫), 'ଓଡ଼ିଆ'(୧୮୮୭), 'ପୁରୁଷୋତ୍ତମ ପତ୍ରିକା'(୧୮୮୭), 'ନବସମ୍ବାଦ'(୧୮୮୭), 'ସାମ୍ୟବାଦୀ'(୧୮୮୮), 'ସମ୍ବଲପୁର ହିତୈଷିଣୀ'(୧୮୮୯), 'ଆଶା'(୧୯୧୪), 'ସେବା'(୧୯୨୧), 'ପ୍ରଜାତନ୍ତ୍ର'(୧୯୨୪), 'ଦୈନିକ ଦେଶକଥା'(୧୯୩୦), 'ସତ୍ୟସମାଚାର'(୧୯୩୦), 'ହୀରାଖଣ୍ଡ'(୧୯୩୯), 'ଲୋକମତ'(୧୯୩୯)ଆଦି ଖବରକାଗଜ ରହିଛି ।

**ଖବରକାଗଜର ବ୍ୟବହାର କୌଶଳ :-**

ପାଠାଗାର ଉପରେ କ୍ଲିକ୍ କଲେ ବାମପଟର ତଳକୁ 'ଖବରକାଗଜ ସୂଚୀ' ଆସିବ । ତାହା ଉପରେ କ୍ଲିକ୍ କଲେ ଏହି ୱେବସ୍ଥଳୀରେ ରହିଥିବା ପୁରୁଣା ଓଡ଼ିଆ ଖବରକାଗଜଗୁଡ଼ିକର ତାଲିକା ଦେଖିହେବ । ଉପଯୁକ୍ତ ସ୍ତମ୍ଭର ଶୀର୍ଷକ ପାଖରେ ଥିବା ତୀର ଉପରେ କ୍ଲିକ କରି ପାଠକେ ଏଗୁଡ଼ିକୁ ନାମ ବା ପ୍ରକାଶନ ଆରମ୍ଭ କ୍ରମରେ ସଜାଇପାରିବେ । ଗୋଟିଏ ପୃଷ୍ଠାରେ କେତେ ଧାଡ଼ିର ତଥ୍ୟ ଦେଖାଯିବ ତାହା ବାମପଟର 'ଶୋ - ଏଣ୍ଟ୍ରିଜ୍'ରେ ବାଛିହେବ । ଡାହାଣପଟର 'ସର୍ଚ୍ଚ' ସାହାଯ୍ୟରେ କୌଣସି ପତ୍ରିକା ବା ମସିହା ଖୋଜିହେବ । ଶେଷ ସ୍ତମ୍ଭରେ 'ଖୋଲନ୍ତୁ' ଉପରେ କ୍ଲିକ୍ କଲେ କୌଣସି ଖବରକାଗଜର ସ୍ୱତନ୍ତ୍ର ପୃଷ୍ଠା ବା ଫାଇଲ୍ ଖୋଲିବ । 'ଉତ୍କଳ ଦୀପିକା' ଭଳି ଅଧିକ ସଂଖ୍ୟାଥିବା ଖବରକାଗଜ ପାଇଁ ଗୋଟିଏଗୋଟିଏ ସ୍ୱତନ୍ତ୍ର ସୂଚୀ ପୃଷ୍ଠା ଦିଆଯାଇଛି, ତାହା ଉପରେ କ୍ଲିକ୍ କଲେ ଆଉ ଗୋଟିଏ ପେଜ୍ ଖୋଲିବ । ସେହି ପୃଷ୍ଠାରେ ଦରକାର ଥିବା ଭାଗ ବା ସଂଖ୍ୟା ଖୋଜି ବାହାର କରିହେବ ଏବଂ ତାହା ଉପରେ କ୍ଲିକ୍ କରି ଫାଇଲଟିକୁ ନିଜ ମୋବାଇଲ୍ ବା କମ୍ପ୍ୟୁଟରରେ ଡାଉନଲୋଡ୍ କରିପାରିବେ ।

**(୨) ପତ୍ରିକା:-**

ଏହି ବିଭାଗରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ପ୍ରକାଶିତ ହୋଇଥିବା ପତ୍ରିକାଠାରୁ ଆରମ୍ଭ କରି ଏଯାବତ୍ ଯାଏଁ ପ୍ରକାଶିତ ପତ୍ରିକାମାନଙ୍କର ତାଲିକାସୂଚୀ ରହିଛି । ଏହି ପତ୍ରିକାଗୁଡ଼ିକୁ ବିଭିନ୍ନ ଭାଗରେ ବର୍ଗୀକରଣ କରାଯାଇପାରେ । 'ସାହିତ୍ୟ ପତ୍ରିକା ବର୍ଗ'ରେ ଊନବିଂଶ ଶତାବ୍ଦୀରେ ପ୍ରକାଶିତ ପତ୍ରିକାଗୁଡ଼ିକ ହେଉଛି 'ଉତ୍କଳ ଦର୍ପଣ'(୧୮୭୩), 'ଉତ୍କଳ ମଧୁପ'(୧୮୭୮), 'ପ୍ରଦୀପ'(୧୮୮୫), 'ଉତ୍କଳ ସାହିତ୍ୟ'(୧୮୯୭) ଇତ୍ୟାଦି ଓ ବିଂଶ ଶତାବ୍ଦୀରେ ପ୍ରକାଶିତ ପତ୍ରିକାଗୁଡ଼ିକ ହେଉଛି 'ମୁକୁର'(୧୯୦୬), 'ସତ୍ୟବାଦୀ'(୧୯୧୫), 'ସାହିତ୍ୟ ସୋପାନ'(୧୯୧୮), 'ହୀରାଖଣ୍ଡ'(୧୯୧୯), 'ସହକାର'(୧୯୨୦), 'ଯୁଗବୀଣା'(୧୯୩୩), 'ଶିଶିର'(୧୯୩୩), 'ନବଭାରତ'(୧୯୩୪), 'ଆଧୁନିକ'(୧୯୩୬), 'ଡଗର'(୧୯୩୭), 'ଦିଗନ୍ତ'(୧୯୫୯) ଇତ୍ୟାଦି ।

'ଧର୍ମୀୟ ପତ୍ରିକା ବର୍ଗ'ରେ 'ପ୍ରବୋଧ ଚନ୍ଦ୍ରିକା'(୧୮୫୬), 'ସେବକ'(୧୮୮୩), 'ସଂସ୍କାରକ ଓ

ସେବକ'(୧୮୮୬), 'ଆଶା'(୧୮୯୨), 'ପଞ୍ଚାମୃତ'(୧୯୨୦), 'ତାରକା ଓ ଶୁଭବାର୍ତ୍ତା'(୧୮୮୭), 'ଆର୍ଯ୍ୟ'(୧୯୨୭) ଇତ୍ୟାଦି । ଶିଶୁ ପତ୍ରିକା ବର୍ଗରେ 'ଜହ୍ନମାମୁଁ'(୧୯୩୨), 'ପୌରୁଷ'(୧୯୬୭), 'ମୀନାବଜାର'(୧୯୬୦), 'ଶିଶୁ ସମ୍ପଦ'(୧୯୭୦), 'ଟୁଆଁଟୁଇଁ'(୧୯୫୭) ଇତ୍ୟାଦି ।

'ବିଜ୍ଞାନ ପତ୍ରିକା ବର୍ଗ'ରେ 'ବିଜ୍ଞାନଲୋକ'(୧୯୭୪), 'ବିଜ୍ଞାନ ତରଙ୍ଗ'(୧୯୮୮), 'ବିଜ୍ଞାନ ମଧୁପ'(୧୯୭୭), 'ବିଜ୍ଞାନ ସୌରଭ'(୧୯୯୫), 'ଆମ ଜ୍ଞାନ ଓ ବିଜ୍ଞାନ'(୨୦୦୧), 'ଆଜିର ବିଜ୍ଞାନ'(୧୯୮୦), 'ଆମର ସ୍ୱାସ୍ଥ୍ୟ'(୧୯୫୭), 'ବିଜ୍ଞାନ ଓ ପରିବେଶ ବାର୍ତ୍ତା'(୧୯୯୩), 'ବିଜ୍ଞାନ ପ୍ରଭା'(୧୯୭୩) ଇତ୍ୟାଦି । 'ଶିକ୍ଷା ପତ୍ରିକା ବର୍ଗ'ରେ 'ଶିକ୍ଷାବନ୍ଧୁ'(୧୮୮୫), 'ତାରକା'(୧୮୮୩), 'ଗଣିତ ବିଚିତ୍ରା'(୧୯୮୪)ଭଳି ଅନେକ ପତ୍ରିକା ରହିଛି । ସୃଜନିକା ସଂସ୍ଥା ତରଫରୁ ଏହି ପତ୍ରିକାଗୁଡ଼ିକ ସଂଗ୍ରହ କରାଯାଇ ସଂରକ୍ଷଣ କରାଯାଇଥିବାରୁ ଅନେକ ଦୁଷ୍ପ୍ରାପ୍ୟ ରଚନା ନଷ୍ଟ ହେବା ପୂର୍ବରୁ ରକ୍ଷା ପାଇଛି ।

**ପତ୍ରିକାର ବ୍ୟବହାର କୌଶଳ:-**

ପାଠାଗାର ଉପରେ କ୍ଲିକ୍ କଲେ ବାମ ପଟର ତଳକୁ 'ପତ୍ରିକା' ଲେଖା ହୋଇଥିବ । ତାହା ଉପରେ କ୍ଲିକ୍ କଲେ ବାମ ପଟର ତଳକୁ 'ପତ୍ରିକା ସୂଚୀ' ଆସିଯିବ । ଏହି ୱେବସ୍ଥଳୀରେ ରହିଥିବା ପତ୍ରିକାଗୁଡ଼ିକର ତାଲିକା ତଳ ସାରଣୀରେ ଦିଆଯାଇଛି । ଉପଯୁକ୍ତ ସ୍ତମ୍ଭର ଶୀର୍ଷକ ପାଖରେ ଥିବା ତୀର ଉପରେ କ୍ଲିକ୍ କରି ପାଠକ ଏଗୁଡ଼ିକୁ ନାମ ବା ପ୍ରକାଶନ ଆରମ୍ଭ କ୍ରମରେ ସଜାଇପାରିବେ । ଗୋଟିଏ ପୃଷ୍ଠାରେ କେତେ ଧାଡ଼ିର ତଥ୍ୟ ଦେଖାଯିବ ତାହା ବାମ ପଟର 'ଶୋ-ଏଣ୍ଟ୍ରିଜ'ରେ ବାଛି ହେବ । ଡାହାଣ ପଟର 'ସର୍ଚ୍ଚ' ସାହାଯ୍ୟରେ କୌଣସି ପତ୍ରିକା ବା ମସିହା ଖୋଜି ହେବ । ଶେଷ ସ୍ତମ୍ଭରେ 'ଖୋଲନ୍ତୁ' ଉପରେ କ୍ଲିକ୍ କଲେ କୌଣସି ପତ୍ରିକାର ସ୍ୱତନ୍ତ୍ର ପୃଷ୍ଠା ଖୋଲିବ ବା ତାହାର ପିଡିଏଫ୍ ଫାଇଲ୍ ଡାଉନଲୋଡ୍ ହେବ । 'ଉତ୍କଳ ସାହିତ୍ୟ' ଭଳି ଅଧିକ ସଂଖ୍ୟା ଥିବା ପତ୍ରିକା ପାଇଁ ଗୋଟିଏଗୋଟିଏ ସ୍ୱତନ୍ତ୍ର ସୂଚୀ ପୃଷ୍ଠା ଦିଆଯାଇଛି । ତାହା ଉପରେ କ୍ଲିକ୍ କଲେ ଆଉ ଗୋଟିଏ ପୃଷ୍ଠା ଖୋଲିବ । ସେହି ପୃଷ୍ଠାରେ ନିର୍ଦ୍ଦିଷ୍ଟ ପତ୍ରିକା ସଂଖ୍ୟା ଉପରେ କ୍ଲିକ୍ କଲେ ସେହି ପତ୍ରିକାଟି ନିଜ ମୋବାଇଲ୍ ବା କମ୍ପ୍ୟୁଟରରେ ଡାଉନଲୋଡ କରିହେବ ।

(୩) **ବହି:-**

ଏଥିରେ ସାହିତ୍ୟର ବିଭିନ୍ନ ବିଭାଗ ସହ ବିଜ୍ଞାନ, ରାଜନୀତି, ସ୍ୱାସ୍ଥ୍ୟ, ସଂସ୍କୃତି, ଧର୍ମୀୟ ପୁସ୍ତକ ଉପଲବ୍ଧ ଅଛି । ଏଥି ସହିତ ଜୀବନଚର୍ଯ୍ୟା, କୃଷି ତଥା ବୈଷୟିକ ଜ୍ଞାନ କୌଶଳ ଆଧାରିତ ପୁସ୍ତକମାନ ମାନ ସଂରକ୍ଷିତ କରି ରଖାଯାଇଛି ।

**ବହିର ବ୍ୟବହାର କୌଶଳ:-**

ପାଠାଗାର ଉପରେ କ୍ଲିକ୍ କଲେ ବାମପଟର ତଳକୁ 'ବହି ସୂଚୀ' ଆସିବ । ତାହା ଉପରେ କ୍ଲିକ୍ କଲେ ଏହି ୱେବସ୍ଥଳୀରେ ରହିଥିବା ଓଡ଼ିଆ ବହିଗୁଡିକର ତାଲିକା ଆସିବ । ତଳେ ଦିଆଯାଇଥିବା ସାରଣୀରେ ବିଭିନ୍ନ ପ୍ରକାରର ବହି ତାଲିକା ରହିଛି । ଅଧିକାଂଶ ବହି ଓଡ଼ିଆ ଭାଷାରେ କିନ୍ତୁ କିଛି ଓଡ଼ିଆ ଓ ଓଡ଼ିଶା ସମ୍ପର୍କିତ ଅନ୍ୟ ଭାଷାର କିଛି ବହି ମାନ ଏଥିରେ ରହିଛି । ପ୍ରଥମ ଧାଡ଼ିରେ ଥିବା ଶୀର୍ଷକ ପାଖରେ ଦେଖାଯାଉଥିବା ତୀର ଉପରେ କ୍ଲିକ୍ କଲେ ବହିଗୁଡ଼ିକ ସେହି ସ୍ତମ୍ଭର ତଥ୍ୟ ଆଧାରରେ ସଜାଇ ହୋଇଯିବ । ତେଣୁ ନିଜର ଆବଶ୍ୟକତା ଅନୁସାରେ ବ୍ୟବହାରକାରୀ ବହିର ନାଁ, ଲେଖକ, ପ୍ରକାଶ କାଳ ବା ବିଷୟକ୍ରମରେ ଏହି ସାରଣୀକୁ ସଜାଇ ପାରିବେ । ଆଉ କିଛି ବହି 'ସଙ୍କଳନ' ଓ 'ରେଫରେନସ୍' ବିଭାଗରେ ରହିଛି । ଯାହା ବାମପଟରେ ଥିବା ବୋତାମ ସାହାଯ୍ୟରେ ପହଁଚିହେବ । ଗୋଟିଏ ପୃଷ୍ଠାରେ କେତେକ ବହିର ତଥ୍ୟ ଦେଖାଯିବ, ତାହା ବାମପଟର 'ଶୋ- ଏଣ୍ଟ୍ରିଜ'ରେ ବାଛିହେବ । ଡାହାଣପଟର 'ସର୍ଚ୍ଚ' ସାହାଯ୍ୟରେ କୌଣସି ବହି, ଲେଖକ, ବିଷୟ ଖୋଜି ହେବ । ସାରଣୀର ସପ୍ତମ ସ୍ତମ୍ଭରେ 'ପ୍ରିଭିଉ' ଉପରେ କ୍ଲିକ୍ କଲେ ବହି ବିଷୟରେ ଅଧିକ ତଥ୍ୟ ଓ ତାହାର କିଛି ପୃଷ୍ଠା ଗୋଟିଏ ନୂଆ ଟ୍ୟାବରେ ଦେଖିହେବ । ଶେଷରେ ଥିବା 'ଡାଉନଲୋଡ୍' ସ୍ତମ୍ଭରେ କ୍ଲିକ୍ କଲେ ପୂରା ବହିଟି 'ଡାଉନଲୋଡ' କରି ନିଜ କମ୍ପ୍ୟୁଟରରେ ବା ମୋବାଇଲରେ ରଖିହେବ । ବହିର ଆକାରକୁ ନେଇ ଏଥିପାଇଁ ଅବଶ୍ୟ କିଛି ସମୟ ଲାଗିପାରେ ।

(୪) **ସଙ୍କଳନ:-**

ଏହି ବିଭାଗରେ ନିର୍ଦ୍ଦିଷ୍ଟ ଲେଖକଙ୍କର ଅଧିକାଂଶ ପୁସ୍ତକଗୁଡିକ ସହିତ ଓଡ଼ିଆ ଅଭିଧାନ ଓ ଧର୍ମୀୟ ପୁସ୍ତକଗୁଡିକୁ ମଧ୍ୟ ଏକତ୍ର କରି ରଖାଯାଇଛି । ପାଠକଟିଏ ଯେପରି ସମସ୍ତ ପୁସ୍ତକ ସୁବିଧାରେ ଲାଭ କରିପାରିବ ତାହାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଯଥା:- 'ଓଡ଼ିଆ ଅଭିଧାନ ସଂଗ୍ରହ'(୧୮୧୧-୧୯୪୨), 'ଓଡ଼ିଆ ମହାଭାରତ'(ସୃଜନିକା ପ୍ରକାଶନ), 'ବିକଳ୍ପ ବିଚାର', 'ଗାନ୍ଧୀ ରଚନାବଳୀ', 'କିଶୋରୀଚରଣ ଦାସ', 'ଫତୁରାନନ୍ଦ', 'ଗୋପାଳ ଛୋଟରାୟ', 'ଚନ୍ଦ୍ରଶେଖର ରଥ', 'କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ', 'ଚିତ୍ତରଞ୍ଜନ ଦାସ', 'ଶ୍ରୀଧର ଦାସ', 'ଜଗନ୍ନାଥ ପ୍ରସାଦ ଦାସ', 'ବିଜ୍ଞାନ ବିଚାର ସମିତି', 'ଗୋକୁଳାନନ୍ଦ ନନ୍ଦ ମହାପାତ୍ର', 'ଗୋପୀନାଥ ମହାନ୍ତି', 'ସଚ୍ଚି ରାଉତରାୟ', 'ଭୂପେନ୍ ମହାପାତ୍ର', 'ଯତୀନ୍ଦ୍ରମୋହନ ମହାନ୍ତି'ଙ୍କର ଏକକ ସଙ୍କଳନ ଉପଲବ୍ଧ ଅଛି ।

**ସଙ୍କଳନର ବ୍ୟବହାର କୌଶଳ:-**

ପାଠାଗାର ଉପରେ କ୍ଲିକ୍ କଲେ ତଳକୁ 'ସଙ୍କଳନ' ଆସିବ । ତାହା ଉପରେ କ୍ଲିକ୍ କଲେ ଏହି ୱେବସ୍ଥଳୀରେ ରହିଥିବା

ସଙ୍କଳନଗୁଡ଼ିକର ତାଲିକା ଆସିବ । ଗୋଟିଏ ପୃଷ୍ଠାରେ କେତେ ଧାଡ଼ିର ତଥ୍ୟ ଦେଖାଯିବ, ତାହା ବାମପଟର 'ଶୋ- ଏଣ୍ଟ୍ରିଜ'ରେ ବାଛିହେବ । ଡାହାଣପଟର 'ସର୍ଚ୍ଚ' ସାହାଯ୍ୟରେ କୌଣସି ପତ୍ରିକା ବା ମସିହା ଖୋଜିହେବ । ଏହି ବିଭାଗରେ ରହିଥିବା ସଙ୍କଳନଗୁଡ଼ିକ ମୁଖ୍ୟତଃ ତିନୋଟି ଶ୍ରେଣୀରେ ରହିଛି- ବିଷୟ, ଅନୁଷ୍ଠାନ ଓ ବ୍ୟକ୍ତିଭିତ୍ତିକ । ତଳେ ଥିବା ତାଲିକାରେ ଶୀର୍ଷକ ଉପରେ କ୍ଲିକ୍ କଲେ ସଙ୍କଳନଗୁଡ଼ିକ କ୍ରମ ସଂଖ୍ୟା ଅନୁସାରେ ବା ଅକ୍ଷର କ୍ରମରେ ସଜାଇହେବ । କୌଣସି ସଙ୍କଳନର ନାମ ଉପରେ କ୍ଲିକ୍ କଲେ ତାହାର ବିବରଣୀ ଓ ଡାଉନଲୋଡ୍ ବ୍ୟବସ୍ଥା ଥିବା ସୂଚୀପୃଷ୍ଠା ଖୋଲିବ । ତାହା ଉପରେ କ୍ଲିକ୍ କଲେ ଡାଉନଲୋଡ୍ ହୋଇ ନିଜ କମ୍ପ୍ୟୁଟର ବା ମୋବାଇଲରେ ରହିବ ।

(୫) **ରେ'ରେନସ୍:-**

ଓଡ଼ିଶା ଓ ଓଡ଼ିଆ ଜୀବନ ବିଷୟରେ ଜାଣିବାରେ ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ କିଛି ସାଧନ- ବହି, ପ୍ରବନ୍ଧ, ବହିର ଅଂଶ ଏଠାରେ ଦିଆଯାଇଛି । ଏଥିରେ ପରିକ୍ରମା, ଭାଷା ସାହିତ୍ୟ, ଜ୍ଞାନକୋଷ, ଗ୍ରନ୍ଥସୂଚୀ, ଇତିହାସ ଓ ସଂସ୍କୃତି, କଳା - ଭାସ୍କର୍ଯ୍ୟ ଚରିତ ପଞ୍ଜିକା, ପ୍ରକୃତି ଇତ୍ୟାଦି ବିଭାଗ ରହିଛି । ଏହିସବୁ ବିଭାଗରେ ସ୍ୱତନ୍ତ୍ର ବହିସବୁ ଉପଲବ୍ଧ । ଏହା ଉପରେ କ୍ଲିକ୍ କଲେ ବହିସବୁର 'ପିଡିଏଫ୍' ପଢ଼ିପାରିବେ ।

**ରେ'ରେନସର ବ୍ୟବହାର କୌଶଳ:-**

ପାଠାଗାର ଉପରେ କ୍ଲିକ୍ କଲେ ତଳକୁ 'ରେଫରେନସ୍' ଲେଖା ଆସିବ । ତାହା ଉପରେ କ୍ଲିକ୍ କଲେ ତଳକୁ (ପରିକ୍ରମା, ଭାଷା ସାହିତ୍ୟ) ପରି ବିଭିନ୍ନ ବିଭାଗ ଆସିବ । ତାହା ଉପରେ କ୍ଲିକ୍ କଲେ ପ୍ରତି ବିଭାଗର ବିସ୍ତୃତ ସୂଚୀ ଡାହାଣ ପଟରେ ଦିଆଯାଇଛି । ସେଥିରେ କୌଣସି ଶୀର୍ଷକ ଉପରେ କ୍ଲିକ୍ କଲେ ତାହା ଖୋଲିବ ବା ଡାଉନଲୋଡ୍ ଆରମ୍ଭ ହେବ । ଛୋଟ ବହି ଓ ରଚନା 'ବ୍ରାଉଜର୍'ର ନୂଆ ଟ୍ୟାବରେ ଖୋଲିବ । ଦରକାର ହେଲେ ସେଠାରୁ ସଂଗ୍ରହ କରିହେବ । ବଡ଼ ବହିଗୁଡ଼ିକପାଇଁ ଡାଉନଲୋଡ୍ ଆରମ୍ଭ ହେବ ।

**ବିଶେଷ**

'ବିଶେଷ ବିଭାଗ' ମ୍ନରେ ପ୍ରଥମ ପ୍ରକାଶ, ଗୀତ ଗୋବିନ୍ଦ, ସିଦ୍ଧାନ୍ତ ଦର୍ପଣ, ଭାଷାକୋଷ ରହିଛି ।

**ପ୍ରଥମ ପ୍ରକାଶ:-**

ଏଥିରେ 'ଚର୍ଯ୍ୟାଗୀତିକା', 'ମାଦଳାପାଞ୍ଜି' ଏବଂ ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରଥମ ନାଟକ- **ବାବାଜୀ**(ଜଗନ୍ମୋହନ ଲାଲା,୧୮୭୭- କାଳୀଚରଣ ପଟ୍ଟନାୟକଙ୍କ ଉପକ୍ରମଣିକା ସହିତ ପୁନଃମୁଦ୍ରିତ ରୂପ), ପ୍ରଥମ ଉପନ୍ୟାସ-**ପଦ୍ମମାଳୀ**(ଉମେଶ ଚନ୍ଦ୍ର ସରକାର, ୧୮୮୮), ପ୍ରଥମ କ୍ଷୁଦ୍ର-**ରେବତୀ**(ଫକୀର ମୋହନ ସେନାପତି, ୧୮୯୮), **ରେବତୀ(ଇଂରାଜୀ)**, ଅନୁବାଦ : କିଶୋରୀଚରଣ ଦାସ, ଶିବପ୍ରିୟା ମହାପାତ୍ରଙ୍କ ଦ୍ୱାରା **ରେବତୀ(ହିନ୍ଦୀ)**, ଅନୁବାଦ : ଗଳ୍ପ ରହିଛି ।

**ପ୍ରଥମ ପ୍ରକାଶର ବ୍ୟବହାର କୌଶଳ:-**

ଓଡ଼ିଆ ବିଭବକୁ କମ୍ପ୍ୟୁଟରରେ ଖୋଲିଲେ 'ହୋମ ପେଜ୍' ଆସେ ଏବଂ ମୋବାଇଲରେ ଖୋଲିଲେ 'ମେନୁ' ଆସେ । ତାହା ଉପରେ କ୍ଲିକ୍ କଲେ 'ବିଶେଷ ବିଭାଗ' ଆସେ ଏବଂ ତାହା ଉପରେ କ୍ଲିକ୍ କଲେ 'ପ୍ରଥମ ପ୍ରକାଶ' ଆସେ । 'ପ୍ରଥମ ପ୍ରକାଶ'କୁ କ୍ଲିକ୍ କଲେ ତଳକୁ ଚର୍ଯ୍ୟାଗୀତିକା, ମାଦଳାପାଞ୍ଜି, ଓଡ଼ିଆ ସାହିତ୍ୟରେ ପ୍ରଥମ ନାଟକ, ଗଳ୍ପ, ଉପନ୍ୟାସ ସବୁ ଅଛି । ତାହା ଉପରେ କ୍ଲିକ୍ କଲେ ଡାଉନଲୋଡ୍ ହେବ ।

**ଗୀତଗୋବିନ୍ଦ:-**

ଏଥିରେ ଗୀତଗୋବିନ୍ଦ, ଜୟଦେବଙ୍କର କାଳଜୟୀ ସର୍ଜନା ଓ ତାହାର ବିଭିନ୍ନ ଅନୁବାଦ ଓ ବ୍ୟାଖ୍ୟା- ମୂଳସଂସ୍କୃତ- ଶ୍ଳୋକ, ଧରଣୀଧରଙ୍କ ଓଡ଼ିଆ ପଦ୍ୟାନୁବାଦ, ନୀଳମଣି ମିଶ୍ରଙ୍କର ଓଡ଼ିଆ ଗଦ୍ୟରୂପ ଏବଂ ରାଜ୍ୟ ସଂଗ୍ରାହଳୟଦ୍ୱାରା ପ୍ରସ୍ତୁତ ଇଂରାଜୀ ଭାଷାନ୍ତର ଉପଲବ୍ଧ ରହିଛି । ତାଳପତ୍ର ପୋଥୀର ଚିତ୍ରଗୁଡ଼ିକ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ୱେବ୍‌ସ୍ଥଳୀରୁ (ova.gov.in) ନିଆଯାଇଛି, ବଡ଼ ଆକାରର ମୂଳ ଚିତ୍ରଗୁଡ଼ିକ ସେଠାରେ ମିଳିବ ।

**ସିଦ୍ଧାନ୍ତ ଦର୍ପଣ:-**

ଏହି ବିଭାଗରେ ପଠାଣି ସାମନ୍ତଙ୍କର ବିଶିଷ୍ଟ କୃତି ସିଦ୍ଧାନ୍ତ ଦର୍ପଣ ଓ ତା'ର ବିଭିନ୍ନ ଅନୁବାଦ ଏବଂ ସାମନ୍ତଙ୍କ କାମ ବିଷୟରେ କିଛି ବିଶେଷ ଚର୍ଚ୍ଚା ରହିଛି ।

**ଭାଷାକୋଷ:-**

ଏଥିରେ ଓଡ଼ିଆ ଭାଷାର କୋଣାର୍କ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଅଛି । ଓଡ଼ିଆ ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ୭ଟି ଭାଗ ଏଥିରେ ଉପଲବ୍ଧ । ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ସମ୍ପୂର୍ଣ୍ଣ ଡିଜିଟାଲ ରୂପ ଏଠାରେ ଦିଆଯାଇଛି । ଡାଉନଲୋଡ୍ କରିବାର ସୁବିଧା ପାଇଁ ଏଗୁଡ଼ିକୁ କିଛି ଅଂଶରେ ଭାଗ କରାଯାଇଛି । ପ୍ରତି ଅଂଶର ଆକାର ହାରାହାରି ୨୮ ମେଗାବାଇଟ୍ ରହିଛି । ତଳ ସାରଣୀରେ କୌଣସି ଅଂଶ ଉପରେ କ୍ଲିକ୍ କଲେ ତାହା ଡାଉନ୍‌ଲୋଡ୍ ହେବ ।

ଗୀତଗୋବିନ୍ଦ, ସିଦ୍ଧାନ୍ତ ଦର୍ପଣ, ଭାଷାକୋଷର ବ୍ୟବହାର କୋଶଳ:-

ପ୍ରଥମ ପ୍ରକାଶର ଡାହାଣ ପଟକୁ ଗୀତଗୋବିନ୍ଦ, ସିଦ୍ଧାନ୍ତ ଦର୍ପଣ, ଭାଷାକୋଷ ଉପରେ କ୍ଲିକ୍ କଲେ ସ୍ୱତନ୍ତ୍ର ପୃଷ୍ଠା ସବୁ ଆସିବ । ତାହା ଉପରେ କ୍ଲିକ୍ କଲେ ଡାଉନଲୋଡ୍ କରି ପଢ଼ିହେବ ।

**ଶବ୍ଦାର୍ଥ**

ଏଥିରେ ଓଡ଼ିଆ ଶବ୍ଦକୋଷ ବା ସୃଜନିକା ଅଭିଧାନ ରହିଛି । ଏହି ଅଭିଧାନରେ ସାଧାରଣ କାମରେ ଲାଗୁଥିବା ପ୍ରାୟ ୩୦,୦୦୦ ଓଡ଼ିଆ ଓ ୩୦,୦୦୦ ଇଂରାଜୀ ଶବ୍ଦ ରହିଛି । ଉଭୟ ପ୍ରକାର ଶବ୍ଦର ଅର୍ଥ ଓଡ଼ିଆ ଭାଷାରେ ଦିଆଯାଇଛି ।

**ଶବ୍ଦାର୍ଥର ବ୍ୟବହାର କୌଶଳ:-**

ଓଡ଼ିଆ ବିଭବକୁ କମ୍ପ୍ୟୁଟରରେ ଖୋଲିଲେ ହୋମପେଜ୍ ଆସେ ଏବଂ ମୋବାଇଲରେ ଖୋଲିଲେ 'ମେନୁ' ଆସେ । 'ମେନୁ' ଉପରେ କ୍ଲିକ୍ କଲେ ଶବ୍ଦାର୍ଥ ବିଭାଗ ଆସିବ । ଶବ୍ଦାର୍ଥ ବିଭାଗକୁ କ୍ଲିକ୍ କଲେ ସୃଜନିକା ଅଭିଧାନ ଆସିବ । ଶବ୍ଦଟିଏ ଖୋଜିବା ପାଇଁ ତା'ର ଡାହାଣ ପଟେ ଥିବା ଧଳା ବାକ୍ସରେ ୟୁନିକୋଡ୍ ଅକ୍ଷରରେ ଟାଇପ୍ କରି 'ଖୋଜନ୍ତୁ' ବୋତାମ ଦବାଇବାକୁ ହେବ । ବାମପଟକୁ 'ଲିଭାନ୍ତୁ' ଓ 'କି ବୋର୍ଡ' ଅଛି ।

**ଭାଷାକୋଷ**

ଏଥିରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ରହିଛି । ଏହା ଅଭିଧାନ ରୂପେ କାମକରେ ।

**ଭାଷାକୋଷର ବ୍ୟବହାର କୌଶଳ:-**

ଓଡ଼ିଆ ବିଭବକୁ କମ୍ପ୍ୟୁଟରରେ ଖୋଲିଲେ 'ହୋମ୍ ପେଜ୍' ଆସିବ ଏବଂ ମୋବାଇଲରେ ଖୋଲିଲେ 'ମେନୁ' ଆସିବ । ତାହା ଉପରେ କ୍ଲିକ୍ କଲେ ଭାଷାକୋଷ ବିଭାଗ ଆସିବ । ତାହାକୁ କ୍ଲିକ୍ କଲେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଆସିବ । ଏହାର ବାମ ପଟକୁ 'ଓଡ଼ିଆ କି ବୋର୍ଡ' ବିକଳ୍ପ ରହିଛି, ତଳକୁ 'ଟାଇପ୍' ବିକଳ୍ପ ରହିଛି । ଏହାର ଡାହାଣକୁ 'ଲିଭାନ୍ତୁ' ଓ 'ଖୋଜନ୍ତୁ' ନାମକ ଦୁଇଟି ବିକଳ୍ପ ରହିଛି ।

**ଚରିତକୋଷ**

ଏଥିରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଓଡ଼ିଆ ବିଭବରେ ନଗେନ୍ଦ୍ରନାଥ ମହାନ୍ତିଙ୍କଦ୍ୱାରା ସଂକଳିତ ଓଡ଼ିଆ ଚରିତକୋଷ ଆଧାରିତ ଏକ ଚରିତକୋଷ ସଂଶ୍ଲିଷ୍ଟ କରାଯାଇଛି । ଯାହାଦ୍ୱାରା ଆମେ ଅନେକ ସାହିତ୍ୟିକମାନଙ୍କ ସମ୍ପର୍କରେ ସୂଚନା ପାଇପାରିବା ।

**ଚରିତକୋଷର ବ୍ୟବହାର କୌଶଳ:-**

ଓଡ଼ିଆ ବିଭବକୁ କମ୍ପ୍ୟୁଟରରେ ଖୋଲିଲେ 'ହୋମପେଜ୍' ଏବଂ ମୋବାଇଲରେ ଖୋଲିଲେ 'ମେନୁ' ଆସିବ । 'ମେନୁ' ଉପରେ କ୍ଲିକ୍ କଲେ ଚରିତକୋଷ ଆସିବ । ତାହାକୁ କ୍ଲିକ୍ କଲେ ତଳକୁ ନାମ, ସାଙ୍ଗିଆ, ସମୟ, ବିଭାଗ, ବର୍ଣ୍ଣନା, ଲିଭାନ୍ତୁ ଏବଂ ବାମକୁ 'ଓଡ଼ିଆ କିବୋର୍ଡ', ଡାହାଣକୁ 'ଖୋଜନ୍ତୁ' ବିକଳ୍ପ ଆସିବ ।

**ସାଧନ**

ଓଡ଼ିଆ ଭାଷାରେ କମ୍ପ୍ୟୁଟର କାମ କରିବା ପାଇଁ କିଛି ସ୍ୱତନ୍ତ୍ର ସାଧନ ବା କୌଶଳ ଦରକାର ହୁଏ ସେଭଳି କିଛିସାଧନ ସୃଜନିକା ଦ୍ୱାରା ବିକଶିତ କରାଯାଇଛି । ଏଥିରେ ଓଡ଼ିଆ ୟୁନିକୋଡ କି ବୋର୍ଡ, ଓଡ଼ିଆ-ଇଂରାଜୀ ଲିପ୍ୟନ୍ତରଣ (ରୋମାନାଇଜେସନ୍) 'ଣ୍ଟ୍ ପରିବର୍ତ୍ତକ(କନଭର୍ଟର), ଓଡ଼ିଆ ଶବ୍ଦ ଭଣ୍ଡାର(କର୍ପସ୍) ସାଧନ, ଓଡ଼ିଆ ବିଭବ ଭଳି ଓଡ଼ିଆ ବହି ଥିବା ୱେବସ୍ଥଳୀ, ବିଶେଷ ଧରଣର ସହଯୋଗୀ ୱେବସ୍ଥଳୀ ଇତ୍ୟାଦି ଉପଲବ୍ଧ ରହିଛି । ଯାହାର ଲିଙ୍କ୍ ସେଠାରେ ଦିଆଯାଇଛି । ଏହାକୁ ପଢ଼ିବା ପାଇଁ ହୋମ ପେଜ୍ ମାଧ୍ୟମ ଦେଇ ଯିବାକୁ ହୁଏ ।

**ଯୋଗାଯୋଗ**

ଏଥିରେ ଓଡ଼ିଆ ବିଭବ ୱେବସ୍ଥଳୀ ନିକଟକୁ ନିଜର ମତାମତ ଲେଖି ପଠାଇବାର ସୁବିଧା ରହିଛି ।

**ଆମକଥା**

ଏଥିରେ ଓଡ଼ିଆ ବିଭବର ଇତିହାସ ସମ୍ପର୍କରେ ସୂଚନା ଦିଆଯାଇଛି ।

**ଏହି ୱେବସାଇଟର ଆବଶ୍ୟକତା:-**

ଯେଉଁ ସମୟରେ ପୁରାତନ ତଥା ଦୁଷ୍ପ୍ରାପ୍ୟ ପୁସ୍ତକ ଓ ପତ୍ରପତ୍ରିକା କ୍ରମେ ହଜିଯିବାରେ ଲାଗିଛି । ସେହି ସମୟରେ ଓଡ଼ିଆ ବିଭବ ସେଗୁଡ଼ିକୁ ଇ-'ଇଲ୍ କରି ଇଣ୍ଟରନେଟ୍ ଜରିଆରେ ଡିଜିଟାଲ୍ ମାଧ୍ୟମରେ ସଂରକ୍ଷିତ ରଖୁଛି । ଯାହା'ଳରେ ନଷ୍ଟହେବାର ଦ୍ୱାର ଦେଶରେ ପହଞ୍ଚିଥିବା ପୁସ୍ତକ ସବୁର ନୂତନ ପରିଚୟ ମିଳିପାରିଛି । ତେବେ ଓଡ଼ିଆ ବିଭବ ଲୋକପ୍ରିୟ ହେବାର ବହୁତ କାରଣ ରହିଛି । ଅତି ସହଜରେ ସମ୍ପୂର୍ଣ୍ଣ ମାଗଣାରେ ବହିସବୁ ନିଜ ହାତ ପାଆନ୍ତାରେ ଉପଲବ୍ଧ ହୋଇଛି । ଓଡ଼ିଆ ବିଭବରେ ବର୍ତ୍ତମାନ ସୁଦ୍ଧା ଆଠହଜାରରୁ ଊର୍ଦ୍ଧ୍ୱ ବହି ଉପଲବ୍ଧ ଅଛି । ଓଡ଼ିଆ ବିଭବ ୱେବସାଇଟ୍ ସାଂପ୍ରତିକ ସମୟରେ ପାଠକ-ପାଠିକା, ଛାତ୍ର-ଛାତ୍ରୀ, ଗବେଷକ-ଗବେଷିକା, ଅଧ୍ୟାପକ-ଅଧ୍ୟାପିକା ସଭିଙ୍କ ନିମନ୍ତେ ଏକ ଡିଜିଟାଲ୍ ପାଠାଗାରର ଭୂମିକା ଗ୍ରହଣ କରିଛି । ଓଡ଼ିଆ ପୁସ୍ତକ ପଠନର ଆବଶ୍ୟକତାକୁ ଅନୁଭବ କରି ସବୁସ୍ଥାନ ଓ ସବୁସମୟରେ ସଭିଙ୍କ ପାଇଁ ଏକ ଅଧ୍ୟୟନର ସହାୟିକା ରୂପେ ଓଡ଼ିଆ ବିଭବର ପ୍ରତିଷ୍ଠା ଆମସମୟର ପିଲାମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଗ୍ରହଣ କରାଯାଇପାରେ ।


**ସହାୟିକା:-**

୧-http://odiabibhaba.in/parichiti/
୨-https://en.m.wikipedia.org/wiki/srujanika



**ଗବେଷକ, ଓଡ଼ିଆ ବିଭାଗ,**
**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩**

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ